ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ' ୧୨/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, May 12/2023 | Page 18 | ₹ 7.00
୪୯ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 166 | ମୂଲ୍ୟ ₹୭/-



ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିବା ଅବସରରେ।

# ୨୦୨୪ରେ ଏକାକୀ ଲଢ଼ିବ ବିଜେଡି

## ଦିଲ୍ଲୀରେ ମୋଦିଙ୍କୁ ଭେଟିଲେ ନବୀନ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

ତୃତୀୟ ସାମ୍ମୁଖ୍ୟରେ ବିଜେଡି ନାହିଁ। ଆଗାମୀ ନିର୍ବାଚନରେ ବିଜେଡି ଲୋକ ସଭା ଓ ବିଧାନସଭା ଆସନରେ ଏକାକୀ ଲଢ଼ିବ। ଏହା ତାଙ୍କ ଦଳର ନୀତି ହୋଇ ସବୁବେଳେ ରହିଆସିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ନବୀନ ଏହି ସୂଚନା ଦେଇଛନ୍ତି। ଆସନ୍ତା ନିର୍ବାଚନରେ ବିଜେଡିର ଭୂମିକା କିପରି ରହିବ ଓ ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବା ନେଇ ଚାଲିଥିବା ଆଲୋଚନା କେତେଦୂର ଠିକ୍ ସେନେଇ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ପ୍ରକାର ସ୍ପଷ୍ଟ କରିଦେଇଛନ୍ତି।

ଗଣମାଧ୍ୟମକୁ ନବୀନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା। ବିଶେଷ ଭାବେ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ଏୟାରପୋର୍ଟ କାମ ସାରିବା ନେଇ ଆଲୋଚନା ହୋଇଛି। ଭୁବନେଶ୍ୱର ବିମାନବନ୍ଦରରେ ଯାତ୍ରୀ ଏବଂ ବିମାନ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁ ଏହା ଉପରେ ଅଧିକ ଚାପ ପଡୁଛି। ଭୁବନେଶ୍ୱରରେ ଟ୍ରାଫିକ ଅଧିକ ହେଲାଣି। ତେଣୁ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର କାମ ସାରିବାକୁ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଲୋଡ଼ାଯାଇଛି। ଏହି ବିମାନବନ୍ଦର ପାଚେରି ଚିହ୍ନଟ କାମ ସରିଯାଇଛି। ଏହା ଜାଣିବା ପରେ ପ୍ରଧାନମନ୍ତ୍ରୀ ସମସ୍ତ ପ୍ରକାର ☞ପୃଷ୍ଠା-୪




# ସମଲିଙ୍ଗୀ ସମ୍ପର୍କରେ ମୁହଁ ଖୋଲିଲେନି ନବୀନ

## ପାର୍ଲାମେଣ୍ଟକୁ ପଠାଇବାକୁ ସସ୍ମିତଙ୍କ ଦାବି

**ନୂଆଦିଲ୍ଲୀ, ୧୧।୫**

ଦେଶରେ ସମଲିଙ୍ଗୀ ବିବାହକୁ ଆଇନତଃ ସ୍ୱୀକୃତି ପ୍ରଦାନ କରିବା ନେଇ ବିଭିନ୍ନ ବର୍ଗରୁ ଦାବି ହୋଇ ଆସୁଛି। ଗୁରୁବାର ଏପ୍ରସଙ୍ଗରେ ବିଜେଡିର କ'ଣ ଆଭିମୁଖ୍ୟ ରହିଛି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା କରାଯାଇଥିବା ପ୍ରଶ୍ନ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀରବତା ରକ୍ଷା କରିଛନ୍ତି। ଏସମ୍ପର୍କରେ ସେ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛନ୍ତି। ଏପରି କି ସମଲିଙ୍ଗୀ ବିବାହ ସମ୍ପର୍କରେ ତାଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କୌଣସି ଆଲୋଚନା ହୋଇ ନ ଥିବା କହିଛନ୍ତି।

ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏପରି କି ପୁରୀଠାରେ ଶ୍ରୀଜଗନ୍ନାଥ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦର ସମ୍ପର୍କରେ ଆଲୋଚନା କରିଥିଲେ। ମୋଦିଙ୍କ ସହ ଆଲୋଚନା ପରେ ନବୀନ ଗଣମାଧ୍ୟମ ନିକଟରେ ନିଜର ପ୍ରତିକ୍ରିୟା ରଖିଥିଲେ। ଏହି ସମୟରେ ତାଙ୍କୁ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ସମ୍ପର୍କରେ ବିଜେଡିର ଆଭିମୁଖ୍ୟ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ହେଲେ ନବୀନ ଏସମ୍ପର୍କରେ କୌଣସି ଉତ୍ତର ନ ଦେଇ ମୋଦିଙ୍କ ସହ କୌଣସି ଆଲୋଚନା ହୋଇ ନ ଥିବା କହିଥିଲେ।

ପ୍ରକାଶ ଯେ, ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ ପାଇଁ ୧୮ଟି ସମଲିଙ୍ଗୀ ଯୋଡ଼ି ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଗତ ଏପ୍ରିଲ୍‌ରେ ଏହି ମାମଲାର ☞ପୃଷ୍ଠା-୪

## ସମଲିଙ୍ଗୀ ବିବାହ ମାମଲା ରାୟ ସଂରକ୍ଷିତ

**ନୂଆଦିଲ୍ଲୀ, ୧୧।୫(ପି.ଟି.)**

ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ପ୍ରଦାନ ଦାବିରେ ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଗୁରୁବାର ରାୟ ସଂରକ୍ଷିତ ରଖିଛନ୍ତି। ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଉକ୍ତ ମାମଲା ଉପରେ ୧୦ ଦିନ ଧରି ଶୁଣାଣି କରିଥିଲେ। ଉକ୍ତ ପୀଠରେ ଜଷ୍ଟିସ୍ ଏସ୍.କେ. କୌଲ, ଏସ୍.ଆର୍. ଭଟ୍ଟ, ହିମା କୋହଲି, ପି.ଏସ୍. ନରସିଂହ ରହିଛନ୍ତି। ଆବେଦନକାରୀମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଏ.ଏମ୍. ସିଙ୍ଘଭି, ରାଜୁ ରାମଚନ୍ଦ୍ରନ, କେ.ଭି. ବିଶ୍ୱନାଥନ୍, ☞ପୃଷ୍ଠା-୪







## ଆଜି ସିବିଏସ୍‌ଇ ପରୀକ୍ଷାଫଳକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ (ସିବିଏସଇ) ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇବା ନେଇ ଚର୍ଚ୍ଚା ହେଉଛି। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଏହା ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ପ୍ରଥମେ ଗୁରୁବାର ଓ ପରେ ଶୁକ୍ରବାର ରେଜଲ୍ଟ ପ୍ରକାଶ ପାଇବ ବୋଲି ସାମାଜିକ ଗଣମାଧ୍ୟମରେ ଖବର ପ୍ରଚାରିତ ହେବା ପରେ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ତେବେ ଏଭଳି କୌଣସି ନିଷ୍ପତ୍ତି ହୋଇ ନ ଥିବା କିମ୍ବା ସୂଚନା ଦିଆଯାଇ ନ ଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପରୀକ୍ଷାର୍ଥୀମାନେ ଚଳିତବର୍ଷ ପରୀକ୍ଷାଫଳ ଜାଣିବା ପାଇଁ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଉମଙ୍ଗ ଆପ୍ ଏବଂ ଡିଜିଲକର୍ ମାଧ୍ୟମରେ ମଧ୍ୟ ପରୀକ୍ଷା ଫଳ ଉପଲବ୍ଧ ହେବ। ଯଦି ଅଫିସିଆଲ ପୋର୍ଟାଲ ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ଫଳାଫଳ ଜାଣିବାକୁ କୌଣସି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରତିବଦ୍ଧତା ଓ ସମର୍ଥନ ଲୋଡ଼ା**

# ୟୁନିଟ୍-୯ ବାଳିକା ହାଇସ୍କୁଲ ସ୍ମୃତି ହଜାଇବାକୁ ଚକ୍ରାନ୍ତ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**



ରାଜଧାନୀର ବିଭିନ୍ନ ସ୍ଥାନରେ ଅଟ୍ଟାଳିକା ନିର୍ମାଣ କରି ପୁରାତନ ସ୍ମୃତିକୁ ଧ୍ୱଂସ କରାଯାଉଛି। ସ୍କୁଲର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ସାରା ରାଜ୍ୟରେ ରୂପାନ୍ତରଣ କରାଯାଇ ବହୁକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ୫୭ ବର୍ଷ ଧରି ନାରୀଶିକ୍ଷାର ପ୍ରତୀକ ବହନ କରିଥିବା ଭୁବନେଶ୍ୱର ୟୁନିଟ୍-୯ରେ ଥିବା ବାଳିକା ହାଇସ୍କୁଲକୁ ନିଶ୍ଚିହ୍ନ କରିବାକୁ ଚକ୍ରାନ୍ତ ଚାଲିଛି। ଏହାକୁ ୟୁନିଟ-୯ ବାଳକ ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ କରାଯିବ। ୧୯୬୭ ମସିହାରେ ଗଢ଼ି ଉଠିଥିବା ଏହି ହାଇସ୍କୁଲରେ ସବୁଦିନ ଲାଗି ତାଲା ପକାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ପ୍ରକ୍ରିୟା ଆରମ୍ଭ ହେବା ପରେ ଛାତ୍ରୀଙ୍କ ସମେତ ସେମାନଙ୍କ ଅଭିଭାବକମାନେ ପ୍ରବଳ ବିରୋଧ କରିଛନ୍ତି। ରାଜ୍ୟ ସରକାର ନାରୀମାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ଏହି ପୁରାତନ ନାରୀଶିକ୍ଷା କେନ୍ଦ୍ରକୁ ଧ୍ୱଂସ କରି ଅନ୍ୟତ୍ର ମିଶ୍ରଣ ନିଷ୍ପତ୍ତିକୁ ପୁରାତନ ଛାତ୍ରୀ, ଶିକ୍ଷୟିତ୍ରୀ ତଥା ବିଭିନ୍ନ ମହଲରୁ କଡ଼ା ବିରୋଧ କରାଯାଇଛି। ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ଜୋରଦାର କରିବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଜମି ଦେବାକୁ ଯାଇ ଏହି ଶିକ୍ଷାନୁଷ୍ଠାନର ସତ୍ତା ହଜାଇ ଦେବାକୁ ଚକ୍ରାନ୍ତ ହେଉଛି। ☞ପୃଷ୍ଠା-୪

# ଟାଇମ୍ ମାଗାଜିନ୍ କଭରରେ 'ଗ୍ଲୋବାଲ୍ ଷ୍ଟାର ଦୀପିକା'

**ୱାଶିଂଟନ,୧୧।୫**



ଆମେରିକାର ଆଗଧାଡ଼ିର ଟାଇମ୍ ମାଗାଜିନ୍ କଭର୍‌ରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ଫଟୋ ସ୍ଥାନ ପାଇଛି। ଅଭିନେତ୍ରୀଙ୍କୁ ମାଗାଜିନରେ ଗ୍ଲୋବାଲ୍ ଷ୍ଟାର ଆଖ୍ୟା ଦିଆଯାଇଥିବାବେଳେ ଦୀପିକା ସାରା ଦୁନିଆକୁ ବଲଉଡ୍‌ରେ ଆଣିଥିବା କୁହାଯାଇଛି। ଟାଇମ୍ ମାଗାଜିନ୍‌ର କଭର୍‌ରେ ଦୀପିକା ଏକ ବ୍ରାଉନ୍ କଲର ଶୁଟ୍ ପିନ୍ଧି ବିନା ଜୋତାରେ ପୋଜ୍ ଦେଇଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଦୀପିକାଙ୍କ ଫିଲ୍ମକୁ ରାଜନୀତିକରଣ କରି ଚାରିଆଡ଼େ ପ୍ରଦର୍ଶନ କରାଯାଇଥିବାକୁ ନେଇ ମନରେ କୌଣସି ପ୍ରକାର ଭାବନା ଉପୁଜି ନ ଥିବା ଟାଇମ୍ ମାଗାଜିନ୍ ଇଣ୍ଟରଭ୍ୟୁରେ କହିଛନ୍ତି। ଅନ୍ୟପକ୍ଷେ ମାଗାଜିନ୍ କଭର୍ ଫଟୋଶୁଟ୍ ବେଳର କିଛି ଫଟୋ ଓ ଭିଡିଓ ଦୀପିକା ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି।

ସଞ୍ଜୟ ଲିଲା ଭନ୍‌ସାଲିଙ୍କ ଫିଲ୍ମ 'ପଦ୍ମାବତ'ର ରିଲିଜ୍ ଉପରେ କର୍ଣି ସେନା ପକ୍ଷରୁ ରୋକ ଲଗାଯାଇଥିବାବେଳେ ବହୁ ବିଳମ୍ବରେ ଫିଲ୍ମଟି ସିନେମା ଘରେ ପହଞ୍ଚିଥିଲା। ସେହିପରି ଚଳିତବର୍ଷ ରିଲିଜ୍ ହୋଇଥିବା ଶାହରୁଖଙ୍କ 'ପଠାନ୍' ଫିଲ୍ମର 'ବେସରମ ରଙ୍ଗ୍'ରେ ଦୀପିକାଙ୍କ ଗୈରିକ ବର୍ଣ୍ଣର ବିକିନିକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। କିଛି ରାଜ୍ୟରେ ସୁପରହିଟ୍ ଫିଲ୍ମ 'ପଠାନ୍'କୁ ବୟକଟ୍ କରିବା ଲାଗି ☞ପୃଷ୍ଠା-୪



**ସାମ୍ବାଦିକତାରେ ଶିନ୍ଦେଙ୍କ ଡିପ୍ଲୋମା**
୨୦୨୧ରେ ଯଶୋବନ୍ତରାଓ ଚଭନ ମହାରାଷ୍ଟ୍ର ଓପନ ୟୁନିଭର୍ସିଟିରୁ ଜର୍ନାଲିଜମ୍ ଡିପ୍ଲୋମା ପାଠପଢ଼ା ଶେଷ କରିଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଗୁରୁବାର କଲେଜ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୨୦୨୧ ଅଗଷ୍ଟରେ ଡିପ୍ଲୋମା ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଶିନ୍ଦେ ୭୭.୨୫ % ମାର୍କ ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।



## ସଂକ୍ଷେପରେ

### ତେଲଙ୍ଗାନା: ପରୀକ୍ଷା ଫଳ ଘୋଷଣା ପରେ ୧୦ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା

**ହାଇଦ୍ରାବାଦ, ୧୧।୫:** ତେଲଙ୍ଗାନାରେ ଇଣ୍ଟରମିଡିଏଟ୍ (ଯୁକ୍ତ ଦୁଇ) ପରୀକ୍ଷା ଫଳ ଘୋଷଣା ପରେ ବୁଧବାର ୮ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ଅନ୍ୟ ଜଣେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମଙ୍ଗଳବାର ଏମ୍. ପ୍ରଜ୍ୱଳ ନାମକ ଜଣେ ଛାତ୍ର ଜୀବନ ହାରିଥିବାବେଳେ ଗତ ମାସରେ ଜି. କ୍ରିଷ୍ଣା ଆତ୍ମହତ୍ୟା କରିଥିଲେ। ଏହାକୁ ମିଶାଇ ମୋଟ ଆତ୍ମହତ୍ୟା ସଂଖ୍ୟା ୧୦ରେ ପହଞ୍ଚିଛି। କମ୍ ନମ୍ବର ଏବଂ ଶିକ୍ଷାରେ ବିଫଳତାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। କେବଳ ହାଇଦ୍ରାବାଦରେ ୬ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବାବେଳେ ସାଙ୍ଗାରେଡ୍ଡୀ, ୱାନାପାର୍ଥି ଏବଂ ଜଗତିଆଲ ଜିଲାରେ ଅନ୍ୟମାନେ ଜୀବନ ହାରିଛନ୍ତି। ହାଇଦ୍ରାବାଦର ୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ରଶି ଲଗାଇ ଏବଂ ଜଣେ ବିଲ୍ଡିଂର ପଞ୍ଚମ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ସବୁଠୁ ଦୁଃଖର କଥା ପରୀକ୍ଷାରେ ଫେଲ୍ ହେବା ଆଶଙ୍କାରେ ୧୯ ବର୍ଷୀୟା ଯୁକ୍ତ ଦୁଇ ଛାତ୍ର ଜି. କ୍ରିଷ୍ଣା ଗତ ମାସ ୧୦ ତାରିଖରେ ଆତ୍ମହତ୍ୟା କରିଥିଲେ। ପରୀକ୍ଷା ଫଳ ବାହାରିବା ପରେ ସେ ୧,୦୦୦ରୁ ୮୯୨ ନମ୍ବର ରଖିଥିବା ଜଣାପଡ଼ିଛି। ଏଭଳି ବହୁ ଘଟଣା ଛାତ୍ରୀଛାତ୍ରଙ୍କୁ ଚରମ ପଦକ୍ଷେପ ନେବାକୁ ପ୍ରେରିତ କରୁଛି। ଏଭଳି ପଦକ୍ଷେପ ନ ନେବା ଲାଗି ପୋଲିସ ଏବଂ ମନସ୍ତତ୍ତ୍ୱବିଦ୍‌ମାନେ ଛାତ୍ରୀଛାତ୍ରଙ୍କୁ ଅପିଲ୍ କରିଥିଲେ।

### ସ୍ୱର୍ଣ୍ଣ ମନ୍ଦିର ନିକଟରେ ତୃତୀୟ ବିସ୍ଫୋରଣ: ୫ ଗିରଫ

**ଅମୃତସର, ୧୧।୫:** ଅମୃତସରର ସ୍ୱର୍ଣ୍ଣ ମନ୍ଦିର ନିକଟରେ ବୁଧବାର ବିଳମ୍ବିତ ରାତିରେ ତୃତୀୟ ବିସ୍ଫୋରଣ ଘଟିବା ପରେ ପଞ୍ଜାବ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ରାତି ପ୍ରାୟ ୧ଟା ବେଳେ ହେରିଟେଜ୍ ଷ୍ଟ୍ରିଟ୍‌ରେ ଏହି ବିସ୍ଫୋରଣ ଘଟିଥିଲା। ୫ ଦିନ ମଧ୍ୟରେ ଏହା ତୃତୀୟ ବିସ୍ଫୋରଣ। ୩ଟି ବିସ୍ଫୋରଣରେ କେହି ପ୍ରାଣ ହରାଇ ନାହାନ୍ତି। ଗତ ୬ ତାରିଖରେ ଘଟିଥିବା ପ୍ରଥମ ବିସ୍ଫୋରଣରେ ୬ ଜଣ ଏବଂ ଏହାର ୩୦ ଘଣ୍ଟା ପରେ ଦ୍ୱିତୀୟ ବିସ୍ଫୋରଣରେ ଜଣେ ଆହତ ହୋଇଥିଲେ। ଏହା ପଛରେ ବଡ଼ ଷଡ଼ଯନ୍ତ୍ର ରହିଥିବା ସନ୍ଦେହ କରାଯାଉଛି। ଗିରଫ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିଥିବା ଭାରତ ତଥା ଦେଶ ବାହାରର ଲୋକମାନଙ୍କ ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ ଗୌରବ ଯାଦବ କହିଛନ୍ତି। ସର୍ଭିଲାନ୍ସ କ୍ୟାମେରା ଫଟୋକୁ ଆଧାର କରି ଆଜାଦବୀର ସିଂ, ଅମ୍ରିକ୍ ସିଂ, ସାହିବ ସିଂ, ହର୍‌ଜିତ ସିଂ ଏବଂ ଧର୍ମିନ୍ଦର ସିଂଙ୍କୁ ଗିରଫ କରାଯାଇଛି। ଆଜାଦବୀର ଓ ଅମ୍ରିକ୍ ମୁଖ୍ୟ ଅପରାଧୀ ହୋଇଥିବାବେଳେ ସାହିବ, ହର୍‌ଜିତ ଓ ଧର୍ମିନ୍ଦର ବିସ୍ଫୋରକ ଯୋଗାଇଥିଲେ ବୋଲି ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

### ଦିଲ୍ଲୀରେ ବରିଷ୍ଠ ଅଧିକାରୀଙ୍କୁ ତତ୍କାଳ ବଦଳି

**ନୂଆଦିଲ୍ଲୀ, ୧୧।୫:** ଅମଲାତନ୍ତ୍ରୀଙ୍କ ନିଯୁକ୍ତି ଓ ବଦଳି ଉପରେ ଦିଲ୍ଲୀର ନିୟନ୍ତ୍ରଣ ରହିବା ନେଇ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ଏଏପି ସରକାର ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେବା ବିଭାଗ ସଚିବ ଆଶିଷ ମୋରେଙ୍କୁ ଗୁରୁବାର ସନ୍ଧ୍ୟାରେ ହଟାଇ ଦିଆଯାଇଛି। ଏହା ପ୍ରଥମ ବଦଳି। ଆଗକୁ ପ୍ରଶାସନିକ ସ୍ତରରେ ବଡ଼ ଧରଣର ଅଦଳବଦଳ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରୱାଲ ଚେତାବନୀ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବେ ଶିନ୍ଦେ

## ରାଜ୍ୟପାଳ ଓ ବାଚସ୍ପତି ଭୁଲ୍ କରିଥିଲେ, କିନ୍ତୁ ଉଦ୍ଧବ ସରକାରଙ୍କୁ ପୁନଃ ଅବସ୍ଥାପିତ କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୧୧।୫**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ନିଜ ପଦ ବଜାୟ ରଖିବେ। କିନ୍ତୁ ଗତବର୍ଷ ଜୁନ୍‌ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଆସ୍ଥାଭୋଟର ସମ୍ମୁଖୀନ ନ ହୋଇ ଇସ୍ତଫା ଦେଇଥିବାରୁ ତାଙ୍କୁ ପୁନଃ ଅବସ୍ଥାପିତ କରାଯାଇପାରିବ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏଥିସହ ଭାରତର ପ୍ରଧାନ ବିଚାରପତି(ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ପୂର୍ବତନ ରାଜ୍ୟପାଳ ଭଗତସିଂ କୋଶିୟାରୀଙ୍କୁ ଭର୍ତ୍ସନା କରି କହିଛନ୍ତି। ପୀଠ କହିଛନ୍ତି, ରାଜ୍ୟପାଳ ଭରସା କରିଥିବା କୌଣସି ରିଜୋଲ୍ୟୁଶନ୍ (ସଂକଳ୍ପନାମା)ରେ ଏଭଳି କିଛି ନ ଥିଲା, ଯହିଁରୁ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରଠାରୁ ଅସନ୍ତୁଷ୍ଟ ବିଧାୟକମାନେ ସମର୍ଥନ ପ୍ରତ୍ୟାହାର କରିବାକୁ ଚାହୁଁଥିବା ନେଇ ସଙ୍କେତ ମିଳିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ବିଧାନସଭାରେ ଆସ୍ଥା ହରାଇଥିବା ନେଇ ନିଷ୍କର୍ଷରେ ପହଞ୍ଚିବା ଭଳି କୌଣସି ଆଧାର ମଧ୍ୟ ନ ଥିଲା।

ମହାରାଷ୍ଟ୍ରରେ ଶିବସେନାର ଶିନ୍ଦେ ଗୋଷ୍ଠୀର ବିଦ୍ରୋହ ପରେ ତିନି ଦଳକୁ ନେଇ ଗଠିତ ଏମ୍‌ଭିଏ ସରକାରର ପତନ ଘଟିଥିଲା। ଏହାକୁ ନେଇ ସୃଷ୍ଟି ହୋଇଥିବା ରାଜନୈତିକ ସଙ୍କଟ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟରେ କେତେକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ ଏମ୍.ଆର୍. ଶାହ, କ୍ରିଷ୍ଣା ମୁରାରୀ, ହିମା କୋହଲି ଏବଂ ପି.ଏସ୍. ନରସିଂହା ସାମିଲ ଥିବା ସାମ୍ବିଧାନିକ ପୀଠ ଉକ୍ତ ଆବେଦନଗୁଡ଼ିକ ଉପରେ ଶୁଣାଣି କରି ସର୍ବସମ୍ମତି କ୍ରମେ କହିଛନ୍ତି, ତତ୍କାଳୀନ ବାଚସ୍ପତି ଶିନ୍ଦେ ଗୋଷ୍ଠୀର ଭରତ ଗୋଗାୱାଲେଙ୍କୁ ମହାରାଷ୍ଟ୍ର ବିଧାନସଭାରେ ଶିବସେନାର ହୁଇପ୍ (ସଚେତକ) ନିଯୁକ୍ତ କରିବା ନିଷ୍ପତ୍ତି ଆଇନର ବିରୁଦ୍ଧାଚରଣ। ରାଜ୍ୟପାଳ କୋଶିୟାରୀ ଉଦ୍ଧବଙ୍କୁ ଗୃହରେ ସଂଖ୍ୟାବଳର ପ୍ରମାଣ ଦେବାକୁ କହିବା ମଧ୍ୟ ଏକ ଭୁଲ୍ ନିଷ୍ପତ୍ତି ଥିଲା। ୨୦୨୨ ଜୁନ୍ ୨୧ରେ କେତେଜଣ ବିଧାୟକ ଯେଉଁ ଦସ୍ତାବିଜରେ ଅସନ୍ତୋଷ ବ୍ୟକ୍ତ କରିଥିଲେ, ସେଥିରେ ଉଦ୍ଧବଙ୍କୁ ରାଜ୍ୟପାଳ ଆସ୍ଥାଭୋଟର ସମ୍ମୁଖୀନ ହେବା ପାଇଁ ନିର୍ଦ୍ଦେଶ ଦେବା ସକାଶେ ପର୍ଯ୍ୟାପ୍ତ କାରଣ ନ ଥିଲା। ସେମାନେ କେବଳ ଶିବସେନା ବିଧାୟକ ଦଳ (ଏସ୍‌ଏସ୍‌ଏଲ୍‌ପି)ର ଏକ ଗୋଷ୍ଠୀ ଗଢ଼ିଥିଲେ ଏବଂ ନିଜ ଦଳ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଅସନ୍ତୁଷ୍ଟ ଥିଲେ। ଶିବସେନାରେ ମତଭେଦ ଯୋଗୁ ମହାରାଷ୍ଟ୍ରରେ ରାଜନୈତିକ ବିବାଦ ସୃଷ୍ଟି ହୋଇଥିଲା। ତେଣୁ ଦଳର ଆଭ୍ୟନ୍ତରୀଣ ବିବାଦର ସମାଧାନ ପାଇଁ ଆସ୍ଥାଭୋଟ କରାଇବା ଏକ ଉଚିତ ମାଧ୍ୟମ ନୁହେଁ। ଏକ ରାଜନୈତିକ ଦଳରେ ଥିବା 'ଅସନ୍ତୋଷ' ଏବଂ 'ଅସହମତି'ର ସମାଧାନ ଦଳୀୟ ସମ୍ବିଧାନ କିମ୍ବା ଦଳ ଆପଣାଇବାକୁ ଚାହୁଁଥିବା ଅନ୍ୟ କୌଣସି ପଦ୍ଧତି ଅନୁସାରେ କରାଯିବା ଉଚିତ। ଭାରତୀୟ ସମ୍ବିଧାନ କିମ୍ବା ସଂସଦରେ ପ୍ରଣୀତ କୌଣସି ଆଇନରେ ଏପରି କିଛି ବି ବ୍ୟବସ୍ଥା ନାହିଁ, ଯଦ୍ଦ୍ୱାରା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଦସ୍ୟଙ୍କ ମଧ୍ୟରେ ଥିବା ବିବାଦର ସମାଧାନ କରାଯାଇପାରିବ। କୌଣସି ଆଇନ ରାଜ୍ୟପାଳଙ୍କୁ ରାଜନୈତିକ ବ୍ୟାପାର/ଅନ୍ତଃଦଳୀୟ ଅଥବା ଆନ୍ତଃଦଳୀୟ ବିବାଦରେ ମୁଣ୍ଡ ପୂରାଇବା ପାଇଁ କ୍ଷମତା ପ୍ରଦାନ କରିନାହିଁ। ସରକାର ଗୃହରେ ଆସ୍ଥା ହରାଇଛନ୍ତି ବୋଲି ରାଜ୍ୟପାଳ ବିବେଚନା କରିବା ପୂର୍ବରୁ ବିଧାୟକମାନଙ୍କ ପତ୍ର (କିମ୍ବା ଅନ୍ୟ କୌଣସି ଦସ୍ତାବିଜ)କୁ ନେଇ ନିଜ ବୁଦ୍ଧି ପ୍ରୟୋଗ କରିବା ଉଚିତ ଥିଲା। ଯଦି ଥରେ ଆଇନାନୁସାରେ ଗଣତାନ୍ତ୍ରିକ ଉପାୟରେ ଏକ ସରକାର ନିର୍ବାଚିତ ହୁଏ, ତେବେ ତାହା ଉପରେ ଗୃହର ଆସ୍ଥା ରହିଛି ବୋଲି ଧରାଯାଏ। ଏହି ଧାରଣାକୁ ଚ୍ୟୁତ କରିବା ପାଇଁ ଭରସାଯୋଗ୍ୟ ପ୍ରାମାଣିକ ଦସ୍ତାବିଜ ଆବଶ୍ୟକ। ତେବେ ଉଦ୍ଧବ ଫ୍ଲୋର ଟେଷ୍ଟର ସମ୍ମୁଖୀନ ନ ହୋଇ ଇସ୍ତଫା ଦେଇଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ପୁଣି ଥରେ ଅବସ୍ଥାପିତ କରି ସ୍ଥିତାବସ୍ଥା ବଜାୟ ରଖାଯାଇପାରିବ ନାହିଁ ବୋଲି ସାମ୍ବିଧାନିକ ପୀଠ ସ୍ପଷ୍ଟ କରିଛନ୍ତି।

ପୀଠ ପକ୍ଷରୁ ୧୪୧ ପୃଷ୍ଠା ସମ୍ବଳିତ ରାୟ ଲେଖିଥିବା ସିଜେଆଇ ଚନ୍ଦ୍ରଚୂଡ଼ କହିଛନ୍ତି, ୨୦୨୨ ଜୁନ୍ ୨୯ରେ ଉଦ୍ଧବ ଇସ୍ତଫା ଦେବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ଖାଲି ପଡ଼ିଥିଲା। ଶିନ୍ଦେଙ୍କୁ ସମର୍ଥନ ଦେବା ଲାଗି ଭାଜପା ନେତା (ଦେବେନ୍ଦ୍ର ଫଡ୍‌ନବିସ୍) ଦଳ ପକ୍ଷରୁ ରାଜ୍ୟ ବିଧାନସଭାକୁ ସର୍ବାଧିକ ସଂଖ୍ୟକ ପ୍ରାର୍ଥୀଙ୍କୁ ଫେରାଇଆଣିଥିଲେ। ତେଣୁ ଶିନ୍ଦେଙ୍କୁ ନୂଆ ସରକାର ଗଠନ ପାଇଁ ୨୦୨୨ ଜୁନ୍ ୩୦ରେ ରାଜ୍ୟପାଳ କରିଥିବା ଆମନ୍ତ୍ରଣ ଯଥାର୍ଥ ଥିଲା।

### ବୃହତ୍ ପୀଠକୁ ଗଲା ନବାମ ରେବିଆ ମାମଲା ରାୟ

ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠ ନବାମ ରେବିଆ ମାମଲାରେ ଦିଆଯାଇଥିବା ରାୟକୁ ବୃହତ୍ ପୀଠକୁ ପଠାଇଦେଇଛନ୍ତି। ବାଚସ୍ପତିଙ୍କୁ ହଟାଇବା ପ୍ରସ୍ତାବ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଜାରି କରାଯାଇଥିବା ନୋଟିସ ତାଙ୍କୁ ସମ୍ବିଧାନର ଦଶମ ଅନୁସୂଚୀ ଅନୁସାରେ ଅଯୋଗ୍ୟତା ପିଟିଶନଗୁଡ଼ିକ ଉପରେ ନିଷ୍ପତ୍ତି ନେବାକୁ ଅଟକାଇଥାଏ କି? ଏହି ପ୍ରସଙ୍ଗ ଏକ ବୃହତ୍ ପୀଠରେ ଶୁଣାଣି ହେବା ଆବଶ୍ୟକ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି।

## ବାଚସ୍ପତିଙ୍କ କୋର୍ଟରେ ବଲ୍

### ମହାରାଷ୍ଟ୍ର ରାଜନୈତିକ ବିବାଦ

**ମୁମ୍ବାଇ/ନୂଆଦିଲ୍ଲୀ, ୧୧।୫**

ମହାରାଷ୍ଟ୍ରରେ ଶିବସେନା ବିବାଦକୁ ନେଇ ବୁଧବାର ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଉଭୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ନିଜ ସପକ୍ଷରେ ଯାଇଥିବା ଦାବି କରିଛନ୍ତି। ଏମ୍‌ଭିଏ ଅଂଶୀଦାର କଂଗ୍ରେସ ଏହି ରାୟକୁ ରାଜ୍ୟ ଓ ସମ୍ବିଧାନର ବିଜୟ ବୋଲି ଅଭିହିତ କରିଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମଧ୍ୟ ରାୟ ଭାଜପା ବିରୋଧରେ ଆସିଥିବା ଦାବି କରିଛି। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ରାୟ ଆଧାରରେ ବଲ୍ ବର୍ତ୍ତମାନ ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକରଙ୍କ କୋର୍ଟରେ ରହିଛି। କାରଣ ବିଦ୍ରୋହୀ ବିଧାୟକମାନଙ୍କ ଅଯୋଗ୍ୟତା ପ୍ରସଙ୍ଗରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦେଇନାହାନ୍ତି। ବମ୍ବେ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ଏସ୍.ସି. ଧର୍ମାଧିକାରୀ କହିଛନ୍ତି, ଏହା ଏକ ସମ୍ପୂର୍ଣ୍ଣ ରାଜନୈତିକ ଯୁଦ୍ଧ। ଏହି ପ୍ରସଙ୍ଗକୁ ଆରମ୍ଭରୁ ସୁପ୍ରିମକୋର୍ଟକୁ ନେବା ଉଚିତ ନ ଥିଲା। ଶିନ୍ଦେ ଗୋଷ୍ଠୀର ଦଳବଦଳକାରୀ ବିଧାୟକମାନେ ସଦସ୍ୟତା ବଜାୟ ରଖିବେ।



ସରକାର ଗଠନ ପାଇଁ ମୁଁ ଜଣାଇଥିବା ଦାବି ଆଇନ ଓ ସାମ୍ବିଧାନିକ ଦୃଷ୍ଟିରୁ ବୈଧ ଥିଲା, ଯାହା ଉପରେ ସୁପ୍ରିମକୋର୍ଟ ମୋହର ଦେଇଛନ୍ତି।
**-ଏକନାଥ ଶିନ୍ଦେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**



ଶୀର୍ଷ ଅଦାଲତଙ୍କ ରାୟ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ। ଏହି ରାୟ କ୍ଷମତା ପାଇଁ କରାଯାଇଥିବା କଳୁଷିତ ରାଜନୀତିକୁ ପଦାରେ ପକାଇବା ସହ ଗଣତନ୍ତ୍ର ଉପରେ ଆସ୍ଥାକୁ ପୁନଃ ଅବସ୍ଥାପିତ କରିଛି। ରାଜ୍ୟପାଳଙ୍କ ଭୂମିକାକୁ ମଧ୍ୟ ସୁପ୍ରିମକୋର୍ଟ ସମାଲୋଚନା କରିଛନ୍ତି।
**-ଉଦ୍ଧବ ଠାକ୍‌ରେ, ୟୁବିଟି ଅଧ୍ୟକ୍ଷ**

ସୁପ୍ରିମକୋର୍ଟ ରାୟ ପରେ ୧୬ ବିଦ୍ରୋହୀ ବିଧାୟକ ଅଯୋଗ୍ୟ ସାବ୍ୟସ୍ତ ହୋଇଛନ୍ତି। ବର୍ତ୍ତମାନର ବାଚସ୍ପତି ରାହୁଲ ନରୱେକର ଏବେ ହୁଇପ୍‌ଙ୍କୁ ଅନୁସରଣ କରିପାରିବେ ନାହିଁ। କାରଣ ଶିନ୍ଦେ ସରକାର ଗଠନ ପ୍ରକ୍ରିୟା ହିଁ ବେଆଇନ। ଅଦାଲତ ରାୟ ଅନୁଯାୟୀ ସୁନୀଲ ପ୍ରଭୁ ହିଁ ଶିବସେନାର ଆନୁଷ୍ଠାନିକ ସଚେତକ।
**-ସଞ୍ଜୟ ରାଉତ, ଉଦ୍ଧବ ଗୋଷ୍ଠୀର ଏମ୍‌ପି**

ଆମ ସରକାର ଭାଙ୍ଗିଯିବ ବୋଲି ଯେଉଁମାନେ କଳ୍ପନାଜଳ୍ପନା ପ୍ରକାଶ କରୁଥିଲେ, ଅଦାଲତଙ୍କ ରାୟ ଆଜି ସେମାନଙ୍କୁ ନୀରବ କରିଦେଇଛି।
**-ଦେବେନ୍ଦ୍ର ଫଡ୍‌ନବିସ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ**

ଭାଜପା ଏବଂ ନୈତିକତା ପାରସ୍ପରିକ ବିପରୀତ ଧର୍ମୀ। ସୁପ୍ରିମକୋର୍ଟଙ୍କ ରାୟ ଏମ୍‌ଭିଏକୁ ଲୋକଙ୍କୁ ବୁଝାଇବାରେ ସହାୟକ ହେବ ଯେ, ଭାଜପା କ୍ଷମତାର ଦୁରୁପଯୋଗ କରିଥିଲା।
**-ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**

# ଏଏପିର ବଡ଼ ବିଜୟ, କେନ୍ଦ୍ରକୁ ଝଟକା

## ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଉପରେ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣ

ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରକୁ ଅଧିକାରୀମାନଙ୍କୁ ନିୟନ୍ତ୍ରଣ କରିବା କ୍ଷମତା ଦିଆ ନ ଗଲେ ଉତ୍ତରଦାୟିତ୍ୱ ପାଇଁ ଥିବା ତ୍ରିସ୍ତରୀୟ ଶୃଙ୍ଖଳାର ସିଦ୍ଧାନ୍ତ ନିରର୍ଥକ ହୋଇଯିବ। ଯଦି ଅଧିକାରୀମାନେ ବିଭାଗୀୟ ମନ୍ତ୍ରୀଙ୍କୁ ରିପୋର୍ଟ କରିବା ବନ୍ଦ କରିଦିଅନ୍ତି ଅଥବା ସେମାନଙ୍କ ନିର୍ଦ୍ଦେଶ ପାଳନ ନ କରନ୍ତି ତେବେ ସାମୂହିକ ଉତ୍ତରଦାୟିତ୍ୱ ସିଦ୍ଧାନ୍ତ ପ୍ରଭାବିତ ହେବ। ଯଦି (ସର୍ଭିସେସ୍) ସେବାଗୁଡ଼ିକୁ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ପରିସର ବାହାରେ ରଖାଯାଏ ତା'ହେଲେ କାର୍ଯ୍ୟପାଳିକାର ନିଷ୍ପତ୍ତିକୁ ଲାଗୁ କରିବା ପାଇଁ ଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ମନ୍ତ୍ରୀମାନଙ୍କୁ ସେମାନଙ୍କୁ ନିୟନ୍ତ୍ରଣ କରିବାରୁ ବାଦ୍ ଦିଆଯିବ। **-ସୁପ୍ରିମକୋର୍ଟ**

**ନୂଆଦିଲ୍ଲୀ, ୧୧।୫**

କେବଳ ସାର୍ବଜନୀନ ବ୍ୟବସ୍ଥା, ପୋଲିସ ଓ ଭୂମିକୁ ବାଦ୍ ଦେଇ ପ୍ରଶାସନିକ ସେବା କ୍ଷେତ୍ରରେ ଦିଲ୍ଲୀ ସରକାରଙ୍କ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା କ୍ଷମତା ରହିଛି। ଦିଲ୍ଲୀ ସରକାର ଓ ଉପରାଜ୍ୟପାଳ (ଏଲ୍‌ଜି)ଙ୍କ ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧ ମାମଲାରେ ଗୁରୁବାର ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହାକୁ କେନ୍ଦ୍ରର ଭାଜପା ସରକାର ବିରୋଧରେ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରଙ୍କ ବଡ଼ ବିଜୟ ବୋଲି କୁହାଯାଉଛି।



ଅରବିନ୍ଦ କେଜ୍‌ରିୱାଲ

୨୦୧୫ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଭଳି ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀର ସେବା କ୍ଷେତ୍ର ଉପରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ରହିଥିବା ଏଥିରେ ଦର୍ଶାଯାଇଥିଲା। ସେବେଠୁ ଅଦ୍ୟାବଧି କେନ୍ଦ୍ର ନିଯୁକ୍ତ ଦିଲ୍ଲୀ ରାଜ୍ୟପାଳ ଏବଂ ଏଏପି ସରକାର ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଟଣାଓଟରା ଚାଲିଥିଲା। ସରକାରୀ ବ୍ୟାପାରରେ ସବୁ କଥାରେ ଏଲ୍‌ଜି ମୁଣ୍ଡ ପୂରାଉଥିବାରୁ ଅନେକ ଯୋଜନା ବାଧାପ୍ରାପ୍ତ ହୋଇଥିଲା। ୮ ବର୍ଷ ଧରି ଚାଲିଥିବା ଏହି ବିବାଦ ଉପରେ ଗୁରୁବାର ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ୧୦୫ ପୃଷ୍ଠା ସମ୍ବଳିତ ରାୟରେ ସାମ୍ବିଧାନିକ ପୀଠ କହିଛନ୍ତି, ଅମଲାତନ୍ତ୍ରୀଙ୍କ ଉପରେ ଏକ ନିର୍ବାଚିତ ସରକାରଙ୍କ କର୍ତ୍ତୃତ୍ୱ ରହିବା ଆବଶ୍ୟକ। ଏପରି ନ ହେଲେ ସାମୂହିକ ଉତ୍ତରଦାୟିତ୍ୱର ସିଦ୍ଧାନ୍ତ ଗଭୀର ଭାବେ ପ୍ରଭାବିତ ହେବ। ଲିଷ୍ଟ୍ ୨ୟ ଓ ୩ୟ (ରାଜ୍ୟ ଓ ଯୁଗ୍ମ ତାଲିକା) ଉପରେ ଦିଲ୍ଲୀ ବିଧାନସଭାର ନିୟନ୍ତ୍ରଣ ରହିବ। କିନ୍ତୁ ସାର୍ବଜନୀନ ବ୍ୟବସ୍ଥା, ପୋଲିସ ଓ ଭୂମି ସମ୍ପର୍କିତ ନିଷ୍ପତ୍ତି କେନ୍ଦ୍ର ସରକାର ନେବେ। ସଂଘୀୟ ସହଯୋଗିତା ଆଧାରରେ କେନ୍ଦ୍ର ସରକାର ସମ୍ବିଧାନ ଦ୍ୱାରା ରେଖାଙ୍କିତ ନିଜ ସୀମାରେ ରହି କ୍ଷମତା ପ୍ରୟୋଗ କରିବେ। ସୁଇ ଜେନେରିସ୍ ଫେଡେରାଲ ମଡେଲରେ ଦିଲ୍ଲୀ ସରକାରକୁ କାର୍ଯ୍ୟ କରିବାକୁ ଦିଆଯିବା ଜରୁରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଶାସକ ଏଏପି ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ସ୍ୱାଗତ କରିଛି। ନିର୍ବାଚିତ ସରକାରର ପତନ ପାଇଁ ଉଦ୍ୟମ ଚଳାଇଥିବା କେନ୍ଦ୍ରକୁ ଏହା ଏକ ଶକ୍ତ ଚାପୁଡ଼ା ବୋଲି ଦଳ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ଏହି ରାୟ ଦିଲ୍ଲୀରେ ବିକାଶର ଗତିକୁ ବଳ ଦେବ। ପୂର୍ବାପେକ୍ଷା ଏବେ ୧୦ ଗୁଣା ଅଧିକ ବିକାଶ କାର୍ଯ୍ୟ ହୋଇପାରିବ। ରାୟ ପରେ କେଜ୍‌ରିୱାଲ ନିଜ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ନେଇ ବୈଠକ କରିଛନ୍ତି।



ଇସ୍ରାଏଲର ରକେଟ୍ ମାଡ଼ ଦୃଶ୍ୟକୁ ଗାଜା ଷ୍ଟ୍ରିପ୍‌ର ଏକ କୋଠା ଝରକାରୁ ଦେଖୁଛନ୍ତି ପିଲାମାନେ।

# ଗାଜାରେ ଇସ୍ରାଏଲର ରକେଟ୍ ମାଡ଼: ୨୮ ନିହତ

**ଗାଜା ସିଟି, ୧୧।୫**

ଗାଜା ଉପରେ ଇସ୍ରାଏଲ ସେନାର ଆକ୍ରମଣ ଜାରି ରହିଛି। ଏୟାର୍ ଷ୍ଟ୍ରାଇକ୍‌ରେ ୩ ଦିନ ମଧ୍ୟରେ ୪ ମହିଳା ଓ ୬ ଶିଶୁଙ୍କ ସମେତ ୨୮ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ୮୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ପାଲେଷ୍ଟାଇନ୍‌ର ରେଜିଷ୍ଟାନ୍ସ ଗ୍ରୁପ୍ ଏହାର ଜବାବରେ ଇସ୍ରାଏଲ ଉପରେ ୫୦୦ରୁ ଅଧିକ ରକେଟ୍ ମାଡ଼ କରିଛି। ତେବେ ଇସ୍ରାଏଲ ସେନାର ଅତ୍ୟାଧୁନିକ ମିଶାଇଲ ଡିଫେନ୍ସ ସିଷ୍ଟମ୍ ଜରିଆରେ ରକେଟ୍‌ଗୁଡ଼ିକୁ ଖସାଇଦିଆଯାଇଛି। ୟୁରୋପୀୟ ସଂଘ ଇସ୍ରାଏଲ୍‌କୁ ତତ୍କାଳ ଅପରେଶନ୍ ବନ୍ଦ କରିବା ପାଇଁ ପରାମର୍ଶ ଦେଇଛି।

# ବିସ୍ଫୋରଣରେ ବହୁ କାର୍ ଜଳିଗଲା



**ମିଲନ, ୧୧।୫**

ଇଟାଲୀର ମିଲନ ସହରର କେନ୍ଦ୍ରସ୍ଥଳରେ ଗୁରୁବାର ବଡ଼ ଧରଣର ବିସ୍ଫୋରଣ ଘଟି ବହୁ ଗାଡ଼ି ଜଳିଯାଇଛି। ଏଥିରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଅକ୍ସିଜେନ୍ ଗ୍ୟାସ୍ କନ୍‌ଷ୍ଟର ପରିବହନ କରୁଥିବା ଏକ ଭ୍ୟାନ୍‌ରେ ଏହି ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି। ବିସ୍ଫୋରଣ ସ୍ଥଳରୁ ବହୁ ପରିମାଣରେ କଳା ଧୂଆଁ ବାହାରୁଥିବା ଏବଂ ଅଗ୍ନିଶମ କର୍ମଚାରୀମାନେ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିବା ଦେଖିବାକୁ ମିଳିଛି। ବିସ୍ଫୋରଣ ପ୍ରଭାବରେ ପାଖରେ ଥିବା କେତେକ ବିଲ୍ଡିଂରେ ମଧ୍ୟ ନିଆଁ ଲାଗିଯାଇଥିଲା।

# ଇମ୍ରାନଙ୍କ ଗିରଫଦାରି ବେଆଇନ: ପାକ୍ ସୁପ୍ରିମକୋର୍ଟ

**ଇସ୍‌ଲାମାବାଦ, ୧୧।୫ (ପି.ଟି.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଗିରଫଦାରି ବେଆଇନ ବୋଲି ପାକ୍ ସୁପ୍ରିମକୋର୍ଟ ଗୁରୁବାର ଘୋଷଣା କରିବା ସହ ତାଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ଅଧ୍ୟକ୍ଷ ଇମ୍ରାନ୍‌ଙ୍କୁ ମୁକ୍ତ କରିଦିଆଯାଇଛି। ସେ ଏନ୍‌ଏବି ହାଜତରୁ ମୁକ୍ତ ହୋଇଥିଲେ ମଧ୍ୟ ରାଜଧାନୀ ଇସ୍‌ଲାମାବାଦର ଏକ ନିରାପଦ ସ୍ଥାନରେ କଡ଼ା ସୁରକ୍ଷା ମଧ୍ୟରେ ରହିବେ। ଶୁକ୍ରବାର ସେ ଇସ୍‌ଲାମାବାଦ ହାଇକୋର୍ଟରେ ହାଜର ହେବେ। ସୁପ୍ରିମକୋର୍ଟଙ୍କ ରାୟକୁ ଇମ୍ରାନ୍‌ଙ୍କ ସମର୍ଥକମାନେ ପ୍ରଶଂସା କରିବା ସହ କୋର୍ଟ ବିଲ୍ଡିଂ ବାହାରେ ଖୁସିରେ ନାଚିଥିଲେ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଇମ୍ରାନ୍‌ଙ୍କୁ ଗୁରୁବାର ଅପରାହ୍ନରେ ହାଜର କରାଯାଇଥିଲା। ଦୁର୍ନୀତି ମାମଲାରେ ଇମ୍ରାନ୍‌ଙ୍କୁ ଯେପରି ନାଟକୀୟ ଢଙ୍ଗରେ ଗିରଫ କରାଗଲା ଏହା ବିରୋଧରେ ଦାଏର ପିଟିଶନ୍‌ର ଶୁଣାଣି କରି ପ୍ରଧାନ ବିଚାରପତି ଉମାର ଆତା ବନ୍ଦିଆଲଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ ଇମ୍ରାନ୍‌ଙ୍କୁ ହାଜର କରାଇବା ଲାଗି ଦେଶର ଦୁର୍ନୀତି ନିରୋଧୀ ସଂସ୍ଥା ନ୍ୟାଶନାଲ ଆକାଉଣ୍ଟେବିଲିଟି ବ୍ୟୁରୋ(ଏନ୍‌ଏବି)କୁ ନିର୍ଦ୍ଦେଶ ଦେଇଥିଲେ। ଅଲ୍ କାଦିର ଟ୍ରଷ୍ଟ ମାମଲାରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇଥିଲା। ଇସ୍‌ଲାମାବାଦ ହାଇକୋର୍ଟ ପରିସରରୁ ତାଙ୍କୁ ଯେଉଁଭଳି ଗିରଫ କରାଗଲା ସେଥିରେ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଥିଲେ। ଜଣେ ବ୍ୟକ୍ତିଙ୍କୁ କୋର୍ଟ ପରିସରରୁ କିପରି ଗିରଫ କରାଯାଇପାରିବ ବୋଲି ପ୍ରଧାନ ବିଚାରପତି ଉମାର ଆତା ବନ୍ଦିଆଲ ପ୍ରଶ୍ନ କରିଥିଲେ। କୋର୍ଟରେ ପ୍ରବେଶ ସମୟରେ ଇମ୍ରାନ୍‌ଙ୍କୁ ଗିରଫ କରାଯାଇ ତାଙ୍କୁ ନ୍ୟାୟ ପାଇବାରୁ ବଞ୍ଚିତ କରାଯାଇଥିବା ଜଷ୍ଟିସ୍ ଅଥାର ମିନାଲ୍ଲାହ କହିଥିଲେ। ରେଜିଷ୍ଟ୍ରାରଙ୍କ ବିନା ଅନୁମତିରେ କାହାକୁ କୋର୍ଟ ପରିସରରୁ ଗିରଫ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ। କୋର୍ଟ ପରିସରରେ ରେଜିଷ୍ଟ୍ରାରଙ୍କ ଅନୁମତି ନ ନେଇ ଇମ୍ରାନ୍‌ଙ୍କୁ ଗିରଫ କରାଯାଇଥିବାରୁ ନ୍ୟାଶନାଲ ଆକାଉଣ୍ଟେବିଲିଟି ବ୍ୟୁରୋ ଅଦାଲତ ଅବମାନନା କରିଥିବା ପ୍ରଧାନ ବିଚାରପତି ବନ୍ଦିଆଲ କହିଥିଲେ।

## ମୁକୁଳିଲେ ପୂର୍ବତନ ପ୍ରଧାନମନ୍ତ୍ରୀ



### ହାଜତରେ ମାଡ଼ ଦେଉଥିଲେ: ଇମ୍ରାନ

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଇସ୍‌ଲାମାବାଦ ହାଇକୋର୍ଟରୁ ଅପହରଣ କରିନିଆଯିବା ସହ ତାଙ୍କୁ ହାଜତରେ ଲାଠିରେ ମାଡ଼ ମରାଯାଇଥିଲା ବୋଲି ସେ ଗୁରୁବାର ଅଭିଯୋଗ କରିଛନ୍ତି। ଅପରାଧୀଙ୍କ ପ୍ରତି ମଧ୍ୟ ଏଭଳି ଆଚରଣ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ତାଙ୍କୁ ପୋଲିସ୍ ଲାଇନ ସମେତ ବିଭିନ୍ନ ସ୍ଥାନକୁ ନିଆଯାଇଥିଲା। ସରକାରୀ ଓ ଘରୋଇ ସମ୍ପତ୍ତି ନଷ୍ଟ ନ କରିବାକୁ ସେ ଦଳୀୟ କର୍ମୀମାନଙ୍କୁ ନିବେଦନ କରିଥିଲେ ବୋଲି ଗଣମାଧ୍ୟମକୁ କହିଛନ୍ତି।



GIA
86 YEARS TRUST IS TIMELESS
1 LAKH FOLLOWERS
WHY NOT DIAMONDS?
DIAMONDS FROM
KHIMJI®
Jewellers since 1936
Diamond Pendants starting from ₹9,999/-
AVAIL EXCITING OFFERS ON DIAMONDS AT ALL OUR SHOWROOMS
KHIMJI'S 7 VOWS
IGI & GIA Certified
VVS - GH Diamonds*
Buy-Back Guarantee
Lifetime exchange
Free Lifetime Service*
Lowest price per ct.
Free Insurance
Stores only at :
BHUBANESWAR 621,Janpath, Saheed Nagar
BHUBANESWAR 309 District Centre, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbhal Road, Marwadi Para
PURI Opp. police line, VIP road
ROURKELA Kesar Bhawan, Main Road
Toll Free : 1800 3131 777
Follow Us :
NOWHERE ELSE




MARUTI SUZUKI ARENA
SWIFT
LIMITLESS THRILL
STUNNING LOOKS
SWIFT
BE LIMITLESS
ସ୍ମାର୍ଟପ୍ଲେ ଷ୍ଟୁଡିଓ
କ୍ରୁଜ କଣ୍ଟ୍ରୋଲ
ଅଟୋ ଗିୟର ଶିଫ୍ଟ
100%^ ON-ROAD FUNDING AVAILABLE
SWIFT SAVE UP TO ₹49 100*
SWIFT
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in
ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.
JYOTE MOTORS
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.
NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.
PURI HIGHWAY PIPILI: 9583022013.
SKY AUTOMOBILES
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.
TUSHI MOTORS
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.
*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st May, 2023.

**ଆଜିର ମନ୍ତବ୍ୟ**
"ପ୍ରାଧାନ୍ୟ ବିସ୍ତାର ପାଇଁ ନୁହେଁ, ବରଂ ସଶକ୍ତ ହେବା ଲାଗି ଦେଶ ପ୍ରଯୁକ୍ତିର ବ୍ୟବହାର କରୁଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣ୍ଟେଇ କୋଳିର କଣ୍ଟା;**
**ଦିନେ ଖାଇନାହିଁ ବୋହୂ ପରଷା,**
**ଭାଙ୍ଗି ପଡୁଥାଏ ଅଣ୍ଟା।**

ସମୟ,ପରିସ୍ଥିତି ସମସ୍ତଙ୍କର ସବୁବେଳେ ସମାନ ନ ଥାଏ। ସାଧାରଣତଃ ଝିଅଟି ବାପଘରେ ବେଶ୍ ଅଲିଅଳରେ ବଢିଥାଏ। ଯେତେବେଳେ ସେ ବାହାହୋଇ ଶାଶୁଘରକୁ ଆସେ, ସେତେବେଳେ ତା'ର କାର୍ଯ୍ୟବ୍ୟସ୍ତତା ବହୁ ପରିମାଣରେ ବଢିଯାଇଥାଏ। ଶାଶୁଘରର କାର୍ଯ୍ୟବ୍ୟସ୍ତତାରେ ଧନ୍ଦି ହୋଇ ବାପଘରର ସୁଖକୁ ଝୁରିହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କୋଳଥ ଡାଲି,
କୁଣିଆଁ ଆସିଲେ ଦେ' ଢାଳି।

ଆଗ କାଳରେ କୋଳଥ ଗରିବମାନଙ୍କର ଖାଦ୍ୟ ରୂପେ ଗଣାହେଉଥିଲା। ଏହା ସହଜରେ ମିଳିପାରୁଥିବା ତଥା ଏହାର ମୂଲ୍ୟ ଅପେକ୍ଷାକୃତ କମ୍ ହେଉଥିବା ଦୃଷ୍ଟିରୁ କୁଣିଆଁ ମଇତ୍ର ଆସିଲେ ତାଙ୍କ ଚର୍ଚ୍ଚା କରିବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଡଗଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗଣବଳାତ୍କାର ମାମଲାରେ ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ଜେଲଦଣ୍ଡ

**ସୁନ୍ଦରଗଡ଼,୧୧।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଗୁରୁବାର ଏକ ଗଣ ବଳାତ୍କାର ମାମଲାର ଶୁଣାଣିକରି ୩ ଜଣ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ କାରାଦଣ୍ଡାଦେଶ ଦେଇଛନ୍ତି। ସୁନ୍ଦରଗଡ଼ ଏସ୍‌ଟି କେସ୍ ନମ୍ବର ୪୨/୨୦୧୬ ଅନୁଯାୟୀ ଏହି ଗଣବଳାତ୍କାର ଘଟଣାରେ ୩ ଜଣ ଅଭିଯୁକ୍ତ ସୋନୁ ସୋଏ , ଇନ୍ଦାରୁ କେର୍କେଟା ଓ ପ୍ରବୀଣ ବାର୍ଲାଙ୍କୁ ଆଇପିସି ଧାରା ୩୭୬(ଘ)ରେ ଦଣ୍ଡିତ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଞ୍ଚଳର ପୀଡ଼ିତା ମହିଳା ଜଣକ ପଡ଼ୋଶୀ ଘରୁ ଫେରୁଥିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଏକ ଧଳା କାର୍‌ରେ ଅପହରଣକରି ନେଇ ଗଣବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ମହିଳା ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ସେ ସମୟରେ ଥିବା ଅତିରିକ୍ତ ଥାନା ଅଧିକାରୀ ସସ୍ମିତା ମହନ୍ତ ଉକ୍ତ ରିପୋର୍ଟ ଆଧାରରେ ରାଜଗାଙ୍ଗପୁର ଥାନା କେସ୍ ନଂ. ୨୫୨/ତା ୩୦।୧୧।୨୦୧୫ରିଖରେ ଗଣ ବଳାତ୍କାର ମାମଲା ରୁଜୁକରି ତଦନ୍ତ କରିଥିଲେ। ୨୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଦୃଢ଼ ଯୁକ୍ତି ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ ଭିତ୍ତିରେ ଜିଲା ଦୌରାଜଜ୍ ପଟ୍ଟନାୟକ ଦଫା ୩୭୬(ଘ) ଅନୁଯାୟୀ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଜରିମାନା ଅନାଦାୟେ ଅଧିକ ୨ ମାସ ଲେଖାଏ ଜେଲ ଦଣ୍ଡାଦେଶ କରିଥିବା ସରକାରୀ ଓକିଲ ସୂଚନା ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ଜିଲା ମୁଖ୍ୟ ସରକାରୀ ଓକିଲ ଅବଦୁଲ ସମିମ୍ ଅଖତର ପରିଚାଳନା କରୁଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସମଲିଙ୍ଗୀ ସମ୍ପର୍କରେ...

ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ, ଯେହେତୁ ଏହି ପ୍ରସଙ୍ଗ ସମସ୍ତ ରାଜ୍ୟ ସହିତ ଜଡ଼ିତ, ତେଣୁ ସେ ଏସମ୍ପର୍କରେ ସମସ୍ତ ରାଜ୍ୟଗୁଡ଼ିକଠାରୁ ମତ ସଂଗ୍ରହ କରିବାକୁ ଚିଠି କରିଥିବା କହିଥିଲେ। ଏପରି କି ବୁଧବାର ହୋଇଥିବା ଶୁଣାଣି ସମୟରେ ଆସାମ, ଆନ୍ଧ୍ରପ୍ରଦେଶ ଏବଂ ରାଜସ୍ଥାନ ସରକାର ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରସଙ୍ଗକୁ ବିରୋଧ କରିଥିବାବେଳେ ଆଉ ୪ଟି ରାଜ୍ୟ ଏସମ୍ପର୍କରେ ମତ ଦେବା ନେଇ ଅଧିକ ସମୟ ଲୋଡ଼ିଛନ୍ତି। ତେବେ ଓଡ଼ିଶାଠାରୁ ଏସମ୍ପର୍କରେ କୌଣସି ମତ ମିଳିନଥିବା ସଲିସିଟର ଜେନେରାଲ୍ ସତ୍ୟପାଠ ମାଧ୍ୟମରେ କୋର୍ଟରେ ଜଣାଇଥିଲେ। ଅପରପକ୍ଷରେ ବିଜେଡି ରାଜ୍ୟ ସଭା ସଦସ୍ୟ ତଥା ଆଇନଜୀବୀ ସସ୍ମିତ ପାତ୍ର ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ୨ଟି ସଂଗଠନ ପକ୍ଷରୁ ମାମଲା ଲଢୁଛନ୍ତି। ବୁଧବାର ଶୁଣାଣି ସମୟରେ ସସ୍ମିତ ସମଲିଙ୍ଗୀ ବିବାହ ସ୍ୱୀକୃତି ପ୍ରସଙ୍ଗକୁ ପାର୍ଲାମେଣ୍ଟକୁ ପଠାଇବା ସପକ୍ଷରେ ନିଜର ମତ ରଖିଥିଲେ। ସେ କହିଥିଲେ ଯେ, ପର୍ସନାଲ୍ ଲ'କୁ ଛାଡ଼ି ସମଲିଙ୍ଗୀ ବିବାହ ସମ୍ପର୍କରେ କୌଣସି ଆଲୋଚନା କରିବା ଉଚିତ ହେବ ନାହିଁ। ଧରାଯାଉ କୋର୍ଟ ଏନେଇ ଘୋଷଣା କରିଦେଲେ, ତେବେ ଏହାକୁ କାର୍ଯ୍ୟକାରୀ କିପରି କରାଯିବ। ଯେହେତୁ ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟରେ କିଛି ଆଲୋଚନା ହୋଇ ନାହିଁ, କୋର୍ଟ ଘୋଷଣା କରିଦେବାପରେ ତାହା ପାର୍ଲାମେଣ୍ଟରେ ଆଇନରେ ସହଜରେ ପରିଣତ ହୋଇପାରିବ ନାହିଁ ବୋଲି ପାତ୍ର କହିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ୧୫ମିନିଟ ଧରି ଆଲୋଚନା ହୋଇଥିଲା। ଏହି ସମୟରେ ରାଜ୍ୟରେ ୨୦୧୭-୧୮ରେ ଆରମ୍ଭ ହୋଇଥିବା ୮ଟି ଜାତୀୟ ରାଜପଥ ପ୍ରକଳ୍ପକୁ ଶେଷ କରିବାକୁ ନବୀନ ଅନୁରୋଧ କରିଥିଲେ। ଏପରି କି ୩୯୫୪ ଗ୍ରାମପଞ୍ଚାୟତରେ ଅଧିକ ବ୍ୟାଙ୍କ ଶାଖା ଖୋଲିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ। ଉଦ୍ୟମୀ ଯୋଜନାରେ ଭାରତ ନେଟ ଫେଜ୍ -୨ ଜରିଆରେ ପ୍ରତି ଗ୍ରାମପଞ୍ଚାୟତରେ ୫ଟି ମାଗଣା ସଂଯୋଗ ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ତେବେ ୨୦୨୪ରେ ରାଜନୈତିକ ଆଲିଆନ୍ସ ନେଇ କୌଣସି ଆଲୋଚନା ହୋଇ ନାହିଁ। ବିଜେଡି ଏକାକୀ ନିର୍ବାଚନ ଲଢ଼ିବ ବୋଲି ନବୀନ ସ୍ପଷ୍ଟ କରିଛନ୍ତି।

## ସମଲିଙ୍ଗୀ ବିବାହ...

ଆନନ୍ଦ ଗ୍ରୋଭର ଏବଂ ସୌରଭ କୃପାଳ ଯୁକ୍ତି ଉପସ୍ଥାପନ କରିଥିଲେ। ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ନେଇ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ କୌଣସି ସାମ୍ବିଧାନିକ ଘୋଷଣା ଠିକ୍ କାର୍ଯ୍ୟପନ୍ଥା ହୋଇ ନ ପାରେ ବୋଲି ବୁଧବାର ଶୁଣାଣି ବେଳେ କେନ୍ଦ୍ର ସରକାର କହିଥିଲେ।

## ୟୁନିଟ୍-୯ ବାଳିକା ହାଇସ୍କୁଲ...

ନାରୀଶିକ୍ଷା ସହ ସାମାଜିକ, ଗୋଷ୍ଠୀଗତ କାର୍ଯ୍ୟ କ୍ଷେତ୍ରରେ ଏହି ବିଦ୍ୟାଳୟ ସବୁବେଳେ ଉତ୍କର୍ଷ ପ୍ରମାଣ କରିଆସିଛି। ପ୍ରତିବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୯୦%ରୁ ଅଧିକ ସଫଳତା ହାସଲ କରି ଏହି ବିଦ୍ୟାଳୟ ଦୃଷ୍ଟାନ୍ତ ସୃଷ୍ଟି କରିଆସୁଛି। ସବୁଜିମା ଭରା ପରିବେଶରେ ଥିବା ଏହି ବିଦ୍ୟାଳୟରେ ଉଚ୍ଚମାନର ଶିକ୍ଷାଦାନ ସହ ଏନ୍‌ସିସି, ରେଡ୍‌କ୍ରସ୍, ଇକୋ କ୍ଲବ୍, ଲିଟେରାସି କ୍ଲବ୍, ବ୍ୟାଣ୍ଡ ଦଳ ରହିଛି। ଏଠାକାର ଛାତ୍ରୀମାନେ ବ୍ଲକ, ଜିଲା, ରାଜ୍ୟ ଓ ଜାତୀୟସ୍ତରର ପ୍ରତିଯୋଗିତାରେ ସଫଳତା ହାସଲ କରୁଛନ୍ତି। ବିଶେଷକରି ସହରର ବସ୍ତି ଅଞ୍ଚଳ ତଥା ଆର୍ଥିକ ଅନଗ୍ରସର ଅଭିଭାବକମାନେ ନିଜ ଝିଅମାନଙ୍କୁ ଏଠାରେ ନାମ ଲେଖାଉଛନ୍ତି। ୬୦ ବର୍ଷର ଏହି ପୁରାତନ ହାଇସ୍କୁଲ ସରକାରଙ୍କ ଅନୁକମ୍ପା ଲାଭ କରିବା ପରିବର୍ତ୍ତେ ସବୁଦିନ ପାଇଁ ବନ୍ଦ ହେବାକୁ ବସିଛି। ଏହାର ସତ୍ତା ଅନ୍ୟ ବିଦ୍ୟାଳୟରେ ମିଶିଯିବାକୁ ଯାଉଛି। ଫଳରେ ବିଦ୍ୟାଳୟର ଇତିହାସ, ସ୍ମୃତି, କୀର୍ତ୍ତିଗାଥା ସବୁକିଛି ଅତୀତ ହୋଇଯିବ। ହାଇସ୍କୁଲର ଗୌରବ ଓ ପ୍ରଗତିଶୀଳ ଆଭିମୁଖ୍ୟ ପାଇଁ ଏହା ପ୍ରଥମ ପର୍ଯ୍ୟାୟ ୫-ଟି ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହୋଇଛି। ସୂଚନା ଓ ପ୍ରଯୁକ୍ତିବିଦ୍ୟା କୌଶଳ ଆପଣାଇବା ସହ ସ୍ୱଚ୍ଛ ପରିମଳସମ୍ପନ୍ନ ସ୍ମାର୍ଟ ସ୍କୁଲରେ ପରିଣତ ହୋଇସାରିଛି। ମାତ୍ର ଏବେ କେତେଜଣ କୁଚକ୍ରୀଙ୍କ ଲାଗି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପରିବର୍ଦ୍ଧନ ପାଇଁ ଏହି ବାଳିକା ବିଦ୍ୟାଳୟର ସତ୍ତାକୁ ବିଲୀନ କରିବାକୁ ଉଦ୍ୟମ କରାଯାଉଛି। ନିଷ୍ପତ୍ତିର ପୁନର୍ବିଚାର କରିବା ସହ ବିଦ୍ୟାଳୟକୁ ବଞ୍ଚାଇ ରଖିବାକୁ ଅଭିଭାବକମାନେ ଦାବି କରିଛନ୍ତି। ନଚେତ୍ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପୁରାତନ ଛାତ୍ରୀ, ଶିକ୍ଷୟିତ୍ରୀମାନେ ବିରୋଧ କରିଛନ୍ତି।

ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପଟ୍ଟନାୟକ କହିଛନ୍ତି, ୧୯୯୩-୯୭ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲି। ଆଚାର୍ଯ୍ୟ ବିହାର, ବୋର୍ଡ କଲୋନୀ ଆଦି ଆଖପାଖ ଅଞ୍ଚଳର ଛାତ୍ରୀମାନେ ଏଠାରେ ପାଠ ପଢ଼ନ୍ତି। ବହୁତ ପିଲା ଏଠାରୁ ପାଠ ପଢ଼ି ଏବେ ଭଲ ଭଲ ସ୍ଥାନରେ ରହିଛନ୍ତି। ଏହା ଏକ ଭଲ ଷ୍ଟାଣ୍ଡାର୍ଡର ସ୍କୁଲ। ତେଣୁ ଏହାକୁ ବନ୍ଦ ନ କରି ସେହିଠାରେ ଚାଲୁ ରହିବା ଉଚିତ।

ପୂର୍ବତନ ଛାତ୍ରୀ ତଥା ଅଧ୍ୟାପିକା ଅମିୟବାଳା ପରିଡ଼ା କହିଛନ୍ତି, ୧୯୮୪ ବେଳକୁ ମୁଁ ସେଠି ପଢୁଥିଲି। ସରକାର ସ୍ୱତନ୍ତ୍ର ଭାବେ ବାଳିକାଙ୍କ ପାଇଁ ସ୍କୁଲ ତିଆରି କରୁଥିବାବେଳେ ୟୁନିଟ୍-୯ ବାଳିକା ବିଦ୍ୟାଳୟକୁ ବନ୍ଦ କରିଦେବା ଉଚିତ ନୁହେଁ। ଝିଅମାନଙ୍କ ସୁରକ୍ଷା ଏବଂ ବିଭିନ୍ନ କାରଣ ପାଇଁ ସ୍ୱତନ୍ତ୍ର ବାଳିକା ବିଦ୍ୟାଳୟ ତିଆରି ହୋଇଥିଲା। ଏବେ ତାକୁ ବାଳକ ବିଦ୍ୟାଳୟରେ ମିଶାଇବା ଠିକ୍ ନୁହେଁ। ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଝିଅମାନଙ୍କ ପାଇଁ ଏକ ସମ୍ବେଦନଶୀଳ ସମୟ। ତେଣୁ ଅନେକ କ୍ଷେତ୍ରରେ ଅଭିଭାବକମାନେ ଝିଅମାନଙ୍କୁ ସ୍ୱତନ୍ତ୍ର ସ୍କୁଲରେ ପଢାଇବାକୁ ଉଚିତ ମଣନ୍ତି। ମାତ୍ର ଏବେ ସ୍କୁଲ ବନ୍ଦ କରିଦେବା ଦ୍ୱାରା ଛାତ୍ରୀମାନଙ୍କ ଉପରେ ଏହାର ଖରାପ ପ୍ରଭାବ ପଡିବ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଅନ୍ୟ ଜାଗା ଦେଇହେବ। ଏଥିପାଇଁ ଏତେ ବର୍ଷର ସୁନାମ ଥିବା ସ୍କୁଲକୁ ବନ୍ଦ କରିବା ଉଚିତ ନୁହେଁ। ଏନେଇ ପୁରୁଣା ଛାତ୍ରୀ ଏବଂ ଅଭିଭାବକମାନଙ୍କ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି।

ସେହିପରି ପୂର୍ବତନ ଛାତ୍ରୀ ତଥା ସାମାଜିକର୍ମୀ ଶୁଭଶ୍ରୀ ଦାଶ କହିଛନ୍ତି, ସପ୍ତମରୁ ଦଶମ ପର୍ଯ୍ୟନ୍ତ ସେଠାରେ ପାଠ ପଢିଥିଲି। ମୁଁ ଗୋଲ୍‌ଡେନ ଜୁବିଲି ପ୍ରେସିଡେଣ୍ଟ। କିଛିଦିନ ତଳେ ଗୋଲ୍‌ଡେନ ଜୁବିଲି ପାଳନ କରିଥିଲୁ। ବହୁତ ପିଲାଙ୍କର ସ୍ମୃତି ଏ ସ୍କୁଲ ସହିତ ଜଡିତ ରହିଛି। ତେଣୁ ହଠାତ୍ ଏଭଳି ନିଷ୍ପତ୍ତି ନେବା ଠିକ୍ ନୁହେଁ। ଅପରପକ୍ଷେ ବାଳିକା ବିଦ୍ୟାଳୟକୁ ବାଳକ ବିଦ୍ୟାଳୟ ସହିତ ହଠାତ୍ ମିଶାଇବା ଦ୍ୱାରା ଛାତ୍ରୀମାନେ ସେଠାରେ ନିଜକୁ ସହଜ ମନେକରିପାରିବେ ନାହିଁ। ତେଣୁ ଏ ସବୁକୁ ନେଇ ମନ ଭିତରେ କ୍ଷୋଭ ପ୍ରକାଶ ପାଉଛି।

## ଟାଇମ୍ ମାଗାଜିନ୍ କଭର୍‌ରେ...

ଦାବି ହୋଇଥିଲା। ୨୦୧୮ରେ ଟାଇମ୍ ମାଗାଜିନ୍ ପକ୍ଷରୁ ପ୍ରକାଶ ପାଇଥିବା ବିଶ୍ୱର ୧୦୦ ଲୋକପ୍ରିୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଦୀପିକାଙ୍କ ନାମ ସ୍ଥାନ ପାଇଥିଲା। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ହାଇପେଡ୍ ଅଭିନେତ୍ରୀଙ୍କ ଫିଲ୍ମକୁ ନେଇ ଦେଶରେ ଅନେକ ବିବାଦ ମୁଣ୍ଡ ଟେକିଥିଲା। ଅନ୍ୟପକ୍ଷେ ଚଳିତବର୍ଷ ପାଳନ କରାଯାଇଥିବା ୯୫ତମ ଓସ୍କାର ସମାରୋହରେ ଦୀପିକା ପ୍ରେଜେଣ୍ଟର ଭାବେ ଯୋଗ ଦେଇଥିଲେ। ତେବେ ଟାଇମ୍ ମାଗାଜିନ୍ କଭର୍‌ରେ ସ୍ଥାନ ପାଇଥିବା ଦୀପିକା ପ୍ରଥମ ହିନ୍ଦୀ ଜଗତ ଅଭିନେତ୍ରୀ ନୁହନ୍ତି। ଏହାପୂର୍ବରୁ ପରବୀନ ବାବତ, ଶାହରୁଖ ଖାନ୍, ଐଶ୍ୱର୍ଯ୍ୟା ରାୟ ଓ ପ୍ରିୟଙ୍କା ଚୋପ୍ରାଙ୍କ ଫଟୋ ଛପାଯାଇଛି।

୨୦୧୭ରେ ଦୀପିକା ହଲିଉଡ୍ ଫିଲ୍ମ 'ତ୍ରିପଲ୍ ଏକ୍ସ: ରିଟର୍ନ ଅଫ୍ ଜେଣ୍ଡ କେଜ୍' ଜରିଆରେ ସେ ହଲିଉଡ୍ ଫିଲ୍ମ ଜଗତରେ ପାଦ ଥାପିଥିଲେ। ସେହିପରି ୨୦୨୨ ଫିଫା ୱାର୍ଲ୍ଡକପ୍ ଟ୍ରଫି ଅନାବରଣ କାର୍ଯ୍ୟକ୍ରମ ଦୀପିକାଙ୍କ ଦ୍ୱାରା କରାଯାଇଥି। ଆଗାମୀ ଦିନରେ ଦୀପିକା ପାନ୍ ଇଣ୍ଡିଆ ଫିଲ୍ମ 'କେ'ରେ ନଜର ଆସିବେ। ଏଥିରେ ତାଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ବାହୁବଳୀ ଷ୍ଟାର ପ୍ରଭାସ।

## ଆଜି ସିବିଏସ୍‌ଇ...

ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ସେମାନଙ୍କ ସିବିଏସ୍‌ଇ ଡିଜିଟାଲ ମାର୍କଶିଟ୍ ଡିଜିଲକର ମାଧ୍ୟମରେ ଡାଉନ୍‌ଲୋଡ୍ କରିପାରିବେ। ଏହା ପୂର୍ବରୁ ଛାତ୍ରୀଛାତ୍ର ଡିଜିଲକରରେ ସେମାନଙ୍କର ଆକାଉଣ୍ଟ ଆକ୍ଟିଭେଶନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ଦରକାର। ଏଥିପାଇଁ ପରୀକ୍ଷାର୍ଥୀମାନେ results.cbse.nic.in, cbseresults.nic.in ଏବଂ digilocker.gov.in ଲଗଇନ୍ କରି ଆକାଉଣ୍ଟ ଖୋଲିବେ। ଏହାପରେ ବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ୬ ଅଙ୍କ ବିଶିଷ୍ଟ ପିନ୍ ଦେବାକୁ ପଡ଼ିବ। ଏଥିରେ ପରୀକ୍ଷାର୍ଥୀ ସବିଶେଷ ତଥ୍ୟ ଯାଞ୍ଚ କରିବା ପରେ ମୋବାଇଲ ନମ୍ବର ପ୍ରଦାନ କରିବେ। ମୋବାଇଲକୁ ଏକ ଓଟିପି ଆସିବା ପରେ ଡିଜି ଲକର୍ ଆକାଉଣ୍ଟ ସକ୍ରିୟ ହୋଇପାରିବ। ତେବେ ସିବିଏସ୍‌ଇ ପରୀକ୍ଷା ଫଳାଫଳ ଘୋଷିତ ହେବା ପରେ ପରୀକ୍ଷାର୍ଥୀ ଡିଜିଲକର ୱେବ୍‌ସାଇଟ କିମ୍ବା ଆପ୍‌କୁ ଉପଲବ୍ଧ ଲିଙ୍କ୍‌ରେ କ୍ଲିକ୍ କରିବାକୁ ପଡ଼ିବ। ଲଗଇନ୍ ବିବରଣୀ ପ୍ରଦାନ ପରେ ପରୀକ୍ଷାର୍ଥୀ ନିଜ ପରୀକ୍ଷାଫଳ ଦେଖିପାରିବେ ବୋଲି ସିବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଥାଉକି, ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଚଳିତବର୍ଷ ଫେବୃୟାରୀ ୧୫ରୁ ଆରମ୍ଭ ହୋଇଥିବାବେଳେ ମାର୍ଚ୍ଚ ୨୧ରେ ଦଶମ ଓ ଏପ୍ରିଲ ୫ରେ ଦ୍ୱାଦଶ ପରୀକ୍ଷା ଶେଷ ହୋଇଥିଲା। ସମଗ୍ର ଦେଶରୁ ମୋଟ ୩୮ ଲକ୍ଷ ୮୩ ହଜାର ୭୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ମ ଶ୍ରେଣୀରେ ୨୧ ଲକ୍ଷ ୮୬ହଜାର ୯୪୦ ଜଣ ଏବଂ ଦ୍ୱାଦଶରେ ୧୬ ଲକ୍ଷ ୯୬ ହଜାର ୭୭୦ଜଣ ପରୀକ୍ଷାର୍ଥୀ ରହିଥିଲେ।

## ୨୦୨୪ରେ ଏକାକୀ...

ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ସ୍ୱାର୍ଥ ସାଧିତ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିବା ନବୀନ କହିଛନ୍ତି।

ନବୀନ ଆହୁରି କହିଛନ୍ତି, ପୁରୀ ବିମାନବନ୍ଦର କାର୍ଯ୍ୟ ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସେପ୍ଟେମ୍ବର ୨୦୨୨ରୁ କ୍ଷେତ୍ର ଅନୁମତି ମିଳିନାହିଁ। ଭାରତ ନେଟ୍ ଫେଜ୍ ୨ରେ ଓଡ଼ିଶାକୁ ଅନ୍ତର୍ଭୁକ୍ତ କରି ପଞ୍ଚାୟତଗୁଡ଼ିକୁ ମାଗଣାରେ ଉଦ୍ୟମି ଯୋଜନାରେ ସାମିଲ କରିବାକୁ କୁହାଯାଇଛି। ପ୍ରତି ପଞ୍ଚାୟତରେ ୫ଟି ମାଗଣା ସଂଯୋଗ କରିବା କଥା ଉଠାଇଛନ୍ତି। ସେହିପରି ୨୦୧୭ ଏବଂ ୨୦୧୮ ରୁ ରାଜ୍ୟରେ ଆରମ୍ଭ ହେଇଥିବା ଅନେକ ଜାତୀୟ ରାଜପଥ ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇ ପଡିରହିଛି। ସେଗୁଡ଼ିକୁ ତୁରନ୍ତ ସାରିବା ଲାଗି ସେ ଆଲୋଚନା କରିଛନ୍ତି।

ସେହିପରି ନବୀନ ଆହୁରି କହିଛନ୍ତି, ଓଡ଼ିଶାରେ ମୋଟ୍ ୬୭୯୮ ଗ୍ରାମପଞ୍ଚାୟତ ରହିଛି। ସେଥି ମଧ୍ୟରୁ ଅନେକ ପଞ୍ଚାୟତ ବ୍ୟାଙ୍କିଙ୍ଗ୍ ସେବାରୁ ବଞ୍ଚିତ ଅଛି। ତେଣୁ ରାଜ୍ୟରେ ଯେତେସବୁ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସୁବିଧା ନାହିଁ ସେସବୁ ସ୍ଥାନରେ ଆସନ୍ତା ୨ ବର୍ଷ ମଧ୍ୟରେ ବ୍ୟାଙ୍କିଙ୍ଗ୍ ସେବା ଆରମ୍ଭ କରିବାକୁ ସେ କହିଛନ୍ତି। ଫଳରେ ବୃଦ୍ଧ ଏବଂ ଦିବ୍ୟାଙ୍ଗ ଲୋକମାନେ ଏହି ସୁବିଧା ପାଇପାରିବେ। ଏହିଭଳି ୪ଟି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ଆଲୋଚନା କରିଥିବା ଜଣାପଡିଛି। ତେବେ ନିକଟରେ ଅର୍ଥାତ୍ ଗତ ମଙ୍ଗଳବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓଡ଼ିଶା ଗସ୍ତରେ ଆସି ନବୀନଙ୍କ ସହ ଭେଟ କରିଥିଲେ। ଉଭୟଙ୍କ ମଧ୍ୟରେ ପାଖାପାଖି ଦେଢ଼ଘଣ୍ଟା ଧରି ଆଲୋଚନା ହୋଇଥିଲା। ହେଲେ ଏହି ଆଲୋଚନା ବେଳେ କେବଳ ଓଡ଼ିଶାରେ ବିହାର ସରକାରଙ୍କୁ ମାଗଣାରେ ଦେଢ ଏକର ଜମି ଯୋଗାଇଦେବା ବିଷୟରେ ଆଲୋଚନା ହୋଇଥିବା ବେଳେ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିବା ନବୀନ କହିଥିଲେ। ସେହିପରି କିଛିଦିନ ତଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ନବୀନ ସମାନ କଥା ଦୋହରାଇଥିଲେ। ଏହାପରେ ନବୀନ ଏବଂ ମୋଦିଙ୍କ ଭେଟଘାଟ ପରେ ରାଜନୈତିକ ମହଲରେ ଭିନ୍ନ ଧରଣର ଆଲୋଚନା ଜୋର୍ ଧରିଥିଲା। ହେଲେ ନବୀନ ଏହି ଅବସରରେ କୌଣସି ରାଜନୈତିକ ଆଲୋଚନା ହୋଇ ନାହିଁ କହି ଚର୍ଚ୍ଚାରେ ବିରାମ ଦେଇଛନ୍ତି।

# ନକଲି ନଡ଼ିଆତେଲ ତିଆରି ବେଳେ ଚଢ଼ାଉ, ୨ ଗିରଫ

**ରାଉରକେଲା ଅଫିସ,୧୧।୫**


ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଏ. ବି. ଲେନ୍ ଇସଲାମ ନଗରରେ ବିଭିନ୍ନ ଦାମୀ କମ୍ପାନୀ ଲେଭଲ ବ୍ୟବହାର କରି ନକଲି ନଡିଆ ତେଲ ଓ ବଜାଜ ଏଲମଣ୍ଡ ଡ୍ରପ୍ସ ତିଆରି ବେଳେ ପୋଲିସ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପ୍ଲାଣ୍ଟସାଇଡ ଥାନା ଏ. ବି. ଲେନ୍ ଇସଲାମ ନଗରର ଏମ୍‌ଡି ଜାକିର ହୁସେନ (୪୩) ଓ ସୟଦ ଅଖତାର(୪୧)। ଚଢାଉ ବେଳେ ୧୫ଶହ ଲିଟର ନକଲି ତେଲ, ୧୦୫୪ ଖାଲି ବୋତଲ ଓ ୫୯୨ ବଜାଜ ଆଲମଣ୍ଡ ତେଲ ବୋତଲ, ଦାମୀ କମ୍ପାନୀର ନକଲି ଲେଭଲ, ୧୫ ହଜାରରୁ ଉର୍ଦ୍ଧ୍ୱ ଠିପି ଏବଂ ପ୍ୟାକିଂ ମେଶିନ ଆଦି ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୨/୨୩) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

ରାଉରକେଲା ଏଏସ୍‌ପି ବିକ୍ରମ କେଶରୀ ଭୋଇ ପ୍ଲାଣ୍ଟସାଇଟ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ, ଏ. ବି. ଲେନ୍ ଇସଲାମ ନଗରର ଜାକିର ଗତ ୪ବର୍ଷ ହେଲା ନିଜ ଘରେ ବିଭିନ୍ନ ଦାମୀ କମ୍ପାନୀର ଲେଭଲ ବ୍ୟବହାର କରି ନକଲି ତେଲ ତିଆରି କରୁଥିଲେ ଏବଂ ସେଗୁଡ଼ିକୁ ଫେରିବାଲାଙ୍କ ମାଧ୍ୟମରେ ବିକ୍ରି କରୁଥିଲେ। ଏହି କାରବାରରେ ଅନ୍ୟ ଅଭିଯୁକ୍ତ ସୟଦ ତାଙ୍କୁ ସହଯୋଗ କରୁଥିଲେ। ସେମାନେ ରାୟପୁରରୁ କେମିକାଲ ମିଶ୍ରିତ ତେଲ, କଲିକତାରୁ ନିହାର ଓ ବଜାଜ ଆଲମଣ୍ଡ ନଡିଆତେଲ ବୋତଲ, ଠିପି ଏବଂ ବିଭିନ୍ନ କମ୍ପାନୀର ଲେଭଲ ଆଣୁଥିଲେ। ଏ ସମ୍ପର୍କରେ ପ୍ଲାଣ୍ଟସାଇଟ୍ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ବୁଧବାର ସନ୍ଧ୍ୟାରେ ଏକ ପୋଲିସ ଟିମ୍ ଜାକିରଙ୍କ ଘରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ବିଭିନ୍ନ ସାମଗ୍ରୀ ଜବତ କରିଥିଲା। ତେବେ ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି ସେ ନେଇ ତଦନ୍ତ ଚାଲିଥିବା ଅତିରିକ୍ତ ଏସ୍‌ପି ଭୋଇ କହିଛନ୍ତି।

# ସନାତନ ମହାକୁଡ଼ଙ୍କ ଘରେ ଆୟକର ଚଢ଼ାଉ

**ଯୋଡ଼ା/କେନ୍ଦୁଝର,(ଡି.ଏନ୍.ଏ./ସ୍ୱ.ପ୍ର.)/ ଭୁବନେଶ୍ୱର,୧୧।୫(ବ୍ୟୁରୋ)**






### ପିଏ ବିକାଶ ମହାନ୍ତିଙ୍କ ଘରେ ମଧ୍ୟ ଯାଞ୍ଚ

- ଭୁବନେଶ୍ୱର, ଯୋଡ଼ାର ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଏକକାଳୀନ ଚଢ଼ାଉ
- ବିଭିନ୍ନ କାଗଜପତ୍ର, ଟଙ୍କା ଆଦି ଜବତ ହୋଇଥିବା ସୂଚନା


ସନାତନ ମହାକୁଡ଼

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଖଣି ଲିଜ୍‌ଧାରୀ ସନାତନ ମହାକୁଡ଼ଙ୍କ ଘରେ ଗୁରୁବାର ଆୟକର ବିଭାଗ(ଆଇଟି) ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱର, କେନ୍ଦୁଝର ଓ ଯୋଡ଼ାର ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଆଇଟି ଟିମ୍ ଏକକାଳୀନ ଯାଞ୍ଚ କରୁଥିବା ଜଣାପଡ଼ିଛି। ଏଥିମଧ୍ୟରୁ ଭୁବନେଶ୍ୱର ଶହୀଦନଗରସ୍ଥିତ ବାସଭବନ ଓ କାର୍ଯ୍ୟାଳୟ ସମେତ ୪ଟି ସ୍ଥାନ, ଯୋଡ଼ା ନମ୍ବିରାରେ ଥିବା ପୈତୃକ ଘର, ଉଞ୍ଚବାଲି କାର୍ଯ୍ୟାଳୟ, କେନ୍ଦୁଝର କାର୍ଯ୍ୟାଳୟ ସମେତ ୧୦ରୁ ଉର୍ଦ୍ଧ୍ୱ ସ୍ଥାନ ରହିଛି। ଏପରିକି ତାଙ୍କର ବ୍ୟକ୍ତିଗତ ସହାୟକ(ପିଏ) ବିକାଶ ମହାନ୍ତିଙ୍କ ଘରେ ମଧ୍ୟ ଚଢ଼ାଉ ହେଉଥିବା ଜଣାପଡ଼ିଛି। ଟିକସ ଫାଙ୍କିବା ଅଭିଯୋଗରେ ଏହି ଚଢ଼ାଉ ହେଉଥିବା କୁହାଯାଉଥିବାବେଳେ ଆୟକର ବିଭାଗ ପକ୍ଷରୁ ଏନେଇ ଅଧିକ ସୂଚନା ଦିଆଯାଇନାହିଁ। ଆୟକର ବିଭାଗର ଅଧିକାରୀମାନେ ସନାତନଙ୍କୁ ପଚରାଉଚରା କରିବା ସହ ତାଙ୍କ ଘରୁ ଆୟ ସମ୍ବନ୍ଧିତ ବିଭିନ୍ନ କାଗଜପତ୍ର, ଟଙ୍କା ଆଦି ଜବତ କରିଥିବା ସୂଚନା ମିଳିଛି। ତେବେ ରେଡ୍ ସମୟରେ ଶହୀଦନଗରସ୍ଥିତ ବାସଭବନକୁ ଟଙ୍କାଗଣା ମେଶିନ୍ ଯାଇଥିବା ଦେଖିବାକୁ ମିଳିଥିଲା। ତେବେ କେତେ ଟଙ୍କା ଜବତ ହୋଇଛି ସେନେଇ ଏଜେନ୍ସି ପକ୍ଷରୁ ତଥ୍ୟ ରଖାଯାଇନାହିଁ।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟାରେ ଆୟକର ବିଭାଗର ଟିମ୍ ମହାକୁଡ଼ଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ମହାକୁଡ଼ଙ୍କ ଏକ ସଂସ୍ଥା ଖଣି ନିଲାମରେ ଅଂଶ ଗ୍ରହଣ କରି ଜଲହରୀ ଲୁହାପଥର ଖଣିକୁ ଅଧିକ ପ୍ରିମିୟମ ଦେଇ ହାତେଇଥିବା ଅଭିଯୋଗ ହୋଇଛି। ତେବେ ଚଢ଼ାଉ ବେଳେ ଆୟକର ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଛି। ଏହି ସମୟରେ ସ୍ଥାନୀୟ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚଢ଼ାଉରେ ସାମିଲ ଅଧିକାରୀମାନେ କିଛି କହୁ ନ ଥିବାରୁ ଅଧିକ ତଥ୍ୟ ଜଣାପଡ଼ିନାହିଁ। ଏନେଇ ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ମତାମତ ମିଳିପାରିନାହିଁ। ଉଲ୍ଲେଖଯୋଗ୍ୟ, ୨୦୨୦ ପୂର୍ବରୁ ମହାକୁଡ଼ଙ୍କ ବିଭିନ୍ନ ବ୍ୟବସାୟିକ ସଂସ୍ଥାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମଧ୍ୟ ଚଢ଼ାଉ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଦୃଢ଼ ଓ କଠୋରୁକ୍ତି ଫଳରେ ମୁହଁ ସାମ୍ନାରେ କଥା କହିବାକୁ ଅନ୍ୟମାନେ ପଛେଇବେ। ମୁହଁରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ଅଶ୍ୱିନୀ ନକ୍ଷତ୍ର ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ।

**ବୃଷ**
ସହକର୍ମୀଙ୍କ ସହଯୋଗରେ ଆଜିର କାମ ଆଗେଇ ନେବେ। ଅଫିସ୍ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ନିଜର ସ୍ୱାର୍ଥ ହାସଲ କରିପାରନ୍ତି। କୃତ୍ତିକା ନକ୍ଷତ୍ରର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**
କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହି ତିକ୍ତତା ସୃଷ୍ଟି ଆଶଙ୍କା ରହିଛି। ଆରଦ୍ରା ନକ୍ଷତ୍ର ସକାଶେ ସାଧାରଣ ତୋଷାମଦିଆ କଥାରେ ମନ ବଦଳି ଯାଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ଉଦ୍ୟମ ଅବ୍ୟାହତ ରଖିଲେ ମଧ୍ୟ ଯେତିକି ଓ ଯେମିତି ପାଇବା କଥା ତାହା ନ ପାଇ ଅନୁତପ୍ତ ହୋଇପାରନ୍ତି। ଅର୍ଥର ଅଭାବ ନ ଥିଲେ ମଧ୍ୟ କେତେକ ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହେବେ। ମାଲିମକଦ୍ଦମା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମାନସିକ ଅଶାନ୍ତି ବଢ଼ିବ।

**ସିଂହ**
ଗ୍ରହମାନଙ୍କ ଶୁଭତ୍ୱ କାରଣରୁ ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଏ ଦିଗରେ ସାହାଯ୍ୟ କରିବ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବାଣିଜ୍ୟ, ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା**
ଆଜି ଦିନଟିରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ବହୁତ ଦିନରୁ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅତି ପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟି ପାଇ ଖୁସି ଅନୁଭବ କରିବେ।

**ତୁଳା**
ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁ ସବୁଦିନ ପାଇଁ ସ୍ମରଣୀୟ ରହିଯାଇପାରନ୍ତି। କିନ୍ତୁ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡ଼ିପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା**
ଯାହା ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆଜି ଆକସ୍ମିକ ଭାବେ ତାହା ସମ୍ପନ୍ନ ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳ ହେବେ। ପରିବାର ସଦସ୍ୟଙ୍କ ତରଫରୁ ସମସ୍ୟା ଆସିପାରେ। ସଭାସମିତିରେ ସାଧାରଣ କଥାକୁ ଜଟିଳ ଭାବେ ଗ୍ରହଣ କରିପାରନ୍ତି।

**ଧନୁ**
କର୍ମଭାବରୁ କର୍ମାଧିପ ଅଷ୍ଟମସ୍ଥ ହେତୁ କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ସ୍ଥିତି ସୁଧାରିବାରେ ବନ୍ଧୁ ସାହାଯ୍ୟ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। କୌଣସି ବ୍ୟକ୍ତିଠାରୁ ହଠାତ୍ ଦୁଃଖଦ ଖବର ପାଇ ବିଚଳିତ ହେବେ। ଈର୍ଷାପରାୟଣ ମନୋଭାବ ପୋଷଣକରି ପଡ଼ୋଶୀ ବିଭିନ୍ନ ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରୁ ସୁଫଳ ପାଇବେ।

**କୁମ୍ଭ**
ପାରିବାରିକ ସମସ୍ୟାର ସମାଧାନ ଲାଗି ନିଜ ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ।

**ମୀନ**
ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା କାରଣରୁ ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିପାରନ୍ତି। ଅନ୍ୟମାନଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେବାରେ ପଛାଇବେ ନାହିଁ। ପରିସ୍ଥିତି ବଶତଃ ଧାର କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧହେବେ। ଫେରିବା ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ଶୁକ୍ରବାର, ଶ୍ରୀକ୍ଷେତ୍ରେ ଭଉଁରି, ମେ' ୧୨ ତାରିଖ, ଅନ୍ତର୍ଜାତୀୟ ନର୍ସ ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୬ମି. ଗତେ ଘ.୦୬।୦୭ମି. ମଧ୍ୟେ, ଘ.୦୬।୫୯ମି. ଗତେ ଘ.୦୮।୨୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୧୦।୦୬ମି. ଗତେ ଘ.୧୧।୪୩ମି. ମଧ୍ୟେ ରାହୁକାଳ॥




# ସୁମରବନ୍ଧ ପ୍ରଥମ ସରପଞ୍ଚଙ୍କୁ ହତ୍ୟା କଲେ ମାଓବାଦୀ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୧।୫**

କନ୍ଧମାଳ ଜିଲାରେ ରକ୍ତମୁଖା ହୋଇ ଉଠିଛନ୍ତି ମାଓବାଦୀ। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତର ପ୍ରଥମ ସରପଞ୍ଚଙ୍କୁ ସେମାନେ ବୁଧବାର ରାତିରେ ଗୁଳିକରି ହତ୍ୟା କରିଛନ୍ତି। ମୃତ ପୂର୍ବତନ ସରପଞ୍ଚ ହେଲେ ସାଉଲିପଡା ଗାଁର ସୁବଳ କହଁର। ରାତି ପ୍ରାୟ ୯ଟାରେ ୧୫ରୁ ୨୦ ଜଣ ମାଓବାଦୀ ସୁବଳଙ୍କ ଘର ପାଖରେ ପହଞ୍ଚିଥିଲେ। ୫ରୁ ୭ ଜଣ ତାଙ୍କୁ ଡାକିଥିଲେ। ଭୟରେ ସୁବଳ ଘର ପଛପଟ ଦେଇ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବାବେଳେ ମାଓବାଦୀମାନେ ତାଙ୍କୁ ଗୁଳି କରିଥିଲେ। ସେ ପଡିଯିବା ପରେ ଧାରୁଆ ଅସ୍ତ୍ରରେ ହାଣି ପକାଇଥିଲେ। ଘଟଣାସ୍ଥଳରେ ହିଁ ସୁବଳଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ମାଓବାଦୀ

### ପୋଲିସ ଇନ୍‌ଫର୍ମର ସନ୍ଦେହ


ସୁବଳ କହଁର

କିଛି ପୋଷ୍ଟର, ଲିଫ୍‌ଲେଟ ଛାଡ଼ି ଯାଇଛନ୍ତି। ଗୁରୁବାର ଅପରାହ୍ନରେ ଫିରିଙ୍ଗିଆ ପୋଲିସ ସୁବଳଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ୨୦୧୭ରେ ସୁମରବନ୍ଧକୁ ନୂତନ ପଞ୍ଚାୟତ ଘୋଷଣା କରାଯାଇଥିଲା। ସାମାଜିକ କର୍ମୀ ସୁବଳ କହଁର ନିର୍ବାଚନ ଲଢ଼ି ପ୍ରଥମ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଉଦ୍ୟମରେ ମାଓବାଦୀପ୍ରବଣ ଏହି ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା, ଯାହାକୁ ମାଓବାଦୀମାନେ ଗ୍ରହଣ କରି ପାରୁ ନ ଥିଲେ। ସେମାନେ ଅନେକ ଥର ସୁବଳଙ୍କୁ ଚେତାବନୀ ଦେଇଥିଲେ। ଏପରିକି ପ୍ରଜାକୋର୍ଟରେ ମଧ୍ୟ ତାଙ୍କୁ ଧମକ ଦିଆଯାଇ ଗାଁ ଛାଡି ଚାଲି ଯିବାକୁ କୁହାଯାଇଥିଲା। ସୁବଳ ଦୀର୍ଘ ଦିନ ହେବ ବାଲିଗୁଡ଼ାରେ ରହି ଆସୁଥିଲେ। ନିଜ ଅଞ୍ଚଳରେ ସିଆର୍‌ପିଏଫ କ୍ୟାମ୍ପ ପ୍ରତିଷ୍ଠା ହେବାରୁ ସେ ଘରକୁ ଆସିଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରୁ ସୁମରବନ୍ଧ ସିଆର୍‌ପିଏଫ୍ କ୍ୟାମ୍ପର ଦୂରତା ମାତ୍ର ଗୋଟିଏ କିଲୋମିଟର ହେବ। ଏତେ କଡ଼ା ସୁରକ୍ଷା ବଳୟରେ ଏଭଳି ଘଟଣା ଘଟିବାକୁ ନେଇ ଏବେ ସବୁଠି ପ୍ରଶ୍ନ ଉଠିଛି।ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।

# ୪ରୁ ୫ ଦିନ ବଢ଼ିବ ତାପମାତ୍ରା

### ୨୩ ଜିଲାରେ ତାପମାତ୍ରା ଅଧିକ ହେବ, ସଫଳ ମୁକାବିଲା ପାଇଁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

ରାଜ୍ୟରେ ଅନୁଭୂତ ହେଉଥିବା ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି।ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଆଗାମୀ ୪ରୁ ୫ ଦିନ ପାଇଁ ତାପମାତ୍ରା ବୃଦ୍ଧି ପାଇବା ଯୋଗୁ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ।ପୂର୍ବାନୁମାନ ଅନୁଯାୟୀ ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ବରଗଡ଼, ଭଦ୍ରକ, କଟକ, ଦେଓଗଡ଼, ଢେଙ୍କାନାଳ, ଗଜପତି, ଜଗତ୍‌ସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ତାପମାତ୍ରା ଅଧିକ ରହିବା ସମ୍ଭାବନା ଅଛି। ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସମସ୍ତ ବଜାର, ବସ୍‌ଷ୍ଟାଣ୍ଡ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟଜଳ ସେବା କେନ୍ଦ୍ରର ବ୍ୟବସ୍ଥା କରାଯିବ।ଏହା ବ୍ୟତୀତ ଜଳକ୍ଲିଷ୍ଟ ଅଞ୍ଚଳଗୁଡ଼ିକରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ସମସ୍ତ ନଳକୂପ ଏବଂ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥାଗୁଡ଼ିକର ତୁରନ୍ତ ମରାମତି କରି ସେଗୁଡ଼ିକୁ ଶତପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନଗୁଡ଼ିକରେ ପାନୀୟଜଳ ଏବଂ ଓଆର୍‌ଏସ୍ ମହଜୁଦ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟରେ ଯଥେଷ୍ଟ ପରିମାଣର ଜୀବନରକ୍ଷାକାରୀ ଔଷଧ, ସାଲାଇନ୍ ଓ ଓଆର୍‌ଏସ୍ ମହଜୁଦ ରଖିବା ସଙ୍ଗେ ସଙ୍ଗେ ଅଂଶୁଘାତର ଶିକାର ହୋଇଥିବା ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବେଡ୍‌ର ବ୍ୟବସ୍ଥା କରାଯିବ। ଗ୍ରୀଷ୍ମପ୍ରବାହ ଯୋଗୁ ସର୍ବାଧିକ ଉତ୍ତାପ ଥିବା ସମୟରେ ଶ୍ରମିକଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ଏହାସହ କାର୍ଯ୍ୟସ୍ଥଳୀଗୁଡ଼ିକରେ ବିଶ୍ରାମ ନେବା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ସହିତ ଯଥେଷ୍ଟ ପରିମାଣର ପାନୀୟ ଜଳ ଏବଂ ଓଆର୍‌ଏସ୍ ପ୍ୟାକେଟ୍ ମହଜୁଦ ରହିବ।ଗୃହପାଳିତ ପଶୁପକ୍ଷୀ ଓ ବନ୍ୟଜନ୍ତୁମାନଙ୍କ ପାଇଁ ସ୍ୱତନ୍ତ୍ର ଜଳପୂର୍ଣ୍ଣ ପାତ୍ର/କୁଣ୍ଡର ବ୍ୟବସ୍ଥା କରିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଠିକ୍ ଭାବେ କାର୍ଯ୍ୟକୁ ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟରେ ଆଉ ୧୧୮୧ ଡାକ୍ତର ନିଯୁକ୍ତ ହେବେ

**ଭୁବନେଶ୍ୱର, ୧୧।୫ (ବ୍ୟୁରୋ)**

ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଦକ୍ଷ ଡାକ୍ତରଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଲୋକସେବା ଆୟୋଗ ମାଧ୍ୟମରେ ଡାକ୍ତର ଚୟନ କରାଯାଉଛି। ଏହିକ୍ରମରେ ଆଉ ୧୧୮୧ଜଣ ଡାକ୍ତରଙ୍କୁ ନିଯୁକ୍ତ ଦେବା ନେଇ ଅନୁମୋଦନ ମିଳିଛି। ଓଡ଼ିଶା ମେଡିକାଲ ଆଣ୍ଡ ହେଲ୍‌ଥ ସର୍ଭିସ କ୍ୟାଡରର ଏହି ଏଲୋପାଥିକ୍ ଡାକ୍ତରଙ୍କୁ ଏନ୍‌ଆଇସି ଦ୍ୱାରା ଅନ୍‌ଲାଇନ୍ କାଉନ୍‌ସେଲିଂ ମାଧ୍ୟମରେ ଆବଣ୍ଟିତ ଜିଲାରେ ନିଯୁକ୍ତି ଦିଆଯିବ।

# ଟ୍ରେନ୍‌ରେ କଟି ଆର୍‌ପିଏଫ୍ କନଷ୍ଟେବଲ ମୃତ

**ସମ୍ବଲପୁର, ୧୧।୫(ବ୍ୟୁରୋ)**

ସମ୍ବଲପୁର ଷ୍ଟେଶନରେ ବୁଧବାର ରାତିରେ ଟ୍ରେନ୍‌ରେ କଟି ଜଣେ ଆର୍‌ପିଏଫ୍ କନଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋନପୁର ଜିଲା ଡୁଙ୍ଗୁରିପାଲି କନ୍ଦାଗାଡ ଗ୍ରାମର ସରୋଜ ନାଏକ। ଜିଆର୍‌ପି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ ରାତି ୯ଟା ସମୟରେ ସରୋଜ ୱାସିଂ ଲାଇନ୍‌ରେ କାର୍ଯ୍ୟରତ ଥିଲେ । ସେ ସମୟରେ ଏକ ଟ୍ରେନ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଟ୍ରେନ୍‌ରେ କଟି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।




# ବିକ୍ରି ହେଉନି ଆପାର୍ଟମେଣ୍ଟ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

ଗତ ୧ ବର୍ଷ ହେବ ଆପାର୍ଟମେଣ୍ଟ କିଣା ବିକା ଅଟକିଛି। କମନ ଏରିଆ ମାଲିକାନାକୁ ନେଇ ବଢ଼ିଚାଲିଛି ଝମେଲା। ଆସୋସିଏଶନ ପାଇଁ ରାଜ୍ୟରେ କୌଣସି ଆଇନ ନ ଥିବାରୁ ଘର ବୁକ୍ କଲେ ମଧ୍ୟ ନିଜ ନାମରେ ସେଲ୍‌ଡିଡ୍ ବା ମାଲିକାନ ସ୍ୱତ୍ୱ ମିଳୁନାହିଁ, ଯାହାକୁ ନେଇ ଦୀର୍ଘଦିନ ଧରି ଘରଖଣ୍ଡେ ପାଇଁ ସବୁ ଅର୍ଥ ଜମା କରିଥିବା ଲୋକମାନେ ଚିନ୍ତାରେ ପଡ଼ିଛନ୍ତି। ବିକ୍ରି ଅଟକି ଥିବାରୁ ଆପାର୍ଟମେଣ୍ଟ ନିର୍ମାଣ କରିଥିବା ବିଲ୍‌ଡର ମଧ୍ୟ ଋଣ ଭାରରେ ବୁଡ଼ିଲେଣି। ଖାଲି ସେତିକି ନୁହେଁ, ସରକାରୀ ଉଦାସୀନତା ଯୋଗୁ ବର୍ଷକରେ ରାଜକୋଷକୁ ଆସିବାକୁ ଥିବା ପ୍ରାୟ ୧୨୦୦ କୋଟି ଟଙ୍କା ରାଜସ୍ୱ ଝୁଲି ରହିଛି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ପ୍ରାୟ ୧୫ରୁ ୨୦ ହଜାର ଆପାର୍ଟମେଣ୍ଟ ବିକ୍ରି ହୋଇପାରୁ ନାହିଁ। ସେଥିରୁ ୫ରୁ ୬ ହଜାର ଆପାର୍ଟମେଣ୍ଟ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ରେରା) ଆଇନ ଜାଲରେ ଛନ୍ଦିହୋଇ ରହିଛି। ରେରା ଆଇନ-୨୦୧୬ର ସେକ୍ସନ-୧୭ ଅନୁଯାୟୀ ଘର ସହିତ କମନ ଏରିଆ ଆପାର୍ଟମେଣ୍ଟ ଓନର୍ସ ଆସୋସିଏଶନ ନାମରେ ରେଜିଷ୍ଟ୍ରେଶନ କରିବା ବାଧ୍ୟତାମୂଳକ। ଆସୋସିଏଶନ ନ ଥିଲେ ସବୁ ଟଙ୍କା ଦେଇଥିଲେ ମଧ୍ୟ ଘର ବୁକିଂ କରିଥିବା ବ୍ୟକ୍ତିଙ୍କ ନାମରେ ଆପାର୍ଟମେଣ୍ଟ ପଞ୍ଜୀକରଣ କରାଯାଇ ପାରିବ ନାହିଁ। ରାଜ୍ୟରେ ୨୦୧୭ରେ ଓରେରା ଗଠନ କରାଯାଇଥିଲେ ମଧ୍ୟ ରେରା ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ ନ କରି ଆପାର୍ଟମେଣ୍ଟ ପଞ୍ଜୀକରଣ ଚାଲିଥିଲା। ଏହା ବିରୋଧରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ୨୦୨୨ ମେ'୧୨ ତାରିଖରୁ ଆପାର୍ଟମେଣ୍ଟ ପଞ୍ଜୀକରଣ ବନ୍ଦ ରହିଛି। ରେରା ଆଇନ ଅନୁଯାୟୀ ପଞ୍ଜୀକରଣ କରିବାକୁ ହାଇକୋର୍ଟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଆପାର୍ଟମେଣ୍ଟ ଓନର୍ସ ଆସୋସିଏଶନ ଗଠନ ପାଇଁ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍-୨୦୨୩ ଗତ ବିଧାନସଭା ଅଧିବେଶନର ଅନୁମୋଦନ ପାଇଁ ଉପସ୍ଥାପନ କରିଥିଲେ। ବିଲ୍ ପାସ୍ ହୋଇଥିଲେ ରେଜିଷ୍ଟ୍ରେଶନ ପାଇଁ ବାଟ ଫିଟିଥାଆନ୍ତା । ମାତ୍ର ଏହି ବିଲ୍‌କୁ ସରକାର ବିନା ଆଲୋଚନାରେ ପ୍ରତ୍ୟାହାର କରି ନେଇଛନ୍ତି। ସରକାର ଅଧ୍ୟାଦେଶ(ଅର୍ଡିନାନ୍ସ) ଆଣି ଏହି ବିଲ୍‌କୁ କାର୍ଯ୍ୟକାରୀ କରିବେ କି ଆସନ୍ତା ଅଧିବେଶନରେ ବିଲ୍‌କୁ ଅନୁମୋଦନ ପାଇଁ ଅପେକ୍ଷା କରିବେ ତାହା ଏବେ ବି ଅସ୍ପଷ୍ଟ ରହିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ବିଲ୍‌ରେ କିଛି ତ୍ରୁଟି ରହିଛି। ସେସବୁର ସଂଶୋଧନ ପରେ ବିଧାନସଭାରେ ଉପସ୍ଥାପନ କରାଯିବ।

କ୍ରେଡାଇ ଚେୟାରମ୍ୟାନ ଡି.ଏସ୍. ତ୍ରିପାଠୀ କହିଛନ୍ତି,ବର୍ଷେ ହେବ ଆପାର୍ଟମେଣ୍ଟ ବିକ୍ରି ହୋଇପାରୁ ନାହିଁ। ଉଭୟ କ୍ରେତା ଓ ବିକ୍ରେତା ଚାପରେ ଅଛନ୍ତି। ବିଲ୍ ପାସ୍ ହେଲା ନାହିଁ। ସରକାର ଅର୍ଡିନାନ୍ସ ମାଧ୍ୟମରେ ବିଲ୍‌କୁ କାର୍ଯ୍ୟକାରୀ କରିବେ ବୋଲି ଶୁଣାଯାଉଥିଲା। ଏ ପର୍ଯ୍ୟନ୍ତ କିଛି ହୋଇ ନାହିଁ। ବିଲ୍‌ରେ କିଛି ସମସ୍ୟା ରହିଛି। କମନ ଏରିଆ ରେଜିଷ୍ଟ୍ରେଶନ ହେବା ପରେ ବୁକିଂ କରିଥିବା ଲୋକମାନଙ୍କର ରେଜିଷ୍ଟ୍ରେଶନ ହେବ। ରେରା ଆଇନ ଅନୁଯାୟୀ ପ୍ରକଳ୍ପର ୫୦ ପ୍ରତିଶତ ବୁକିଂ ନ ହେଲେ ଆସୋସିଏଶନ ଗଠନ କରାଯାଇପାରିବ ନାହିଁ। ଆସୋସିଏଶନ ଏକ ନନ୍‌ପ୍ରଫିଟେବଲ ସଂସ୍ଥା ହୋଇଥିବାରୁ କମନ ଏରିଆ ରେଜିଷ୍ଟ୍ରେଶନ ଫି' ଛାଡ଼ କରିବାକୁ ଆମେ ଦାବି କରିଛୁ। ଏହାଛଡ଼ା ୨୦୧୭ ପୂର୍ବରୁ ଯେଉଁ ଆସୋସିଏଶନ ଅଛି ସେ ସବୁକୁ ଏହି ନୂଆ ରୁଲ୍‌ରୁ ଅଲଗା ରଖିବାକୁ ଦାବି କରାଯାଇଛି। ନୂଆ ରୁଲ୍ ଆସିବା ବିଳମ୍ବ ହେବା ଦ୍ୱାରା ବିଲ୍‌ଡରଙ୍କୁ ବକେୟା ଅର୍ଥ ମିଳିପାରୁ ନାହିଁ। ଏସବୁକୁ ଦୃଷ୍ଟିରେ ରଖି ବିଲ୍‌ଡର ଆସୋସିଏଶନ ପକ୍ଷରୁ ଯେଉଁ ଦାବି କରାଯାଇଛି ତାହାକୁ ସରକାର ଗ୍ରହଣ କରି ବିଲ୍ ଆଣିବା ଦରକାର, ଯଦ୍ୱାରା ଉଭୟ ବିଲ୍‌ଡର ଓ ଘର ବୁକିଂ କରିଥିବା ଲେକମାନେ ଆର୍ଥିକ ବୋଝରୁ ମୁକ୍ତି ପାଇବେ ଓ ପଞ୍ଜୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିପାରିବ।

ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ଚେୟାରମ୍ୟାନ ସିଦ୍ଧାନ୍ତ ଦାସ କହିଛନ୍ତି, ଯେ ପର୍ଯ୍ୟନ୍ତ ନୂଆ ରୁଲ୍ ଆସି ନାହିଁ ସେ ପର୍ଯ୍ୟନ୍ତ ରେଜିଷ୍ଟ୍ରେଶନ ହୋଇପାରିବ ନାହିଁ। ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ନୂଆ ରୁଲ୍ ଆସିବା ପରେ ପଞ୍ଜୀକରଣ ଆରମ୍ଭ ହେବ। ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

ଆପାର୍ଟମେଣ୍ଟ ବୁକ୍ କରିଥିବା ଶୈଳେନ୍ଦ୍ର ନାୟକ କହିଛନ୍ତି, ଘର ପାଇଁ ଋଣ କରି ସବୁ ଟଙ୍କା ଜମା କରି ଦେଇଛି। ଏ ପର୍ଯ୍ୟନ୍ତ ଘର ମିଳିପାରୁ ନାହିଁ। ଘରଭଡ଼ା ଦେବା ସହ ଆପାର୍ଟମେଣ୍ଟ ବୁକିଂ ପାଇଁ ମାସିକ କିସ୍ତି ଦେବାକୁ ପଡୁଛି । ସରକାର ତୁରନ୍ତ ନୂଆ ରୁଲ୍ କାର୍ଯ୍ୟକାରୀ କରନ୍ତୁ। ନଚେତ୍ ପଞ୍ଜୀକରଣ ପାଇଁ ଅନୁମତି ଦିଅନ୍ତୁ।




# ବନ୍ଧୁଙ୍କ କଟୁରି ଚୋଟରେ ଜୀବନ ଗଲା

### ନାବାଳିକା ଅପହରଣ ମାମଲାରେ ଦୁହେଁ ଯାଇଥିଲେ ଜେଲ

**ଢେଙ୍କାନାଳ ଅଫିସ, ୧୧।୫**

ବନ୍ଧୁଙ୍କ ନାବାଳିକା ପ୍ରେମିକାଙ୍କୁ ଅପହରଣରେ ସହଯୋଗ କରି ଯାଇଥିଲେ ଜେଲ। ୩ବର୍ଷ କାଳ ହାଜତରେ ରହି ଫେରିବା ପରେ ମାମଲାର ସମାଧାନ କରିବାକୁ ଘନିଷ୍ଠ ସାଙ୍ଗଙ୍କୁ ନେହୁରା ହୋଇଥିଲେ। ହେଲେ ଯାହାଙ୍କ ପାଇଁ ଏତେସବୁ କାଣ୍ଡ ଘଟିଲା, ସେ ଧରାଛୁଆଁ ଦେଲେନାହିଁ। ଫଳରେ ପଞ୍ଚମକୁ ଉଠିଗଲା କ୍ରୋଧ। ଯେଉଁ ବନ୍ଧୁଙ୍କ ପାଇଁ ଦିନେ ଜେଲର ଅନ୍ଧାରି କୋଠରିରେ ବନ୍ଦୀ ଜୀବନ କାଟିଥିଲେ, ଶେଷରେ ତାଙ୍କୁ ହିଁ ସବୁଦିନ ପାଇଁ ସଫା କରିଦେଲେ। ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ପୁରୁଣାଅମାଙ୍ଗ ଗ୍ରାମରେ ଗୁରୁବାର ଭୋର ସମୟରେ ଘଟିଛି ଏଭଳି ବୀଭତ୍ସ ହତ୍ୟାକାଣ୍ଡ। ହତ୍ୟାର ଶିକାର ହୋଇଛନ୍ତି ରଞ୍ଜନ ପାଗଡ଼। ଅଭିଯୁକ୍ତ ଅମର ପାଗଡ଼ ଘଟଣା ପରେ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ପୁରୁଣାଅମାଙ୍ଗ ଗ୍ରାମର ଦୁଇବନ୍ଧୁ ଅମର ଓ ରଞ୍ଜନ ତାଳଚେର ଅଞ୍ଚଳରେ ରହି ମୁଢ଼ି ବ୍ୟବସାୟ କରୁଥିଲେ। ରଞ୍ଜନ ଭଲ ପାଉଥିବା ନାବାଳିକା ପ୍ରେମିକାଙ୍କୁ ଅପହରଣ କରି ନେଇଥିବାବେଳେ ଏଥିରେ ସହଯୋଗ କରିଥିଲେ ଅମର। ୪ବର୍ଷ ତଳେ ଏହି ଘଟଣା ଘଟିଥିବା ବେଳେ ଉଭୟେ ତାଳଚେର ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିଲେ। ମାମଲାର ବର୍ଷକ ମଧ୍ୟରେ ରଞ୍ଜନ ଜାମିନରେ ଆସିଥିବାବେଳେ ସହଯୋଗୀ ଅମରଙ୍କୁ ଏଥିଲାଗି ୩ ବର୍ଷ ଲାଗିଯାଇଥିଲା। ଜେଲରୁ ଜାମିନରେ ମୁକୁଳିବା ପରେ ଉକ୍ତ ଅପହରଣ ମାମଲାର ସମାଧାନ କରିବାକୁ ଅମର ଅନୁରୋଧ କରିଥିଲେ। ହେଲେ ରଞ୍ଜନ ତାଙ୍କୁ ଏଥିରେ ସହଯୋଗ କରିବା ତ ଦୂରର କଥା, ଧରାଛୁଆଁ ଦେଉ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ବୁଧବାର ରାତିରେ ରଞ୍ଜନ ଗ୍ରାମର ଏକ ମନ୍ଦିର ବାରଣ୍ଡାରେ ଶୋଇଥିବାବେଳେ ଭୋର୍ ପ୍ରାୟ ସାଢ଼େ ୪ଟାରେ ଅମର ଏକ କଟୁରିରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ରଞ୍ଜନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନା ପାଇ ନିହାଲପ୍ରସାଦ ଥାନା ପୋଲିସ ଘଟଣାସ୍ଥଳରେ ତଦନ୍ତ କରିଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୮୧/୨୩, ଦଫା ୩୦୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଅନ୍ୟପଟେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଅମର ଯାଜପୁର ଜିଲାକୁ ଫେରାର ହୋଇଯାଇଛନ୍ତି। ଥାନାଧିକାରୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିବା ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।

“ କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁ ହିଁ ଅତିମାନବର ଉଦ୍‌ଭବ ହେବ। **–ଶ୍ରୀଅରବିନ୍ଦ**



# ପ୍ରତିବଦ୍ଧତା ଓ ସମର୍ଥନ ଲୋଡ଼ା




ମାସିଏଜ କିସିଲୋସ୍କି
ସହ– ପ୍ରାଧ୍ୟାପକ, ଲ’ ଆଣ୍ଡ ପବ୍ଲିକ ମ୍ୟାନେଜମେଣ୍ଟ, ସେଣ୍ଟ୍ରାଲ ୟୁରୋପିଆନ ୟୁନିଭର୍ସିଟି

ଆନ୍ନା ଓଜସିୟୁକ
ସହ–ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ, ୟୁନିଭିସିର୍ସଟି ଅଫ୍ ୱାର୍‌ସ

ଚଳିତ ମାସରେ ତୁର୍କୀରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେଉଛି। ଏହାପରେ ଅକ୍ଟୋବର ସୁଦ୍ଧା ପୋଲାଣ୍ଡରେ ସଂସଦୀୟ ନିର୍ବାଚନ ହେବ। ଏହି ଦୁଇ ନିର୍ବାଚନ ୨୦୨୦ରେ ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଆରମ୍ଭ ହୋଇଥିବା ଜୋ ବାଇଡେନଙ୍କ ବିଜୟ ଏବଂ ବ୍ରାଜିଲରେ ଜେର୍ ବୋଲସୋନାରୋଙ୍କ ବିରୋଧରେ ଲୁଇଜ ଇନାସିଓ ଲୁଲା ଡି ସିଲ୍‌ଭାଙ୍କ ବିଜୟର ଧାରାକୁ ଏହା ବଜାୟ ରଖିପାରେ। ଉଭୟ ନିର୍ବାଚନ ପପୁଲିଷ୍ଟ ଅଥୋରିଟାରିଆନ ବା ସାଧାରଣ ଲୋକଙ୍କୁ ନିଜ ମତ ଓ ବିଚାରଧାରା ପ୍ରଭାବିତ କରୁଥିବା ଏକଛତ୍ରବାଦୀମାନଙ୍କ ବିରୋଧରେ ଏକ ହାୱା ଫେରୁଛି ବୋଲି ଦୃଢ ଧାରଣା ସୃଷ୍ଟି କରିଥିଲା । ଗଣତାନ୍ତ୍ରିକ ଶକ୍ତିଗୁଡ଼ିକ ପାଇଁ ନିର୍ବାଚନୀ ସଫଳତା ହିଁ ଏକମାତ୍ର ତଥା ପ୍ରାରମ୍ଭିକ ପଦକ୍ଷେପ। ତେବେ ଯେତେବେଳେ ଏକ ଏକଛତ୍ରବାଦୀ ସରକାର ତା’ କ୍ଷମତା ହରାଏ କିମ୍ବା ଅସ୍ଥିର ହୋଇଯାଏ ତା’ ପରେ ସଂସ୍ଥାଗତ ପୁନର୍ଗଠନ ପାଇଁ କଠିନ ପରିଶ୍ରମ ଆରମ୍ଭ ହୋଇଯାଏ। କିନ୍ତୁ ଏବେ ପ୍ରମୁଖ ରାଜନୈତିକ ଶକ୍ତିଗୁଡ଼ିକ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ନିର୍ବାଚନ ବ୍ୟବସ୍ଥାର ମୌଳିକତାକୁ ଗ୍ରହଣ କରିବାକୁ ନାରାଜ ଥିବାବେଳେ ସ୍ୱଚ୍ଛ ଗଣତନ୍ତ୍ର ଲାଗି ଯେଉଁସବୁ ନେତୃତ୍ୱ ନିଆଯାଉଛି ତାହାର ସଫଳତା କିଭଳି ସମ୍ଭବ ହେବ। ବିଂଶ ଶତାବ୍ଦୀର ଶେଷାର୍ଦ୍ଧର ଗଣତନ୍ତ୍ରୀକରଣର ତୃତୀୟ ଲହର ଥିଲା ପ୍ରାୟତଃ ସମ୍ପୂର୍ଣ୍ଣ ନିଆରା, ଯାହାକୁ ଆମେ ସହଯୋଗଭିତ୍ତିକ ପରିବର୍ତ୍ତନ କହିପାରିବା। ଶାସନ ପତନ ହେବା ପଛରେ ଥିବା ରାଜନୈତିକ ଶକ୍ତିଗୁଡ଼ିକ ଏହି ପରିବର୍ତ୍ତନ ସହ ବୁଝାମଣା କରିଥିଲେ କିମ୍ବା କ୍ଷମତାରୁ ସମ୍ପୂର୍ଣ୍ଣ ଦୂରେଇ ରହିଥିଲେ ବି ସେମାନେ ବିନା ବିରୋଧରେ ମାନିନେବାକୁ ସହମତ ହୋଇଥିଲେ ଏବଂ ବେଳେବେଳେ ଏକନୂଆ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମର୍ଥନ କରିବାକୁ ଆଗକୁ ଆସିଥିଲେ। ଉଦାହରଣସ୍ୱରୂପ, ପୋଲାଣ୍ଡରେ ପୋଲିଶ୍ ପିପୁଲ୍ସ ରିପବ୍ଲିକର ନେତା ଜେନେରାଲ ଓଜସିକ ଜରୁଜେଲସ୍କି ସଲିଡାରିଟି ମୁଭ୍‌ମେଣ୍ଟ ସହ ଚୁକ୍ତି କରି ୧୯୮୯ରେ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିଥିଲେ। ଚିଲିରେ ମଧ୍ୟ ଜେନେରାଲ ଅଗଷ୍ଟୋ ପିନୋକେଟ ୧୯୯୦ରେ ପଦ ହରାଇବା ପରେ ସିନେଟରେ ଏକ ଆଜୀବନ ସଦସ୍ୟ ରହିଥିଲେ। ଦଶନ୍ଧିର ମଧ୍ୟଭାଗ ସୁଦ୍ଧା ପୂର୍ବତନ କମ୍ୟୁନିଷ୍ଟ ବ୍ୟକ୍ତିତ୍ୱଗଣ କେନ୍ଦ୍ରୀୟ ୟୁରୋପର ଦେଶଗୁଡ଼ିକରେ ସଂଘଠିତ ମୁକ୍ତ ଓ ଅବାଧ ନିର୍ବାଚନରେ ଜିତୁଥିଲେ ଏବଂ ହାରିବାର ପରିଣାମକୁ ଗ୍ରହଣ କରୁଥିଲେ। କିନ୍ତୁ ଦୁର୍ଭାଗ୍ୟ ଯେ, ଟ୍ରମ୍ପ ଏବଂ ବୋଲସୋନାରୋଙ୍କ ଭଳି ଏକଛତ୍ରବାଦୀ ନେତାମାନେ ଏକ ସମ୍ପୂର୍ଣ୍ଣ ଅଲଗା, ଅଣ ସହଯୋଗଭିତ୍ତିକ ଢାଞ୍ଚାକୁ ସମର୍ଥନ କରିଥିଲେ। ଉଭୟ କ୍ଷମତାରୁ ବାହାରିଯାଇଥିଲାବେଳେ ସେମାନେ କିମ୍ବା ସେମାନଙ୍କ ସମର୍ଥକମାନେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବା ଲକ୍ଷ୍ୟରୁ ଓହରି ପାରିନାହାନ୍ତି। ଟ୍ରମ୍ପଙ୍କ ନିର୍ବାଚନ ପରାଜୟର ପାଖାପାଖି ୩ ବର୍ଷ ପରେ ତାଙ୍କ ସମର୍ଥକମାନେ ବି କହୁଛନ୍ତି ଯେ ନିର୍ବାଚନରେ ଅନିୟମିତତା ହୋଇଥିଲା। ଟ୍ରମ୍ପ ମଧ୍ୟ ଆସନ୍ତା ବର୍ଷ ପୁଣି ବାଇଡେନଙ୍କ ସହ ଏକ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରସ୍ତୁତ ହେଉଛନ୍ତି। ସେ ଆମେରିକାର ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକରୁ ପୈଶାଚିକ ଶକ୍ତିମାନଙ୍କୁ ହଟାଇବାକୁ ଶପଥ ନେଇଛନ୍ତି। ଏହା ସହ ଗତ ମାସରେ ଟେକ୍ସାସର ୱାକୋରେ ଆୟୋଜିତ ରାଲିରେ କହିଥିଲେ ଯେ, ସେନା, ପୋଲିସ କିମ୍ବା ରାଜନୈତିକ ଗୋଷ୍ଠୀଙ୍କ ଗୁପ୍ତ କାର୍ଯ୍ୟ ଆମେରିକାକୁ ନଷ୍ଟ କରିଦେବ କିମ୍ବା ଆମେ ସେଭଳି ବ୍ୟବସ୍ଥାକୁ ନଷ୍ଟ କରିଦେବା।



କେବଳ ଆମେରିକା ନୁହେଁ, ପୋଲାଣ୍ଡର ଶାସକ ଲ ଆଣ୍ଡ ଜଷ୍ଟିସ ପାର୍ଟି (ପିଆଇଏସ୍) ଏବଂ ଉଦାରବାଦୀ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ୨୦୦୭ ପରଠାରୁ ତୃତୀୟ ଲଢେଇ ହେବାକୁ ଯାଉଛି। ପ୍ରଥମ ଲଢେଇରେ ବିରୋଧୀମାନେ ବିଜୟୀ ହୋଇଥିଲେ। ପିଆଇଏସ୍ ସରକାରରେ ଆଭ୍ୟନ୍ତରୀଣ ଲଢେଇ ଯୋଗୁ ତାହାର ପତନ ଘଟିଥିଲା। ତେବେ ବିଜୟୀ ମେଣ୍ଟ ସରକାରର ନେତୃତ୍ୱ ନେଇଥିଲେ ଡୋନାଲ୍ଡ ଟସ୍କ, କିନ୍ତୁ ପରେ ପିଆଇଏସ୍‌ର ଭୁଲ୍‌କାମର ପ୍ରତିଶୋଧ ନେବାରେ ଦ୍ୱନ୍ଦ୍ୱମୟ ସ୍ଥିତିର ସମ୍ମୁଖୀନ ହୋଇଥିଲେ। ତାଙ୍କ ନିକଟରେ ଦୁଇଟି ବିକଳ୍ପ ଥିଲା–ପିଆଇଏସ୍‌ର ଦୁର୍ନୀତିଗ୍ରସ୍ତ ନ୍ୟାୟ ମନ୍ତ୍ରୀ ଜିବିଗ୍‌ନ୍ୟୁ ଜିଓବ୍ରୋଙ୍କ, ଦ୍ୱାରା କ୍ଷମତାର ଦୁରୁପଯୋଗ କରିବା ତଥ୍ୟ ସାମ୍‌ନାକୁ ଆଣିବା କିମ୍ବା ବିକଳ୍ପ ଭାବେ ରାଜନୈତିକ ସମନ୍ୱୟ ହିତରେ ଏକ କୋହାଳ ଦୃଷ୍ଟିକୋଣ ଆପଣାଇବା। ଏହି ଦୁଇଟି ମଧ୍ୟରୁ କିନ୍ତୁ ଟସ୍କ ପ୍ରଶାସନ କୋହଳ ଦୃଷ୍ଟିକୋଣକୁ ପସନ୍ଦ କରିବାରୁ ପିଆଇଏସ୍ ନେତାମାନଙ୍କୁ କେବେ ବି ଦାୟୀ କରାଯାଇପାରି ନ ଥିଲା। ଫଳରେ ଏହି ପିଆଇଏସ୍ ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ କ୍ଷତିକାରକ ତଥା ଦୃଢ ଅଭିଯାନ ଚଳାଇବାରେ ଲାଗିଗଲା। ଟ୍ରମ୍ପଙ୍କ ବିଗ୍ ଲାଏ ଅଭିଯାନ ଭଳି ପିଆଇଏସ୍ ମଧ୍ୟ ତା ସମର୍ଥକଙ୍କୁ ପ୍ରେରିତ କଲା। କିନ୍ତୁ ଏହା ନିର୍ବାଚନ ଅନିୟମିତତା ସମ୍ପର୍କରେ ନ ଥିଲା, ବରଂ ପିଆଇଏସ ଦାବି କରିଥିଲା ଯେ, ୨୦୧୦ରେ ପୂର୍ବତନ ପିଆଇଏସ ନେତାଙ୍କ ଯେଉଁ ବିମାନ ବିସ୍ଫୋରଣରେ ମୃତ୍ୟୁ ଘଟିଥିଲା ତାହା ଦୁର୍ଘଟଣା ନ ଥିଲା, ବରଂ ତାହା ଥିଲା ଏକ ହତ୍ୟା, ଯାହା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଓ ଟସ୍କଙ୍କ ଦ୍ୱାରା କରାଯାଇଥିଲା।

ପିଆଇଏସ୍ ‘ବିଗ ଲାଏ୍’ର ସମ୍ପୂର୍ଣ୍ଣ ବିଷୟ ଟ୍ରମ୍ପଙ୍କ ଭଳି ଲଗାତର ପରିବର୍ତ୍ତନ ହେବାରେ ଲାଗିଲା। ବିମାନ ଦୁର୍ଘଟଣା ସମ୍ପର୍କିତ କାହାଣୀକୁ ବାରମ୍ବାର ହୋହରାଇବାର ଲକ୍ଷ୍ୟ ଥିଲା ଉଦାରବାଦ ବିରୋଧୀ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାଗୁଡ଼ିକର ବୈଧତାକୁ ହ୍ରାସ କରିବା। ଶେଷରେ ତା’ ଯୋଜନା କାମ କଲା। ବିମାନ ଦୁର୍ଘଟଣାର ରହସ୍ୟମୟ କାହାଣୀ ନିର୍ବାଚନର ପ୍ରମୁଖ ବିଷୟ ହୋଇଗଲା ଯାହା ପିଆଇଏସ୍‌କୁ ୨୦୧୫ରେ ପୁନର୍ବାର କ୍ଷମତାକୁ ଆଣିଲା। କ୍ଷମତାର ପ୍ରଥମ ପାଳିର ଉତ୍ତରଦାୟିତ୍ୱହୀନତା ପାଇଁ ଜିଓବ୍ରୋଙ୍କ କୌଣସି ବାଧାର ସମ୍ମୁଖୀନ ହେବାକୁ ବି ପଡ଼ିଲା ନାହିଁ ଏବଂ ପିଆଇଏସ୍ ପୁନର୍ବାର ତାଙ୍କୁ ନ୍ୟାୟ ମନ୍ତ୍ରୀ ଭାବେ ନିଯୁକ୍ତ କଲା।

ତେବେ ଅକ୍ଟୋବରରେ ହେବାକୁ ଥିବା ନିର୍ବାଚନରେ ଯଦି ବିରୋଧୀ ଜିତନ୍ତି ତେବେ ଟସ୍କ ଦୃଢ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପିଆଇଏସ୍ ୫୦୦ ପ୍ଲସ ପ୍ରୋଗ୍ରାମ ( ପିଲାଙ୍କ ଅଭିଭାବକଙ୍କୁ ଆର୍ଥିକ ସହଯୋଗ ଯୋଗାଇବା) ଘୋଷଣା କରିଛନ୍ତି। । ଜନତାଙ୍କୁ ଧୋକା ଦେଇଥିବା ପୋଲାଣ୍ଡର ରାଜନୀତିକୁ ଶୁଦ୍ଧ କରିବା ଲାଗି ଟସ୍କଙ୍କ ସେଲ ପ୍ଲସ୍ ପ୍ରୋଗ୍ରାମର ପ୍ରତିଶ୍ରୁତି ଦେଇଛନ୍ତି। ଟସ୍କ କାହିଁକି ଏଭଳି ଏକ ଦୃଷ୍ଟିକୋଣକୁ ଉପସ୍ଥାପନ କଲେ ତାହା ବୁଝିବା ସହଜ। କିନ୍ତୁ ୟୁନିଭର୍ସିଟି ଅଫ୍ ସିକାଗୋର ମୋନିକା ନାଲେପା ଏବଂ ଅନ୍ୟମାନେ ସତର୍କ କରିଦେଇଛନ୍ତି ଯେ, ପୂର୍ବତନ ଏକଛତ୍ରବାଦୀ ବରିଷ୍ଠ ସଦସ୍ୟମାନଙ୍କୁ ରାଜନୀତିରୁ ସଫା କରିବା ପ୍ରତିଶ୍ରୁତି ସାମାଜିକ ସ୍ତରରେ ବିଭାଜନ ବଢ଼ାଇପାରେ ଏବଂ ପ୍ରତିଶୋଧ ମନୋଭାବକୁ ନେଇ ବିପଦ ଓ ଗମ୍ଭୀର ସ୍ଥିତ ବୃଦ୍ଧି ହେବାର ସମ୍ଭାବନା ରହିଛି। ଟସ୍କ ଗତ ଥର କୋହଳ ଭାବ ଗ୍ରହଣ କରିବା ଠିକ ଥିଲା। କାରଣ ଅଣ ସହଯୋଗୀ ପରିବର୍ତ୍ତନସବୁ ଗଣତନ୍ତ୍ର ପାଇଁ କୌଣସି ବିକଳ୍ପ ଛାଡେନାହିଁ। ଏଣୁ ଏକ ବିକଳ୍ପ ବାଟ ଦରକାର। ପୋଲାଣ୍ଡରେ ପ୍ରଗତିଶୀଳ ଓ ରୂଢ଼ିବାଦୀ ଶକ୍ତିଗୁଡ଼ିକ ମଧ୍ୟରେ କ୍ଷମତା ବଣ୍ଟନ ସିଦ୍ଧାନ୍ତକୁ ଆଧାର କରି ଏକ ଗଭୀର ରାଜନୈତିକ ସୁଧାରକୁ ଆମେ ସମର୍ଥନ କରୁଛୁ। ସବୁ ରାଜନୈତିକ କ୍ଷେତ୍ରରୁ ପୋଲାଣ୍ଡର ୧୦୦ ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀଙ୍କୁ ନେଇ ଏକ ପକ୍ଷପାତବିହିନ ଅଭିଯାନ ଆରମ୍ଭ କରାଯାଇଛି। ଏହାକୁ ମାର୍ଗଦର୍ଶନ କରିବା ଲାଗି ସବିଶେଷ ପ୍ରସ୍ତାବ ବି ପ୍ରକାଶ କରାଯାଇଛି। ପ୍ରଗତିଶୀଳ ଶକ୍ତିଗୁଡ଼ିକୁ ସବୁ କିଛି ଦେଇଦେବାରୁ ଦୂରେଇ ରହି ଏହି ପ୍ରସ୍ତାବ ଏବେ ରୂଢ଼ିବାଦୀଙ୍କ ସମେତ ସମସ୍ତଙ୍କୁ ପୋଲାଣ୍ଡ ଭବିଷ୍ୟତର ଅଂଶୀଦାର ହେବାକୁ ସୁଯୋଗ ଦେବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ପିଆଇଏସ ଏବଂ ଗଣତାନ୍ତ୍ରିକ ବିରୋଧୀ ଏହାକୁ କିଭଳି ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଛି। ସବୁଠି ପ୍ରଗତିଶୀଳ ପଦକ୍ଷେପ ବା ଅଭିଯାନ ଗଣତାନ୍ତ୍ରିକ ଅଧୋଗତିକୁ ରୋକିବାରେ ସଫଳ ହେବ। କିନ୍ତୁ ଦୀର୍ଘମିଆଦୀ କ୍ଷେତ୍ରରେ ଦୃଢ ଗଣତନ୍ତ୍ରଗୁଡ଼ିକ ପାଇଁ ସବୁବେଳେ ଦରକାର ପତିବଦ୍ଧତା, ଭୋଟର ଏବଂ ସବୁ ରାଜନୈତିକ ସ୍ତରରେ ଦଳଗୁଡ଼ିକର ଅତ୍ୟଧିକ ସମର୍ଥନ।

## ଏଇ ଭାରତରେ

ଚାକିରି ଛାଡ଼ି ଜଣେ ଏମ୍‌ବିଏ ଡିଗ୍ରୀଧାରୀ ଥାଇଲାଣ୍ଡ ପିଜୁଳି ଚାଷ କରିବା ସହ ଅନେକ କୃଷକଙ୍କୁ ସଶକ୍ତ କରିବାରେ ଉଦାହରଣ ସୃଷ୍ଟି କରିଛନ୍ତି। ଉତ୍ତରାଖଣ୍ଡର ମୂଳ ନିବାସୀ ରାଜୀବ ଭାସ୍କରଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ପ୍ରଥମେ ସେ ଉତ୍ତରାଖଣ୍ଡର ପନ୍ଥ ୟୁନିଭରସିଟିରୁ ଉଦ୍ୟାନକୃଷିରେ ଡିଗ୍ରୀ ହାସଲ ପରେ ଏମ୍‌ବିଏ କରିଥିଲେ। ପରେ ରାୟପୁରର ଭିଏନ୍‌ଆର ନର୍ସରିରେ ଚାକିରି କରି ଥାଇଲାଣ୍ଡ ପିଜୁଳି ଚାଷ ସମ୍ପର୍କରେ ସବିଶେଷ ଜ୍ଞାନଲାଭ କରିଥିଲେ। ୨୦୧୭ରେ ସେ ଚାକିରି ଛାଡ଼ି ହରିୟାଣାର ପଞ୍ଚକୁଲରେ ୫ ଏକର ଜମିରେ ଥାଇଲାଣ୍ଡ ପିଜୁଳି ଚାଷ ଆରମ୍ଭ କରିଥିଲେ। ଏହାପରେ ୨୦୧୯ରେ ୪ ଜଣ ପାର୍ଟନରଙ୍କ ସହ ମିଶି ଏହି ଚାଷକୁ ପଞ୍ଜାବକୁ ସମ୍ପ୍ରସାରିତ କରିଥିଲେ। ଏବେ ସେ ମୋଟରେ ୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ପିଜୁଳି ଚାଷ କରୁଛନ୍ତି। ଏହାସହ ସେ ଏହି ଚାଷ ସମ୍ପର୍କରେ ବହୁ କୃଷକଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କ ଆୟ ବୃଦ୍ଧି କରିବାରେ ସକ୍ଷମ ହୋଇଛନ୍ତି। କୃଷକମାନଙ୍କ ପାଇଁ ଚାଷ ସମ୍ପର୍କିତ କର୍ମଶାଳା ମଧ୍ୟ ଆୟୋଜନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମେ ୧୯୯୮

- ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ବିରୁଦ୍ଧରେ ସିନ୍ଧ କୋର୍ଟ ପକ୍ଷରୁ ଏକ ଜାମିନ ବିହୀନ ଗିରଫ ପରୱାନା ଜାରି।
- ରାଜସ୍ଥାନର ପୋଖରାନ ରେଞ୍ଜରେ ଭୂମି ତଳେ ତିନୋଟି ଆଣବିକ ବୋମା (ଅସ୍ତ୍ର)ର ସଫଳ ପରୀକ୍ଷଣ।
- ବାଲେଶ୍ୱରସ୍ଥିତ ଚାନ୍ଦିପୁର ଅନ୍ତରୀଣ କ୍ଷେପଣାସ୍ତ୍ର ପରୀକ୍ଷା ଘାଟିରୁ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ‘ତ୍ରିଶୂଳ’ର ସଫଳ ପରୀକ୍ଷଣ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | | 8 | |
| | 7 | | | | | 9 | | |
| | | 3 | 6 | | | | | |
| 7 | | | | | | 3 | | |
| | | 2 | | | 1 | | 6 | |
| | 3 | 4 | | 9 | 6 | | | 1 |
| 1 | | 5 | | | | | | 2 |
| | 9 | | | 1 | 3 | 8 | | 6 |
| | | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 2 | 7 | 6 | 8 | 4 | 1 | 3 |
| 3 | 6 | 1 | 2 | 5 | 4 | 8 | 7 | 9 |
| 4 | 7 | 8 | 1 | 3 | 9 | 6 | 5 | 2 |
| 6 | 2 | 5 | 4 | 7 | 1 | 9 | 3 | 8 |
| 1 | 4 | 9 | 5 | 8 | 3 | 7 | 2 | 6 |
| 7 | 8 | 3 | 6 | 9 | 2 | 1 | 4 | 5 |
| 2 | 5 | 7 | 9 | 4 | 6 | 3 | 8 | 1 |
| 9 | 3 | 4 | 8 | 1 | 5 | 2 | 6 | 7 |
| 8 | 1 | 6 | 3 | 2 | 7 | 5 | 9 | 4 |

ଗତକାଲିର ଉତ୍ତର

# କର୍ତ୍ତବ୍ୟପରାୟଣ ଓ ଦାୟିତ୍ୱବୋଧ



ବୈକୁଣ୍ଠନାଥ ମିଶ୍ର

ଏକଦା ରାଜରାସ୍ତା ପାର୍ଶ୍ୱରେ ଦୁଇଜଣ ସରକାରୀ ଶ୍ରମିକ କାର୍ଯ୍ୟରତ ଥିଲେ। ଜଣେ ଶ୍ରମିକ ଗାତ ଖୋଳି ଚାଲିଥିଲେ ଓ ଆଉ ଜଣେ ସେ ଗାତକୁ ପୋତି ସମତୁଲ କରୁଥିଲେ। ଅଦୂରରେ ଜଣେ ସମାଜସେବୀ ଏପରିଭାବେ ଗାତ ଖୋଳିବା ଓ ତାକୁ ପୋତିବାର ରହସ୍ୟ କ’ଣ ହୋଇପାରେ , ତାହା ଜାଣିବାକୁ ଚାହିଁଲେ। ସେ ଶ୍ରମିକ ଦୁହିଁଙ୍କ ନିକଟକୁ ଯାଇ ଏହାର କାରଣ ଜିଜ୍ଞାସା କରନ୍ତେ, ପ୍ରଥମ ଶ୍ରମିକଟି ଉତ୍ତର ଦେଲା – ଆମେ ତିନିଜଣ ଏଠାରେ ନିଯୁକ୍ତ ଅଛୁ। ମୁଁ ଗାତ ଖୋଳେ, ଦ୍ୱିତୀୟ ଶ୍ରମିକ ଉକ୍ତ ଗାତରେ ଚାରା ରୋପଣ କରେ ଓ ତୃତୀୟ ବ୍ୟକ୍ତି ଅର୍ଥାତ ଏଇ ମୋର ସାଙ୍ଗ ଗାତ ପୋତେ ଓ ଚାରା ଲଗାଇଥିବା ଦ୍ୱିତୀୟ ଶ୍ରମିକ ରୋପିତ ଚାରାରେ ପାଣିଦିଏ। ଆଜି ଦ୍ୱିତୀୟ ଶ୍ରମିକଟି ଛୁଟିରେ ଅଛି। ତା’ ବୋଲି ତ ଆମେ ଆଉ କାର୍ଯ୍ୟ ବନ୍ଦ କରିବୁ ନାହିଁ। ତେଣୁ ମୋ କାମ ଅର୍ଥାତ ଗାତ ଖୋଳା ଜାଣ ମୁଁ କରୁଛି ଓ ମୋ ସାଙ୍ଗ ତା’ କାମ ଅର୍ଥାତ ପୋତିବା କାମ କରୁଛି। ଏଥିରେ ସମାଜସେବୀ ମୁଣ୍ଡରେ ହାତଦେଇ ସ୍ୱାଗତୋକ୍ତି କଲେ– ଧନ୍ୟ ସରକାର, ଧନ୍ୟ ଶ୍ରମିକ ଓ ଧନ୍ୟ ତୁମର କାର୍ଯ୍ୟଧାରା। ଅଳ୍ପ କିଛି ଚାରା ଆଣି ତାକୁ ତୁମେ ଦୁହେଁ ରୋପଣକରି ଯଥାବିଧି କାର୍ଯ୍ୟ କରିପାରିଥାନ୍ତ। ଏହା ଯେ ଦେଶର ଅର୍ଥ ବ୍ୟବସ୍ଥାକୁ ଶକ୍ତ କୁଠାରାଘାତ–ଏ କଥା କ’ଣ ତୁମେ ବୁଝି ପାରୁନାହଁ ? ଏହା ତାଙ୍କୁ ମର୍ମାହତ କଲା।

ମନେକରନ୍ତୁ ଆପଣ କୌଣସି କାର୍ଯ୍ୟ ପାଇଁ ସରକାରୀ ବିଭାଗୀୟ ମୁଖ୍ୟାଳୟକୁ ଯାଇଛନ୍ତି। ଅନେକ ଦିନଧରି ଅଟକି ରହିଥିବା କାର୍ଯ୍ୟ ତଦାରଖ କରିବା ଓ ଯଥାସମ୍ଭବ ଫାଇଲକୁ ଆଗକୁ ପଠାଇବା ଆପଣଙ୍କ ଉଦ୍ଦେଶ୍ୟ। କିନ୍ତୁ ଅଫିସରେ ପହଞ୍ଚି ଜାଣିବେ ଆପଣଙ୍କ କାର୍ଯ୍ୟର କିଛି ଅଗ୍ରଗତି ହୋଇନାହିଁ। ପଚାରିଲେ ଉତ୍ତର ମିଳିବ ଅମୁକ ବାବୁ ତାଙ୍କ ଝିଅ ବାହାଘର ପାଇଁ ଛୁଟିରେ ଅଛନ୍ତି ତ ସେ ନ ଆସିଲେ ତାଙ୍କ କାମ କିଏ କରିବ ? ଏତ ବଡ଼ ବିଚିତ୍ର କଥା ! ଜଣେ ଦୀର୍ଘ ଅନୁପସ୍ଥିତ ରହିଲେ ଅନ୍ୟକୁ ସାମୟିକ ଭାବେ ଦାୟିତ୍ୱ ହସ୍ତାନ୍ତର କରିବା କଥା। ମାତ୍ର ତା’ ନ କରିବା ଫଳରେ ବିଚରା ସାଧାରଣ ଲୋକଟି କେବଳ ହନ୍ତସନ୍ତ ହେବା ସାର ହେବ। ଆପଣ ଯଦି ଉପାନ୍ତ ଇଲାକାରୁ ରାଜଧାନୀକୁ ଆସିଥାନ୍ତି, ତେବେ ଅର୍ଥ ଅପଚୟ କରି ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେବା ପରେ ଆପଣ ଭାଙ୍ଗିପଡ଼ିବେ ନିଶ୍ଚୟ। ଯଦି ସମ୍ପୃକ୍ତ ବାବୁ ଜଣକ ଅନ୍ୟକୁ ଦାୟିତ୍ୱ ହସ୍ତାନ୍ତର କରିଥାନ୍ତେ ତେବେ ହୁଏତ ଆପଣଙ୍କ କାମ ସୁଗମ ହୋଇଥାନ୍ତା। ଦୃଢ଼ ଇଚ୍ଛାଶକ୍ତି ଓ ଦାୟିତ୍ୱବୋଧ ଥିଲେ ସବୁ ସମ୍ଭବ ହେବ। କହିବାକୁ କେହି ନାହାଁନ୍ତି। ନିରୀହ ସାଧାରଣ ଜନତା ଦୁର୍ଦ୍ଦିନର ଶିକାର ହେଉଛନ୍ତି। ସମସ୍ତେ କର୍ତ୍ତବ୍ୟ କରୁଛନ୍ତି; କିନ୍ତୁ ନିଷ୍ଠା ନାହିଁ।

ଏ ସମ୍ପର୍କରେ ଜାପାନର ଏକ ଘଟଣା ପ୍ରାସଙ୍ଗିକ ମନେହୁଏ। ଥରେ ଗୋଟିଏ ଜୋତା କମ୍ପାନୀର କର୍ମଚାରୀ ସମୂହ ଭାବେ ବେତନ ବୃଦ୍ଧି ପାଇଁ ଆନ୍ଦୋଳନ କରିବାକୁ ସ୍ଥିର କଲେ। କିନ୍ତୁ ସରକାରଙ୍କର କଡ଼ା ନିର୍ଦ୍ଦେଶ ରହିଛି ଯେ, ସରକାରୀ କିମ୍ବା ବେସରକାରୀ କର୍ମଚାରୀ ସଂଘବଦ୍ଧ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିପାରିବେ ନାହିଁ। ଏଣେ କମ୍ପାନୀକୁ ବେତନ ବୃଦ୍ଧି ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ତାଙ୍କ ଦାବି ପ୍ରତି କର୍ଣ୍ଣପାତ କରାଯାଉନାହିଁ। ତେଣୁ କର୍ମଚାରୀ ସଂଘର ନେତୃମଣ୍ଡଳୀ ଏକ ଅଭିନବ ଉପାୟ ଚିନ୍ତାକଲେ। ତା’ପରଦିନଠାରୁ କେବଳ ବାମ ଗୋଡ଼ର ଜୋତା ଉତ୍ପାଦନ ଚାଲିଲା। କମ୍ପାନୀ କର୍ତ୍ତୃପକ୍ଷ ଚିନ୍ତିତ ହୋଇପଡିଲେ। ବ୍ୟବସାୟ ଉଜୁଡି ଯିବାକୁ ବସିଲା। ତେଣୁ ବାଧ୍ୟ ହୋଇ କର୍ତ୍ତୃପକ୍ଷ କର୍ମଚାରୀଙ୍କର ବେତନ ବୃଦ୍ଧି କଲେ ଓ କର୍ମଚାରୀମାନେ ଦକ୍ଷିଣ ଗୋଡ଼ର ଜୋତା ତିଆରିରେ ଲାଗିଗଲେ। ଆନ୍ଦୋଳନ ହେଲା କିନ୍ତୁ କାର୍ଯ୍ୟ ବନ୍ଦ ହେଲାନାହିଁ।



ଆଜି କିନ୍ତୁ କର୍ତ୍ତବ୍ୟପରାୟଣତା ଓ ଦାୟିତ୍ୱବୋଧରୁ ସମସ୍ତେ ଦୂରେଇ ଯାଉଛନ୍ତି। କୌଣସି ସଭାରେ ମନ୍ତ୍ରୀ, ନେତା ଓ ପ୍ରଶାସନିକ ଅଧିକାରୀ ଠିକ୍ ସମୟରେ ନ ପହଞ୍ଚି ଯଥେଷ୍ଟ ବିଳମ୍ବରେ ପହଞ୍ଚୁଛନ୍ତି। ସେମାନଙ୍କର ଏହା ଏକ ଚିରାଚରିତ ଧାରଣା ଯେ ଯଥା ସମୟରେ ସଭାରେ ଉପସ୍ଥିତ ହେଲେ ତାଙ୍କ ଗରିମା କାଳେ ମଳିନ ପଡ଼ିଯିବ। ତେଣୁ ସେମାନେ ଜାଣିଜାଣି ବିଳମ୍ବ କରନ୍ତି, ଯଦ୍ଦ୍ୱାରା ତାଙ୍କ ଭାବମୂର୍ତ୍ତି ଅଧିକ ଉଦ୍ଭାସିତ ହୋଇଥାଏ। କିଛିଦିନ ତଳେ ଜଣେ କେନ୍ଦ୍ରମନ୍ତ୍ରୀଙ୍କର ବିଦେଶ ଯାତ୍ରା କରିବାର ଥାଏ। ବିମାନର ଉଡାଣ ସମୟ ହୋଇଥିଲେ ମଧ୍ୟ ମନ୍ତ୍ରୀ ଆସି ତଥାପି ପହଞ୍ଚିନାହାନ୍ତି। ପାଇଲଟ୍ ମନ୍ତ୍ରୀଙ୍କୁ ଅପେକ୍ଷା କରିଥାନ୍ତି। ବିମାନ କର୍ତ୍ତୃପକ୍ଷ ମଧ୍ୟ ଉକ୍ତ ବିଳମ୍ବକୁ ସ୍ୱାଗତ କଲାପରି ମନେ ହେଉଥାଏ। ପରିଶେଷରେ ପନ୍ଦର ମିନିଟ୍ ବିଳମ୍ବରେ ମନ୍ତ୍ରୀ ଓ ତାଙ୍କ ସାଥୀ ବିମାନ ଆରୋହଣ କଲେ ଓ ବିମାନ ଉଡାଣ ଆରମ୍ଭ କଲା। କିନ୍ତୁ ଯାତ୍ରୀମାନେ ବିମାନରେ ମନ୍ତ୍ରୀଙ୍କୁ ଏପରି ବ୍ୟବହାର କଲେ ଯେ ମନ୍ତ୍ରୀ ହୁଏତ ଭାବିଥିବେ ଯେ ସେ ନ ଆସିଥିଲେ ବରଂ ଭଲ ହୋଇଥାନ୍ତା। ଅନନ୍ୟୋପାୟ ହୋଇ ମନ୍ତ୍ରୀ ‘ଆଇ ଆମ୍ ସରି’ କହିବା ପରେ ଯାତ୍ରୀମାନେ ଶାନ୍ତ ପଡ଼ିଲେ।

ସେହିପରି ୨୦୧୫ ରେ ଆଉ ଏକ ଘଟଣା। କେରଳର ତତ୍କାଳୀନ ରାଜ୍ୟପାଳ ସି.ସଦାଶିବମ୍ କୋଚିରୁ ଥିରୁଭାନନ୍ତପୁରମ୍ ଯିବା ପାଇଁ ରାତି ୧୧ଟା ୩୪ମିନିଟ୍‌ରେ କୋଚି ବିମାନ ବନ୍ଦରରେ ପହଞ୍ଚିଲେ। କିନ୍ତୁ ମାତ୍ର ଚାରି ମିନିଟ୍ ପୂର୍ବରୁ ବିମାନଟି ଉଡାଣ ଆରମ୍ଭ କରି ଦେଇଥିଲା। ପାଇଲଟ୍ ରାଜ୍ୟପାଳଙ୍କ ଗସ୍ତ ସମ୍ବନ୍ଧରେ ଅବଗତ ଥାଇ ମଧ୍ୟ କର୍ତ୍ତବ୍ୟବୋଧର ଆହ୍ୱାନରେ ନିର୍ଦ୍ଧାରିତ ସମୟରେ ବିମାନଟିର ଉଡାଣ ଆରମ୍ଭ କରିଦେଇଥିଲେ। ରାଜ୍ୟପାଳଙ୍କ ପରି ଜଣେ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କୁ ଲଜ୍ଜାକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଲା।

ଦୋଷୀ କର୍ମଚାରୀଙ୍କୁ ଠାବକରି କଠିନରୁ କଠିନତର ଦଣ୍ଡବିଧାନ କରିବା ଏକାନ୍ତ ଅପରିହାର୍ଯ୍ୟ। କର୍ତ୍ତବ୍ୟପରାୟଣତା, ଦାୟିତ୍ୱବୋଧ ଓ ସର୍ବୋପରି ସମୟାନୁବର୍ତ୍ତିତାଠାରୁ ବଳି ମୂଲ୍ୟବାନ ଆଉ କିଛି ନାହିଁ। ମହାତ୍ମା ଗାନ୍ଧୀଙ୍କ ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ। ସେ କହନ୍ତି ‘ତୁମେ କୌଣସିଠାରେ ପହଞ୍ଚିବାର ଏକ ମିନିଟ୍ ବିଳମ୍ବ କଲେ, ତୁମେ କ୍ଷମାଯୋଗ୍ୟ ନୁହଁ। ସମୟାନୁବର୍ତ୍ତିତା, କର୍ତ୍ତବ୍ୟପରାୟଣତା ଓ ଦାୟିତ୍ୱବୋଧ ମଣିଷ ଉପରେ ଆଧାରିତ ସ୍ୱର୍ଗୀୟ ଶକ୍ତି। ଏଥିରେ ବ୍ୟତିକ୍ରମ ତୁମକୁ ସତ୍ୟଠାରୁ ଦୂରକୁ ନେଇଯିବ’। ତେଣୁ କର୍ତ୍ତବ୍ୟପରାୟଣତା ଓ ଦାୟିତ୍ୱବୋଧ ସବୁଠାରୁ ମୂଲ୍ୟବାନ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ–୯୯୩୭୪୫୦୫୪୦**

# ଭୂତ ନାହିଁ ; ପ୍ରେତ ନାହିଁ



ଗଣେଶ୍ୱର ନାୟକ

ଭୂତ ନାହିଁ କି ପ୍ରେତ ନାହିଁ, ତାନ୍ତ୍ରିକ କେମିତି ସତ ହେବ ? ଯିଏ କହେ ମୁଁ ତାନ୍ତ୍ରିକ, ସେ ଠକ ଛଡ଼ା କିଛି ନୁହେଁ। ଠକିବା ପାଇଁ ତାନ୍ତ୍ରିକ। ନିଜର ପ୍ରତିପତି ସମାଜରେ ବଢ଼ାଇବା ପାଇଁ ତାନ୍ତ୍ରିକ। ନିଜର କଳାକାରନାମା ଲୁଚାଇବାକୁ ତାନ୍ତ୍ରିକ। ନିଜ କଳାକର୍ମରୁ ପାଉଥିବା ପଶ୍ଚାତାପଜନିତ ଯନ୍ତ୍ରଣାରୁ ରକ୍ଷା ପାଇଁ ଏକ ବାଉଳି ହେବା ପ୍ରକ୍ରିୟା ତାନ୍ତ୍ରିକ। ତାନ୍ତ୍ରିକ ମାତ୍ରକେ କିଛି ବେପାର।

ଏଇ ନିକଟରେ ଜଣେ ବ୍ୟକ୍ତି ପ୍ରକାଶ କଲେ ସେ ସାଧନା କରିଛନ୍ତି, ଚାଳିଶ ଲକ୍ଷ ଦୁଇ ପ୍ରେତ ରଖିଛନ୍ତି। ସେ ହେଉଛନ୍ତି ପ୍ରେତ ସଂଘର ସଭାପତି। କିନ୍ତୁ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଲାଣି। କେହି ବି ଏହାକୁ ବିଶ୍ୱାସ କରିବା ଦୂରେ ଥାଉ, ଭଣ୍ଡ ବୋଲି ସମସ୍ତଙ୍କ ଧାରଣା ହେଲା। ସାମାଜିକ ଗଣମାଧ୍ୟମରେ ସମସ୍ତଙ୍କ ବିରୋଧର ତୀବ୍ରତା କ୍ଷୀପ୍ର ଥିଲା। କେହି କେହି ସମ ବେଉସାଧାରୀ କହିଲେ, ସେ ଯାହା କହୁଛନ୍ତି ଭୁଲ୍ କହୁଛନ୍ତି, କିନ୍ତୁ ଭୂତ ଅଛି। ଭୂତ ଅଛି ବୋଲି ବିଭିନ୍ନ ଉଦାହରଣ ଦେଇ ପ୍ରମାଣିତ କରିବାକୁ ଚାହୁଁଥିଲେ। ଆଗରୁ କହୁଥିବା ଶୁଣାଯାଉଥିଲା, ଲେମ୍ବୁ ମଧ୍ୟରେ ଲକ୍ଷେ ଭୂତ ରଖିଛନ୍ତି। ସତରେ ଭୂତ ଥାଇ ଲାଭ କ’ଣ ? ଥିଲେ କେତେ ନ ଥିଲେ କେତେ ? କ’ଣ କାମରେ ଲାଗିବ ? କରୋନା ମହାମାରୀ ସମୟରେ ଆମେ ଦେଖିଛେ, ସବୁ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ବନ୍ଦ ଥିଲା। ଭୂତ, ପ୍ରେତ କଥା କିଏ ପଚାରେ ? ଏ ଭଣ୍ଡ ସବୁ କୁଆଡ଼େ ଯାଇଥିଲେ ?

ଭୂତ, ପ୍ରେତ କଥାକୁ ନେଇ ସାରା ବିଶ୍ୱରେ ଊଣାଅଧିକେ ବିଭିନ୍ନ କାଳ୍ପନିକ ଧାରଣା ରହିଛି। ବିଭିନ୍ନ ଧର୍ମ ମଧ୍ୟରେ ବି ଏହାକୁ ନେଇ ଅନେକ ଭ୍ରାନ୍ତ ଧାରଣା ରହିଛି। ଆଉ ଏହାକୁ ନେଇ କିଛି ଭଣ୍ଡ ବିଭିନ୍ନ ଧର୍ମରେ ନିଜର ବେପାର ମେଲାଇଛନ୍ତି। ମନ ମଧ୍ୟରେ ପ୍ରଶ୍ନ ଆସିପାରେ ସତରେ କ’ଣ ଭୂତ, ପ୍ରେତ ଅଛନ୍ତି? ଏହାର ଉତ୍ତର ନା ନାହିଁ। ଜୀବ ମଲା ପରେ ଶବ ପାଲଟେ। ମୃତଶରୀର ପଚିଶଢ଼ି ମାଟିରେ ମିଶେ। ଜୀବ ମଲା ପରେ ତାହା ଯଦି ଭୂତ ହୁଏ, ପ୍ରେତ ହୁଏ, ତେବେ ପଶୁଜନ୍ତୁ ମଲା ପରେ କେହି ଭୂତ, ପ୍ରେତ ହେବାର ଶୁଣାଯାଏନାହିଁ। କେବଳ ମଣିଷ ମଲା ପରେ ଭୂତ କିମ୍ବା ପ୍ରେତ ହୁଏ ବୋଲି ଆଲୋଚନା ହୁଏ। କାରଣ ମଣିଷର ମଣିଷକୁ ହିଁ ଭୟ, ମଣିଷ କଳାମୁଣ୍ଡିଆ।

ମନରେ ପ୍ରଶ୍ନ ଆସେ ଭୂତ, ପ୍ରେତ ନ ଥିବା ମନରେ ବିଶ୍ୱାସ ହେଲେ ମଧ୍ୟ ମଣିଷ କାହିଁକି ଅନ୍ଧାରକୁ ଡରେ, ଅନ୍ଧାରରେ ଟିକେ ଶବ୍ଦ ହେଲେ କାହିଁକି ଚମକି ପଡ଼େ ? ହଁ ଏହାର ଉତ୍ତର ଅଛି। ଛୁଆଟିକୁ ଆମେ ଟିକେ କଥାରେ ହୁଁ ବାୟା ଅଛି, ଭୂତ ଅଛି ବୋଲି ଡରାଇ, ଅଜାଣତରେ ଭୟକୁ ତାହାର ଅସ୍ଥିମଜ୍ଜାଗତ କରିଦେଇଥାଉ। ଛୁଆ ବେଳେ ଯଦି ପଚିଶିକ ପଣକିଆ ଘୋଷିଥିବେ, ମଲା ପର୍ଯ୍ୟନ୍ତ ଆପଣଙ୍କ ମନେ ଥିବ। ଭୟ ଏକ ମାନସିକ ଅବସ୍ଥା।

କେହି କେହି ଗେଲରେ କୁହନ୍ତି, ବଡ଼ ବଡ଼ ଗଛ କଟା ହେବା ଦ୍ୱାରା ସମାଜରେ ଅନ୍ଧବିଶ୍ୱାସ ଦୂର ହେଉଛି, କାରଣ ଯେଉଁ ଭୂତ ସେ ଗଛରେ ଥିଲା ତାହା ମଣିଷ ମନରେ ଆଉ ନାହିଁ। ଆଉ କେହି କେହି କୁହନ୍ତି ଭାରତୀୟ ଚଳଚ୍ଚିତ୍ରରେ ଦେଖାଯାଉଥିବା ଭୂତଗୁଡ଼ିକ ବହୁତ ସୁନ୍ଦର, ବିଦେଶୀ ଚଳଚ୍ଚିତ୍ରରେ ଦେଖାଯାଉଥିବା ଭୂତଗୁଡ଼ିକ ଏତେ ସୁନ୍ଦର ନୁହନ୍ତି। ଯାହା ହେଉ ମଣିଷ କିଛି ଆନନ୍ଦ ପାଉଛି ମନରେ।

ମନରେ ଆହୁରି ପ୍ରଶ୍ନ ଆସେ, ଏ ଭୂତ, ପ୍ରେତ ଭାବନା ମଣିଷ ମନରୁ କିପରି ଦୂର ହେବ ? ଦୂର ହେବ, ସମସ୍ତଙ୍କୁ ଆର୍ଥିକଭାବେ ସଶକ୍ତ କରିବାକୁ ହେବ। ଆର୍ଥିକ ଦିଗରେ ସଶକ୍ତ ମଣିଷ ଆତ୍ମସମ୍ମାନର ସହିତ ବଞ୍ଚେ। ଆର୍ଥିକ ସଶକ୍ତ ହିଁ ସମାଜରୁ ଅନେକ ଅନ୍ଧବିଶ୍ୱାସ, କୁସଂସ୍କାର ଅନେକାଂଶରେ ଦୂର କରିବାକୁ ସମର୍ଥ। ଶରୀରରେ ଜର ହେଲେ, ଖଣ୍ଡିଆଖାବରା ହେଲେ ଆମେ ଦେହ ଖରାପ ଅଛି ବୋଲି ହୃଦ୍‌ବୋଧ କରୁ। ମାନସିକଭାବେ ଯନ୍ତ୍ରଣା ପାଉଥିବାକୁ ଆମେ ମାନସିକ ରୋଗ ବୋଲି ଭାବି ଡାକ୍ତର ଦ୍ୱାରା ତାହାର ଉପଶମ କରାଉନା। ବିଦ୍ୟାଳୟରେ ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତି ମିଳିଲେ, ଯାବତୀୟ ଭ୍ରାନ୍ତ ଧାରଣାର ଅନେକ ନିରାକରଣ ହୋଇପାରିବ। ଆମ ବିଦ୍ୟାଳୟଗୁଡ଼ିକରେ ତ ଯଥେଷ୍ଟ ଶିକ୍ଷକ ନାହାନ୍ତି, ଏ କଥା କିଏ ପଚାରେ। ଖାଲି ଆମେ ଦଳେ ଭୂତ ଅଛି, ଆଉ ଆମେ ଦଳେ ଭୂତ ନାହିଁ କହି ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ସାର ହେବ, ଯାହାର ବେପାର ବୁଡ଼ିବ ତାହାର ଆକ୍ରୋଶର ଶିକାର ହେଉଥିବା....।

**ଗୋଗଳ, କାଏମା, ଯାଜପୁର**
**ମୋ–୯୭୭୭୭୪୯୭୨୭**

## ପାଠକ ଶ୍ରେଷ୍ଠ ବିଚାରକ

### କଟକ ରୋଡ୍ ଟ୍ରାଫିକ ସମସ୍ୟା ଅଣାୟତ୍ତ

ମହାଶୟ,

ରାଜଧାନୀର କଟକ ରୋଡ୍ ଏକ ବ୍ୟସ୍ତବହୁଳ ଅଞ୍ଚଳ ରୂପେ ପରିଗଣିତ। ବର୍ଦ୍ଧିତ ଜନସଂଖ୍ୟା ଓ ବ୍ୟାପକ ଯାନବାହନ ଚଳାଚଳକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ଭାରିଯାନର ପ୍ରବେଶକୁ କମାଇବା ଉଦ୍ଦେଶ୍ୟରେ ଏବଂ କଟକ ରୋଡ୍‌ର ଟ୍ରାଫିକ ସମସ୍ୟା ଦୂରକରିବା ପାଇଁ ପୁରୀ ବାଇପାସ୍ ରୋଡ୍‌ରେ ଭାରିଯାନ ଚଳାଚଳ କରିବା ପାଇଁ ଯୋଜନା ହୋଇଥିଲା। କ୍ଷୋଭର ବିଷୟ, ଏହା କାର୍ଯ୍ୟକାରୀ ନ ହୋଇପାରିବା କାରଣରୁ ଆଜି କଟକ ରୋଡ୍‌ର ଟ୍ରାଫିକ ସମସ୍ୟା ଅଣାୟତ୍ତ ହୋଇପଡ଼ିଛି। ବିଏମ୍‌ସି ପକ୍ଷରୁ ଘରୋଇ ଜାଗାକୁ ଦୀର୍ଘକାଳୀନ ଭଡ଼ା ଯାଇଥିଲା। କିନ୍ତୁ ଅବସେସର ବିଷୟ ଏହି କି ଅଧୁନା କୌଣସି ସିଦ୍ଧାନ୍ତରେ ବିଏମ୍‌ସି, ପୋଲିସ ବିଭାଗ କିମ୍ବା ରାସ୍ତା ନିର୍ମାଣ ବିଭାଗ ଉପନୀତ ହୋଇପାରୁନାହାନ୍ତି। ପରିଣାମ ସ୍ୱରୂପ କଟକ ରୋଡ୍‌ରେ ସଦାସର୍ବଦା ଭିଡ଼ ସମସ୍ୟା ଲାଗି ରହୁଛି। ଏହି ସ୍ଥିତିକୁ ଅଧିକ ଜଟିଳ କରୁଛି ବେଆଇନ ପାର୍କିଂ। ସମସ୍ୟାର ସମାଧାନ ଦିଗରେ ବିଏମ୍‌ସି ହସ୍ତକ୍ଷେପ କରି ସ୍ଥାୟୀ ପ୍ରତିକାର କରିବା ଉଚିତ ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୁହଇ ଧରମ ସେ ତ ଧରମର
ଚର୍ମ ଆବରଣ
ବାହ୍ୟ ପରିଧାନ ଏକ, ନାହିଁ ତା’ର
ଅପର କାରଣ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଟ୍ରାକ୍ଟର ଓଲଟି ୨ ଶ୍ରମିକ ମୃତ, ୭ ଆହତ

ରାମନାଗୁଡା,୧୧।୫(ଡି.ଏନ୍.ଏ.): ରାୟଗଡା ଜିଲା ଗୁଡାରି ଥାନା ଅନ୍ତର୍ଗତ ରାମନାଗୁଡା ବ୍ଲକ ଅର୍ଜୁନଗୁଡ଼ା ନିକଟରେ ଗୁରୁବାର ବିଦ୍ୟୁତ ଖୁଣ୍ଟ ବୋହୁଥିବା ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଶ୍ୟାମ କୁମ୍ବିକା ଏବଂ ଶଙ୍କର କୁମ୍ବିକା। ଆହତମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ଲାଗି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତ ଓ ଆହତ ଶ୍ରମିକମାନେ କୋଲନରା ବ୍ଲକ ବାଙ୍କୀଲି ପଞ୍ଚାୟତ ଅନ୍ତର୍ଗତ ରୋବାଡି ଗ୍ରାମର ବୋଲି ଜଣାପଡିଛି।

# ସୁଧାକର ପଣ୍ଡା ପାଇବେ ‘ବିଜୁ ପଟ୍ଟନାୟକ ପୁରସ୍କାର’

## ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ପୁରସ୍କାର ଘୋଷଣା

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁମୋଦନକ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୨୦ ମସିହା ପାଇଁ ପୁରସ୍କାର ଘୋଷଣା କରାଯାଇଛି। ବୈଜ୍ଞାନିକ ଉତ୍କର୍ଷ ପାଇଁ ଜଟଣୀସ୍ଥିତ ‘ନାଇଜର’ର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ପାଇବେ ‘ବିଜୁ ପଟ୍ଟନାୟକ ପୁରସ୍କାର’। ପୁରସ୍କାର ବାବଦକୁ ତାଙ୍କୁ ୨ ଲକ୍ଷ ଟଙ୍କାର ଅର୍ଥରାଶି ସହ ପ୍ରଶଂସା ପତ୍ର ଓ ଉପଢୌକନ ପ୍ରଦାନ କରାଯିବ।


ସୁଧାକର ପଣ୍ଡା

ପ୍ରଫେସର ପଣ୍ଡା ୧୯୮୮ରେ ଭୁବନେଶ୍ୱର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସରୁ ପିଏଚ୍ଡି କରିବା ପରେ ମୁମ୍ବାଇସ୍ଥିତ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ, ଇଟାଲିସ୍ଥିତ ଆଇସିଟିପି ଏବଂ ନେଦରଲାଣ୍ଡର ଗ୍ରୋନିଙ୍ଗେନ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଡକ୍ଟରାଲ ଗବେଷଣା କରିଥିଲେ। ୧୯୯୩ରେ ସେ ଆଲ୍ଲାହାବାଦ ଏଚ୍ଆର୍ଆଇରେ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଏହାର ଡିନ୍ ଅଫ୍ ଆଡମିନିଷ୍ଟ୍ରେଶନ ଭାବରେ କାର୍ଯ୍ୟ କରିଥିଲେ। ଏହା ପରେ ସେ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ସାଇନ୍ସର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ। ୨୦୧୮ରେ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ନାଇଜର)ର ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ।

ରେଭେନ୍ସା ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଲୁନା ସାମନ୍ତ, ଭୁବନେଶ୍ୱରସ୍ଥିତ ଆଇଏମ୍ଏମ୍ଟିରେ ଭୌତିକ ବିଜ୍ଞାନ ମୁଖ୍ୟ ଡ. ଦଣ୍ଡ ଶ୍ରୀନିବାସ ରାଓ, ରାଉରକେଲାସ୍ଥିତ ଏନ୍ଆଇଟିରେ ପ୍ରଫେସର ଅନୁପ କୁମାର ପଣ୍ଡା ଓ ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ସଂସ୍ଥାର ବୈଜ୍ଞାନିକ ଡ. ସରୋଜକାନ୍ତ ବାରିକଙ୍କୁ ‘ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର’ ପ୍ରଦାନ କରାଯିବ। ଏମାନଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥରାଶି ସହ ପ୍ରଶଂସା ପତ୍ର ଓ ଉପଢୌକନ ପ୍ରଦାନ କରାଯିବ। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ଜୀବବିଜ୍ଞାନ ବିଭାଗର ପୋଷ୍ଟ ଡକ୍ଟରାଲ ଫେଲୋ ଡ. ଶଶାଙ୍କ ଶେଖର ସ୍ୱାଇଁ, ନାଇଜରର ଭୌତିକ ବିଜ୍ଞାନ ବିଭାଗର ଡ . ନିବେଦିତା ଦାଶ , ଏନ୍ଆଇଟି ରାଉରକେଲାର ସହକାରୀ ପ୍ରଫେସର ଡ . ଜ୍ଞାନରଞ୍ଜନ ସେନାପତି ଓ ନାଇଜରର ଆସିଷ୍ଟାଣ୍ଟ ପ୍ରଫେସର ଡ.ସତ୍ୟପ୍ରସାଦ ପି. ସେନାନାୟକଙ୍କୁ ‘କୃତୀ ଯୁବବୈଜ୍ଞାନିକ’ ଭାବରେ ପୁରସ୍କୃତ କରାଯିବ। ପ୍ରଫେସର ସଙ୍ଗୀତା ରଥ ଓ ହିମାଂଶୁ ଶେଖର ଫତେସିଂହଙ୍କୁ ‘ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର’ ପ୍ରଦାନ କରାଯିବ। ‘ଯୁବ ବୈଜ୍ଞାନିକ ପୁରସ୍କାର’ ଓ ‘ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର’ ବାବଦକୁ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି ସହ ଉପଢୌକନ ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରଫେସର ଭାସ୍କର ଚନ୍ଦ୍ର ଦାଶ, ପ୍ରଫେସର ସତ୍ୟାନନ୍ଦ ସ୍ୱାଇଁ ଓ ପ୍ରଫେସର ଅଜୟ କୁମାର ପାତ୍ର ‘ବରିଷ୍ଠ ବୈଜ୍ଞାନିକ’ ଭାବରେ ସମ୍ବର୍ଦ୍ଧିତ ହେବେ।

# ଲିଗାଲ ଟେକ୍ନୋଲୋଜିରେ ନୂତନ ବିବର୍ତ୍ତନ


ରାକେଶ ଶତପଥୀ

ଏକ ଦଶନ୍ଧିରୁ ଅଧିକ ସମୟର ସଂଘର୍ଷରତ ଯାତ୍ରା ପରେ ରାକେଶ ଶତପଥୀ ଜଣେ ଦକ୍ଷ ଡିରେକ୍ଟର ତଥା କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଏପିକ୍ ଗ୍ଲୋବାଲ ୟୁଏସ୍ ବେସ୍ଡ କମ୍ପାନୀରେ କାର୍ଯ୍ୟରତ। ଦୃଢ଼ନିଷ୍ଠା, କର୍ତ୍ତବ୍ୟପରାୟଣତା ଏବଂ ଉଚ୍ଚ ଚିନ୍ତାଧାରାକୁ ଆଧାର କରି ଆଜି ସେ ଲିଗାଲ ଟେକ୍ନୋଲୋଜି କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ନୂତନ ବିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛନ୍ତି। ରାକେଶଙ୍କ ବହୁତ ଦିନର ସ୍ୱପ୍ନ ଥିଲା ଲିଗାଲ ଟେକ୍ନୋଲୋଜିକୁ ସମଗ୍ର ଭାରତ ବର୍ଷରେ କାର୍ଯ୍ୟକାରୀ କରିବା ସହ ଭାରତକୁ ଏକ ଲିଗାଲ ଟେକ୍ ହବ୍‌ରେ ପରିଣତ କରିବା। ତାହା ଆଜି ପୂରଣ ହେବାକୁ ଯାଉଛି। ରାକେଶ ଜଣେ ଓଡ଼ିଆ ହିସାବରେ ଭାରତବର୍ଷରେ ନାଁ କରିବା ସହିତ ବିଶ୍ୱର ଅନେକ ଦେଶରେ ଯଥା ୟୁକେ, ୟୁଏସ୍ଏ, ଜାପାନ, ସିଙ୍ଗାପୁର, ଅଷ୍ଟ୍ରେଲିଆ, କହିବାକୁ ଗଲେ ୟୁରୋପ ଓ ଏସିଆ ପାସିଫିକ୍‌ରେ ଏପିକ୍ ଗ୍ଲୋବାଲ ସହିତ କାର୍ଯ୍ୟ କରି ସଫଳତା ପାଇପାରିଛନ୍ତି। ବିଗ୍୪ ପରି କମ୍ପାନୀରେ ପିଡବ୍ଲ୍ୟୁସି(ପ୍ରାଇସ ୱାଟରହାଉସ ଆଣ୍ଡ୍ କୋପରସ)ରେ କାର୍ଯ୍ୟରତ ରହି ସେ ବଡ଼ ବଡ଼ ପ୍ରୋଜେକ୍ଟରେ କାମ କରି ଭାରତ ପାଇଁ ସଫଳତା ଆଣିପାରିଛନ୍ତି।

ରାକେଶଙ୍କ ମୂଳ ଉଦ୍ଦେଶ୍ୟ ନ୍ୟାୟପାଳିକାଗୁଡ଼ିକରେ କମ୍ପ୍ୟୁଟର ଟେକ୍ନୋଲୋଜି ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ଶୀଘ୍ର ସମାଧାନ କରିବା। ନିଃସନ୍ଦେହ ଯେ, ଏହା ନ୍ୟାୟପାଳିକା ପାଇଁ ଏକ ଚ୍ୟାଲେଞ୍ଜ । ଦ୍ୱିତୀୟତଃ,ଏହା କୋର୍ଟ ଶୁଣାଣି ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉକ୍ତ ନୂତନତ୍ୱ ନ୍ୟାୟପାଳିକାରେ କୋର୍ଟ ଶୁଣାଣି ପାଇଁ ଏକ ନୂତନ ଦିଗ୍‌ଦର୍ଶନ। ଏହା ମାଧ୍ୟମରେ ନ୍ୟାୟପାଳିକାର କୋର୍ଟ ଶୁଣାଣି ଓ ସାକ୍ଷୀମାନଙ୍କର ପ୍ରମାଣକୁ ସଂରକ୍ଷିତ କରିବା ସହିତ ନ୍ୟାୟପାଳିକାର ଦୃଢତା ବଜାୟ ରଖାଯାଇପାରିବ। ଏହି ନୂତନତ୍ୱ ଅଟୋମେଟିକ ସ୍ପିଚ୍ ରେକଗ୍‌ନାଇଜେଶନ ନିଶ୍ଚିତ କୋର୍ଟ ଶୁଣାଣି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଭାବରେ ପରିଗଣିତ ହେବ।

୧୫ବର୍ଷର ଯାତ୍ରାରେ ବିଭିନ୍ନ କ୍ଷେତ୍ରରେ ରାକେଶ କାର୍ଯ୍ୟ କରୁଛନ୍ତି, ଯେମିତିକି ଫରେନସିକ୍, ଅରବଟ୍ରେଶନ ଆଣ୍ଡ୍ ଲିଗାଲ। ଗୁଜରାଟ ସ୍ଥିତ ନ୍ୟାଶନାଲ ଫରେନସିକ୍ ସାଇନ୍ସ ୟୁନିଭର୍ସିଟିରେ ଅନେକ ଥର ବକ୍ତା ଭବେ ଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଏହାସହ ସମଗ୍ର ଭାରତକୁ ଏକ ଲିଗାଲ ଟେକ୍ନୋଲୋଜି ହବ୍ ଭାବରେ ପରିଚିତ କରିବା ଲାଗି ରାକେଶ ବିଶ୍ୱାସ ରଖିଛନ୍ତି। ସେ ଭୁବନେଶ୍ୱର ସ୍ଥିତ ଖଣ୍ଡଗିରିର ଶ୍ରୀକ୍ଷେତ୍ର ଗ୍ରୀନ୍‌ହୁଡରେ ରହୁଥିବା ଅବସରପ୍ରାପ୍ତ ଓଏନ୍‌ଜିସି ଚିଫ୍ ଇଞ୍ଜିନିୟର କୁଳମଣି ଶତପଥୀ ଓ ନଳିନୀପ୍ରଭା ଶତପଥୀଙ୍କ ଏକ ମାତ୍ର ପୁତ୍ର । ଢେଙ୍କାନାଳରେ ରହୁଥିବା ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ଇଞ୍ଜିନିୟର ବଂଶୀଧର ନାଥ ଓ ବାସନ୍ତୀଲତା ନାଥଙ୍କର ସେ ସାନଜ୍ୱାଇଁ। ପତ୍ନୀ ଅର୍ଚ୍ଚନା ପ୍ରିୟଦର୍ଶନୀ ନାଥ ଶତପଥୀ ଜଣେ ଲିଗାଲ ଅଫିସର ରୂପେ କାର୍ଯ୍ୟ କରୁଥିଲେ । ତାଙ୍କର ଏକମାତ୍ର କନ୍ୟାଙ୍କ ନାମ ଆରନା ଶତପଥୀ।




केनरा बैंक Canara Bank
सिंडिकेट Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-କେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ଯଥାକ୍ରମେ ୮(୬) ଏବଂ ୬(୨) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡ଼ିକୁ ବନ୍ଧକରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ଠାରୁ **କାନାରା ବ୍ୟାଙ୍କର, ସମ୍ପୃକ୍ତ ଶାଖାଗୁଡ଼ିକରେ** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **“ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି ଭିତ୍ତିରେ” ତା.୧୨.୦୬.୨୦୨୩ରିଖ ପୂର୍ବାହ୍ନ ୧୦.୩୦ଘ. ରୁ ପୂର୍ବାହ୍ନ ୧୧.୩୦ଘ.** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନେପ୍ରଦତ୍ତ। ଅମାନତ ରାଶି **ତା.୦୮.୦୬.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **ଅତାବିରା ଶାଖା, ଫୋନ୍: ୭୬୦୫୦୦୯୧୮୫/** **ଋଣଗ୍ରହୀତା: ଶ୍ରୀ ବିରେନ୍ଦ୍ର ନାରାୟଣ ହୋତା,** ପିତା: ଶ୍ରୀ ଦିଲ୍ଲୀପ କୁମାର ହୋତା, ସା/ପୋ: ଅତାବିରା, ବରଗଡ଼, ଓଡ଼ିଶା - ୭୬୮୦୨୭ | ଶ୍ରୀ ବିରେନ୍ଦ୍ର ନାରାୟଣ ହୋତାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୪୫୦/୧୧୯୦, ପ୍ଲଟ୍ ନଂ.: ୧୦୨୫/୬୬୪୮, କ୍ଷେତ୍ର: ଏକର୦.୦୧୫ ଡ଼ିସିମିଲି, ମୌଜା: ଅତାବିରା, ଥାନା/ତହସିଲ: ଅତାବିରା, ଜିଲ୍ଲା: ବରଗଡ଼, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ପୂର୍ବ: ରାସ୍ତା, ପଶ୍ଚିମ: ସୁଶୀଲ କୁମାର ମିଶ୍ରଙ୍କ ଜମି, ଦକ୍ଷିଣ: ସମାରୁ ପଧାନଙ୍କ ଜମି | ୦୭.୦୫.୨୦୨୩ ସୁଦ୍ଧା ଟ.୧୧,୭୭,୫୦୨.୦୪ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୫,୯୦,୦୦୦/- / ଟ.୨,୫୯,୦୦୦/- |
| **ବାଲେଶ୍ୱର -୨ ଶାଖା, ଫୋନ୍: ୯୪୩୭୫୬୭୯୫୩୨/** **ଋଣଗ୍ରହୀତା: ମଧୁସୂଦନ ମଲ୍ଲିକ,** ପିତା: କାର୍ତ୍ତିକ ମଲ୍ଲିକ, ସା: ମାନସିଂବଜାର, ବାଲେଶ୍ୱର, ପିନ୍ - ୭୫୬୦୦୧/ **ଗ୍ୟାରେଣ୍ଟିଦାତା: ବାସନ୍ତି ମଲ୍ଲିକ,** ସ୍ୱାମୀ: ମଧୁସୂଦନ ମଲ୍ଲିକ, ସା: ମାନସିଂବଜାର, ବାଲେଶ୍ୱର, ପିନ୍ - ୭୫୬୦୦୧ | **ଶ୍ରୀ ମଧୁସୂଦନ ମଲ୍ଲିକ,** ପିତା: କାର୍ତ୍ତିକ ମଲ୍ଲିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୫୫/୧୬୨୨, ଖାତା ନଂ.: ୫୨୫/୯୮, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ମୌଜା: ମାନସିଂବଜାର, ତହସିଲ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୩୯୨, ପୂର୍ବ: ପ୍ଲଟ୍ ନଂ.: ୩୯୯, ପଶ୍ଚିମ: ପରମାନନ୍ଦ ବେହେରା | ୧୦.୦୫.୨୦୨୩ ସୁଦ୍ଧା ଟ.୩୮,୮୧,୧୭୬.୧୪ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୪୭,୬୦,୦୦୦/- / ଟ.୪,୭୬,୦୦୦/- |
| **ଢ଼େଙ୍କାନାଳ ଶାଖା, ଫୋନ୍: ୭୬୦୫୦୦୯୧୧୮/** **ଋଣଗ୍ରହୀତା: ସ୍ମିତା ମିଶ୍ର,** ସ୍ୱାମୀ: ସୁନିଲ କୁମାର ପାଢ଼ୀ, ସା: କାଞ୍ଚନ ବଜାର, କୁମ୍ଭାର ସାହି, ପୋ.: ଢ଼େଙ୍କାନାଳ, ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ **ଗ୍ୟାରେଣ୍ଟିଦାତାମାନେ: ୧) ସୁନିଲ କୁମାର ପାଢ଼ୀ,** ପିତା: ଚୈତନ୍ୟ ଚରଣ ପାଢ଼ୀ, ସା: କାଞ୍ଚନ ବଜାର, ନିଉ କଲୋନୀ, ପୋ.: ଢ଼େଙ୍କାନାଳ, ଢ଼େଙ୍କାନାଳ, ଓଡ଼ିଶା - ୭୫୯୦୦୧, **୨) କମଳିନୀ ପାଢ଼ୀ,** ସ୍ୱାମୀ: ଚୈତନ୍ୟ ଚରଣ ପାଢ଼ୀ, ସା: କାଞ୍ଚନ ବଜାର, କୁମ୍ଭାର ସାହି, ପୋ.: ଢ଼େଙ୍କାନାଳ, ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧ | ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୮୭/୧୯୦୦, ପ୍ଲଟ୍ ନଂ.: ୧୧୪/୨୪୪୭, ଥାନା ନଂ.: ୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ମୌଜା: ସାନଷାଠିଏବାଟିଆ, ଜିଲ୍ଲା: ଢ଼େଙ୍କାନାଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକାଶ କୁମାର ବେହେରା, ପଶ୍ଚିମ: ପ୍ରସ୍ତାବିତ ରାସ୍ତା, ଉତ୍ତର: ଅମୂଲ୍ୟ କୁମାର ହୋତା, ଦକ୍ଷିଣ: ବିକାଶ କୁମାର ବେହେରା | ୧୦.୦୫.୨୦୨୩ ସୁଦ୍ଧା ଟ.୫୫,୮୨,୬୧୧.୬୪ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭୨,୪୫,୦୦୦/- / ଟ.୭,୨୪,୫୦୦/- |
| **ଖୋର୍ଦ୍ଧା ଶାଖା, ଫୋନ୍: ୭୬୦୫୦୦୯୦୮୭/** **ଋଣଗ୍ରହୀତା: ଶ୍ରୀ ବିମଳ ଧଳସାମନ୍ତ,** ସା/ପୋ: ତାଳବସ୍ତ, ଥାନା: ବାଙ୍କୀ, ଜିଲ୍ଲା: କଟକ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମର କୁମାର ଧଳସାମନ୍ତ,** ପିତା: ବିମଳ ଧଳସାମନ୍ତ, ସା/ପୋ: ତାଳବସ୍ତ, ଥାନା: ବାଙ୍କୀ, ଜିଲ୍ଲା: କଟକ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୨୯୫/୨୦୩୦, ପ୍ଲଟ୍ ନଂ.: ୮୨୧୮/୧୦୮୨୯/୧୨୧୦୨, କ୍ଷେତ୍ର: ଏକର୦.୦୨୦ ଡ଼ିସିମିଲି, ସା/ପୋ: ତାଳବସ୍ତ, ଥାନା: ବାଙ୍କୀ, ତହସିଲ: ଡମପଡା, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ କୃଷ୍ଣ ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: କୃପାସିନ୍ଧୁ ବେହେରା, ପଶ୍ଚିମ: କଥିତ ପ୍ଲଟ୍‌ର ଅବଶିଷ୍ଟ ଅଂଶ | ୦୯.୦୫.୨୦୨୩ ସୁଦ୍ଧା ଟ.୧୦,୩୭,୧୬୦.୮୩ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୮,୦୧,୦୦୦/- / ଟ.୮୦,୧୦୦/- |
| **ଖୋର୍ଦ୍ଧା ଶାଖା, ଫୋନ୍: ୭୬୦୫୦୦୯୦୮୭/** **ଋଣଗ୍ରହୀତା: ଶ୍ରୀ ମାନସ ରଞ୍ଜନ ଦାସ,** ପିତା: ଚନ୍ଦ୍ର ମୋହନ ଦାସ, ସା: ଗଡ଼ଖୋର୍ଦ୍ଧା, ପୋ.: ପଲ୍ଲାହାଟ, ଭାୟା:ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା - ୭୫୨୦୫୬ | **ଶ୍ରୀ ମାନସ ରଞ୍ଜନ ଦାସ,** ପିତା: ଚନ୍ଦ୍ର ମୋହନ ଦାସଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୭୨/୯୮୫, ଖାତା ନଂ.:୨୦୦/୨୩୦, ମୌଜା: ବେରୁଆଁ, ତହସିଲ: ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର୦.୦୪୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ୩୧, ପଦ୍ମ ଚରଣ ପରିଡ଼ା, ଦକ୍ଷିଣ: ପ୍ଲଟ୍ ନଂ.: ୬୭୫,ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୩୩ | ୦୯.୦୫.୨୦୨୩ ସୁଦ୍ଧା ଟ.୧୨,୩୧,୭୦୪.୨୮ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୬,୦୭,୦୦୦/- / ଟ.୬୦,୭୦୦/- |
| **ପାରାଦୀପ ଟାଉନ୍ ଶାଖା, ଫୋନ୍: ୯୪୩୭୪୬୩୪୩୩/** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବିଶ୍ୱମ୍ଭର ସାମଲ / ସହ-ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାମଲ,** ଉଭୟଙ୍କ ଠିକଣା ସା/ପୋ: ବିଶ୍ୱାଳି, ଭାୟା: କୁଜଙ୍ଗ, ଥାନା/ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ / **ଗ୍ୟାରେଣ୍ଟିଦାତା: ବଳରାମ ଚୌଧୁରୀ,** ସା/ପୋ: ଭୂତମୁଣ୍ଡାଇ, ଥାନା/ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ | **ଶ୍ରୀ ବିଶ୍ୱମ୍ଭର ସାମଲ ଏବଂ ଶ୍ରୀ ସୁରେନ୍ଦ୍ର ସାମଲଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୧୦/୯୩, ପ୍ଲଟ୍ ନଂ.: ୨୭୯/୧୦୨୪ (କ୍ଷେତ୍ର: ଏକର୦.୦୬ ଡ଼ିସିମିଲି), ୨୮୦ ( କ୍ଷେତ୍ର: ଏକର୦.୦୪ ଡ଼ିସିମିଲି), ୨୮୧ (କ୍ଷେତ୍ର: ଏକର୦.୦୫ ଡ଼ିସିମିଲି), କିସମ: ଘରବାରୀ, ମୌଜା: ବିଶ୍ୱାଳି, ତହସିଲ: କୁଜଙ୍ଗ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୪୧, ଓଡ଼ିଶା, **ପ୍ଲଟ୍ ନଂ.: ୨୭୯ର** ଚାରିପାର୍ଶ୍ୱରେ ଉତ୍ତର: କରୁଣୀ ବେହେରା, ଦକ୍ଷିଣ: ପ୍ରମୋଦ ସାମଲ, ପୂର୍ବ: ପ୍ରତିପକ୍ଷମାନେ, ପଶ୍ଚିମ: ଫକିର ସାହୁ, **ପ୍ଲଟ୍ ନଂ.: ୨୮୦ର** ଚାରିପାର୍ଶ୍ୱରେ ଉତ୍ତର: ପ୍ରତିପକ୍ଷମାନେ, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ପ୍ରଭାକର ମାଝୀ, ପଶ୍ଚିମ: ପ୍ରମୋଦ ସାମଲ, **ପ୍ଲଟ୍ ନଂ.: ୨୮୧ର** ଚାରିପାର୍ଶ୍ୱରେ ଉତ୍ତର: ପ୍ରତିପକ୍ଷମାନେ, ଦକ୍ଷିଣ: ପ୍ରତିପକ୍ଷମାନେ, ପୂର୍ବ: ପ୍ରଭାକର ମାଝୀ, ପଶ୍ଚିମ: ପ୍ରତିପକ୍ଷମାନେ | ୦୮.୦୫.୨୦୨୩ ସୁଦ୍ଧା ଟ.୧୧,୩୨,୭୩୬/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୯,୦୨,୦୦୦/- / ଟ.୧,୯୧,୦୦୦/- |
| **ପାରାଦୀପ ଟାଉନ୍ ଶାଖା, ଫୋନ୍: ୯୪୩୭୪୬୩୪୩୩/** **ଋଣଗ୍ରହୀତା/ବନ୍ଧକଦାତା: ପ୍ରଭାତ ବେହେରା,** ପିତା: ୰ ଫଗୁ ଚନ୍ଦ୍ର ବେହେରା, ସା/ପୋ: ଗୋପିଆକୁଦା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ / **ଗ୍ୟାରେଣ୍ଟିଦାତାମାନେ: ୧) ଅଜୟ ଭୋଲ,** ପିତା: ୰ ବାବନ ଭୋଲ, ସା: ବଡଙ୍ଗ, ପୋ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧, **୨) ପ୍ରକାଶ ଚନ୍ଦ୍ର ବେହେରା,** ପିତା: ୰ ଫଗୁ ଚନ୍ଦ୍ର ବେହେରା, ସା/ପୋ: ଗୋପିଆକୁଦା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧, **୩) ପ୍ରତାପ ରୁଦ୍ର ବେହେରା,** ପିତା: ୰ ଫଗୁ ଚନ୍ଦ୍ର ବେହେରା, ସା/ପୋ: ଗୋପିଆକୁଦା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ | **ପ୍ରଭାତ ବେହେରା, ପ୍ରକାଶ ଚନ୍ଦ୍ର ବେହେରା ଏବଂ ପ୍ରତାପ ରୁଦ୍ର ବେହେରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଖାତା ନଂ.: ୭୦୦/୫୭, ପ୍ଲଟ୍ ନଂ.: ୭୭୦, ମୌଜା: ଗୋପିଆକୁଦା, ତହସିଲ: କୁଜଙ୍ଗ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ବଡ଼ମହାକାଳୀ, ଦକ୍ଷିଣ: ରଘୁନାଥ ଜିଉ ହାଇ ସ୍କୁଲ, ପଶ୍ଚିମ: କ୍ରେତାମାନେ, ପୂର୍ବ: ଲକ୍ଷ୍ମୀଧର ଓଝା ଏବଂ ଅନ୍ୟମାନେ | ୦୮.୦୫.୨୦୨୩ ସୁଦ୍ଧା ଟ.୧୯,୩୧,୧୧୯.୮୨ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭,୨୦,୦୦୦/- / ଟ.୭୨,୦୦୦/- |
| **ପାରାଦୀପ ଟାଉନ୍ ଶାଖା, ଫୋନ୍: ୯୪୩୭୪୬୩୪୩୩/** **ଋଣଗ୍ରହୀତା/ବନ୍ଧକଦାତା: ମାନସ ରଞ୍ଜନ ଲେଙ୍କା,** ପିତା: ଧଡ଼ି ଲେଙ୍କା,ସା: ସନ୍ତରା, ପୋ: ମଙ୍ଗରାଜପୁର, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର,ଓଡ଼ିଶା, ପିନ୍ - ୭୫୪୧୪୧ / **ଗ୍ୟାରେଣ୍ଟିଦାତା: ସଞ୍ଜୟ କୁମାର ରାଉତ,** ପିତା: ଦାଶରଥି ରାଉତ, ସା: ସନ୍ତରା, ପୋ: ମଙ୍ଗରାଜପୁର,ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୪୯,ଖାତା ନଂ.: ୩୫୫/୯୦, ମୌଜା: ସନ୍ତରା, ତହସିଲ: କୁଜଙ୍ଗ,ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, କ୍ଷେତ୍ର: ଏକର୦.୧୧୦ ଡ଼ିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପହଲି ସ୍ୱାଇଁ, ଦକ୍ଷିଣ: ରାସ୍ତା, ପଶ୍ଚିମ: ହାଡ଼ିବନ୍ଧୁ ଲେଙ୍କା, ୨୪୯ ପ୍ଲଟ୍‌ର ଅବଶିଷ୍ଟ, ପୂର୍ବ: ଅଜୟ କୁମାର ସାମନ୍ତରାୟ ଏବଂ ଅନ୍ୟମାନେ | ୦୮.୦୫.୨୦୨୩ ସୁଦ୍ଧା ଟ.୮୬,୪୧,୨୪୦.୭୭ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୨,୦୦,୦୦୦/- / ଟ.୨,୨୦,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ **(www.canarabank.com)** ରେ ପ୍ରଦତ୍ତ ଲିଙ୍କ୍ **"Announcements> Sale Notice>Orissa"** କିମ୍ବା ସମ୍ପୃକ୍ତ ଶାଖା ଭାରପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ ।

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୧.୦୫.୨୦୨୩**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

## କଂଗ୍ରେସ ନେତା ଅଶୋକ ସାମଲଙ୍କ ପରଲୋକ



ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ୍, ୧୧।୫

ବରିଷ୍ଠ କଂଗ୍ରେସ ନେତା ଅଶୋକ ସାମଲଙ୍କ ପରଲୋକ ହୋଇଯାଇଛି। ଗୁରୁବାର ଅପରାହ୍ନରେ କଟକ ତଳତେଲେଙ୍ଗା ବଜାରସ୍ଥିତ ଘରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ଦୀର୍ଘଦିନ ହେବ ସେ କର୍କଟ ଓ ଲିଭର ରୋଗରେ ପୀଡିତ ଥିଲେ। ସେ ନିକଟରେ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ସେ କଂଗ୍ରେସ ଦଳରେ ମୁଖପାତ୍ର ଦାୟିତ୍ୱରେ ଥିଲେ। ସେ ଜଣେ ମେଳାପି ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ରାଜନୈତିକ ଓ ଅନୁଗତଙ୍କ ଗହଣରେ ଶୋକରଛାୟା ଖେଳିଯାଇଛି। ଅଶୋକଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ଅଶୋକଙ୍କ ବିୟୋଗ ତାଙ୍କୁ ମର୍ମାହତ କରିଛି। ସେ ଜଣେ ବନ୍ଧୁବତ୍ସଳ, ଅମାୟିକ, ପରୋପକାରୀ ଓ ସମାଜସେବୀ ଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଖବରପାଇ ବିଧାୟକ ଇଂ. ମହମ୍ମଦ ମୋକିମ, ଦଳର ବରିଷ୍ଠ ନେତା ବିଶ୍ୱଜିତ୍ ଦାସ, ନିକୁଞ୍ଜ ପଶାୟତ, ଗିରିବାଳା ବେହେରା, ମହମ୍ମଦ ଆରିଫ ଉଦ୍ଦିନ ଖାଁ, ଶରତ କୁମାର ସେଠୀ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ, ଦୁଇ ବୋହୂ, ଝିଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। କଟକ ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି । ବଡ଼ପୁଅ ସମ୍ବିତ ସାମଲ ମୁଖାଗ୍ନି ଦେଇଥିଲେ।

## ଶିଡ଼ିରୁ ଖସି ଶିଶୁକନ୍ୟା ମୃତ

ସମ୍ବଲପୁର,୧୧।୫(ବ୍ୟୁରୋ)

ସମ୍ବଲପୁର ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍ଏଲ୍ କମ୍ପାନୀ କର୍ମଚାରୀଙ୍କ କ୍ୱାର୍ଟର୍ସରେ ଗୁରୁବାର ସକାଳେ କମ୍ପାନୀ କର୍ମଚାରୀଙ୍କ ଦେଢବର୍ଷର ଶିଶୁ କନ୍ୟା ଶିଡିରୁ ଖସି ମୃତ୍ୟୁବରଣ କରିଛି। ମିଳିଥିବା ସୂଚନା ଅନୁସାରେ ଶିଶୁଟି କୌଣସି କାରଣରୁ କ୍ୱାର୍ଟର୍ସ ଶିଡ଼ିରୁ ଖସିପଡିବାରୁ ତା’ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାକୁ ପ୍ରଥମେ କମ୍ପାନୀ ମେଡିକାଲ ଓ ପରେ ଝାରସୁଗୁଡା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।




**ODISHA PUBLIC SERVICE COMMISSION**

**NOTICE**

**No.4206/P.S.C., Dt.11.5.23**
**(1E-69-2022-23) (DR-II)**

**No.D-40:** The Preliminary Written Examination for recruitment to the Post of Odisha Judicial Service, 2022 pursuant to the Advertisement No.19 of 2022-23 will be held as per the following programme:

**Programme of Examination**

| Date | Time |
|---|---|
| **21.05.2023 (Sunday)** | **10.00 A.M. to 11.30 A.M. (10.00 A.M. to 12.00 Noon for PWD Candidates)** |

| Sl.No. | Name of the Examination Centres and address | Roll Numbers allotted From ......... to ......... | Total Candidates allotted |
|---|---|---|---|
| BALASORE | | | |
| 1 | Srinix College of Engineering, Ranipatana, Balasore | 100001 to 100151 | 151 |
| BERHAMPUR | | | |
| 1 | Saheed Lakshman Nayak Memorial Govt. Municipal High School, Tata Benz Square, P.O./P.S.- Baidyanath-pur, Berhampur- 760004 | 200001 to 200169 | 169 |
| BHUBANESWAR | | | |
| 1 | BJB (AUTO) College, Bhubaneswar | 300001 to 300500 | 500 |
| 2 | Rajdhani College, Baramunda, Bhubaneswar | 300501 to 301000 | 500 |
| 3 | Saraswati Sishu Vidya Mandir, Bhimtangi, Bhubaneswar | 301001 to 301450 | 450 |
| 4 | Aryan School of Nurshing, Nuagaon, Near Nuagaon Petrol Pump, P.S. Dhauli | 301451 to 301700 | 250 |
| CUTTACK | | | |
| 1 | Saraswati Sishu Vidya Mandir, Tulasipur, Cuttack | 400001 to 400480 | 480 |
| 2 | Ajay Binay Institute of Technology (Main Block), Sector-I, CDA, Cuttack- 753014 | 400481 to 401023 | 543 |
| SAMBALPUR | | | |
| 1 | St. John’s School, Dhankauda, Sambalpur | 500001 to 500382 | 382 |

The candidates admitted are required to download their “Admission Certificate” and “Instruction to Candidates” from website of the Commission (www.opsc.gov.in.) from 17.05.2023 onwards.

**Sd./- Secretary (I/C)**
**OIPR-12002/11/0028/2324**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଅନ୍ତର୍ଜାତୀୟ ନର୍ସିଂ ଦିବସ, ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ପୂର୍ବାହ୍ନ ୧୦ଟା ୩୦।
- ଶବ୍ଦରଙ୍ଗ ନାଟକ ଉତ୍ସବ 'ଆବୁ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**
- ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆନ୍ତର୍ଜାତିକ ନର୍ସିଂ ଦିବସ ପାଳନ, ପୁରୁଣା ଅଡିଟୋରିୟମ, ଏସ୍‌ସିବି ମେଡିକାଲ କଲେଜ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**
- ଚନ୍ଦନଯାତ୍ରା ମହୋତ୍ସବ ଉପଲକ୍ଷେ ମାଗଣା ଅପେରା ପରିବେଷଣ, ବାଲିଅନ୍ତା ହାଟ ନିକଟ ମେଳଣ ପଡ଼ିଆ, ହରିଦାସପୁର ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ନିକଟ, ରାତି ୧୧ଟା।

**ତିଗିରିଆ**
- ଆରାଧ ପ୍ରଭୁ ମଦନ ମୋହନଙ୍କ ୩ ଦିନ ବ୍ୟାପି ଚନ୍ଦନଯାତ୍ରା ଆରମ୍ଭ, ନୂଆପାଟଣା, ଅପରାହ୍ନ ୫ଟା।

# ଫେକ୍ ଆପ୍‌ର ୧.୨୨ କୋଟି ଫ୍ରିଜ୍ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଗେଟ୍‌ଶୋ' ଆପ୍ ଜରିଆରେ ଟଙ୍କା ନିବେଶ ଆଳରେ ସାରା ଦେଶରେ ହୋଇଥିବା ୧୪୪ କୋଟିରୁ ଊର୍ଦ୍ଧ୍ୱ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ ଜାରି ରଖିଛି। ଏହି ମାମଲା (ନଂ.୧୦/୨୦୨୩)ର ତଦନ୍ତ କରୁଥିବାବେଳେ ସପ୍ତାହ ତଳେ ଏକ ଫେକ୍ ୱେବ୍‌ସାଇଟ୍ 'www.smsmvip.com' (ମାରାଥନ୍ ଡିଜିଟାଲ ହୋଲ୍ଡିଙ୍ଗ୍‌ସ)ର ୧୧.୯୧ ଲକ୍ଷ ଟଙ୍କାକୁ ଇଓଡବ୍ଲ୍ୟୁ ଫ୍ରିଜ୍ କରିଥିଲା। ଏଭଳିସ୍ଥିତିରେ ହିନ୍ଦୀ ଚଳଚ୍ଚିତ୍ର ଅଭିନେତାଙ୍କ ଫଟୋ ବ୍ୟବହାର କରି ଟଙ୍କା ଠକୁଥିବା ଆଉ ଏକ ଫେକ୍ ଆପ୍‌ର ସନ୍ଧାନ ପାଇଛି ଇଓଡବ୍ଲ୍ୟୁ। ଏହି ଆପ୍‌ର ନାଁ ହେଲା 'ଜଏନ୍ ଟ୍ରେଡ୍ ଫାଇନାନ୍‌ସିଆଲ ଗ୍ରୋଥ୍'। ଏହି ଆପ୍‌ର ଲିଙ୍କ୍ ହୋଇଥିବା ବ୍ୟାଙ୍କ୍ ଆକାଉଣ୍ଟଗୁଡ଼ିକ ମଧ୍ୟରୁ ୫ଟି ଆକାଉଣ୍ଟ ଜରିଆରେ ଦେଶବ୍ୟାପୀ ୧୮.୬୭ କୋଟି ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି। ତେବେ ଏହି ଆକାଉଣ୍ଟଗୁଡ଼ିକରେ ବଳକା ଥିବା ୧.୨୨ କୋଟି ଟଙ୍କାକୁ ଇଓଡବ୍ଲ୍ୟୁ ପକ୍ଷରୁ ଫ୍ରିଜ୍ କରାଯାଇଥିବା ଗୁରୁବାର ସୂଚନା ଦିଆଯାଇଛି।




**ଅଭିନେତାଙ୍କ ଫଟୋ ବ୍ୟବହାର କରି ଠକେଇ**
- ୫ ଆକାଉଣ୍ଟରେ ୧୮.୬୭ କୋଟିର କାରବାର
- ପ୍ଲେ-ଷ୍ଟୋର୍‌ରୁ ଆପ୍ ହଟାଇବାକୁ ଗୁଗଲ୍‌କୁ ଚିଠି ଲେଖିଲା ଇଓଡବ୍ଲ୍ୟୁ
- ପ୍ରତି ମିନିଟ୍‌ରେ ବଦଳିଥାଏ ୟୁପିଆଇ ଆଇଡି

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, 'ଜଏନ୍ ଟ୍ରେଡ୍ ଫାଇନାନ୍‌ସିଆଲ ଗ୍ରୋଥ୍' ନାମକ ଏହି ଫେକ୍ ଆପ୍ ଗୁଗଲ ପ୍ଲେ ଷ୍ଟୋରରେ ରହିଥିବାବେଳେ ଏହାକୁ ପର୍‌ଫେକ୍ଟ ଟ୍ରେଡ୍ ତିଆରି କରିଛି। ଏହାକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟବହାରକାରୀ ଡାଉନଲୋଡ୍ ମଧ୍ୟ କରିଛନ୍ତି। ଆପ୍ ଦ୍ୱାରା ନିବେଶ ପରେ ବହୁଗୁଣ ଲାଭ ଦେଖାଇ ଲୋକଙ୍କୁ ଫସାଯାଇଥାଏ। ଏପରିକି ୧୦୦ ଟଙ୍କାରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ନିବେଶ କରିବାକୁ କୁହାଯାଇଥାଏ। ୨୦ ଟଙ୍କା ଜମା କଲେ ଦିନକୁ ୨୦୦୦ ହଜାର ଟଙ୍କା ଭଳି ମିଳିବ ବୋଲି ଲୋଭ ଦେଖାଯାଇଥାଏ। ହିନ୍ଦୀ ଚଳଚ୍ଚିତ୍ର ଅଭିନେତା ମିନିଶ ପଲ୍ ଓ ଅକ୍ଷୟ କୁମାର କରୋନା ସଚେତନତା ପାଇଁ ପୋଷ୍ଟ କରିଥିବା ସେମାନଙ୍କ ଫଟୋକୁ ଠକମାନେ ବ୍ୟବହାର କରି ଏଡିଟ୍ ମଧ୍ୟ କରିଛନ୍ତି। ଏହି ଆପ୍‌ରେ ୟୁପିଆଇ ଦ୍ୱାରା ଟଙ୍କା ଡିପୋଜିଟ୍ ହୁଏ। ଏହି ୟୁପିଆଇ ଆଇଡି ପ୍ରତି ମିନିଟ୍‌ରେ ବଦଳି ଯାଇଥାଏ। ତେବେ ଏହି ଆପ୍ ଦ୍ୱାରା ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ବହୁତ ସେଲ୍ କମ୍ପାନୀ ଦ୍ୱାରା ପରିଚାଳନା କରାଯାଉଛି। ଯାଞ୍ଚରୁ ୫ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ୩ଟି ଗୁଜରାଟରେ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି। ତେଣୁ ଗୁଜରାଟରେ ଏହି ଆପ୍‌ର କେହି ଏଜେଣ୍ଟ ଥିବା ଇଓଡବ୍ଲ୍ୟୁ ସନ୍ଦେହ କରୁଛି। ତେବେ ଏହି ଆପ୍ ବିଦେଶରୁ ପରିଚାଳିତ ହେଉଥିବା ମଧ୍ୟ ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଏହାର ମାଷ୍ଟରମାଇଣ୍ଡକୁ ଧରିବା ଇଓଡବ୍ଲ୍ୟୁ ପାଇଁ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଆପ୍‌କୁ ପ୍ଲେ ଷ୍ଟୋର୍‌ରୁ ହଟାଇବାକୁ ଗୁଗଲ୍‌କୁ ଚିଠି ଲେଖାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରାଦେଶିକ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାଫଳ ପ୍ରକାଶିତ

### ତୃତୀୟ ସ୍ଥାନରେ ତ୍ରିଶା

**କଟକ ଅଫିସ,୧୧।୫:** ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ ପ୍ରାଦେଶିକ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ କଟକ ମହାନଦୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ଶ୍ରେଣୀର ଛାତ୍ରୀ ତ୍ରିଶା ପ୍ରିୟଦର୍ଶିନୀ ଯତି ରାଜ୍ୟରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ପଞ୍ଚମ ଶ୍ରେଣୀ ଛାତ୍ର ହର୍ଷିତ୍ ଶେଖର ସାହୁ ୮ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ତୃତୀୟ ଶ୍ରେଣୀ ଛାତ୍ର ଶୁଭ୍ରାଂଶୁ ନାରାୟଣ ପ୍ରଧାନ ପ୍ରାଦେଶିକ ମେଧାବୃତ୍ତି ପରୀକ୍ଷାରେ ୬ଷ୍ଠ ସ୍ଥାନ ଅଧିକାର କରି ବିଦ୍ୟାଳୟ ଓ ପରିବାର ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତାରେ ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା, ପ୍ରଧାନ ଆଚାର୍ଯ୍ୟ ଏବଂ ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ରଥ ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

**ପୁରୀ ଅଫିସ, ୧୧।୫**

### ତୀର୍ଥ ପୁଷ୍କରିଣୀ ସ୍ଥିତି ଅନୁଧ୍ୟାନ ସହ ବିଭିନ୍ନ କାମ ଦେଖିଲେ

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆସନ୍ତା ଜୁନ ୨୦ରେ ଅନୁଷ୍ଠିତ ହେବ। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ଲାଗିପଡ଼ିଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଗୁରୁବାର ରଥ ନିର୍ମାଣ ସହ ବିଭିନ୍ନ କାର୍ଯ୍ୟର ତଦାରଖ ଓ ସମୀକ୍ଷା କରିଛନ୍ତି। ମୁଖ୍ୟ ପ୍ରଶାସକ ଦାସ ରଥଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ରଥ ନିର୍ମାଣ କେତେଦୂର ଆଗେଇଛି ସେ ନେଇ ସେବକମାନଙ୍କୁ ପଚାରି ବୁଝିଥିଲେ। ରଥ କାମ ଦ୍ରୁତ ଗତିରେ ଚାଲିଥିବା ଜାଣି ଖୁସି ବ୍ୟକ୍ତ କରିଥିଲେ। ୪୨ଟି ଚକ ମଧ୍ୟରୁ ୨୮ଟି ଚକର ନିର୍ମାଣ କାର୍ଯ୍ୟ ସରିଥିବା ସମ୍ପର୍କରେ ସେ ଅବଗତ ହୋଇଥିଲେ। ସେହିପରି ରଥ ଠିଆ ହେବା ସ୍ଥାନ ବୁଲି ଦେଖିବା ସହ ତାହାକୁ ସମାନ୍ତର କରାଯିବା ନେଇ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। କୌଣସି ସମସ୍ୟା ଥିଲେ ତୁରନ୍ତ ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ ଶ୍ରୀକ୍ଷେତ୍ରର ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀ ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଶାସନ ପକ୍ଷରୁ ତୀର୍ଥ ପୁଷ୍କରିଣୀରେ ଚାଲିଥିବା ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିପରି ଚାଲିଛି, କେଉଁ କାର୍ଯ୍ୟ ସରିଛି ଏବଂ ଆଉ କ'ଣ ବାକି ରହିଛି ପ୍ରଭୃତି ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ ଜଗନ୍ନାଥ ବଲ୍ଲଭ ନିକଟରେ ନିର୍ମାଣ ଚାଲିଥିବା ମାର୍କେଟ କମ୍ପ୍ଲେକ୍ସ ଓ ପାର୍କିଂ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ଏ ନେଇ ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ସମସ୍ତଙ୍କ ସହଯୋଗ ତଥା ସମନ୍ୱୟରେ ମହାପ୍ରଭୁଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଓ ସଫଳ ଭାବେ ସମ୍ପନ୍ନ କରାଯିବାକୁ କାର୍ଯ୍ୟ କରାଯାଉଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ରଥ ନିର୍ମାଣ କାମ ସୁରୁଖୁରୁରେ ଆଗେଇ ଚାଲିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାମ ଶେଷ କରାଯିବାକୁ ପ୍ରୟାସ ଜାରି ରହିଛି।

## ୟୁଜିସି ନେଟ୍ ଲାଗି ୩୧ ଯାଏ ଆବେଦନ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଚଳିତବର୍ଷ ଜୁନ ଟର୍ମ ୟୁଜିସି ଜାତୀୟ ଯୋଗ୍ୟତା ପରୀକ୍ଷା(ନେଟ୍) ପାଇଁ ଆବେଦନ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର ଆସନ୍ତା ୩୧ ତାରିଖ ଯାଏ ଆବେଦନ କରିବେ ଓ ଜୁନ ୩ ପର୍ଯ୍ୟନ୍ତ ତ୍ରୁଟି ସଂଶୋଧନ କରି ପାରିବେ ବୋଲି ଏନ୍‌ଟିଏ ଦର୍ଶାଇଛି। ମୋଟ ୮୩ଟି ବିଷୟରେ ଜୁନ୍ ୧୩ରୁ ୨୨ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହେବ। ଦୈନିକ ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ଚାଲିବ। ତେବେ ପରୀକ୍ଷା ତାରିଖ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟ ବିଭାଗର ୱେବ୍‌ସାଇଟରେ ପରବର୍ତ୍ତୀ ସମୟରେ ଉପଲବ୍ଧ ହେବ। ଆଶାୟୀମାନେ www.nta.nic.in ମାଧ୍ୟମରେ ପରୀକ୍ଷା ସମ୍ପର୍କିତ ସମସ୍ତ ତଥ୍ୟ ପାଇପାରିବେ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

## ନନ୍ଦନକାନନରେ ଅଂଶୁଘାତ: ପୁଣି ଏକ ହରିଣ ଅସୁସ୍ଥ




**ବାରଙ୍ଗ,୧୧।୫(ଡି.ଏନ୍.ଏ.)**

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗୁରୁବାର ପୁଣି ଏକ ୫ ବର୍ଷର ଚିତ୍ରାହରିଣ ଅଂଶୁଘାତରେ ଅସୁସ୍ଥ ହୋଇପଡ଼ିଛି। ୬୯ନଂ. ଏନ୍‌କ୍ଲୋଜରରେ ରହୁଥିବା ଏହି ହରିଣ ଦ୍ୱିପ୍ରହର ସମୟରେ ଚଲାବୁଲା କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀ ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଖବରପାଇ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ସେଠାରେ ପହଞ୍ଚି ଅସୁସ୍ଥ ହରିଣକୁ ଖୁଆଡ଼ର ଏକ ସ୍ଥାନରେ ରଖି ଜରୁରିକାଳୀନ ଚିକିତ୍ସା ଆରମ୍ଭ କରିଥିଲେ। ନନ୍ଦନକାନନ ଜନ୍ତୁ ବିଭାଗର ପରିଚାଳନାଗତ ତ୍ରୁଟି ପାଇଁ ଜୀବଜନ୍ତୁମାନେ ଅଂଶୁଘାତରେ ଆକ୍ରାନ୍ତ ହେଉଛନ୍ତି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନ୍ତୁପ୍ରେମୀମାନେ ଦାବି କରିଛନ୍ତି।

## ମଦ ବିକି କର୍ପୋରେଟରଙ୍କ ସ୍ତ୍ରୀ ଗିରଫ

**ଭୁବନେଶ୍ୱର ,୧୧।୫(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ରାଧାକୃଷ୍ଣ ବସ୍ତିରେ ଗୁରୁବାର ସକାଳେ ଅବକାରୀ ବିଭାଗ ଚଢାଉ କରି ଦେଶୀ, ବିଦେଶୀ ଓ ହାଣ୍ଡିଆ ଚାଉଳି ମଦ ଜବତ କରିଛି। ଏହାସହ ବେଆଇନ ଭାବେ ମଦ ବିକ୍ରି କରୁଥିବା ଲକ୍ଷ୍ମୀ ଟୁଡୁ (୪୦) ନାମକ ଜଣେ ମହିଳାଙ୍କୁ ଗିରଫ କରିଛି। ଲକ୍ଷ୍ମୀ ସ୍ଥାନୀୟ ୱାର୍ଡ ନଂ.୮ର କର୍ପୋରେଟରଙ୍କ ସ୍ତ୍ରୀ ବୋଲି ଜଣାପଡିଛି। ତାଙ୍କୁ ଅବକାରୀ ବିଭାଗ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀ ସ୍ୱାମୀଙ୍କଠାରୁ ଅଲଗା ହୋଇ ଉକ୍ତ ବସ୍ତିରେ ଏକା ରହୁଥିଲେ। ଏହାପରେ ସେ ବେଆଇନ ଭାବେ ନିଶା ବେପାର କରିଆସୁଥିଲେ। ବିଭିନ୍ନ ମହିଳା ସଙ୍ଗଠନ ଏହାକୁ ବିରୋଧ କରିବା ସହ ସେଠାରେ ମଦ ବିକ୍ରି ନ କରିବା ପାଇଁ ଲକ୍ଷ୍ମୀଙ୍କୁ ବାରମ୍ବାର କହୁଥିଲେ। ହେଲେ ସେ କିଛି ନ ଶୁଣି ମଦ ବିକ୍ରି କରିଆସୁଥିଲେ। ଏନେଇ ଖବର ପାଇବା ପରେ ଅବକାରୀ ବିଭାଗର ଏକ ଟିମ୍ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଛି। ଏନେଇ ସ୍ଥାନୀୟ ଲୋକେ କହିଛନ୍ତି, ଗତ ନିର୍ବାଚନରେ ଲକ୍ଷ୍ମୀଙ୍କ ସ୍ୱାମୀ କର୍ପୋରେଟର ପ୍ରାର୍ଥୀ ହୋଇଥିଲେ ମଧ ସେ ଭୟ ନ କରି ଖୁଲମ୍‌ଖୁଲା ମଦ ବିକ୍ରି କରୁଥିଲେ। ସ୍ଥାନୀୟ ପୋଲିସ ଜାଣି ମଧ କୌଣସି ପଦକ୍ଷପ ନେଉ ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ପୂର୍ବ ଶତ୍ରୁତାରୁ ବଡ଼ଭାଇଙ୍କୁ ହତ୍ୟା, ସାନ ଗୁରୁତର

**ବାଣପୁର/ଗମ୍ଭାରୀମୁଣ୍ଡା, ୧୧।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଭୀମପୁର ଗ୍ରାମର ହରିଜନ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁରୁବାର ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଏଥିରେ ଉକ୍ତ ସାହିର ରବୀନ୍ଦ୍ର ନାଥ ନାୟକ(୭୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ସାନଭାଇ ସୋମନାଥ ନାୟକ(୬୫) ଗୁରୁତର ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଖବରପାଇ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।


ଆହତ ସୋମନାଥ ନାୟକ

ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୯ଟାରେ ଦୁଇ ଭାଇ ରବୀନ୍ଦ୍ର ଓ ସୋମନାଥ ଘର ଆଗ ବାରଣ୍ଡାରେ ବସି କଥା ହେଉଥିଲେ। ଏହି ସମୟରେ ଗ୍ରାମର କେଲୁ ନାୟକ ସେଠାରେ ପହଞ୍ଚି ହଠାତ୍ ଏକ କଟୁରିରେ ଦୁଇଭାଇଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ କେଲୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଦୁଇଭାଇଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସୋମନାଥ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଚନ୍ଦନ


@ ଆକାଶ


@ ସୁଜାତା


@ ହିମାଂଶୁ


@ ପ୍ରଭାତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଚିଲିକାରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ

**ବ୍ରହ୍ମଗିରି/କୃଷ୍ଣପ୍ରସାଦ, ୧୧।୫(ଡି.ଏନ୍.ଏ.)**

ନୀଳାମ୍ବୁ ଚିଲିକାରେ ଗଢ଼ି ଉଠିଛି ବେଆଇନ ଚିଙ୍ଗୁଡ଼ି ଘେରି। ଫଳରେ ଏଠାକାର ଜୈବ ବିବିଧତା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ଏନେଇ ଗତ ୯ ତାରିଖରେ ଧରିତ୍ରୀରେ 'ଚିଲିକାକୁ ଉଜାଡୁଛି ଚିଙ୍ଗୁଡ଼ି ଲୋଭ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ବ୍ରହ୍ମଗିରି ତହସିଲ ପକ୍ଷରୁ ବ୍ରହ୍ମଗିରି ନିକଟସ୍ଥ କଣ୍ଟେଇଜାଣରୁ ୩୫ଏକର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି। ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ପ୍ରବୋଧ କୁମାର ମହାନ୍ତି, ଦୁଇ ପ୍ଲାଟୁନ ପୋଲିସ ଉଚ୍ଛେଦ ବେଳେ ଉପସ୍ଥିତ ଥିଲେ। ସେହିପରି କୃଷ୍ଣପ୍ରସାଦ ବ୍ଲକ ଖଟିଆ କୁଦି ଗ୍ରାମ ନିକଟରୁ ବେଆଇନ ମାଟି ଘେରି ୧୫୦ ମିଟର (୩୪ ଡିସିମିଲ) ଉଚ୍ଛେଦ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଶରତ କୁମାର ଗିରି, ସୁପ୍ରଭାଇଜର ମଧୁସୂଦନ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଜ୍ୟୋତି ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ପୋଲିସ ଉପସ୍ଥିତିରେ ଏହି ଘେରି ଉଚ୍ଛେଦ ହୋଇଥିଲା।

## ବାଲୁକା କଳାରେ ସେବିକାଙ୍କୁ ସମ୍ମାନ

**ପୁରୀ ଅଫିସ, ୧୧।୫:** ମେ ୧୨ତାରିଖକୁ ଅନ୍ତର୍ଜାତୀୟ ସେବିକା ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ସେବିକାମାନଙ୍କୁ ସମ୍ମାନ ଜଣାଇ ସେଭେନ୍ ସ୍ନୋକ୍ ଭର୍‌ଡ୍ୟୁର ଫାଉଣ୍ଡେଶନ ପକ୍ଷରୁ ବାଲୁକା କଳା ମାଧ୍ୟମରେ 'ଆମ ସେବିକା ଆମ ଭବିଷ୍ୟତ' ସଚେତନତା ବାର୍ତ୍ତା ଦିଆଯାଇଛି। ଗୁରୁବାର ପୁରୀ ଲାଇଟ ହାଉସ୍ ବେଳାଭୂମିରେ ଶିଳ୍ପୀ ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ଏହି ବାଲୁକା କଳା ପ୍ରସ୍ତୁତ କରାଯାଇଛି। ଏହାକୁ ଏଏନ୍‌ଏମ୍ ସେଣ୍ଟରର ଅଧକ୍ଷା ନୟନା ସାମଲ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶେଖର ପାତ୍ର, ଅପର୍ଣ୍ଣା ମହାନ୍ତି ଏବଂ ନର୍ସିଂ ଛାତ୍ରୀମାନେ ଉପସ୍ଥିତ ଥିଲେ। ଶିଳ୍ପୀ ମହାନ୍ତିଙ୍କୁ ଉକ୍ତ ବାଲୁକା କଳା ନିର୍ମାଣ କରିବାକୁ ୮ ଘଣ୍ଟା ଲାଗିଥିବାବେଳେ ଏଥିରେ ୭ଟନ୍ ବାଲି ବ୍ୟବହାର ହୋଇଛି। ବାଲୁକା କଳାର ଉଚ୍ଚତା ୫ ଫୁଟ ଓ ଓସାର ୧୦ ଫୁଟ୍ ରହିଛି।



ଅନ୍ତର୍ଜାତୀୟ ସେବିକା ଦିବସ ଅବ୍ୟବହିତ ପୂର୍ବରୁ ଗୁରୁବାର ପୁରୀ ବେଳାଭୂମିରେ ସେଭେନ୍ ସ୍ନୋକ୍ ଭର୍‌ଡ୍ୟୁର ଫାଉଣ୍ଡେଶନ ପକ୍ଷରୁ ଶିଳ୍ପୀ ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।


ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଏମ୍‌ପି ଭବାନୀ ଚରଣ ପଟ୍ଟନାୟକଙ୍କ ଜୟନ୍ତୀରେ ଗୁରୁବାର ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ପରିବେଶ ସୁରକ୍ଷା ଉପରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା।

## ସଂକ୍ଷେପରେ

### ଗ୍ରାହକ ହୋଇ ଆସି ଖବରଦାତାଙ୍କ ବ୍ୟାଗ୍ ନେଇଗଲେ

ଖୋର୍ଦ୍ଧା ଅଫିସ,୧୧।୫: ଏକ ଫାଷ୍ଟଫୁଡ୍ ଦୋକାନରୁ ଖବରଦାତା ଆକାଶ ବିଶ୍ୱାଲଙ୍କ ବ୍ୟାଗ୍ ଚୋରି ହୋଇଥିବା ନେଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ବ୍ୟାଗ ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୋଲିସ ସିସିଟିଭିକୁ ଅନୁଧ୍ୟାନ କରି ତଦନ୍ତ ଚଳାଇଛି। ଆକାଶଙ୍କ ବ୍ୟାଗରେ ଜମିଜମା କାଗଜପତ୍ର, ବ୍ୟାଙ୍କ ପାସ ବୁକ୍, ୧ହଳ ନୂଆ ସୁନା ଚୁଡ଼ି, ୨ ହଜାର ଟଙ୍କା ରହିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ସୂଚନା ଅନୁସାରେ, ଗୁରୁବାର ସକାଳ ୯ଟାରେ ଆକାଶ ଖୋର୍ଦ୍ଧା-ନୟାଗଡ଼ ରୋଡ଼ ତଥା ଆଦର୍ଶ ଥାନା ପଛପାର୍ଶ୍ୱରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରେ ଜଳଖିଆ ଖାଇବାକୁ ଯାଇଥିଲେ। ଅନ୍ୟମନସ୍କ ହୋଇ ବ୍ୟାଗଟିକୁ ଚେୟାର ଉପରେ ଛାଡି ପଳାଇ ଆସିଥିଲେ। ପରେ ବ୍ୟାଗ ନ ପାଇ ଦୋକାନକୁ ଯାଇ ଖୋଜାଖୋଜି କରି ନିରାଶ ହୋଇଥିଲେ। ଏନେଇ ଫାଷ୍ଟ ଫୁଡ୍ ମାଲିକ ସହଯୋଗ କରିଥିଲେ। ଜଣେ ଅଜଣା ବ୍ୟକ୍ତି ଜଳଖିଆ ଖାଇବା ପରେ ଉକ୍ତ ବ୍ୟାଗଟିକୁ ଚୋରି କରିନେଇଯାଇଥିବା ସିସିଟିଭିରେ କଏଦ ହୋଇଥିବା ଦେଖିବାକୁ ମିଳିଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

ବୋଲଗଡ଼,୧୧।୫(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ କଡ଼ବ ଗ୍ରାମର ଆଦର୍ଶ ଶିକ୍ଷକ ଭାବେ ପରିଚିତ ନାରାୟଣ ସାହୁ (୮୩)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷକତା କରିବା ସହିତ ଅନେକ ସାମାଜିକ କାର୍ଯ୍ୟରେ ଜଡିତ ରହି ଲୋକପ୍ରିୟ ହୋଇପାରିଥିଲେ। ତାଙ୍କର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଥିବା ବେଳେ ଜ୍ୟେଷ୍ଠପୁତ୍ର ତଥା କଡ଼ବ ପଞ୍ଚାୟତର ବିଜେଡି ସଭାପତି ହେମନ୍ତ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

### ଯୁବତୀଙ୍କୁ ଅପହରଣ ଅଭିଯୋଗ

କଣାସ,୧୧।୫(ସ୍ୱ.ପ୍ର.)- କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କର ବରଣ ଛକ ନିକଟରେ ୨୯ବର୍ଷୀୟା ଆଇନଜୀବୀଙ୍କୁ କେହି ଅପହରଣ କରି ନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଦଫା ୩୬୩, ୩୬୬, ୩୪ ଆଇପିଏସ୍‌ରେ ଏକ ମାମଲା ନଂ. ୭୯/୨୩ ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ହରଷପଡ଼ା ସାମିଲି ମାଳୀ ସାହିର ବନମାଳୀ ମାଝୀଙ୍କ ଝିଅ ଆଇନଜୀବୀ ସୀତାରାଣୀ ମାଝୀ ସବୁଦିନ କଣାସକୁ ଓକିଲାତି କରିବାକୁ ଯାଆନ୍ତି। ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ସେ ସ୍କୁଟି ଯୋଗେ ଯାଉଥିବାବେଳେ ଗୋଲରା ଗ୍ରାମର ସଂଗ୍ରାମ ଭୁଜବଳ (ମୁନା) ବରଣ ଛକ ନିକଟରେ ସ୍କୁଟି ଆଗରେ କାର୍ ରଖି ସୀତାରାଣୀଙ୍କୁ ଅଟକାଇଥିଲେ। କାର୍‌ରୁ ୨ ଜଣ ଯୁବକ ବାହାରି ସୀତାରାଣୀଙ୍କୁ ଜୋରଜବରଦସ୍ତ କାର୍ ଭିତରେ ଭର୍ତ୍ତି କରି ନେଇ ପଳାଇଥିଲେ। ପ୍ରକାଶ ଥାଉକି, ୨ ମାସ ତଳେ ସୀତାରାଣୀଙ୍କ ବାହାଘର ଭାଙ୍ଗିବାକୁ ସଂଗ୍ରାମ ଧମକ ଦେବା ନେଇ ଗଡିଶାଗୋଦା ଥାନାରେ ତାଙ୍କ ବାପା ଏକ ଅଭିଯୋଗ କରିଥିଲେ। ଏଥିରେ ଗଡିଶାଗୋଦା ଥାନା ପୋଲିସ ସଂଗ୍ରାମଙ୍କ ସହ ଏକ ଏଗ୍ରିମେଣ୍ଟ କରି ତାଙ୍କୁ ଛାଡ଼ି ଦେଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ସୀତାରାଣୀଙ୍କୁ ଅପହରଣ କରି ନେଇଥିବା ବାପା ବନମାଳୀ ଅଭିଯୋଗ କରିଛନ୍ତି। ଏନେଇ କଣାସ ଥାନା ଅଧିକାରୀ ସୁଜିତ୍ ଦାସଙ୍କୁ ପଚାରିବାରେ, ତଦନ୍ତ ଚାଲିଛି, ଅପହରଣ ହୋଇଥିବା ପଛର କାରଣ ଜଣାପଡ଼ିବ।

# ମହାପ୍ରଭୁଙ୍କ ଜମିରେ ଥିବା ୧୪୭ କ୍ରଶର ବନ୍ଦ ନିର୍ଦ୍ଦେଶ

**ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ପରିଚାଳନା, ସୁରକ୍ଷା ନେଇ ସମୀକ୍ଷା**

ଖୋର୍ଦ୍ଧା ଅଫିସ, ୧୧।୫



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ପରିଚାଳନା ଓ ସୁରକ୍ଷା ସମ୍ପର୍କରେ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଖୋର୍ଦ୍ଧା ଓ ବେଗୁନିଆ ଅଞ୍ଚଳରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିରେ ସମୁଦାୟ ୨୩୨ଟି କ୍ରଶର ୟୁନିଟ ରେକର୍ଡଭୁକ୍ତ ହୋଇଥିବା ବିଷୟରେ ଅବଗତ ହୋଇଥିଲେ। ସେଥିମଧ୍ୟରୁ ୨୦୨୨-୨୩ ମସିହା ପାଇଁ ୮୫ଟି କ୍ରସର ୟୁନିଟ ଶ୍ରୀମନ୍ଦିର ପ୍ରଶାସନ ସହ ବିଧିବଦ୍ଧ ଭାବେ ବୁଝାମଣା ସ୍ୱାକ୍ଷର କରିଥିଲେ। ତନ୍ମଧ୍ୟରୁ ଚଳିତ ବର୍ଷ ୨୦୨୩-୨୪ ପାଇଁ ୫୨ଟି କ୍ରଶର ୟୁନିଟ ପକ୍ଷରୁ ନବୀକରଣ ଆବେଦନ ଦାଖଲ ହୋଇଛି। ତେଣୁ ଏହି ୟୁନିଟଗୁଡ଼ିକର ଆବେଦନ ତଥା ପ୍ରଣାମୀ ଦାଖଲକୁ ବିଚାରକୁ ନେଇ ବୁଝାମଣା ନବୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଖିଲାପକାରୀ ୧୪୭ଟି କ୍ରଶର ୟୁନିଟ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବିଦ୍ୟୁତ ବିଭାଗକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିବା ମୁଖ୍ୟ ପ୍ରଶାସକ ଦାସ ଗୁରୁବାର ସୂଚନା ଦେଇଛନ୍ତି। ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଉପରେ ଖୋର୍ଦ୍ଧା ଓ ବେଗୁନିଆ ଅଞ୍ଚଳରେ ଥିବା ୧୪୭ଟି କ୍ରସର ୟୁନିଟ ତୁରନ୍ତ ବନ୍ଦ କରିବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଅବଗତ କରିଛି। ଏସବୁ କ୍ରସରର ବିଦ୍ୟୁତ କାଟ୍ ପାଇଁ ଟିପିସିଓଡିଏଲକୁ କୁହାଯାଇଥିବାବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦିଆଯାଇଥିବା ଅନୁମତି ପ୍ରତ୍ୟାହାର ଲାଗି ଅବଗତ କରାଯାଇଛି। ବକେୟା ଅର୍ଥ ଆଦାୟ ନିମନ୍ତେ ଓପିଡିଆର୍ ଆକ୍ଟରେ ମାମଲା ରୁଜୁ ପାଇଁ ଜିଲାପାଳ ଏବଂ ଉପଜିଲାପାଳଙ୍କୁ ଅବଗତ କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମୀକ୍ଷା ଅବସରରେ ସୂଚନା ଦେଇଛନ୍ତି।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

ବାଣପୁର/ଗମ୍ଭାରୀମୁଣ୍ଡା,୧୧।୫(ଡି.ଏନ୍.ଏ.)

ବାଣପୁର ଥାନା ଅନ୍ତର୍ଗତ ଡୁମୁରାପୁଟ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ବିବାହର ବାରଦିନରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ହେଲେ ସସ୍ମିତା ବେହେରା। ଅନ୍ୟପକ୍ଷରେ ହଠାତ୍ ଝିଅର ମୃତ୍ୟୁକୁ ନେଇ ପରିବାର ଲୋକେ ବିଶ୍ୱାସ କରିପାରୁ ନାହାନ୍ତି। ଶାଶୁଘର ଲୋକେ ଝିଅକୁ ମାରିଦେଇଛନ୍ତି ବୋଲି ମୃତାଙ୍କ ମା' ବାସନ୍ତୀ ବେହେରା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏଗାର ଦିନ ପୂର୍ବେ ନରେନ୍ଦ୍ରପୁର ପଞ୍ଚାୟତ ହଳନ୍ଦା ଗ୍ରାମର ବସନ୍ତ ବେହେରାଙ୍କ ଝିଅ ସସ୍ମିତାଙ୍କୁ ଡୁମୁରାପୁଟ ଗ୍ରାମର ବଟୁ ବେହେରାଙ୍କ ପୁଅ ସୁମନ ବେହେରା ବୈଦିକ ରୀତିରେ ବିବାହ କରିଥିଲେ। କୌଣସି କାରଣରୁ ଗୁରୁବାର ସକାଳେ ସସ୍ମିତା ଅସୁସ୍ଥ ହୋଇ ପଡ଼ିବାରୁ ଶାଶୁଘର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# କୁକୁଡ଼ାଦାନା କମ୍ପାନୀରେ କର୍ମଚାରୀଙ୍କ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାର: ୨ ଅଟକ**

ଖୋର୍ଦ୍ଧା ଅଫିସ,୧୧।୫

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ଏକ କୁକୁଡ଼ା ଦାନା କମ୍ପାନୀରେ ଜଣେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ଶଙ୍କରଭୋଳ ଗ୍ରାମର ଅମରେନ୍ଦ୍ର ରାଉତ (୨୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅମରେନ୍ଦ୍ରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ବଡ଼ବାପା ପୁଅ ଭାଇ ସୁଶାନ୍ତ ରାଉତ ଶିଳ୍ପାଞ୍ଚଳ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୮୯/୨୩) ରୁଜୁ କରି ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁସାରେ, ଅମରେନ୍ଦ୍ର ଉକ୍ତ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ମୃତକଙ୍କ ସମ୍ପର୍କୀୟ ବିଦ୍ୟାଧର ରାଉତଙ୍କ କହିବା ଅନୁଯାୟୀ, ବୁଧବାର ରାତିରେ ଅମରେନ୍ଦ୍ର ତାଙ୍କ ମା'ଙ୍କ ସହିତ କଥା ହୋଇଥିଲେ। ହେଲେ ଗୁରୁବାର ସକାଳ ୯ଟାରେ ଅମରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଖବର ଆସିଥିଲା। ଅମରେନ୍ଦ୍ରଙ୍କ ବେକରେ ଦାଗ ଥିବା ବେଳେ ନାକ ଓ ଆଖିରୁ ରକ୍ତ ବାହାରିବା ସହ ଘଟଣାସ୍ଥଳରେ ମଳତ୍ୟାଗ କରିଥିବା ବିଦ୍ୟାଧର କହିଛନ୍ତି। ତେଣୁ ଅମରେନ୍ଦ୍ରଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି।

# କମ୍ପାନୀ ଗେଟ୍‌ରେ ତାଲା ପକାଇଲେ ଶ୍ରମିକ



କମ୍ପାନୀ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୧୧।୫

ବରୁଣେଇ ଶିଳ୍ପାଞ୍ଚଳର ଏକାଧିକ ଘରୋଇ କମ୍ପାନୀରେ ଶ୍ରମିକଙ୍କୁ ଶୋଷଣ ଘଟଣା ଦିନକୁ ଦିନ ବଢିବାରେ ଲାଗିଛି। ଶ୍ରମ ଆଇନକୁ ଉଲ୍ଲଂଘନ କରାଯାଉଛି। ଶ୍ରମିକମାନଙ୍କୁ ଶ୍ରମ ଅନୁଯାୟୀ କୌଣସି ସୁବିଧା ଦିଆଯାଉନଥିବା ବେଳେ ଅଧିକ ସମୟ ଖଟିବାକୁ ବାଧ କରାଯାଉଛି। ବିରୋଧ କଲେ ଛଟେଇ ଧମକ ମିଳୁଛି। ଏନେଇ ଗୁରୁବାର ଏକ ଘରୋଇ କମ୍ପାନୀ ପରିସରରେ ଶ୍ରମିକ ଅଶାନ୍ତି ଦେଖାଯାଇଛି। ୮ଘଣ୍ଟା ପରିବର୍ତ୍ତେ ଅଧିକ ସମୟ କାମରେ ଲଗାଇବା, ଶ୍ରମିକମାନଙ୍କୁ ଉପଯୁକ୍ତ ଦରମା ଠିକ୍ ସମୟରେ ନ ଦେବା ପ୍ରତିବାଦରେ ଶ୍ରମିକମାନେ କମ୍ପାନୀ ଗେଟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକମାନଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ୮ଘଣ୍ଟା ପରିଶ୍ରମ କରିବାକୁ ଚୁକ୍ତି ରଖିଥିବା ବେଳେ ୧୨ଘଣ୍ଟାରୁ ୧୪ ଘଣ୍ଟା ପର୍ଯ୍ୟନ୍ତ ଖଟାଉଛନ୍ତି। ଠିକ୍ ସମୟରେ ଦରମା ଦିଆଯାଉନାହିଁ। ତେବେ ଏ ସଂକ୍ରାନ୍ତରେ ଶ୍ରମିକ କିମ୍ବା କମ୍ପାନୀ କର୍ତ୍ତୃକ୍ଷଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନଥିବା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ବ୍ରାଉନସୁଗାର ଜବତ, ଜଣେ ଗିରଫ

ଗୋପ,୧୧।୫(ଡି.ଏନ୍.ଏ.)

ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଗୋପ ଥାନା ଅନ୍ତର୍ଗତ ବେଣୀପୁର ଗ୍ରାମରେ ଚଢ଼ାଉ କରାଯାଇ ୮୭ ଗ୍ରାମ ବ୍ରାଉନସୁଗାର ସହ କାରବାରରେ ବ୍ୟବହୃତ ଏକ ବାଇକ୍ ମଧ ଜବତ କରାଯାଇଛି। ଏଥିସହ ବ୍ରାଉନସୁଗାର ବ୍ୟବସାୟୀ କରୁଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଗୋପ ଥାନା ଅଞ୍ଚଳର ଦୁଃଶାସନ ସ୍ୱାଇଁ। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳରେ ବ୍ରାଉନସୁଗାର ଅଧିକ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଅପରାହ୍ନରେ ଗୋପ ଥାନା ଅଧୀନ ବେଣିପୁର ମା' ବେଲେଶ୍ୱରୀ ମନ୍ଦିର ନିକଟରେ ଚଢ଼ାଉ କରିଥିଲେ। ଚଢ଼ାଉରେ ବ୍ରାଉନସୁଗାର ବେପାରୀ ଦୁଃଶାସନଙ୍କୁ ଗିରଫ କରି ତାଙ୍କ ନିକଟରୁ ୮୭ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୮ଲକ୍ଷ ୭୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଘର ଘର ବୁଲି ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ସିଆର୍‌ସିସି



ଟାଙ୍ଗୀ(ଖୋର୍ଦ୍ଧା),୧୧।୫(ଡି.ଏନ୍.ଏ.)

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଫଳରେ ଘରେ ରହି ପିଲାମାନେ ପାଠ ପଢୁଛନ୍ତି। ଟାଙ୍ଗୀ ବ୍ଲକ ଲକ୍ଷ୍ମୀଧରପୁର କ୍ଲଷ୍ଟର ସିଆର୍‌ସିସି ଲଳିତ ନାରାୟଣ ମହାପାତ୍ର ପିଲାମାନଙ୍କ ଘରକୁ ଯାଇ ଦିଆଯାଇଥିବା ଗୃହକାର୍ଯ୍ୟ ଦେଖିବା ସହ ପିଲାମାନେ ଫଲିକ୍ ଏସିଡ୍ ଆଇରନ ବଟିକା ଖାଉଛନ୍ତି କି ନାହିଁ ତଥା ସେମାନଙ୍କର ଦିନଚର୍ଯ୍ୟା କିପରି ରହୁଛି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ପିଲାମାନଙ୍କୁ କିଛି ସମୟ ପାଠ ପଢ଼ାଉଥିବା ଦେଖିବାକୁ ମିଳିଥିଲା। ଦିବ୍ୟାଙ୍ଗ ପିଲାମାନଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚିଛି କି ନାହିଁ ଅଭିଭାବକଙ୍କୁ ମଧ ପଚାରି ବୁଝିଥିଲେ।

# ମହାପ୍ରଭୁଙ୍କ ପହଣ୍ଡି, ଅଣସର ଗାମୁଛା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ଖୋର୍ଦ୍ଧା ଅଫିସ,୧୧।୫

ମହାପ୍ରଭୁଙ୍କ ଘୋଷଯାତ୍ରା ଲାଗି ରଥ ନିର୍ମାଣ ଚାଲିଛି। ଆଗକୁ ରହିଛି ସ୍ନାନପୂର୍ଣ୍ଣିମା ଏବଂ ଅଣସର। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ମହାପ୍ରଭୁଙ୍କ ଅଣସର ଏବଂ ପହଣ୍ଡି ଗାମୁଛା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦର ଗ୍ରାମର ବୁଣାକାର। ମା'ଦୁର୍ଗା ଟେକ୍ସଟାଇଲ୍ ଆଣ୍ଡ ଡାଇଂ ୱାର୍କସ୍ ବୁଣାକାର ସଂସ୍ଥାର ସ୍ୱତ୍ୱାଧିକାରୀ ପ୍ରଭାସ ନାୟକଙ୍କ ତତ୍ତ୍ୱାବଧାନରେ ୧୬ଜଣ ବୁଣାକାର ଏହି କାର୍ଯ୍ୟରେ ଲାଗିଛନ୍ତି। ମହାପ୍ରଭୁଙ୍କ ଅଣସର ଏବଂ ପହଣ୍ଡି ଲାଗି ଗାମୁଛା ବୟନିକା ଯୋଗାଇଥାଏ।

**ସେବାରେ ସାନପଦର ବୁଣାକାର**

୨୦୧୮ ମସିହାରୁ ପ୍ରଭାସ ବୟନିକାଠାରୁ ଏହି ଅର୍ଡର ପାଇ ମହାପ୍ରଭୁଙ୍କ ଲାଗି ହାତତିଆରି ଗାମୁଛା ପ୍ରସ୍ତୁତି କରୁଛନ୍ତି। ସ୍ନାନଯାତ୍ରା ପୂର୍ବରୁ ବୟନିକାକୁ ହସ୍ତାନ୍ତର କରିଥା'ନ୍ତି। ବର୍ତ୍ତମାନ ସୁଦ୍ଧା ୭୦% କାର୍ଯ୍ୟ ସରିଲାଣି। ମେ' ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ପ୍ରଭାସ କହିଛନ୍ତି। ଅକ୍ଷୟତୃତୀୟାଠାରୁ କାମ ଆରମ୍ଭ ହୋଇଥାଏ। ବୟନିକାଠାରୁ ଅର୍ଡର ପାଇବା ପରେ କାମ ଆରମ୍ଭ ହୋଇଥିଲା। ସୂତାଲୁଗା ପ୍ରସ୍ତୁତି ଲାଗି ବୟନିକା ପକ୍ଷରୁ କଞ୍ଚାମାଲ ମିଳିଥାଏ। ଗଙ୍ଗାଧର ପରମାଣିକ, ସନ୍ତୋଷ ନାୟକ, ରଶ୍ମିତା ନାୟକ, ବିଦ୍ୟାଧର ନାୟକ, ରବୀନ୍ଦ୍ର ପରମାଣିକ, ରମେଶ ଦେବତା, ହାତୀ ପରମାଣିକ, ବାସନ୍ତି ନାୟକ, ଉଦୟନାଥ ନାୟକ, ଉଦୟନାଥ ଦାସ, ସନ୍ତୋଷ ଦାସ, ସୋନାଲି ପରମାଣିକ ପ୍ରମୁଖ ବୁଣାକାର ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରକାଶ ଯେ, ଏହି ଗ୍ରାମର ଅଧିକାଂଶ ପରିବାର ବୁଣାକାର। ୩୦ବର୍ଷ ପୂର୍ବେ ପ୍ରଭାସଙ୍କ ବାପା ଲକ୍ଷ୍ମୀଧର କେତେଜଣ ବୁଣାକାରଙ୍କୁ ନେଇ ଏକ ହସ୍ତତନ୍ତ ବୟନ ଶିଳ୍ପ ଗଠନ କରିଥିଲେ। ପରିବର୍ତ୍ତୀ ସମୟରେ ପ୍ରଭାସ ମା' ଦୁର୍ଗା ଟେକ୍ସଟାଇଲ୍ ଆଣ୍ଡ ଡାଇଂ ୱାର୍କସ୍ ବୁଣାକାର ସଂସ୍ଥା ଗଠନ କରିଥିଲେ। ଏହି ସଂସ୍ଥା ଅଧୀନରେ ୬୦ରୁ ଊର୍ଦ୍ଧ୍ୱ ବୁଣାକାର କାମ କରୁଛନ୍ତି। ହାତତିଆରି ସୂତାଲୁଗାର ମଧ ବେଶ୍ ଚାହିଦା ରହିଛି।

# ଯୁବକଙ୍କ ମୃତଦେହ ଜବତ

ନିମାପଡ଼ା,୧୧।୫(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଧୀନ ତେରୁଣ୍ଡିଆ ଗ୍ରାମରୁ ଗୁରୁବାର ରାତିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ସୌମ୍ୟକାନ୍ତ ପଳତା(୧୭)। ସୂଚନା ମୁତାବକ, ସୌମ୍ୟକାନ୍ତ ତାଙ୍କ ଘର ନିକଟ ଏକ ନୂତନ ଘରେ ଥିବା ଫ୍ୟାନ ହୁକ ସାହାଯ୍ୟରେ ବେକରେ ରଶି ବାନ୍ଧି ଝୁଲି ପଡିଥିଲେ। ରାତିରେ ପରିବାର ଲୋକ ଓ ଗ୍ରାମର କେତେକ ବ୍ୟକ୍ତି ସୌମ୍ୟକାନ୍ତଙ୍କୁ ଝୁଲୁଥିବାର ଦେଖି ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟକାନ୍ତଙ୍କ ମୃତ୍ୟୁ ଘଟିଥିଲା।

# 'କଲେଜର ବିକାଶ ପାଇଁ ଏକାଠି କାମ କର'

**ପରିଚାଳନା ସମିତି ସଭାପତିଙ୍କୁ ସମ୍ବର୍ଦ୍ଧନା**

ନିରାକାରପୁର,୧୧।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତିଭାବେ ଡ. ସଞ୍ଜୟ କୁମାର ମହାପାତ୍ର ମନୋନୀତ ହୋଇଛନ୍ତି। ଏନେଇ ମହାବିଦ୍ୟାଳୟରେ ସଭାପତି ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରତିଭାମୟୀ ମିତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ବିକାଶ ପାଇଁ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ମହାପାତ୍ର ଆହ୍ୱାନ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ ସଭା ସଂଯୋଜନା କରିଥିବା ବେଳେ କଲେଜ ପ୍ରଶାସନିକ ଅଧିକାରୀ ଡ. ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ପରିଚାଳନା ସମିତି ସଭାପତି ଡ. ସଞ୍ଜୟ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଅବହେଳିତ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବ ମନ୍ଦିର

ଖୋର୍ଦ୍ଧା ଅଫିସ,୧୧।୫: ଖୋର୍ଦ୍ଧା ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥ ଜାଗୁଳିପାଟଣାଠାରେ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣ ବିଗ୍ରହ) ଦେବ ବିଜେ କରିଛନ୍ତି। ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ରହିଛି। ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ରାଜ୍ୟ ସରକାର ବିଭିନ୍ନ ପ୍ରାଚୀନ ମଠ, ମନ୍ଦିର ଏବଂ ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ ଓ ପୁନରୁଦ୍ଧାର ଲାଗି ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ଏହାର ବିକାଶ ପ୍ରତି ଗୁରୁତ୍ୱ ଦେଉଛନ୍ତି। ହେଲେ ଏହି ମନ୍ଦିରର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ପ୍ରକାଶ ଯେ, ଜାଗୁଳିପାଟଣା ଛକରୁ ମନ୍ଦିରକୁ ଦୁଇଟି ରାସ୍ତା ସଂଯୋଗ କରୁଛି। ଛକରୁ ଗୋଟିଏ ମାଟିରାସ୍ତା ମନ୍ଦିର ଆଡ଼କୁ ଯାଇଥିବା ବେଳେ ଅନ୍ୟପଟେ ରାଜପଥଠାରୁ ମନ୍ଦିରକୁ ଯିବା ଲାଗି କିଛି ବାଟ ଏକ ରାସ୍ତା ନିର୍ମାଣ କରାଯାଇଛି। ତେବେ ରାସ୍ତା ମରାମତି ନ ହେବାରୁ ବିପର୍ଯ୍ୟସ୍ତ ହୋଇ ରହିଛି। ଫଳରେ ବହୁ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ମନ୍ଦିର ସମ୍ମୁଖ ଭାଗକୁ ଛାଡିଦେଲେ ଚାରିପାଖ ଅନାବନା ଗଛଲତା ଉଠି ବଣ ପାଲଟିଗଲାଣି। ଚନ୍ଦନ ପୋଖରୀ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ମହାପ୍ରଭୁଙ୍କ ଦୈନିକ ନୀତି ଲାଗି ଏକ ତୁଳସୀ ଉଦ୍ୟାନ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ମଧ ସମାନ ଅବସ୍ଥା ରହିଛି। ମନ୍ଦିରଠାରୁ କିଛି ଦୂରରେ ଆରୁଣ୍ୟ କୁଣ୍ଡ ରହିଛି। ଦେବସ୍ନାନ ପୂର୍ଣ୍ଣିମାରେ ଏହି କୁଣ୍ଡରୁ ସଂଗୃହୀତ ଜଳରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଜଳ ଲାଗି କରାଯାଏ। ତେବେ ଏହାର ମଧ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି କୁଣ୍ଡ ଅନାବନା ଗଛର ଶୁଖିଲା ପତ୍ର,





- ରାସ୍ତାଘାଟ ବିପର୍ଯ୍ୟସ୍ତ
- ମାଡ଼ିଗଲାଣି ଅନାବନା ଗଛ
- ନୂତନ ରଥ ନିର୍ମାଣ କରାଯାଉ ନାହିଁ

ଡାଳ ଏପରିକି ଦଳ ମାଡ଼ିଗଲାଣି। ଆଗକୁ ଦେବସ୍ନାନ ପୂର୍ଣ୍ଣିମା ରହିଥିବା ବେଳେ କୁଣ୍ଡ ସଫା କରାଯାଇନଥିବା ଦେଖିବାକୁ ମିଳିଛି। ଏଠାରେ ୧୯୮୦ ମସିହାରୁ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଗୋଟିଏ ରଥରେ ଚତୁର୍ଦ୍ଧା ବିଗ୍ରହ ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥା'ନ୍ତି। ତେବେ ଦୀର୍ଘ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି ରଥ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କ୍ଷୟ ହେବାକୁ ଲାଗିଲାଣି। ନୂତନ ରଥ ନିର୍ମାଣ ଲାଗି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମହାପ୍ରଭୁଙ୍କ ନାଁରେ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ହେଉଥିବା ସତ୍ତ୍ୱେ ମନ୍ଦିରର ସେଭଳି କୌଣସି ଆଖିଦୃଶିଆ ବିକାଶ ହେଉନାହିଁ। ଏହି ପ୍ରାଚୀନ ମନ୍ଦିରର ପୁନରୁଦ୍ଧାର ଏବଂ ସ୍ୱତନ୍ତ୍ର ବାର୍ଷିକ ବଜେଟ, ଭକ୍ତଙ୍କ ସୁବିଧା ଲାଗି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ସାଧାରଣରେ ଦାବି ହୋଇଛି। ଏହି ମନ୍ଦିର ଯେଉଁ ସ୍ଥାନ (ଜାଗୁଳିପାଟଣା)ରେ ରହିଛି, ତାହା ଜଟଣୀ ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଛି। ମନ୍ଦିରର ଗୋଟିଏ ପଟେ ଖୋର୍ଦ୍ଧା ଅନ୍ୟପଟେ ବେଗୁନିଆ ନିର୍ବାଚନମଣ୍ଡଳୀ ସୀମା ରହିଛି। ଜିଲାର ଅନ୍ୟତମ ପ୍ରମୁଖ ତୀର୍ଥସ୍ଥଳ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ୩ ବିଧାୟକ, ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ସତ୍ତ୍ୱେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଉପଜିଲାପାଳ ତଥା ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଦୀପ୍ତିରଞ୍ଜନ ସେଠୀ କୁହନ୍ତି, ଏହି ମନ୍ଦିରର ଟ୍ରଷ୍ଟ ବୋର୍ଡ ରହିଛି। ବୋର୍ଡ ନିଷ୍ପତ୍ତି ଅନୁଯାୟୀ ନୀତିକାନ୍ତି ହୋଇଥାଏ। ତେବେ ଉପରୋକ୍ତ ବିଷୟରେ ଅଭିଯୋଗ ଆସିଲେ, ପଦକ୍ଷେପ ନିଆଯିବ।




୧୧।୫।୨୦୨୩

| | |
|---|---|
| ୩,୧୫,୬୯୦ ଟଙ୍କା | |
| ସୁନା | ୧.୧୦୦ ଗ୍ରାମ୍ |
| ରୁପା | ମିଳିନାହିଁ |

# ଆଜି ଭଉଁରି, ଚକ-ଅଖ ଡେରା ନୀତି

ପୁରୀ ଅଫିସ, ୧୧।୫:

ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସରେ ଶ୍ରୀକ୍ଷେତ୍ର ଭଉଁରି ଅନୁଷ୍ଠିତ ହୋଇଥାଏ। ଶୁକ୍ରବାର ଶ୍ରୀକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ରଥଖଳାରେ ପରମ୍ପରା ମୁତାବକ ତିନିରଥର ପ୍ରତ୍ୟେକ ଦୁଇଟି ଚକ ସହ ଗୋଟିଏ ଅଖ ସଂଯୋଗ କରାଯିବ। ଏହାକୁ ଚକଅଖ ଡେରା ନୀତି କୁହାଯାଏ। ଏଥିପାଇଁ ବିଶ୍ୱକର୍ମା ମହାରଣାମାନେ ୬ଟି ଚକ ଓ ତିନୋଟି ଅଖ ପ୍ରସ୍ତୁତ କରି ରଖିଛନ୍ତି। ଶୁକ୍ରବାର ଶ୍ରୀମନ୍ଦିରରେ ସକାଳ ଧୂପ ବଢିବା ପରେ ତିନିବାଡ଼ର ପୂଜାପଣ୍ଡା ସେବାୟତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥଖଳାକୁ ଆସିବେ। ଆଜ୍ଞାମାଳ ପ୍ରଦାନ ପରେ ସେଠାରେ ଭୋଇ ସେବକମାନେ ଚକଅଖ ଡେରା କାର୍ଯ୍ୟ ସମ୍ପନ୍ନ କରି ପ୍ରଥମ ହରିବୋଲ ପକାଇବେ। ସେହିପରି ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରୀ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ। ଦିନ ଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରରେ ଥିବା ଚନ୍ଦନ କୁଣ୍ଡକୁ ବିଜେ ହେବେ। ପରେ ବେଶ ହୋଇ ଭୋଗ ମଣୋହି ହେବେ। ବିଡିଆ ମଣୋହୀ ହୋଇ ଠାକୁରମାନେ ଭଉଁରୀ ଯାତ୍ରା କରିବା ପାଇଁ ଚାପକୁ ବିଜେ କରିବେ। ପୁଷ୍କରିଣୀର ସମସ୍ତ କୋଣ ଓ ଦୀପିଦାଣ୍ଡି ନିକଟରେ ଚାପଡଙ୍ଗା ୨୧ ଘେରା ଲେଖାଏ ବୁଲିବ।

## ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ପୁରୀ ଅଫିସ, ୧୧।୫:

ଭଉଁରୀ ଯାତ୍ରା ପାଇଁ ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସ୍‌ପି କନ୍‌ୱର ବିଶାଲ ସିଂହ କହିଛନ୍ତି, ଶୁକ୍ରବାର ଭଉଁରୀ ଯାତ୍ରା। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯିବ। ଟ୍ରାଫିକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ସେହିପରି କେଉଁ ସ୍ଥାନରେ ଚକ ଅଖ ଡେରା ହେବ ସେ ନେଇ ସେବାୟତମାନଙ୍କ ସହ ଆଲୋଚନା କରାଯାଇଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଯେଉଁ ସ୍ଥାନରେ ନୀତି ଅନୁଷ୍ଠିତ ହେବ ସେଠାରେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବ। ୩ଜଣ ଇନ୍ସପେକ୍ଟର, ୨ଜଣ ଡିଏସ୍‌ପି, ଜଣେ ଅତିରିକ୍ତ ଏସ୍‌ପି ନିୟୋଜିତ ରହିବେ। ଭକ୍ତଙ୍କ ଦର୍ଶନ ଯେପରି ଶୃଙ୍ଖଳିତ ଭାବେ ହେବ ତାହା ଉପରେ ଦୃଷ୍ଟି ରଖାଯାଇଛି।

# ସିଂହାସନ ଚଉପଟ କାମ ସରିଲା



ରଥଚକରେ ତୁମ୍ବ ବିନ୍ଧ କରାଯାଉଛି ।

## ରଥଖଳାରୁ ...

ପୁରୀ ଅଫିସ, ୧୧।୫:

ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ଶୁକ୍ରବାର ଚକଅଖ ଡେରା ନୀତି ହେବ। ଏଥିପାଇଁ ପ୍ରଶାସନଠାରୁ ଆରମ୍ଭକରି ରଥ ନିର୍ମାଣରେ ନିୟୋଜିତ ସେବାୟତମାନେ ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ୧୯ତମ ଦିବସରେ ତିନି ରଥର ଚକ, ଅଖ, ଯୋକା ଆଦି ନିର୍ମାଣ ଜାରି ରହିଛି। ବୁଧବାର ତିନିରଥର ୨୫ଟି ଚକ ନିର୍ମାଣ ସରିଥିବାବେଳେ ଗୁରୁବାର ଆଉ ଦୁଇଟି ଲେଖାଏ ଚକ ନିର୍ମାଣ ପାଇଁ ଭୋଇ ସେବକ କାଠ ଯୋଗାଇଦିଆଯାଇଛି। ମହାରଣାମାନେ ଅର ସଂଯୋଗ ତୁମ୍ବରେ ପଇ ଥୋଇ ମାପ ଅନୁସାରେ ବଳକା ପଇ କାଟି ଅର ମୁହଁ ସାଲ କରିଛନ୍ତି। ପଇ ସଂଯୋଗ ବାକି ଅଛି। ଅପରପକ୍ଷରେ ରଥଚାଳିରେ ଆବଶ୍ୟକତାଠାରୁ ଅଧିକ ଚକ ନିର୍ମାଣ କରି ରଖାଯିବା ସମ୍ଭବ ହେଉନାହିଁ। ତେଣୁ ନିର୍ମାଣ କାର୍ଯ୍ୟରେ ବାଧା ନ ଉପୁଜିବା ଲାଗି ଭଉଁରୀ ତିଥିରେ ଚକ-ଅଖ ଡେରା ନୀତି ପରେ ନିର୍ମାଣ ସରିଥିବା ଚକଗୁଡ଼ିକୁ ରଥଚାଳିରୁ ନିର୍ଦ୍ଦିଷ୍ଟ ସ୍ଥାନକୁ ବିଧି ମତେ ଅଣାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗୁରୁବାର ତିନିରଥର ମୋଟ ୪୪ଟି ଯୋକା ତିଆରି ସରିଛି। ତିନିରଥର ଗୋଟିଏ ଲେଖାଏ ସିଂହାସନ ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ମାଧ୍ୟମରେ ରଥଚାଳିକୁ କାଠ ଯୋଗାଇଛନ୍ତି। ମହାରଣାମାନେ ସିଂହାସନ ଚଉପଟ ସାରିଛନ୍ତି। ଚଉପଟ ସରିଥିବା ସିଂହାସନରେ ମହାରଣାମାନେ ତିନିଥାକିଆ ରାହା କାଟିବେ। ପରେ ସେଥିରେ ରୂପକାର ସେବକମାନେ ପୂର୍ଣ୍ଣ କୁମ୍ଭ, ହାତୀମାଳ ଏବଂ ଡାଳି ଲତା ଖୋଦେଇ କରିବେ। ଦର୍ପଦଳନ ରଥର ପ୍ରଭା ଅପସରା ଚଉପଟ କାର୍ଯ୍ୟ ସରିଛି। ଗୁଜଗୁଡ଼ିକରେ ରୂପ ଖୋଦେଇ ସହ ପଲିସ କାମ ଚାଲିଛି। ଦୋଳବେଦିଠାରେ କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ପାଇଁ ୪୦ ଫୁଟିଆ ଧଉରା କାଠର ଉଭୟ ପଟ ଚିରୁଛନ୍ତି। ପରେ ଚିରଟ ଆରମ୍ଭ ହେବ। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପନ୍ଦାରି, ପନ୍ଦାରି ଚାବି ଏବଂ ବଳା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବାଣପୁର/ଗମ୍ଭାରୀମୁଣ୍ଡା,୧୧।୫ (ଡି.ଏନ୍.ଏ.): ବାଣପୁର ଥାନା ଅନ୍ତର୍ଗତ ତୁମୁରାପୁଟ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ବିବାହର ବାରଦିନରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ହେଲେ ସସ୍ମିତା ବେହେରା। ଅନ୍ୟପକ୍ଷରେ ହଠାତ୍ ଝିଅର ମୃତ୍ୟୁକୁ ନେଇ ପରିବାର ଲୋକେ ବିଶ୍ୱାସ କରିପାରୁ ନାହାନ୍ତି। ଶାଶୁଘର ଲୋକେ ଝିଅକୁ ମାରିଦେଇଛନ୍ତି ବୋଲି ମୃତାଙ୍କ ମା' ବାସନ୍ତୀ ବେହେରା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏଗାର ଦିନ ପୂର୍ବେ ନରେନ୍ଦ୍ରପୁର ପଞ୍ଚାୟତ ହଳନ୍ଦା ଗ୍ରାମର ବସନ୍ତ ବେହେରାଙ୍କ ଝିଅ ସସ୍ମିତାଙ୍କୁ ତୁମୁରାପୁଟ ଗ୍ରାମର ବଟୁ ବେହେରାଙ୍କ ପୁଅ ସୁମନ ବେହେରା ବୈଦିକ ରୀତିରେ ବିବାହ କରିଥିଲେ। କୌଣସି କାରଣରୁ ଗୁରୁବାର ସକାଳେ ସସ୍ମିତା ଅସୁସ୍ଥ ହୋଇ ପଡ଼ିବାରୁ ଶାଶୁଘର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ପୁରୀ ଅଫିସ, ୧୧।୫: ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ ଅବକାଶ ଲେନ୍‌ସ୍ଥିତ ମା'ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପେନ୍‌ସନଭୋଗୀ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ନକଲି ପ୍ରମାଣପତ୍ର ବଳରେ ଶିକ୍ଷା ବିଭାଗରେ ବହୁ ନକଲି ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଯୁକ୍ତି ପାଇଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ନୁହେଁ ବୋଲି ସଙ୍ଗଠନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ଗତ ଜାନୁୟାରୀରୁ ୪ ପ୍ରତିଶତ ମହଙ୍ଗା ଭତ୍ତା ତୁରନ୍ତ ପେନ୍‌ସନଭୋଗୀ ଶିକ୍ଷକ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ସେ ଦାବି କହିଛନ୍ତି। ବୈଠକରେ ଅଦ୍ୱୈତ ଚରଣ ଧଳ, ବିଜୟ କୁମାର ପଣ୍ଡା, ମନୋଜ କୁମାର ସାମନ୍ତରାୟ, ପ୍ୟାରୀମୋହନ ପଟ୍ଟନାୟକ, ବ୍ରହ୍ମାନନ୍ଦ ଦାସ, ପ୍ରଫୁଲ୍ଲ କୁମାର ଓ ଆଶାଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ରମେଶ ଚନ୍ଦ୍ର ବଳିଆରସିଂହ ଧନ୍ୟବାଦ ଦେଇଥିଲେ।



ସାକ୍ଷୀଗୋପାଳ ଅଲଗୁମ ସରସ୍ୱତୀ ଶିଶୁମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

## 'ଭଲ ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ର ସମାଜର ନାଁ ରଖିପାରିବେ'

### ଅଲଗୁମ ଶିଶୁମନ୍ଦିରର ବାର୍ଷିକୋତ୍ସବ

ସାକ୍ଷୀଗୋପାଳ,୧୧।୫(ଡି.ଏନ୍.ଏ.)

ଅଲଗୁମ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଶିଶୁମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସସ୍ମିତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସରପଞ୍ଚ, ସମିତି ସଭ୍ୟା, ଓଡ଼ିଆ ସାହିତ୍ୟ ଏକାଡେମୀର ସଦସ୍ୟ ବୀରେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇ କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ଏକମାତ୍ର ଏହି ପୁରାତନ ଅନୁଷ୍ଠାନଟି ଶିକ୍ଷାକ୍ଷେତ୍ରରେ ଭଲ ସେବା ଯୋଗାଇ ବହୁ ଛାତ୍ରୀଛାତ୍ରଙ୍କୁ ସମାଜର ମୁଖ୍ୟ ସ୍ରୋତରେ ପଦାର୍ପଣ କରି ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି ବୋଲି ଅତିଥିବୃନ୍ଦ ଅଭିଭାଷଣ ମାଧ୍ୟମରେ ମତବ୍ୟକ୍ତ କରିବା ସହିତ ଶିଶୁ ମନ୍ଦିରର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ସିଲ୍ଡ ଏବଂ ମାନପତ୍ର ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଚ, ଗୀତ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଗୁରୁଜୀ ଗୁରୁମାମାନେ ପରିଚାଳନା କରିଥିଲେ।

# ମହାପ୍ରଭୁଙ୍କ ଜମିରେ ଥିବା ୧୪୭ କ୍ରଶର ବନ୍ଦ ନିର୍ଦ୍ଦେଶ

ପୁରୀ ଅଫିସ, ୧୧।୫:

### ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ପରିଚାଳନା, ସୁରକ୍ଷା ନେଇ ସମୀକ୍ଷା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ପରିଚାଳନା ଓ ସୁରକ୍ଷା ସମ୍ପର୍କରେ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଖୋର୍ଦ୍ଧା ଓ ବେଗୁନିଆ ଅଞ୍ଚଳରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିରେ ସମୁଦାୟ ୨୩୨ଟି କ୍ରଶର ୟୁନିଟ ରେକର୍ଡଭୁକ୍ତ ହୋଇଥିବା ବିଷୟରେ ଅବଗତ ହୋଇଥିଲେ। ସେଥିମଧ୍ୟରୁ ୨୦୨୨-୨୩ ମସିହା ପାଇଁ ୮୫ଟି କ୍ରସର ୟୁନିଟ ଶ୍ରୀମନ୍ଦିର ପ୍ରଶାସନ ସହ ବିଧିବଦ୍ଧ ଭାବେ ବୁଝାମଣା ସ୍ୱାକ୍ଷର କରିଥିଲେ। ତନ୍ମଧ୍ୟରୁ ଚଳିତ ବର୍ଷ ୨୦୨୩-୨୪ ପାଇଁ ୫୨ଟି କ୍ରଶର ୟୁନିଟ ପକ୍ଷରୁ ନବୀକରଣ ଆବେଦନ ଦାଖଲ ହୋଇଛି। ତେଣୁ ଏହି ୟୁନିଟଗୁଡ଼ିକର ଆବେଦନ ତଥା ପ୍ରଣାମୀ ଦାଖଲକୁ ବିଚାରକୁ ନେଇ ବୁଝାମଣା ନବୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଖିଲାପକାରୀ ୧୪୭ଟି କ୍ରଶର ୟୁନିଟ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବିଦ୍ୟୁତ ବିଭାଗକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିବା ମୁଖ୍ୟ ପ୍ରଶାସକ ଦାସ ଗୁରୁବାର ସୂଚନା ଦେଇଛନ୍ତି। ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଉପରେ ଖୋର୍ଦ୍ଧା ଓ ବେଗୁନିଆ ଅଞ୍ଚଳରେ ଥିବା ୧୪୭ଟି କ୍ରଶର ୟୁନିଟ ତୁରନ୍ତ ବନ୍ଦ କରିବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଅବଗତ କରିଛି। ଏସବୁ କ୍ରସରର ବିଦ୍ୟୁତ କାଟ୍ ପାଇଁ ଟିପିସିଓଡିଏଲକୁ କୁହାଯାଇଥିବାବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦିଆଯାଇଥିବା ଅନୁମତି ପ୍ରତ୍ୟାହାର ଲାଗି ଅବଗତ କରାଯାଇଛି। ବକେୟା ଅର୍ଥ ଆଦାୟ ନିମନ୍ତେ ଓପିଡିଆର୍ ଆକ୍ଟରେ ମାମଲା ରୁଜୁ ପାଇଁ ଜିଲାପାଳ ଏବଂ ଉପଜିଲାପାଳଙ୍କୁ ଅବଗତ କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମୀକ୍ଷା ଅବସରରେ ସୂଚନା ଦେଇଛନ୍ତି।

# ରାସ୍ତାକଡ଼ ନାଳରୁ ନବଜାତ ଶିଶୁକନ୍ୟାର ମୃତଦେହ ଜବତ

ନିମାପଡ଼ା,୧୧।୫(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ସଲଙ୍ଗ ଗ୍ରାମ ପଞ୍ଚାୟତର ରାସ୍ତାକଡ଼ ନାଳରୁ ଏକ ନବଜାତ ଶିଶୁକନ୍ୟାର ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ଏନେଇ ପୋଲିସ ୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ ଶିଶୁକନ୍ୟାଟି ନାଳରେ ଭାସୁଥିବାବେଳେ ସ୍ଥାନୀୟ ଲୋକେ ତାକୁ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନାଳରୁ ମୃତ ଶିଶୁକନ୍ୟାକୁ ଜବତ କରି ଚାରିଛକ ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସୁମନ୍ତ ଭୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁରୀରୁ ସହକାରୀ ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ରଞ୍ଜନ ନାୟକ, ବିରଜା ପ୍ରସାଦ ସାମଲ ପ୍ରମୁଖ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମୃତ ଶିଶୁକନ୍ୟାର କୌଣସି ପରିଚୟ ମିଳିପାରି ନାହିଁ। ବାହାର ଅଞ୍ଚଳର କେହି ବ୍ୟକ୍ତି ମୃତ ଶିଶୁକନ୍ୟାକୁ ନାଳ ପାଣିରେ ଫିଙ୍ଗି ଦେଇଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି।

# ଭାଜପା ମହିଳା କର୍ମୀଙ୍କ ନାଁରେ ଅଶ୍ଳୀଳ ମନ୍ତବ୍ୟ ଅଭିଯୋଗ

ଗୋପ,୧୧।୫(ଡି.ଏନ୍.ଏ.)

ପୁରୀ ଜିଲା ଭାଜପାର ଜଣେ ମହିଳା କର୍ମୀଙ୍କୁ ସୋସିଆଲ ମିଡିଆରେ ଗୋପ ଅଞ୍ଚଳର ଜଣେ ଦଳୀୟ କର୍ମୀ ନାନା ଅଶ୍ଳୀଳ ମନ୍ତବ୍ୟ ଦେଉଥିବା ନେଇ ଗୋପ ଥାନା ଅଞ୍ଚଳରେ ଅଭିଯୋଗ ହୋଇଛି। ସମ୍ପୃକ୍ତ କର୍ମୀଙ୍କ ନାମରେ ଅଭିଯୋଗ କରିବା ସହ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ମହିଳା କର୍ମୀ ପୋଲିସକୁ ଜଣାଇଛନ୍ତି। ଅପରପକ୍ଷେ ସମ୍ପୃକ୍ତ ମହିଳା କର୍ମୀଙ୍କ ସ୍ୱାମୀ ଉକ୍ତ ଭାଜପା କର୍ମୀଙ୍କୁ ହତ୍ୟା ଧମକ ଦେଇଥିବା ନେଇ ଉକ୍ତ କର୍ମୀ ଜଣକ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୃଥକ ଭାବେ ୨ଟି ମାମଲା(ନଂ.୨୧୪,୨୧୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, କିଛି ଦିନ ଧରି ଗୋପ ଭାଜପା ଦଳରେ ଗୋଷ୍ଠୀ କନ୍ଦଳ ତେଜିଥିବା ବେଳେ ବୁଧବାର ସନ୍ଧ୍ୟାରେ ୧୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟଙ୍କ ସମ୍ବର୍ଦ୍ଧନା ଉତ୍ସବ ବେଳେ ଦଳର ଗୋଷ୍ଠୀ କନ୍ଦଳ ହୋଇ ମାର୍‌ପିଟ ହୋଇଥିଲା। ସୋସିଆଲ ମିଡିଆରେ ଏକ ପୋଷ୍ଟକୁ ନେଇ ମଧ୍ୟ ୨ ଗୋଷ୍ଠୀ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ତେବେ ମହିଳା କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀଙ୍କ ଫେସ୍‌ବୁକ ଆଇଡିକୁ ହ୍ୟାକ୍ କରି ତାଙ୍କ ନାଁରେ ଅଶ୍ଳୀଳ ମନ୍ତବ୍ୟ ଦିଆଯାଇଛି। ଏହି କାର୍ଯ୍ୟ ଗୋପ ଅଞ୍ଚଳର ଜଣେ ଭାଜପା କର୍ମୀ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷେ ଉକ୍ତ ଭାଜପା କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ମହିଳା କର୍ମୀଙ୍କ ସ୍ୱାମୀ ଫୋନ କରି ଗାଳିଗୁଲଜ କରିବା ସହ ମାରିଦେବାର ଧମକ ଦେଇଛନ୍ତି। ଏଥିସହ ନିମାପଡ଼ା ବିଧାନସଭା ନିର୍ବାଚନର ନେତୃତ୍ୱକୁ ନେଇ ମଧ୍ୟ ଗୋଷ୍ଠୀକନ୍ଦଳର ଏକ ପ୍ରମୁଖ କାରଣ। ରାଜ୍ୟ ମହିଳା ଉପସଭାପତି ପ୍ରଭାତୀ ପରିଡ଼ା ୨ଥର ବିଧାନସଭା ପ୍ରାର୍ଥୀ ହୋଇ ପରାଜିତ ହେବାବେଳେ ଯୁବନେତା ଦିଲୀପ କୁମାର ନାୟକ ଭାଜପା ଦଳର ନେତୃତ୍ୱ ଦାୟିତ୍ୱ ତୁଲାଉଛନ୍ତି। ନାୟକଙ୍କ ପ୍ରତି ଜନ ସମର୍ଥନ ଥିବା ସହିତ ରାଜ୍ୟ ଭାଜପା ଦଳର ଦାୟିତ୍ୱ ଦେବା ଯୋଗୁ କେତେଜଣ କର୍ମୀ ଏପରି ଦଳ କନ୍ଦଳ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉକ୍ତ ମହିଳା କର୍ମୀ କୁହନ୍ତି, ସୋସିଆଲ ମିଡିଆରେ ପୋଷ୍ଟକୁ ନେଇ ପୋଲିସକୁ ଜଣାଇଛି। ପୋଲିସ ଯଦି ନ୍ୟାୟ ନ ଦିଏ, ତା'ହେଲେ ମୋର ସମ୍ମାନ ଯାଇଥିବାରୁ ଆତ୍ମହତ୍ୟା କରିବି। ଅପରପକ୍ଷେ ଭାଜପା କର୍ମୀ କହିଛନ୍ତି, ମୁଁ ସେପରି କିଛି କରି ନ ଥିବାବେଳେ ମତେ ହତ୍ୟା ଧମକ ମିଳିଛି। ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ କୁହନ୍ତି, ଅଭିଯୋଗ ଅନୁଯାୟୀ ୨ଟି ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ବିଭିନ୍ନ ଦାବି ନେଇ ଆନ୍ଦୋଳନ ଡାକରା

ପୁରୀ ଅଫିସ ୧୧।୫

ଶ୍ରୀକ୍ଷେତ୍ର ବିଦ୍ୟୁତ କର୍ମଚାରୀ ସଂଘ , ଓଡିଶା ପାୱାର ଏମ୍ପ୍ଲୋଇଜ୍ ୟୁନିୟନ ଏବଂ ନିଖିଳ ଓଡ଼ିଶା ମଜଦୁର ସଂଘର ସଦସ୍ୟମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଡାକରା ଦେଇଛନ୍ତି । ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି କହିଛନ୍ତି। ଇଲେକ୍ଟ୍ରିକାଲ ଡିଭିଜନରେ ମେଣ୍ଟେନାନ୍ସ, ମିଟର ରିଡର, ବିଲ କଲେକ୍ଟର ଷ୍ଟ୍ରକ୍ଚର ଏବଂ କଷ୍ଟମର କେୟାରର ଶତାଧିକ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ରହିଛି। ସମାନ କାମକୁ ସମାନ ଦରମା, ତେଲ ଖର୍ଚ୍ଚ, ଦରମା ବୃଦ୍ଧି, ନିରାପତ୍ତା ସରଞ୍ଜାମ ଉପକରଣ ଦେବା, ସ୍ଥାୟୀ ଚାକିରି, ଜୀବନ ବୀମାରେ ଅନ୍ତର୍ଭୁକ୍ତ କରିବା ଆଦି ବିଭିନ୍ନ ଦାବି ସମ୍ପର୍କରେ ବିଦ୍ୟୁତ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇବା ସହ ଦାବି କରି ଆସୁଛି । ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ଆନ୍ଦୋଳନ କରାଯିବ ବୋଲି ସମନ୍ୱୟ କମିଟି ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ୮.୭୦ ଲକ୍ଷର ବ୍ରାଉନସୁଗାର ସହ ବାଇକ୍ ଜବତ, ଜଣେ ଗିରଫ

ଗୋପ,୧୧।୫(ଡି.ଏନ୍.ଏ.)

ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଗୋପ ଥାନା ଅନ୍ତର୍ଗତ ବେଣୀପୁର ଗ୍ରାମରେ ଚଢ଼ାଉ କରାଯାଇ ୮୭ ଗ୍ରାମ ବ୍ରାଉନସୁଗାର ସହ କାରବାରରେ ବ୍ୟବହୃତ ଏକ ବାଇକ୍ ମଧ୍ୟ ଜବତ କରାଯାଇଛି। ଏଥିସହ ବ୍ରାଉନସୁଗାର ବ୍ୟବସାୟୀ କରୁଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଗୋପ ଥାନା ଅଞ୍ଚଳର ଦୁଃଶାସନ ସ୍ୱାଇଁ। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳରେ ବ୍ରାଉନସୁଗାର ଅଧିକ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଅପରାହ୍ନରେ ଗୋପ ଥାନା ଅଧୀନ ବେଣିପୁର ମା' ବେଲେଶ୍ୱରୀ ମନ୍ଦିର ନିକଟରେ ଚଢ଼ାଉ କରିଥିଲେ। ଚଢ଼ାଉରେ ବ୍ରାଉନସୁଗାର ବେପାରୀ ଦୁଃଶାସନଙ୍କୁ ଗିରଫ କରି ତାଙ୍କ ନିକଟରୁ ୮୭ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୮ଲକ୍ଷ ୭୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଅବକାରୀ ଏଏସ୍‌ଆଇ ଲୋକନାଥ ପାତ୍ର, ପୂର୍ଣ୍ଣଚନ୍ଦ୍ର ନାଏକ, କର୍ମଚାରୀ ବିଶ୍ୱଜିତ ମହାପାତ୍ର, ସ୍ୱାଗତିକା ଘଡେଇ, ଶେଖ ୱାରିସ ପ୍ରମୁଖ ସାମିଲ ଥିଲେ।



ପ୍ରବଳ ଗ୍ରୀଷ୍ମ ପ୍ରଭାବ ଯୋଗୁ ପର୍ଯ୍ୟଟକମାନେ ଗୁରୁବାର ପୁରୀ ସମୁଦ୍ରରେ ସ୍ନାନ କରୁଛନ୍ତି ।

# ୩ ଦୋକାନରୁ ୫୩, ୭୦୦ ଟଙ୍କା ଜରିମାନା ଆଦାୟ

ପୁରୀ ଅଫିସ, ୧୧।୫:

### ପ୍ଲାଷ୍ଟିକ୍, ପଲିଥିନ୍ ବିକ୍ରି ନେଇ ଚଢ଼ାଉ

ପୁରୀ ସହରରେ ଗୁରୁବାର ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢାଉ କରାଯାଇ ପ୍ଲାଷ୍ଟିକ ଓ ପଲିଥିନ୍ ଜବତ କରାଯାଇଛି। ପୌରପାଳିକାର ସ୍ୱତନ୍ତ୍ର ସ୍କ୍ୱାଡ୍ ମୋଚିସାହି ଛକଠାରେ ଥିବା ଏକ ଗ୍ରୋସେରି ଦୋକାନରେ ଚଢାଉ କରି ବ୍ୟାନ ହୋଇଥିବା ପ୍ଲାଷ୍ଟିକ୍ ସାମଗ୍ରୀ ଜବତ କରିବା ସହ ୫୦ହଜାର ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ହରିହର ଛକସ୍ଥିତ ଦୁଇଟି ଜଳଖିଆ ଦୋକାନଠାରୁ ୩,୭୦୦ ଟଙ୍କା ଜରିମାନ ଆଦାୟ କରାଯାଇଛି। ପ୍ଲାଷ୍ଟିକ ଓ ପଲିଥିନ୍‌ନିଷେଧ ସତ୍ତ୍ୱେ ଅନେକ ବ୍ୟବସାୟୀ ଏପର୍ଯ୍ୟନ୍ତ ସଚେତନ ହେଉନାହାନ୍ତି। ନିୟମ ମାନୁ ନ ଥିବା ଦୋକାନୀମାନଙ୍କୁ ପୌରପାଳିକା ପକ୍ଷରୁ ନୋଟିସ୍ ଦିଆଯିବା ସହ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଉଛି। ଗତ ଏକବର୍ଷ ମଧ୍ୟରେ ମୋଟ ୪ ଲକ୍ଷ ୬୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଦୋକାନ ଆଖପାଖ ଅପରିଷ୍କାର ରଖିବା କିମ୍ବା ଅଳିଆ ପଡ଼ିରହିବା ପରିଲକ୍ଷିତ ହେଲେ ଜରିମାନା ଆଦାୟ କରାଯାଉଛି। ୫ଦିନ ତଳେ ସେସ୍‌ପୁଲ ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ଅଭିଯୋଗରେ ଏକ ହୋଟେଲଠାରୁ ୫୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ରଥଯାତ୍ରାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ଅଧିକ ଜୋରଦାର ଓ କଡ଼ାକଡ଼ି କରାଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ସମସ୍ତ ଦୋକାନୀ ଏବଂ ସହରବାସୀ ସରକାରଙ୍କ ବ୍ୟବସ୍ଥା ଓ ନିୟମକୁ ପାଳନ କରିବା ସହ ପୁରୀକୁ ସ୍ୱଚ୍ଛ ତଥା ଆବର୍ଜନାମୁକ୍ତ ସହର ଭାବେ ଗଢ଼ିତୋଳିବା ପାଇଁ ସେମାନଙ୍କ ସହଯୋଗର ହାତ ବଢାଇବା ଲାଗି ପୌରପାଳିକା ପକ୍ଷରୁ ନିବେଦନ କରାଯାଇଛି।

# ସରକାରୀ କ୍ୱାର୍ଟର୍ସରେ ବାଣ ବିସ୍ଫୋରଣ

## ଘର ଜଳିଗଲା, ଆଜ୍‌ବେଷ୍ଟସ ଭାଙ୍ଗିଲା

- ନିଜ ଆଡୁ ମାମଲା ରୁଜୁକଲା କ୍ୟାପିଟାଲ ଥାନା ପୋଲିସ
- କ୍ୱାର୍ଟର୍ସ ମାଲିକ ଫେରାର, ପୋଲିସର ଛାନ୍‌ଭିନ୍





ଭୁବନେଶ୍ୱର ,୧୧।୫(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୨ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସ ନଂ. ୧୩/୨ରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ବାଣ ବିସ୍ଫୋରଣ ଯୋଗୁ ନିଆଁ ଲାଗି କ୍ୱାର୍ଟର୍ସକୁ ଲାଗିଥିବା ଆଜ୍‌ବେଷ୍ଟସ୍ ଘରଟି ଜଳିଯାଇଛି। ଏଥିରେ ଘରେ ଥିବା ବିଭିନ୍ନ ସାମଗ୍ରୀ ପୋଡ଼ିଯାଇଛି। ଘରର ଆଜ୍‌ବେଷ୍ଟସ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ହେଲେ ନିଆଁ ମୁଖ୍ୟ କ୍ୱାର୍ଟର୍ସକୁ ବ୍ୟାପିବା ପୂର୍ବରୁ ଅଗ୍ନିଶମ ବାହିନୀ ପହଞ୍ଚି ଏହାକୁ ଆୟତ୍ତ କରିବାରୁ ବଡ଼ କ୍ଷୟକ୍ଷତିକୁ ଏଡାଇ ଦିଆଯାଇପାରିଛି। ଏହି ସରକାରୀ କ୍ୱାର୍ଟର୍ସ ଚିତ୍ତରଞ୍ଜନ ଲେଙ୍କାଙ୍କ ନାମରେ ରହିଥିବାବେଳେ ସେ ଲୋକସେବା ଭବନସ୍ଥିତ ପ୍ଲାନିଂ ଆଣ୍ଡ୍ ଡେଭଲପ୍‌ମେଣ୍ଟ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିବା ଜଣାପଡିଛି। ଅଗ୍ନିଶମ ବିଭାଗର ଡେପୁଟି ଅଫିସର ଅବନୀ ସ୍ୱାଇଁ କହିଛନ୍ତି, ଶର୍ଟ ସର୍କିଟ ଯୋଗୁ ଇଲେକ୍‌ଟ୍ରିକ୍ ବୋର୍ଡରେ ଲାଗିଥିବା ନିଆଁ ତଳେ ଥିବା କୁମ୍ଭି ବାଣ ଉପରେ ପଡିବାରୁ ବିସ୍ଫୋରଣ ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପଟେ ଘର ଭିତରେ ବାଣ ତିଆରି ଲାଗି ପ୍ରସ୍ତୁତ ହୋଇଥିବା ବାରୁଦ, କୁଣ୍ଡା, ମାଟି ଆଦି ପଡିଥିବା ଦେଖିବାକୁ ମିଳିଛି। ତେଣୁ ଏଠାରେ ବେଆଇନ ଭାବେ ବାଣ ତିଆରି ହେଉଥିବା ସନ୍ଦେହ କରାଯାଉଛି। ଏପଟେ ଝିଅର ବାହାଘର ପାଇଁ ବାଣ କିଣି ରଖାଯାଇଥିବା ପଡୋଶୀ କହିଛନ୍ତି। ତେଣୁ କ୍ୟାପିଟାଲ ଥାନା ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରିବା ସହ ଅଗ୍ନିକାଣ୍ଡର ଠିକ କାରଣ ଜାଣିବା ଲାଗି ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ତଦନ୍ତରେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯିବ। ଚିତ୍ତରଞ୍ଜନ ବେଆଇନ ଭାବେ ଘରେ ବାଣ ଗଚ୍ଛିତ କରି ରଖିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସେ ଓ ତାଙ୍କ ପରିବାର ଲୋକେ ଘରେ ତାଲା ପକାଇ ପଳାଇଛନ୍ତି। ସେମାନଙ୍କୁ ପଚରାଉଚରା ପରେ ଘଟଣାର ସତ କ'ଣ ଜଣାପଡିବ ଓ ଏହାପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ପୋଲିସ ସ୍ଥାନୀୟ ଲୋକଙ୍କୁ ମଧ୍ୟ ପଚରାଉଚରା କରିଛି। ବାଣ ଯୋଗୁ ଅଗ୍ନିକାଣ୍ଡ ଘଟିବା କଥା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ମାତାବରଣ ଦେଖାଦେଇଛି।

ପଡୋଶୀଙ୍କ କହିବାନୁସାରେ, ଉକ୍ତ କ୍ୱାର୍ଟର୍ସକୁ ଲାଗି ଗୋଟିଏ ଆଜ୍‌ବେଷ୍ଟସ ଘରକୁ ଚିତ୍ତରଞ୍ଜନ ଷ୍ଟୋର୍ ରୁମ୍ କରିଥିଲେ। ସେଠାରେ ବାଣ ରହିଥିଲା। ଗୁରୁବାର ସକାଳେ ଉକ୍ତ ଘରେ ନିଆଁ ଲାଗିବା ସହ କ୍ୱାର୍ଟର୍ସ ପରିସର ଧୂଆଁମୟ ହୋଇଯାଇଥିଲା। ଏପରିକି ଉକ୍ତ ଘର ଭିତରୁ ବିସ୍ଫୋରଣ ଶବ୍ଦ ଶୁଣାଯିବା ପରେ ଘଟଣା ଜାଣିବା ପାଇଁ ଲୋକେ ପାଚେରି ଡେଇଁ ଭିତରକୁ ଯାଇ ପାଣି ଢାଳି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଘର ଭିତରେ କୁମ୍ଭିବାଣ ସହ ବାରୁଦ ପଡିଥିବା ଦେଖି ଅଗ୍ନିଶମ ଟିମ୍‌କୁ ଖବର ଦିଆଯାଇଥିଲା। ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘର ଭିତରେ ବଡ଼ ବିସ୍ଫୋରକ ନ ଥିବାରୁ ଅଧିକ କ୍ଷୟକ୍ଷତି ହୋଇନାହିଁ।

ଗତ ଏପ୍ରିଲ ୩ରେ ଭିଏସ୍‌ଏସ୍‌ନଗର ଜିଏଲ କଲୋନୀରେ ବାଣ ଭିଡୁଥିବାବେଳେ ବିସ୍ଫୋରଣ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଏହି ଛାତିଥରା ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇଦେଇଥିଲା। ଏହାର ମାସେ ପରେ ପୁଣି ବେଆଇନ ଭାବେ ଘର ଭିତରେ ବାଣ ରଖିବା ଓ ବିସ୍ଫୋରଣରେ ଘର ଜଳିଯିବା ଘଟଣାକୁ ନେଇ ପୋଲିସର କାର୍ଯ୍ୟଧାରା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରାସ୍ତାରେ ଛିଡ଼ିପଡିଲା ୧୧ କେଭି ବିଦ୍ୟୁତ୍ ତାର



ବାରଙ୍ଗ,୧୧।୫(ଡି.ଏନ୍.ଏ.)

ବାରଙ୍ଗ ବିଦ୍ୟୁତ୍ ସେକ୍ସନ ଅଧୀନ ସୀତାରାମ ବଜାରରେ ଅବସ୍ଥିତ ଓଡ଼ିଶା ଇଣ୍ଡଷ୍ଟ୍ରି ମଧ୍ୟରେ ଥିବା ପାୱାର ହାଉସକୁ ସଂଯୋଗ କରୁଥିବା ୧୧ କେଭି ତାର ଗୁରୁବାର ହଠାତ୍ ଛିଡି ରାସ୍ତାରେ ପଡିଲା। ସେଠାରେ କାର୍ଯ୍ୟରତ ୨ ସିକ୍ୟୁରିଟି ଗାର୍ଡ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଫଳରେ ବାରଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଅସହ୍ୟ ଗରମ ଓ ଗୁଳୁଗୁଳି ହେବାରୁ ଅଞ୍ଚଳବାସୀ ବାରଙ୍ଗ କାର୍ଯ୍ୟାଳୟ ଆଗରେ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଧରି ବିଦ୍ୟୁତ୍ କଟିଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟିବା ସହ ଅନେକ ସମୟ ଧରି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏନେଇ ବିଭାଗୀୟ ଅଧିକାରୀ ମୁହଁ ଖୋଲୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

## ସଂକ୍ଷେପରେ

### ସାହସୀ ଲୀଳାବତୀ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୧୧।୫(ବ୍ୟୁରୋ): ଦିନକୁ ଦିନ ସମାଜରେ ବଢିଚାଲିଛି ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ। ନିଶାଗ୍ରସ୍ତ ହୋଇ ବିଭିନ୍ନ ସମୟରେ ସେମାନେ ନିଜର ମାନସିକ ଭାରସାମ୍ୟ ହରାଇ ଝିଅ ବୋହୂଙ୍କ ଉପରେ ମଧ ଅତ୍ୟାଚାର କରିବାକୁ ପଛାଉନାହାନ୍ତି। ନିକଟରେ ସ୍ଥାନୀୟ ନୟାପଲ୍ଲୀ ଅଞ୍ଚଳରେ ଏହିଭଳି ଏକ ଅଭାବନୀୟ ଘଟଣା ଘଟିଥିଲା। ନିଶାଗ୍ରସ୍ତ ଅବସ୍ଥାରେ କେତେଜଣ ଦୁର୍ବୃତ୍ତ ସ୍ଥାନୀୟ ଏକ ହଷ୍ଟେଲର ଅନ୍ତେବାସୀଙ୍କୁ ହଇରାଣ କରୁଥିବାବେଳେ ସ୍ଥାନୀୟ ଲୋକ ଓ ଦେଖଣାହାରୀ ନିଜର ନିରାପତ୍ତା ଦୃଷ୍ଟିରୁ ନୀରବ ରହିଥିଲେ। ମାତ୍ର ଏଭଳି ଏକ ବିପଦପୂର୍ଣ୍ଣ ପରିସ୍ଥିତିରେ ନିଜ ଜୀବନକୁ ବାଜି ଲଗାଇ ହଷ୍ଟେଲରେ ରହୁଥିବା ଲୀଳାବତୀ ସ୍ୱାଇଁ ଦୁର୍ବୃତ୍ତଙ୍କୁ ସାମ୍ନା କରି ନିଜ ସାହସିକତାର ପରିଚୟ ଦେଇଥିଲେ। ଧମକକୁ ଭ୍ରୁକ୍ଷେପ ନ କରି ସେମାନଙ୍କୁ ସାମ୍ନା କରିଥିଲେ। ଚଣ୍ଡୀପ୍ରସାଦ ଫାଉଣ୍ଡେଶନ ଟ୍ରଷ୍ଟ ତଥା ମାଷ୍ଟର ଗିରିଜା ରୋଡ଼ସେଫ୍‌ଟି ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ବୁଧବାର ସାହସୀ କନ୍ୟା ଲୀଳାବତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମାଜର ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ସମୟରେ ଅନ୍ୟାୟର ପ୍ରତିରୋଧ କରିବା ଉଚିତ ବୋଲି ଟ୍ରଷ୍ଟର ଅଧକ୍ଷା ଅମୀୟବାଳା ପରିଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଜୟୀରାମ ଦାସ, ଆଇନଜୀବୀ ସୁମନ୍ତ ବେହେରା, ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଛାୟତ ଓ ସତ୍ୟାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ଭଉଁରୀ, ଚକ-ଅଖ ଡେରା ନୀତି

ପୁରୀ ଅଫିସ, ୧୧।୫: ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସରେ ଶ୍ରୀକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହୋଇଥାଏ। ଶୁକ୍ରବାର ଶ୍ରୀକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ରଥଖଳାରେ ପରମ୍ପରା ମୁତାବକ ତିନିରଥର ପ୍ରତ୍ୟେକ ଦୁଇଟି ଚକ ସହ ଗୋଟିଏ ଅଖ ସଂଯୋଗ କରାଯିବ। ଏହାକୁ ଚକଅଖ ଡେରା ନୀତି କୁହାଯାଏ। ଏଥିପାଇଁ ବିଶ୍ୱକର୍ମା ମହାରଣାମାନେ ୬ଟି ଚକ ଓ ତିନୋଟି ଅଖ ପ୍ରସ୍ତୁତ କରି ରଖିଛନ୍ତି। ଶୁକ୍ରବାର ଶ୍ରୀମନ୍ଦିରରେ ସକାଳ ଧୂପ ବଢିବା ପରେ ତିନିବାଡ଼ର ପୂଜାପଣ୍ଡା ସେବାୟତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥଖଳାକୁ ଆସିବେ। ଆଜ୍ଞାମାଳ ପ୍ରଦାନ ପରେ ସେଠାରେ ଭୋଇ ସେବକମାନେ ଚକଅଖ ଡେରା କାର୍ଯ୍ୟ ସମ୍ପନ୍ନ କରି ପ୍ରଥମ ହରିବୋଲ ପକାଇବେ। ସେହିପରି ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରୀ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ। ଦିନ ଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରରେ ଥିବା ଚନ୍ଦନ କୁଣ୍ଡକୁ ବିଜେ ହେବେ। ପରେ ବେଶ ହୋଇ ଭୋଗ ମଣୋହି ହେବେ। ବିଡିଆ ମଣୋହୀ ହୋଇ ଠାକୁରମାନେ ଭଉଁରୀ ଯାତ୍ରା କରିବା ପାଇଁ ଚାପକୁ ବିଜେ କରିବେ। ପୁଷ୍କରିଣୀର ସମସ୍ତ କୋଣ ଓ ଦୀପିଦାଣ୍ଡି ନିକଟରେ ଚାପଡଙ୍ଗା ୨୧ ଘେରା ଲେଖାଏ ବୁଲିବ।



ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଶବ୍ଦରଙ୍ଗ ନାଟକ ମହୋତ୍ସବର ଉଦ୍‌ଘାଟନ ଅବସରରେ ପରବେଷିତ ନାଟକ 'ଆଷାଢରେ ଦିନେ'ର ଏକ ଦୃଶ୍ୟ।

# ଶବ୍ଦରଙ୍ଗ ନାଟକ ମହୋତ୍ସବ ଉଦ୍‌ଘାଟିତ

## ନାଟକ 'ଆଷାଢରେ ଦିନେ' ମଞ୍ଚସ୍ଥ

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ଶବ୍ଦରଙ୍ଗ ନାଟକ ମହୋତ୍ସବ ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଆରମ୍ଭ ହୋଇଯାଇଛି। ୩ଦିନ ଧରି ହେବାକୁ ଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ନାଟକ 'ଆଷାଢରେ ଦିନେ' ନାଟକ ମଞ୍ଚସ୍ଥ ହୋଇଥିଲା। ବିଖ୍ୟାତ ହିନ୍ଦୀ ନାଟ୍ୟକାର ମୋହନ ରାକେଶଙ୍କ ରଚିତ ନାଟକ 'ଆଷାଢ କା ଏକ୍ ଦିନ୍'ର ଓଡ଼ିଆ ନାଟ୍ୟରୂପ 'ଆଷାଢରେ ଦିନେ'କୁ ନିର୍ଦ୍ଦେଶନା ଦେଇଛନ୍ତି ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ। ଏକ କଳ୍ପିତ ଭାବନାର ଫଳସ୍ୱରୂପ, ହିମାଳୟର ପାଦଦେଶରେ ଅବସ୍ଥିତ ସୁଦୂର ଏକ ଗ୍ରାମରେ ଅବିସ୍ମରଣୀୟ ବାଣୀପୁତ୍ର କବି କାଳିଦାସ ଅପୂର୍ବ ସୁନ୍ଦରୀ ମଲ୍ଲିକାଙ୍କ ସହ ପ୍ରୀତି ପୋଷଣ କରିଛନ୍ତି। ଯେଉଁ ସମୟରେ ଉଜ୍ଜିନୀର ରାଜଭବନ ତାଙ୍କୁ ଦରବାରର ଅନ୍ୟତମ କବିଭାବେ ସ୍ୱାଗତ କରିଛି, ସେତେବେଳେ କାଳିଦାସ ଏହାକୁ ଗ୍ରହଣ କରିବାକୁ ସମ୍ମତି ଦେଇନାହାନ୍ତି। ଏହି ପରିସ୍ଥିତିରେ ମଲ୍ଲିକା ତାଙ୍କୁ ବୁଝାଇଛନ୍ତି, ଦୂର ଏକ ସହରକୁ ଗଲେ ନିଶ୍ଚିତଭାବେ ସେ ନିଜର ପ୍ରତିଭାର ଆଭାସକୁ ସମାଜର ଆଖିରେ ଆବିଷ୍କାର କରିବେ। ଏମିତି ପ୍ରସ୍ତାବରେ ରାଜି ହୋଇ କାଳୀ ଦାସ ଚାଲିଯାଇଛନ୍ତି ଆଶାର ପେଡ଼ି ଖୋଲି। ତାଙ୍କ ଗମନର ଉପରାନ୍ତେ, ମଲ୍ଲିକା ଚାହିଁ ବସିଛନ୍ତି ତାଙ୍କ ଫେରିବା ବାଟକୁ ମୟୂରୀର ଅବତାର ନେଇ। ଅନେକବର୍ଷ ପରେ ଫେରିଥିବା ଭଗ୍ନ ମନର ମାନବ ଯେତେବେଳେ ଅତୀତ ସହ ନିଜକୁ ଯୋଡ଼ିବାକୁ ପ୍ରୟାସ କରିଛନ୍ତି, ସେ ପାଇଛନ୍ତି ବିତିଯାଇଥିବା କେଇ ଖଣ୍ଡ ମୁହୂର୍ତ୍ତଗୁଡ଼ିକୁ। ଏହାକୁ ନେଇ ନାଟକ ପ୍ରସ୍ତୁତ ହୋଇଥିଲା। ନାଟକଟି ଜୀବନରେଖା ନାଟ୍ୟସଂସ୍ଥା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। ଏହାର ମୁଖ୍ୟ ଭୂମିକାରେ କୀର୍ତ୍ତି ମହାନ୍ତି, ଦୀପନ୍ୱିତ ଦାସମହାପାତ୍ର, ରୋହନ ଯାଦବ ଓ ଶୀତଲ ପଟ୍ଟନାୟକ ଅଭିନୟ କରିଥିଲେ। ଏହି ନାଟକର ଓଡ଼ିଆ ଅନୁସୃଜନ କରିଛନ୍ତି ରତ୍ନମାଳା ସ୍ୱାଇଁ।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ବାଣପୁର/ଗମ୍ଭାରୀମୁଣ୍ଡା,୧୧।୫(ଡି.ଏନ୍.ଏ.): ବାଣପୁର ଥାନା ଅନ୍ତର୍ଗତ ଡୁମୁରାପୁଟ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ବିବାହର ବାରଦିନରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ହେଲେ ସସ୍ମିତା ବେହେରା। ଶାଶୁଘର ଲୋକେ ଝିଅକୁ ମାରିଦେଇଛନ୍ତି ବୋଲି ମୃତାଙ୍କ ମା' ବାସନ୍ତୀ ବେହେରା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏଗାର ଦିନ ପୂର୍ବେ ନରେନ୍ଦ୍ରପୁର ପଞ୍ଚାୟତ ହଳନ୍ଦା ଗ୍ରାମର ବସନ୍ତ ବେହେରାଙ୍କ ଝିଅ ସସ୍ମିତାଙ୍କୁ ଡୁମୁରାପୁଟ ଗ୍ରାମର ବଟୁ ବେହେରାଙ୍କ ପୁଅ ସୁମନ ବେହେରା ବୈଦିକ ରୀତିରେ ବିବାହ କରିଥିଲେ।

# ସାମାଜିକ ନେତା ଥିଲେ ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ

## ୧୦୨ତମ ଜୟନ୍ତୀରେ 'ଭବାନୀ କଥା' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ ୧୦୨ତମ ଜୟନ୍ତୀ ଅବସରରେ ଗୁରୁବାର ସୂଚନା ଭବନରେ 'ଭବାନୀ କଥା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ପଟ୍ଟନାୟକଙ୍କ ସରଳ ଜୀବନକୁ ସାମାଜିକ ପାପ ସ୍ପର୍ଶ କରି ପାରି ନ ଥିଲା। ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ପୂର୍ବତନ ନିର୍ବାଚନ ଆୟୋଗର ଉପଦେଷ୍ଟା ଡ. ଭଗବାନ ପ୍ରକାଶ ଯୋଗଦେଇ କହିଲେ, ସେ ଜଣେ ରାଜନେତା ନୁହେଁ, ବରଂ ଜଣେ ସାମାଜିକ ନେତା ଥିଲେ। ସମଗ୍ର ଜୀବନ ସମାଜର ଉନ୍ନତି ପାଇଁ ଉତ୍ସର୍ଗୀକୃତ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସଭାପତିତ୍ୱ କରି ଭବାନୀ ବାବୁ ନିମାପଡ଼ା ଗାନ୍ଧୀ ଭାବେ ବେଶ ପରିଚିତ ଥିଲେ ବୋଲି କହିଥିଲେ। ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦ୍‌ଭାବନା କର୍ମୀ ମଧୁସୂଦନ ଦାସ 'ଭବାନୀ କଥା'ର ଶୁଭାରମ୍ଭ କରିଥିଲେ। ଶୋଭନୀୟ ଆନ୍ଦୋଳନର ଅଧ୍ୟକ୍ଷା ଅରୁନ୍ଧତୀ ଦେବୀ, ବିଶିଷ୍ଟ ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ, ମାନବାଧିକାର କର୍ମୀ ମନୋଜ ଜେନା ପ୍ରମୁଖ ଯୋଗଦେଇଥିଲେ। ବେଣୁଧର ସେନାପତି, ଚିତ୍ତ ରଞ୍ଜନ ମହାନ୍ତି, ବିକ୍ରମ ନାୟକ, ଶ୍ରୀ ସୋମ, ମନସ୍ୱିନୀ ପରିଡ଼ା, ହର ପ୍ରସାଦ ମହାପାତ୍ର, ବିକ୍ରମ ମହାପାତ୍ର, ଆର୍. ପି. ଦ୍ୱିବେଦୀ, ସରୋଜ କୁମାର ସା, ହେମନ୍ତ କୁମାର ଦାସ, କେଶବ ସେନାପତି, ଶିବାନୀ ନାୟକ, ଜୟରାମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଟାକାନ୍ଥ ପ୍ରାଚୀର ଭୁଶୁଡ଼ି ପଡିବାରୁ କ୍ୟାବିନ ଭାଙ୍ଗି ଚୂରମାର

ବାଲିଅନ୍ତା,୧୧।୫(ଡି.ଏନ୍.ଏ.)

ବାଲିଅନ୍ତା ଅଣ୍ଡିଲୋ ଗ୍ରାମ ସମ୍ମୁଖ କୁଶଭଦ୍ରା ନଦୀବନ୍ଧ ପାର୍ଶ୍ୱରେ ଚା-ପାନ ଦୋକାନ ଦେଇଥିବା ଜଣେ ଯୁବକଙ୍କ ଏକ କ୍ୟାବିନ ଗୁରୁବାର ସକାଳେ ହଠାତ୍ ତଳକୁ ଓଲଟି ପଡିଥିଲା। ଫଳରେ କ୍ୟାବିନରେ ଥିବା ବହୁ ସାମଗ୍ରୀ ଓ ଆସବାବପତ୍ର ଭାଙ୍ଗିରୁଜି ଯାଇଛି। ଏହି କ୍ୟାବିନରେ ଚା-ପାନ କରି ପରିବାର ପ୍ରତିପୋଷଣ କରୁଥିବା ସ୍ଥାନୀୟ ଅଣ୍ଡିଲୋ ଗ୍ରାମର ଡାଙ୍ଗୁଆ ବେହେରା ହତାଶ ହୋଇ ପଡିଛନ୍ତି। ତେବେ ସେ ଦୋକାନ ବନ୍ଦ କରି ଘରକୁ ବାହାରିବା ସମୟରେ ଏହି ଅଘଟଣ ଘଟିଥିଲା। ଫଳରେ ସେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। କ୍ୟାବିନକୁ ରଖିବା ପାଇଁ ନିର୍ମିତ ହୋଇଥିବା ଇଟାକାନ୍ଥ ପ୍ରାଚୀରର ଏକ ଅଂଶ ଅଚାନକ ନଦୀତଳକୁ ଭାଙ୍ଗି ପଡ଼ିଥିଲା। ଫଳରେ ପ୍ରାଚୀର ଭିତରେ ଥିବା ବାଲି ସହ କ୍ୟାବିନଟି ତଳକୁ ଓଲଟି ପଡ଼ିବା ସହ ପ୍ରାୟ ୧୨ଫୁଟ ତଳକୁ କ୍ୟାବିନ ଭାଙ୍ଗି ଯାଇଛି।

# ଗୀତିକାର ମୋହିତ ଚକ୍ରବର୍ତ୍ତୀଙ୍କୁ ନାଦବ୍ରହ୍ମ ସମ୍ମାନ

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ନାଦବ୍ରହ୍ମ ଅନୁଷ୍ଠାନର ନାଦବ୍ରହ୍ମ ସଙ୍ଗୀତ ଉତ୍ସବ ଗୁରୁବାର ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅମିୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ପ୍ରବୋଧ କୁମାର ଆଚାର୍ଯ୍ୟ, ଗୁରୁ ଡ. ବିଜୟ ଜେନା, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ବ୍ରହ୍ମାନନ୍ଦ ରାଉତ ଅତିଥିଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ମିନତି ମହାପାତ୍ର, ଅନୁଜା ତାରିଣୀ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ନାଦବ୍ରହ୍ମ ସମ୍ମାନରେ ବିଶିଷ୍ଟ ଗୀତିକାର ମୋହିତ ଚକ୍ରବର୍ତ୍ତୀଙ୍କୁ ସମ୍ମାନିତ କରାଯାଇଥିଲା। ମର୍ଦ୍ଦଳ ବାଦକ ବିଜୟ କୁମାର ବାରିକଙ୍କୁ ଗୁରୁ ଡ.ଜଗନ୍ନାଥ କୁଅଁର ବାଦ୍ୟ ସମ୍ମାନ, ନୃତ୍ୟଶିଳ୍ପୀ ସଙ୍ଗୀତା ପଣ୍ଡାଙ୍କୁ ଗୁରୁ ଡ.ଜଗନ୍ନାଥ କୁଅଁର ଗୀତ ଗାୟନ ସମ୍ମାନ, ଯୁବ ନାଟ୍ୟକାର ନଳିନୀ ନିହାର ନାୟକଙ୍କୁ ଜଗନ୍ନାଥ କୁଅଁର ଯୁବ ନାଟ୍ୟ ସମ୍ମାନ, ଗୀତିକାର ସୁରଭି ଭଞ୍ଜଙ୍କୁ ଗୁରୁ ଡ. ଜଗନ୍ନାଥ କୁଅଁର ଯୁବ ପୁରସ୍କାର(ଗୀତ) ପ୍ରଦାନ କରାଯାଇଥିଲା। ଚିତ୍ରଶିଳ୍ପୀ ସଞ୍ଜୟ ଭଞ୍ଜ, ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ନାଦବ୍ରହ୍ମ ସଙ୍ଗୀତ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# ଚଳଚ୍ଚିତ୍ର 'ଟି'ର ଟିଜର ଲୋକାର୍ପିତ, ୨୫ରେ ଶୁଭମୁକ୍ତି

ଭୁବନେଶ୍ୱର,୧୧।୫(ବ୍ୟୁରୋ)



ଚଳଚ୍ଚିତ୍ର 'ଟି'ର ଟିଜର ଲୋକାର୍ପଣ ଅବସରରେ ଅଭିନେତ୍ରୀ, ଅଭିନେତା ଓ ଅନ୍ୟମାନେ।

ଟ୍ରାନ୍ସଜେଣ୍ଡରଙ୍କ ସଂଘର୍ଷମୟ ଜୀବନ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଟି'ର ଟିଜର ଗୁରୁବାର ସ୍ଥାନୀୟ ଏକ କାଫେରେ ଲୋକାର୍ପଣ ହୋଇଯାଇଛି। ପାନୋରମା ମ୍ୟୁଜିକ ଆଣ୍ଡ୍ ଷ୍ଟୁଡିଓ ପ୍ରଥମଥର ପାଇଁ ଏହି ଓଡ଼ିଆ ଚଳଚ୍ଚିତ୍ରର ପ୍ରଚାର ପ୍ରସାର କରୁଛି, ଯେଉଁଥିରେ ଟିଜର, ଟ୍ରେଲର ଏବଂ ଫିଲ୍ମର ଗୀତଗୁଡିକ ଦେଖିବାକୁ ମିଳିବ। ଟ୍ରାନ୍ସଜେଣ୍ଡରଙ୍କୁ ନେଇ ସର୍ବଭାରତୀୟ ସ୍ତରରେ ଛୋଟ ପରଦାରେ ପୂର୍ବରୁ ପରିକଳ୍ପନା ହୋଇଥିବାବେଳେ ପ୍ରଥମଥର ପାଇଁ ନିର୍ଦ୍ଦେଶକ ଜିତେଶ କୁମାର ପରିଡା ଏହି ବଡ଼ ପରଦାର ପରିକଳ୍ପନା କରିଛନ୍ତି। ଅଭିନେତା ଦେବାଶିଷ ସାହୁ ଚଳଚ୍ଚିତ୍ରରେ ଟ୍ରାନ୍ସଜେଣ୍ଡର ମେଘନା ସାହୁ ଚରିତ୍ରରେ ନଜରକୁ ଆସିବେ। ତାଙ୍କ ବ୍ୟତୀତ ଉଷସୀ ମିଶ୍ର, ହର ରଥ, ରଣବୀର କଲ୍‌ସି ଓ ପ୍ରସନ୍ନଜିତ ମହାପାତ୍ର ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଚଳିତ ମାସ ୨୫ ତାରିଖରେ ସାରା ରାଜ୍ୟର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଛି। ଏହା ପୂର୍ବରୁ ଆସନ୍ତା ୧୫ ତାରିଖରେ ଏହାର ଟ୍ରେଲର ରିଲିଜ ହେବ। ଜିତେଶ କୁମାର ଫିଲ୍ମଜ୍ ଓ ଆର୍. ଆର. ମୋଶନ ପିକ୍ଚର୍ସର ପ୍ରଯୋଜନା ତଥା ବିଘ୍ନହର୍ତ୍ତା ମୁଭିଜ, ମୋହିତ କୁମାର ପୁରୀ, ହିମାଦ୍ରି ତନୟ ଦାସଙ୍କ ସହପ୍ରଯୋଜନା ଏବଂ ଅମ୍ରିତା ମୋହନ ଶମ୍ଭୁତି, ସୋମା କିରଣ ଜେନା, ରାଜଶ୍ରୀ ମହାପାତ୍ରଙ୍କ ମିଳିତ ପ୍ରଯୋଜନାରେ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି। ଲୋକାର୍ପଣ ଉତ୍ସବରେ କିନ୍ନର ମେଘନା ସାହୁ, କିନ୍ନର ସମୀକ୍ଷା, ଅଭିନେତା ଦେବାଶିଷ ସାହୁ , ରଣବୀର କଲସୀ, ସହପ୍ରଯୋଜକ ମନବୀର ସିଂ କଲସୀ, ସହପ୍ରଯୋଜକ ହିମାଦ୍ରି ତନୟ ଦାସ, ନିର୍ଦ୍ଦେଶକ ପରିଡା ଓ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଓଡ଼ିଶା : ମୁଖ୍ୟମନ୍ତ୍ରୀ

## 'ଟ୍ରାନ୍ସଫର୍ମ ଓଡ଼ିଶା କନ୍‌କ୍ଲେଭ'ର ଦ୍ୱିତୀୟ ସଂସ୍କରଣ

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

ଓଡ଼ିଶା ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଦି ଇକୋନୋମିକ୍ ଟାଇମ୍ସର ମିଳିତ ଆନୁକୂଲ୍ୟରେ 'ଟ୍ରାନ୍ସଫର୍ମ ଓଡ଼ିଶା କନ୍‌କ୍ଲେଭ'ର ଦ୍ୱିତୀୟ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଆଭାସି ଜରିଆରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଓଡ଼ିଶା ଭାରତର ଏକ ଅଗ୍ରଣୀ ଅଭିନବ କେନ୍ଦ୍ର ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଭାବେ ଉଭା ହୋଇଛି। ଇନ୍‌ଫୋସିସ୍, ଟିସିଏସ୍, ଟେକ୍ ମହିନ୍ଦ୍ରା ଭଳି ବଡ଼ ବଡ଼ ଆଇଟି କମ୍ପାନୀ ରାଜ୍ୟରୁ ସଫ୍ଟୱେର ରପ୍ତାନିରେ ଯୋଗଦାନ କରୁଥିବାରୁ ଦୀର୍ଘବର୍ଷ ଧରି ସେମାନେ କ୍ରମାଗତ ଅଭିବୃଦ୍ଧି କରୁଛନ୍ତି।

ଗତ କିଛିବର୍ଷ ମଧ୍ୟରେ ଅନେକ ଘରୋଇ ଆଇଟି କମ୍ପାନୀ ବ୍ୟବସାୟିକ ପରିପକ୍ୱତା, ବଜାର ଅଧିଗ୍ରହଣ ଏବଂ ଗୁଣାତ୍ମକମାନ ଦୃଷ୍ଟିରୁ ମୂଲ୍ୟ ଶୃଙ୍ଖଳାରେ ଉନ୍ନତି ଆଣିଛନ୍ତି। ଏହା ରାଜ୍ୟର ଆଇଟି କ୍ଷେତ୍ରର ରୂପାନ୍ତରଣର ଏକ ସ୍ପଷ୍ଟ ସଙ୍କେତ। ସୂଚନା ପ୍ରଯୁକ୍ତିବିଦ୍ୟା ପାଇଁ ଆମର ପ୍ରଗତିଶୀଳ ନୀତି ଢାଞ୍ଚା ଅନେକ ଆଗଧାଡ଼ିର ଆଇଟି ଏବଂ ଆଇବିଏମ୍, ଡେଲୋଇଟ୍ ଏବଂ କନ୍‌ସେଣ୍ଟ୍ରିକ୍ସ ଭଳି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ରାଜ୍ୟକୁ ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରାଜ୍ୟର ଯୁବତୀଯୁବକଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା ଉପରେ ମୋ ସରକାର ଗୁରୁତ୍ୱ ଦେଉଛି। ରାଜ୍ୟକୁ ୧୦.୫ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୨ର ବଡ଼ ସଫଳତା। ବିଶ୍ୱସ୍ତରୀୟ ଦକ୍ଷତା, ନୂଆ ଦକ୍ଷତା ଏବଂ ଉନ୍ନତ ଦକ୍ଷତା କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଆମର ପ୍ରତିଭା ସମ୍ବଳମାନକୁ ଗୁଣାତ୍ମକ ଏବଂ ସଂଖ୍ୟାତ୍ମକ ଭାବରେ ସୁଦୃଢ଼ କରୁଛୁ, ଯାହାଦ୍ୱାରା ଶିଳ୍ପକୁ ମାନବ ସମ୍ବଳ ନିଯୁକ୍ତି ପାଇଁ ଅଧିକ ଦୂରକୁ ଚାହିଁବାକୁ ପଡ଼ିବ ନାହିଁ।

ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ, ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା, ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର, ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ସିଇଓ ମନୋଜ ପଟ୍ଟନାୟକ, ଦି ଇକୋନୋମିକ୍ ଟାଇମ୍ସର ସମ୍ପାଦକ ଅନୁପ ବର୍ମା ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଇଣ୍ଡିଆ ଇଲେକ୍ଟ୍ରୋନିକ୍ସ ସେମିକଣ୍ଡକ୍ଟର ଆସୋସିଏସନ ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ୨୦ରୁ ଊର୍ଦ୍ଧ୍ୱ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ପୁରସ୍କୃତ ହୋଇଛନ୍ତି।

## ସଂକ୍ଷେପରେ

### ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ, ୧୧।୫:** କଟକ ମହାନଗର ନିଗମ (ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ତିନିକୋଣିଆ ବଗିଚା, ଦରଘାବଜାର, ଗୌରୀଶଙ୍କର ପାର୍କ- ଚୌଧୁରୀବଜାର ପର୍ଯ୍ୟନ୍ତ ଅଞ୍ଚଳରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ବେଆଇନ ଭାବେ ରାସ୍ତା ଓ ଡ୍ରେନ୍ ଅବରୋଧ କରି ବ୍ୟବସାୟ କରୁଥିବା ଏକାଧିକ ଦୋକାନକୁ ଉଚ୍ଛେଦ କରାଯାଇ ବ୍ୟବସାୟୀମାନଙ୍କଠାରୁ ୮,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଏକାଧିକ ଉଠାଦୋକାନୀଙ୍କଠାରୁ ୨,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଉଚ୍ଛେଦ କାର୍ଯ୍ୟରେ ଟ୍ରାଫିକ ଇନ୍ସପେକ୍ଟର କିଶୋର ଚନ୍ଦ୍ର ପ୍ରଧାନ, ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗର ପଞ୍ଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଲ, ବିଭୂତି ରାୟଙ୍କ ସମେତ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ସାମିଲ ହୋଇଥିଲେ।

### ରେଲୱେ ସାମଗ୍ରୀ ଚୋରି, ଯୁବକ ଗିରଫ

**କଟକ ଅଫିସ,୧୧।୫:** ରେଲୱେ ସାମଗ୍ରୀ ଚୋରି କରିବା ଅଭିଯୋଗରେ କଟକ ଆର୍‌ପିଏଫ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କନ୍ଦରପୁର ଥାନା ଅନ୍ତର୍ଗତ ବିରିବାଟୀ ଗ୍ରାମର ପ୍ରଦୀପ ଭୋଇ। ତାଙ୍କ ନିକଟରୁ କେତେକ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ମାଛଗାଁ ରେଲୱେ କେନାଲ ପୋଲ ଅଞ୍ଚଳରୁ ସେ ରେଲୱେ ସାମଗ୍ରୀ ଚୋରି କରୁଥିବାବେଳେ ଆର୍‌ପିଏଫ୍ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ। ଏନେଇ ଏକ ମାମଲା(ନଂ.୧୧/୨୩ ରୁଜୁ ହୋଇଛି।

### ଡିଆର୍‌ଟିର ନୂତନ ରେଜିଷ୍ଟ୍ରାରଙ୍କ କାର୍ଯ୍ୟରେ ଯୋଗଦାନ

**କଟକ ଅଫିସ, ୧୧।୫:** ସିଡିଏସ୍ଥିତ ଡେଟ୍ଟ ରିକଭରି ଟ୍ରିବ୍ୟୁନାଲ୍ (ଡିଆର୍‌ଟି)ର ନୂତନ ରେଜିଷ୍ଟ୍ରାର ଭାବେ ନିଖିଲ ରଞ୍ଜନ ପତି କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ପୂର୍ବରୁ ବ୍ୟାଙ୍କ୍ ଅଫ୍ ବରୋଦାର ଆଞ୍ଚଳିକ ଋଣ ଆଦାୟ ଶାଖାର ଏଜିଏମ୍ ଭାବେ ଦୀର୍ଘଦିନ ଧରି ସଫଳତାର ସହିତ କାର୍ଯ୍ୟ କରିଥିଲେ। ବ୍ୟାଙ୍କ ଋଣ ଆଦାୟ କ୍ଷେତ୍ରରେ ପତିଙ୍କର ଯଥେଷ୍ଟ ଦକ୍ଷତା ରହିଛି। ସେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଗୁଜରାଟରେ ମଧ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ନୂତନ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବେ ବୋଲି ସେ ପ୍ରକାଶ କରିଛନ୍ତି।



### ମୃତ୍ୟୁ ପରେ ଗବେଷଣା ପାଇଁ ଶରୀର ଦାନ

**ସାମାଜିକ କର୍ମୀ-ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା**

**କଟକ ସଦର,୧୧।୫(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା କଳପଡା ଗ୍ରାମର ସାମାଜିକ କର୍ମୀ ଯୁଧିଷ୍ଠିର ପତି(୮୨) ମୃତ୍ୟୁ ପରେ ନିଜ ଶରୀରକୁ ଗବେଷଣା ପାଇଁ କଟକ ବଡ଼ ଡାକ୍ତରଖାନାକୁ ଦାନ କରିବେ। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହିତ ସେ ଏକ ଚୁକ୍ତିନାମା କରିଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ମୃତ୍ୟୁ ପରେ ତାଙ୍କ ପରିବାରବର୍ଗ ଶରୀରକୁ ବଡ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ସଙ୍ଗେ ସଙ୍ଗେ ହସ୍ତାନ୍ତର କରିବେ। ଯୁଧିଷ୍ଠିରଙ୍କର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଭାବେ କାମ କରୁଥିବାରୁ ଆବଶ୍ୟକ ପଡିଲେ ତାଙ୍କର ଦରକାରୀ ଅଙ୍ଗକୁ ଅନ୍ୟ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ କରାଯାଇପାରିବ ବୋଲି ସେ କହିଛନ୍ତି। କଟକ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ତାଲିମ ଅଧିକାରୀ ଭାବେ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ସେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସଂଶ୍ଲିଷ୍ଟ ହୋଇ ସମାଜ ସେବାରେ ନିଜକୁ ନିୟୋଜିତ କରିଛନ୍ତି।



# ‘ଜୈବ ବିବିଧତା କୃଷି କ୍ଷେତ୍ରକୁ ନୂଆ ରୂପ ଦେଉଛି’

**କଟକ ଅଫିସ,୧୧।୫**



ଏନ୍‌ଆର୍‌ଆର୍‌ଆଇ ପରିସରରେ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

**ଏନ୍‌ଆର୍‌ଆର୍‌ଆଇରେ ଜୈବ ବିବିଧତା କର୍ମଶାଳା**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ପରିସରରେ ଦୁଇଦିନିଆ ଆଞ୍ଚଳିକ ଜୈବ ବିବିଧତା କର୍ମଶାଳା ଏବଂ ପ୍ରଦର୍ଶନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଆଇସିଏଆର୍ ଏବଂ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାକୁ ଆଇସିଏଆର୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର ଉଦ୍‌ଘାଟନ କରି କହିଥିଲେ, କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ସମଗ୍ର ଏସିଆରେ ସର୍ବବୃହତ୍ ପ୍ରତିଷ୍ଠାନ ଭାବରେ ପରିଚିତ। ଏଠାରେ ଗବେଷକମାନେ ଗବେଷଣା ମାଧ୍ୟମରେ ଜୈବ ବିବିଧତାର ବହୁ ପ୍ରକାର ପ୍ରୟୋଗ କରୁଛନ୍ତି। ଜୈବ ବିବିଧତା କୃଷିକ୍ଷେତ୍ରକୁ ନୂଆ ରୂପ ଦେଉଛି। ସେହିପରି ମୁଖ୍ୟବକ୍ତା ପଦ୍ମଶ୍ରୀ ସାବରମତୀ କହିଥିଲେ, ଅତ୍ୟଧିକ ରାସାୟନିକ ପଦାର୍ଥକୁ ଚାଷ କାର୍ଯ୍ୟରେ ବ୍ୟବହାର କରା ନ ଯାଉ। ପ୍ରାକୃତିକ ଉପାୟରେ ବିହନ ବ୍ୟବହାର କଲେ ଚାଷୀମାନଙ୍କ ପାଇଁ ଫଳପ୍ରଦ ହେବ। ଅନ୍ୟମାନଙ୍କ ମଧ୍ୟରେ କୃଷକ ତଥା ଶିକ୍ଷାବିତ୍ ନଟବର ଷଡଙ୍ଗୀ, ଅନୁଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ଜେ. ଜି. ବେଗ୍ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜୈବ ବିବିଧତାର ପ୍ରୟୋଗ ଏବଂ କୃଷି ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି କର୍ମଶାଳାରେ ଚାଷଜମିରେ ବିହନର ସୁରକ୍ଷା ଏବଂ କୃଷକମାନଙ୍କ ଅଧିକାର ବିଷୟକୁ ନେଇ ଆଲୋଚନା ହୋଇଥିଲା। ୨୦୦୧ରେ ଭାରତ ସରକାର କୃଷକମାନଙ୍କ ଅଧିକାର ଏବଂ ଚାଷଜମିର ସୁରକ୍ଷା ପାଇଁ ଏକ ଆଇନ ପ୍ରଚଳନ କରିଥିଲେ। ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ସମସ୍ତଙ୍କର ଉଦ୍ୟମ ଲୋଡ଼ା ବୋଲି କୃଷି ବୈଜ୍ଞାନିକମାନେ କହିଛନ୍ତି। ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରୁ କୃଷକମାନେ ଯୋଗଦେଇ କୃଷି ଜୈବ ବିବିଧତା ଉପରେ ମତ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ବି.ସି. ପାତ୍ର କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଏକ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଦୀପଲ ରାୟ ଚୌଧୁରୀ, ନଟବର ଷଡଙ୍ଗୀ, ଏସ୍.ଆର୍. ଦୁହା ପ୍ରମୁଖ ଯୋଗଦେଇ ଚାଷ ଉତ୍ପାଦନ କ୍ଷେତ୍ରରେ ମାଟିକୁ ସୁରକ୍ଷା ଦେବା ପାଇଁ ଜୈବ ବିବିଧତାକୁ ପ୍ରୟୋଗ କରିବା ନିମନ୍ତେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ।

# ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ

**କଟକ ଅଫିସ,୧୧।୫**

**ନାବାଳିକା ବଳାତ୍କାର ମାମଲା**
■ପୀଡ଼ିତାଙ୍କୁ ୪ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

କଟକ ଜିଲା କିଶନନଗର ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅପହରଣ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଶୋକ କୁମାର ପହି ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ ସହ ୧୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧୧ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ କିଶନ ନଗର ଥାନା ଅନ୍ତର୍ଗତ ବସ୍ତପଡ଼ା ଗ୍ରାମର ନାରୁ ଓରଫ ନାରାୟଣ ମଲ୍ଲିକ(୩୨)। ଅପରପକ୍ଷରେ ରାଜ୍ୟ ଆଇନସେବା ପ୍ରାଧିକରଣ ପୀଡିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୪ ଅକ୍ଟୋବର ୧୮ ତାରିଖ ରାତି ୭ଟାରୁ ନାବାଳିକା ଜଣଙ୍କ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ ତାଙ୍କୁ ପାଇ ନ ଥିଲେ। ପରବର୍ତ୍ତୀ ସମୟରେ ନାରାୟଣ ନାବାଳିକାଙ୍କୁ ଅପହରଣ କରିଥିବା ଜାଣିବାକୁ ପାଇଥିଲେ। ନାବାଳିକାଙ୍କ ବାପା ଏ ନେଇ କିଶନ ନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୪/୨୦୧୪) ରୁଜୁ କରିଥିଲା। ପରେ ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ମାମଲାର ଚାର୍ଜଶିଟ୍ ଦାଖଲ କରିବା ସହ କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ୧୭ ଜଣ ସାକ୍ଷୀ ଓ ୪୩ଟି ପ୍ରମାଣ ଆଧାରରେ ମାମଲାର ଶୁଣାଣି ଶେଷକରି ବିଚାରପତି ଗତ ୫ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ୩୧ ସୁଦ୍ଧା ସେତୁ ନିର୍ମାଣ ଶେଷକର


ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ସେତୁ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**ଖୁଣ୍ଟୁଣୀ,୧୧।୫(ଡି.ଏନ୍.ଏ.)**

**ଧବଳେଶ୍ୱର ସେତୁ ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ଆର୍‌ଡିସି**

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠକୁ ଯାତାୟାତ ପାଇଁ ମହାନଦୀରେ କଂକ୍ରିଟ୍ ସେତୁ ନିର୍ମାଣ କାର୍ଯ୍ୟ ଜାରି ରହିଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ଗୁରୁବାର ଉକ୍ତ ସେତୁ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆସନ୍ତା ୩୧ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସେତୁର ସଂଯୋଗୀକରଣ ରାସ୍ତାକୁ ଠିକ୍ ଭାବେ କରିବା ପାଇଁ ସେ ବିଭାଗୀୟ ଯନ୍ତ୍ରୀଙ୍କୁ କହିଛନ୍ତି। ଆର୍‌ଡିସିଙ୍କ ଏହି ଗସ୍ତ ସମୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଗ୍ରାମ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୋମନାଥ ପରିଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ମହାପାତ୍ର, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଚୌଦ୍ୱାର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଲେଙ୍କା, ଗୁରୁଡିଝାଟିଆ ଥାନା ଅଧିକାରୀ ରଞ୍ଜନ ପ୍ରଧାନ, ଆଠଗଡ଼ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀ ପବିତ୍ର ମୋହନ ସାହୁ, ସହକାରୀ ଯନ୍ତ୍ରୀ ସନ୍ତୋଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଚାକିରି କରାଇ ଦେବାକୁ କହି ଠକେଇ, ଅଭିଯୁକ୍ତ ଗିରଫ

**କଟକ ସଦର,୧୧।୫(ଡି.ଏନ୍.ଏ.)**

ଚାକିରି କରାଇଦେବାକୁ କହି ଟଙ୍କା ଠକି ନେବା ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଦେବେନ୍ଦ୍ର ସେଠୀ(୫୪)। ତାଙ୍କଠାରୁ ଏକ ନକଲି ନିଯୁକ୍ତିପତ୍ର ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ପ୍ରଭାସ ଚନ୍ଦ୍ର ପଣ୍ଡାଙ୍କ ସ୍ତ୍ରୀ ପ୍ରାର୍ଥନା ଶତପଥୀଙ୍କୁ ଚାକିରି କରାଇଦେବାକୁ କହି ଅଭିଯୁକ୍ତ ଜଣଙ୍କ ୨୦ ହଜାର ଟଙ୍କା ନେଇଥିଲେ। ହେଲେ ଚାକିରି କରାଇ ଦେଇ ନ ଥିଲେ। ଏ ନେଇ ଶତପଥୀ ଟଙ୍କା ମାଗିବାରୁ ସେ ତାଙ୍କୁ ୧୦ ହଜାର ଟଙ୍କା ଫେରସ୍ତ କରିଥିଲେ। ପରବର୍ତ୍ତୀ ସମୟରେ ଅବଶିଷ୍ଟ ଟଙ୍କା ଦେଇ ନ ଥିଲେ। ଏ ନେଇ ପ୍ରଭାସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୦/୨୩) ରୁଜୁ କରିଥିଲା। ସେହିପରି ଅନ୍ୟ ୬/୭ ଜଣଙ୍କୁ ମଧ ରେଲୱେରେ ଚାକିରି କରାଇ ଦେବାକୁ କହି ଦେବେନ୍ଦ୍ର ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

# ଜୁନ୍ ପହିଲା ସୁଦ୍ଧା ପାଣି ଯୋଗାଇବାକୁ ନିର୍ଦ୍ଦେଶ

**ମଙ୍ଗୁଳି-ଜଗତପୁର,୧୧।୫(ଡି.ଏନ୍.ଏ.)**

**୨ ୱାର୍ଡରେ ପାନୀୟ ଜଳ ସମସ୍ୟା ପ୍ରସଙ୍ଗ**
■ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୟଳପଡା ପଞ୍ଚାୟତ ଶିମିଳିହାଣ୍ଡ ଗ୍ରାମର ୨୦ ଓ ୨୧ ନମ୍ବର ୱାର୍ଡରେ ପ୍ରାୟ ୧ ବର୍ଷ ହେବ ପାନୀୟ ଜଳ ସମସ୍ୟା ଲାଗିରହିଛି। ଏ ନେଇ ସ୍ଥାନୀୟ ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ ଓ ଜିଲା ପରିଷଦ ସଦସ୍ୟ ଶ୍ରୀଧର ରାଉଳଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଲୋକ ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ନିକଟରେ ଅଭିଯୋଗ କରିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ହେଲେ ଏ ନେଇ ସୁଫଳ ମିଳିପାରିନାହିଁ। ଫଳରେ ଗ୍ରାମବାସୀ ବୁଧବାର ଏ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପ୍ରଶାସନ କାହିଁକି ଟାଳଟୁଲ ନୀତି ଅବଲମ୍ବନ କରୁଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ସହ ନେଇ ଆସନ୍ତା ଜୁନ ୧ ତାରିଖ ସୁଦ୍ଧା ଉକ୍ତ ଦୁଇ ୱାର୍ଡ ପିଇବା ପାଣି ଯୋଗାଇ ଦେବାକୁ ବାରଙ୍ଗସ୍ଥିତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜେଇ ଅଜୟ ମିଶ୍ର କହିଛନ୍ତି, ଅଧିକାଂଶ ଲୋକ ଘରକୁ ମଟର ଲଗାଇ ପାଣି ନେଉଛନ୍ତି। ଏଥିସହ କୂଅରେ ପାଇପ ଭର୍ତ୍ତି କରି ପାଣି ନଷ୍ଟ କରୁଛନ୍ତି। ଫଳରେ ଉକ୍ତ ୱାର୍ଡ ଦୁଇଟି ଶେଷ ମୁଣ୍ଡରେ ଥିବାରୁ ସେଠାକୁ ପାଣି ଯିବାରେ ଅସୁବିଧା ହେଉଛି। ସେଥିପାଇଁ ଏକ ନୂତନ ବୋରିଂ ଖୋଳାଯାଇ ସେଥିରେ ମଟର ସଂଯୋଗ କାମ ସରିବା ସହ ପାଇପ ବିଛା କାମ ସରିବା ପାଇଁ ଆଉ ଗୋଟିଏ ଦିନ ଲାଗିବ। ତେବେ ଆସନ୍ତା ୪ ଦିନ ମଧ୍ୟରେ ପାଣି ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି।


**ଆସୁଛି ସାବିତ୍ରୀ ବ୍ରତ:** କଟକ ଚୌଧୁରୀ ବଜାରସ୍ଥିତ ଚୁନଭାଟି ଲେନ୍‌ରେ ଜଣେ କାରିଗର ଚୂଡି ପ୍ରସ୍ତୁତ କରୁଛନ୍ତି।

# ଜମିରେ ଟାୱାର ଲାଇନ ସ୍ଥାପନ ନିଷ୍ପତ୍ତିକୁ ବିରୋଧ

**ଫୁଲନଖରା,୧୧।୫(ଡି.ଏନ୍.ଏ.)**

**ଚାଷୀଙ୍କ ଆନ୍ଦୋଳନ**

ଓପିଟିସିଏଲ୍‌ର ୨୨୦ କେଭି ଟାୱାରଲାଇନ ଜନବସତି ଅଞ୍ଚଳରେ ସ୍ଥାପନ ନିଷ୍ପତ୍ତିକୁ ବିରୋଧ କରି କଟକ ସଦର ଥାନା ଅନ୍ତର୍ଗତ ଗବଛନ୍ଦାରେ ଗୁରୁବାର ଚାଷୀମାନେ ଆନ୍ଦୋଳନ କରିବା ସହ ସମୂହ ଆତ୍ମାହୁତି ଦେବାକୁ ଧମକ ଦେଇଛନ୍ତି। ବର୍ଷ ବର୍ଷ ଧରି ପରିବା ଚାଷ କରି ଗୁଜୁରାଣ ମେଣ୍ଟାଉ ଥିବା ଚାଷଜମି ଉପରେ ୨୨୦ କେଭି ଲାଇନ ଯିବାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟାୱାର ଲାଇନ ଯିବା ଫଳରେ ଜମିର ମୂଲ୍ୟ ହ୍ରାସ ହେବା ସହ ଉନ୍ନତମାନର ପରିବା ଚାଷ ଉତ୍ପାଦନରେ ବ୍ୟାଘାତ ସୃଷ୍ଟିହେବ। ଏହାଦ୍ୱାରା ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବେ। ଗରିବ ଚାଷୀମାନେ ଜମିକୁ ନେଇ ନାନା ସପ୍ନ ଦେଖୁଥିବାବେଳେ ଟାୱାର ଲାଇନ ଗଲେ ଜମିର ମୂଲ୍ୟ ହ୍ରାସ ହେବା କଥାଶୁଣି ସେ ଦୁଃଖରେ ଭାଙ୍ଗି ପଡୁଛନ୍ତି। ଏହି ଟାୱାର ଲାଇନର ୪୦ ମିଟର ପରିସୀମା ଭିତରେ ଜନବସତି ରହିଲେ ଏହାର କୁପ୍ରଭାବରେ ଲୋକମାନଙ୍କର ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ ବୋଲି ବୃକ୍ଷ ମାନବ ପ୍ରଭାସ କୁମାର ମଙ୍ଗରାଜ ମତବ୍ୟକ୍ତ କରିଛନ୍ତି। ସେହିଭଳି ହରିଅନ୍ତା ଗ୍ରାମର ଚାଷୀ ବସନ୍ତ କୁମାର ଜେନା କହିଛନ୍ତି, ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ପାଇଥିଲି ଯେଉଁ ପ୍ଲଟ୍‌ରେ ଟାୱାରଟି ବସିବାର ଥିଲା, ଏଥିରେ ବିଚ୍ୟୁତ ଘଟି ଅନ୍ୟ ପ୍ଲଟରେ ଟାୱାରଗୁଡିକ ବସୁଛି। ଏ ନେଇ ଚାଷୀମାନେ ଆନ୍ଦୋଳନ କରୁଥିବାବେଳେ ପୋଲିସ, ପ୍ରଶାସନ ଓ ଓପିଟିସିଏଲ କର୍ମଚାରୀମାନେ ସେମାନଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବାରଙ୍ଗ ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ କହିଛନ୍ତି, ଆଗରୁ ଚାଷୀମାନେ ଘଟଣା ସମ୍ପର୍କରେ କୋର୍ଟରେ କେସ୍ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜମିରେ ଟାୱାର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି।

## ରାସ୍ତାରେ ଛିଣ୍ଡିପଡ଼ିଲା ୧୧ କେଭି ବିଦ୍ୟୁତ୍ ତାର

**ବାରଙ୍ଗ,୧୧।୫(ଡି.ଏନ୍.ଏ.)**

ବାରଙ୍ଗ ବିଦ୍ୟୁତ୍ ସେକ୍ସନ ଅଧୀନ ସୀତାରାମ ବଜାରରେ ଅବସ୍ଥିତ ଓଡ଼ିଶା ଇଣ୍ଡଷ୍ଟ୍ରି ମଧ୍ୟରେ ଥିବା ପାୱାର ହାଉସକୁ ସଂଯୋଗ କରୁଥିବା ୧୧ କେଭି ବିଦ୍ୟୁତ୍ ତାର ଗୁରୁବାର ହଠାତ୍ ରାସ୍ତାରେ ଛିଣ୍ଡି ପଡ଼ିଥିଲା। ସେଠାରେ କାର୍ଯ୍ୟରତ ୨ ସିକ୍ୟୁରିଟି ଗାର୍ଡ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଫଳରେ ବାରଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଅସହ୍ୟ ଗରମ ଓ ଗୁଳୁଗୁଳି ହେବାରୁ ଅଞ୍ଚଳବାସୀ ବାରଙ୍ଗ କାର୍ଯ୍ୟାଳୟ ଆଗରେ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଧରି ବିଦ୍ୟୁତ୍ କଟିଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଅନେକ ସମୟ ଧରି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏନେଇ ବିଭାଗୀୟ ଅଧିକାରୀ ମୁହଁ ଖୋଲୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।



# ମଦ, ଫାଷ୍ଟଫୁଡ୍ ଦୋକାନରେ ଚଢ଼ାଉ

**କଟକ ଅଫିସ, ୧୧।୫**

**୧୧ ହଜାର ଜରିମାନା ଆଦାୟ**

କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଉଲ୍ଲଂଘନ ଅଭିଯୋଗରେ କଟକ ମହାନଗର ନିଗମ (ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଗୁରୁବାର ବକ୍ସିବଜାର ସିଡିଏ ମାର୍କେଟ କମ୍ପ୍ଲେକ୍ସ ନିକଟ ଓ ଜିପିଓ ସମ୍ମୁଖରେ ଥିବା ଏକାଧିକ ଦୋକାନରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ନିୟମ ଉଲ୍ଲଂଘନ କରି ବ୍ୟବସାୟ କରୁଥିବା ଏକ ମଦ ଦୋକାନରୁ ୫ ହଜାର ଓ ଜିପିଓ ସମ୍ମୁଖରେ ଥିବା ଏକ ଫାଷ୍ଟଫୁଡ ଦୋକାନରୁ ୨ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ପେଟ୍ରୋଲ ପମ୍ପ ପାଖରେ ଥିବା ଶକ୍ତି ଚିକେନ ସେଣ୍ଟରରୁ ୨ ହଜାର ଟଙ୍କା, ଦୀପ୍ତି ବିରିୟାନୀ ଦୋକାନଠାରୁ ୧ ହଜାର, ଏକ ପାନ ଦୋକାନ ଓ ରାସ୍ତା କଡରେ ଅଳିଆ ଜମା କରିଥିବା ଜଣେ ବ୍ୟକ୍ତିଙ୍କ ନିକଟରୁ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି।



ସିଏମ୍‌ସି ପକ୍ଷରୁ ଏକ ଦୋକାନରେ ଚଢ଼ାଉ କରାଯାଉଛି।

ସିଏମ୍‌ସି ଅଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ମାନି ଚଳିବା ପାଇଁ ସାଧାରଣ ଜନତା ଓ ବ୍ୟବସାୟୀମାନଙ୍କୁ ଚେତାଇ ଦିଆଯାଇଥିଲା। ଏହାସତ୍ତ୍ୱେ ସେମାନେ ଏହି ନିୟମକୁ ଉଲ୍ଲଂଘନ କରିବା ସହ ପରିବେଶ ପ୍ରଦୂଷଣ କରୁଥିଲେ। ଏ ନେଇ ଅଭିଯୋଗ ହେବା ପରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସିଏମ୍‌ସି ସହକାରୀ କମିଶନର (ସାନିଟେଶନ) ତ୍ରିନାଥ ବେହେରା ଏହି ଚଢାଉର ନେତୃତ୍ୱ ନେଇଥିଲେ। ନିୟମ ଉଲ୍ଲଙ୍ଘନକାରୀଙ୍କୁ ନୋଟିସ୍ ଜାରି କରାଯାଇଥିବାବେଳେ ସମସ୍ତ ବ୍ୟବସାୟୀଙ୍କୁ ଡଷ୍ଟବିନ ବ୍ୟବହାର କରିବାକୁ ବେହେରା କହିଛନ୍ତି। ନଚେତ୍ ନିୟମ ଉଲ୍ଲଂଘନକାରୀଙ୍କ ବ୍ୟବସାୟ ପ୍ରତିଷ୍ଠାନ ସିଲ୍ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଚଢାଉରେ ଫୁଡ୍ ଇନ୍ସପେକ୍ଟର ଭଗବାନ ଲେଙ୍କା, ପରିମଳ ବିଶେଷଜ୍ଞ ଶୁଭ୍ରଜିତ ମହାପାତ୍ରଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଅନ୍ୟମାନେ ସାମିଲ ଥିଲେ।

## ସଂକ୍ଷେପରେ

### ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୧।୫ (ବ୍ୟୁରୋ): ୱାର୍ଡ ନଂ-୬୧ରେ ଗୁରୁବାର 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ କମ୍ୟୁନିଟି ହଲଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୀମଟାଙ୍ଗି ହାଉସିଂ ବୋର୍ଡ, ବାଉଁଶ ଖଣି, ପୁନାମା ଗେଟ୍, ନାରାୟଣୀ କ୍ଲବ, ଷ୍ଟେଟ ବ୍ୟାଙ୍କ ଛକ, କାଳୀପଡିଆ ଶ୍ମଶାନ, ବର୍ଷା ପ୍ଲାଜା, ଖଣ୍ଡୁଆଳ ବସ୍ତି, ଅରବିନ୍ଦ ନଗର, କପିଳ ପ୍ରସାଦ ଆଦି ଅଞ୍ଚଳର ପ୍ରତିନିଧିଙ୍କ ସହ ବିଭିନ୍ନ ସାମାଜିକ ସଂଗଠନ ଓ ଏସ୍ଏଚ୍‌ଜି ଗ୍ରୁପର କମକର୍ତ୍ତା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଲୋକଙ୍କ ସହ ସିଧା କଥା ହେବା ସହ ହେଉଥିବା କାର୍ଯ୍ୟର ମାନ ଏବଂ ସମୟ ବାବଦରେ ସିଧାସଳଖ ଜାଣି ହେଉଛି। ଗୋଷ୍ଠୀର କୌଣସି ଉନ୍ନତିମୂଳକ କାମ ପାଇଁ କେତେକ ୱାର୍ଡରେ ଜାଗା ମିଳିବାରେ ଅସୁବିଧା ହେଉଛି। ରାସ୍ତାରେ ଖୋଲାଖୋଲି ଅଳିଆ ପକାଇବା ଉପରେ ରୋକ ଲଗାଯିବା କଥାକୁ କମିଶନର ବିଜୟ ଅମୃତା କୁଲାଙ୍ଗେ ଗୁରୁତ୍ୱାରୋପ କରିଥିଲେ। ୱାର୍ଡରେ ହୋଇଥିବା ଏବଂ ଚାଲୁ ରହିଥିବା ଉନ୍ନତିମୂଳକ କାର୍ଯ୍ୟ ବାବଦରେ ଉପସ୍ଥାପନା କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମରେ ୱାର୍ଡର ବିଭିନ୍ନ ବର୍ଗର ନାଗରିକ ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ଜଣାଇଥିଲେ। ବିଭିନ୍ନ ରାସ୍ତାରେ ନାମଫଳକ, ମିନି ପାର୍କରେ ପାଣି, ଆଲୋକ ଓ ଶୌଚାଳୟ ବ୍ୟବସ୍ଥା, ପୁନାମା ଗେଟରୁ ଲିଙ୍ଗରାଜ ରୋଡ ପର୍ଯ୍ୟନ୍ତ ରାସ୍ତାକୁ ପଣ୍ଡିତ ନୀଳମଣି ମିଶ୍ରଙ୍କ ନାମରେ ନାମିତ କରିବା, କୁକୁର ବନ୍ଧ୍ୟାକରଣକୁ ଗୁରୁତ୍ୱ, ସ୍ଥାନୀୟ ଜଗନ୍ନାଥ ମନ୍ଦିର ରଥଯାତ୍ରା ପାଇଁ ରାସ୍ତା ପ୍ରଶସ୍ତୀକରଣ କରିବା ଏବଂ ଜବରଦଖଲ ଉଚ୍ଛେଦ କରିବା, ଆନି ହାଉସ ଛକ ପର୍ଯ୍ୟନ୍ତ ଟାଉନ ବସ ଚଳାଚଳ, ପାନୀୟ ଜଳ ଯୋଗାଣ ନିମନ୍ତେ ଚାଲୁ ରହିଥିବା ପାଣିଟାଙ୍କି କାମ ଶେଷ କରିବା, ଦୟା ୱେଷ୍ଟ କେନାଲ ଅବସ୍ଥାରେ ଉନ୍ନତି ଆଣି ସ୍ଥାନୀୟ କୂଅଗୁଡିକର ଜଳସ୍ତର ବୃଦ୍ଧି କରିବାରେ ସହାୟକ ହେବା ଆଦି ଉପସ୍ଥାପନ କରାଯାଇଥିଲା। ମେୟର ଓ ବିଏମ୍‌ସି କମିଶନର ଏହି ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରି ପର୍ଯ୍ୟାୟକ୍ରମେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, କାର୍ଯ୍ୟ ନର୍ବାହୀ ଯନ୍ତ୍ରୀ ରାମେଶ୍ୱରୀ ଦାସ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁରଥ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

**ୱାର୍ଡ ନଂ. ୬୧ରେ 'ୱାର୍ଡରେ ଦିନେ'**

### ସମୁଦ୍ରରେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ୍‌ଗାର୍ଡ

ପୁରୀ ଅଫିସ,୧୧।୫: ପୁରୀ ସମୁଦ୍ରରେ ଗୁରୁବାର ବୁଡ଼ିଯାଉଥିବା ୩ଜଣ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ଏହି ୩ଜଣ ପର୍ଯ୍ୟଟକ ଛତିଶଗଡ଼ର ବାସିନ୍ଦା। ସେମାନେ ହେଲେ ରାୟପୁର ଜିଲା ସରସ୍ୱତୀ ନଗର ଅଞ୍ଚଳର ଧ୍ରୁବ ହର୍ଷ, ରୋହିତ ଜଗତ ଓ ମନୋଜ ଡିଭାର । ଏମାନେ ଅପରାହ୍ନ ପ୍ରାୟ ୩.୫୦ ରେ ଶକୁନ୍ତଳା ହୋଟେଲ ସମ୍ମୁଖ ସେକ୍ଟର-୩ ସମୁଦ୍ରରେ ଗାଧୋଉଥିବାବେଳେ ବୁଡ଼ିଯାଇଥିଲେ। ସେଠାରେ ଥିବା ଲୋକଙ୍କ ପାଟି ଶୁଣି ଲାଇଫଗାର୍ଡମାନେ ସମୁଦ୍ରରେ ପଶି ସେମାନଙ୍କୁ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ମେ ୩ ଓ ୪ ତାରିଖରେ ସମୁଦ୍ରରେ ବୁଡ଼ି ୪ଜଣଙ୍କ ମୃତ୍ୟୁ ଘଟିଥିଲା। ଗତ ୨୦୧୩ରୁ ୨୦୨୩ ମେ ୫ ମଧ୍ୟରେ ପୁରୀ ସମୁଦ୍ରରେ ବୁଡ଼ି ୪୧ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ସମୁଦ୍ରରେ ବୁଡ଼ି ଯାଉଥିବା ଅବସ୍ଥାରେ ୩ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି।

# ସହରାଞ୍ଚଳରେ ସଫଳ ହେଉନି ଆବାସ ଯୋଜନା

ଭୁବନେଶ୍ୱର,୧୧।୫(ବ୍ୟୁରୋ)


କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

- ଭୁବନେଶ୍ୱରରେ ୨୧୨ଜଣ ହିତାଧିକାରୀ ଘର ସମ୍ପୂର୍ଣ୍ଣ କରିନାହାନ୍ତି
- କାର୍ଯ୍ୟର ସମୀକ୍ଷା କରି ରିପୋର୍ଟ ଦେବ ବିଏମ୍‌ସି
- ଯୋଜନା ରାଶି ବୃଦ୍ଧି କରିବାକୁ ହିତାଧିକାରୀଙ୍କ ପ୍ରସ୍ତାବ

୨୦୨୨ ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ। ସେଥିପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କ୍ରମରେ ୨୦୧୫ରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ) ଆରମ୍ଭ ହୋଇଥିଲା। ତେବେ ସହରାଞ୍ଚଳରେ ବହୁ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ହେଁ ଅଧିକାଂଶ ହିତାଧିକାରୀ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଘର ତିଆରି ସମ୍ପୂର୍ଣ୍ଣ କରିପାରି ନାହାନ୍ତି। ତେଣୁ ସହରାଞ୍ଚଳରେ ଏହି ଯୋଜନାର ସମ୍ପୂର୍ଣ୍ଣକରଣକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଭୁବନେଶ୍ୱରରେ ପିଏମ୍ଏୱାଇ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା କେତେ ହିତାଧିକାରୀ ଘର ସମ୍ପୂର୍ଣ୍ଣ କରିନାହାନ୍ତି ଏବଂ ଏହାର କାରଣ କ'ଣ ତାହା ଜାଣିବା ପାଇଁ ସମୀକ୍ଷା କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ ଷ୍ଟେକ୍‌ହୋଲ୍‌ଡରମାନଙ୍କର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

୨୦୧୬-୧୭ ମଧ୍ୟରେ ପିଏମ୍ଏୱାଇରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ମୋଟ ୬୮୪ଜଣ ହିତାଧିକାରୀଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବହୁ ହିତାଧିକାରୀ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବାବେଳେ ୨୧୨ଜଣ ହିତାଧିକାରୀ ଅଧାପନ୍ତରିଆ ଗୃହ ନିର୍ମାଣ କରିଛନ୍ତି। ତେଣୁ କେଉଁ କାରଣରୁ ଗୃହ ନିର୍ମାଣ ହୋଇପାରୁନି, ଅଧା ହୋଇ ପଡିରହିଛି, ଏପରିକି କିଛି ହିତାଧିକାରୀ ଗୋଟିଏ/ଦୁଇଟି କିସ୍ତି ନେଇ କାହିଁକି ଘର କରିନାହାନ୍ତି ତାହାର ସତ୍ୟାସତ୍ୟ ଜାଣିବା ପାଇଁ ଏକ ସର୍ଭେ କରାଯିବ। ଏ ନେଇ ଏକ ଏନ୍‌ଜିଓ ଲାଇଫ୍ ଏକାଡେମୀ ଅଫ୍ ଭୋକେସନାଲ ଷ୍ଟଡିଜ୍ (ଲାଭସ)କୁ ଅନ୍ତର୍ଭୁକ୍ତ କରାଯାଇଛି। ସମ୍ପୃକ୍ତ ଏନ୍‌ଜିଓ, ବିଏମ୍‌ସି କର୍ମଚାରୀ, କର୍ପୋରେଟର, କମ୍ୟୁନିଟି ଅର୍ଗାନାଇଜର, ସରକାରୀ ଆଦେଶ ପାଇଥିବା ହିତାଧିକାରୀଙ୍କୁ ନେଇ ଏକ କମିଟି ଗଠନ ହେବ। ଏହି କମିଟିରେ ୨୦ରୁ ୩୦ଜଣ ସଦସ୍ୟ ରହିବେ। ସେମାନଙ୍କୁ ନେଇ ୫ଟି ସବ୍‌କମିଟି ଗଠନ କରାଯିବ। ଏହି ସବ୍‌କମିଟି ୨ଦିନ ଧରି ଅସମ୍ପୂର୍ଣ୍ଣ ଥିବା ହିତାଧିକାରୀଙ୍କ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହି ସମୀକ୍ଷା ରିପୋର୍ଟକୁ ୪୫ଦିନ ମଧ୍ୟରେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ ବୋଲି ସୂଚନା ଦିଆଯାଇଛି। ତେବେ ଘର ତିଆରି ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାର ମୁଖ୍ୟ କାରଣ ହେଉଛି ବର୍ଦ୍ଧିତ ଦର। ଅଧିକାଂଶ ହିତାଧିକାରୀଙ୍କର ଜମି ଭାଇଚାରାରେ ଥିବା କାରଣରୁ ସେମାନଙ୍କୁ ମୂଳ ଜମିର ଅଧିକାର ମିଳିପାରୁ ନାହିଁ। ନିଜ ନିଜ ମଧ୍ୟରେ ବିବାଦ ଲାଗି ରହୁଥିବାରୁ ନିର୍ମାଣ ସମ୍ପୂର୍ଣ୍ଣ ହେଉନାହିଁ। କେତେକ ସ୍ଥାନରେ ହିତାଧିକାରୀଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ କେତେଜଣ ନିର୍ଦ୍ଧାରିତ ଜମିଠାରୁ ଅଧିକ ଜମି ଜବରଦଖଲରେ ଗୃହ ନିର୍ମାଣ କରୁଛନ୍ତି। ଯାହାକି ଅନ୍ୟ ଏକ ସମସ୍ୟା ପାଲଟୁଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ପିଏମ୍ଏୱାଇ ଅନ୍ତର୍ଗତ ହିତାଧିକାରୀମାନଙ୍କୁ ୩୨୨ ବର୍ଗଫୁଟ ଅଞ୍ଚଳରେ ଘର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧ଲକ୍ଷ ୫୦ହଜାର ଟଙ୍କା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ୪ଟି ପର୍ଯ୍ୟାୟରେ ଦିଆଯାଉଛି। ତେବେ ଘର ନିର୍ମାଣ ପାଇଁ ମୋଟ୍ ବ୍ୟୟ ଅଟକଳ ୩ଲକ୍ଷ ୨୦ ହଜାର ଟଙ୍କା ଥିବାବେଳେ ହିତାଧିକାରୀଙ୍କୁ ୧ଲକ୍ଷ ୫୦ହଜାର ଟଙ୍କା ନିଜ ହାତରୁ ଖର୍ଚ୍ଚ କରିବାକୁ ପଡୁଛି। ସେହିପରି ୪ମାସ ମଧ୍ୟରେ ନିର୍ମାଣ ସମ୍ପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ଏବଂ ୬ମାସ ମଧ୍ୟରେ ସମ୍ପୂର୍ଣ୍ଣ କଲେ ୧୦ହଜାର ଟଙ୍କା ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ଦେବାର ପ୍ରାବଧାନ ରହିଛି। ତେବେ ୨୦୧୫ରୁ ଯୋଜନାର ରାଶି ଅପରିବର୍ତ୍ତିତ ଥିବାରୁ ବର୍ଦ୍ଧିତ ଦର ଅନୁଯାୟୀ ଘର ନିର୍ମାଣ କରିବା ସମ୍ଭବ ହେଉ ନ ଥିବା ଅନେକ ହିତାଧିକାରୀ ମତ ଦେଇଛନ୍ତି। ସମୀକ୍ଷା ରିପୋର୍ଟରେ ଯୋଜନାର ରାଶି ୨ଲକ୍ଷରୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯିବା ନେଇ ମଧ୍ୟ ସୂଚନା ଦିଆଯାଇଛି। କର୍ମଶାଳାରେ କର୍ପୋରେଟର, ବିଏମ୍‌ସିର ଅତିରିକ୍ତ କମିଶନର-୧ ଲକ୍ଷ୍ମୀକାନ୍ତ ସେଠୀ, ସ୍ୱତନ୍ତ୍ର ସୁବିଧା ସଂସ୍ଥା ନିର୍ଦ୍ଦେଶକ, ଲାଇଫ ଏକାଡେମୀ ଅଫ୍ ଭୋକେଶନାଲ ଷ୍ଟଡିଜ୍‌ର ନିର୍ଦ୍ଦେଶକ, ବିଏମ୍‌ସିର କର୍ମକର୍ତ୍ତା, ହିତାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରୀତିଭୋଜନରୁ ବଞ୍ଚିତ ନାଉରିଆ ସେବାୟତ

ପୁରୁଣା ଭୁବନେଶ୍ୱର,୧୧।୫(ଡି.ଏନ୍.ଏ.)

ଅକ୍ଷୟ ତୃତୀୟାଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଏହା ୨୨ଦିନ ଧରି ବିନ୍ଦୁସାଗରରେ ଅନୁଷ୍ଠିତ ହେବ। ଠାକୁରଙ୍କ ଚାପଡ଼ଙ୍ଗା ଚଳାଉଥିବା ୧୨ଘରିଆ ନାଉରିଆ ସେବାୟତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚନ୍ଦନଯାତ୍ରା ଅବସରରେ ଏହି ସେବାୟତମାନଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରୀତିଭୋଜନରେ ଆପ୍ୟାୟିତ କରାଯାଇଥାଏ। ତେବେ ଗତବର୍ଷ କୌଣସି କାରଣରୁ ଏହି ପ୍ରୀତିଭୋଜନ ଦିଆଯାଇନଥିଲା। ଚଳିତବର୍ଷ ପ୍ରୀତିଭୋଜନ ପାଇଁ ଦିନ ସ୍ଥିର କରାଯାଇଥିବାବେଳେ ନାଉରିଆ ସେବାୟତମାନେ ମନ୍ଦିର ପ୍ରଶାସନ ନିକଟରେ ପହଞ୍ଚିଥିଲେ। ମାତ୍ର ଉପସ୍ଥିତ କର୍ମଚାରୀ କିଛି ଜାଣିନାହୁଁ ବୋଲି କହିଥିଲେ। ୫ଦିନ ପରେ ପୁଣି ପ୍ରଶାସନ ପକ୍ଷରୁ ଗତବର୍ଷର ପ୍ରୀତିଭୋଜନ ଦିଆଯାଇଥିଲା। ତେବେ ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ଶେଷ ହେବା ପୂର୍ବରୁ ବକେୟା ଥିବା ପ୍ରୀତିଭୋଜନ ଦେବା ପାଇଁ ନାଉରିଆ ସେବାୟତମାନେ ପ୍ରଶାସନକୁ ଜଣାଇଥିଲେ। ମାତ୍ର ଏହାକୁ ପ୍ରଶାସନ ଏଡ଼ାଇ ଦେଇଥିବା ନାଉରିଆ ମୁଖ୍ୟ ବାସୁଦେବ କାଳିଆ ଜଣାଇଛନ୍ତି। ଅନ୍ୟପକ୍ଷରେ ଏନେଇ ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ମହାପାତ୍ର କୁହନ୍ତି, ଘଟଣା ସମ୍ବନ୍ଧରେ ଅନୁସନ୍ଧାନ କରାଯାଇ ନାଉରିଆ ସେବାୟତଙ୍କ ପ୍ରାପ୍ୟ ଭରଣା କରାଯିବ।

# ଗବେଷଣାକୁ କ୍ୟାରିୟର ଭାବେ ବାଛ



ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।

ଭୁବନେଶ୍ୱର,୧୧।୫(ବ୍ୟୁରୋ)

**ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ**

ବାଲିଅନ୍ତାସ୍ଥିତ ନଛିପୁର ଶୁଦ୍ଧାନନ୍ଦ ପ୍ରତିଷ୍ଠାନରେ ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ଗୁରୁବାର ପାଳିତ ହୋଇଯାଇଛି। କଟକ ଜିଲା ସଭାପତି ଡ. ବାଇଧର ସାହୁ ସ୍ୱାଗତ ଭାଷଣ ଦେଇ ଭାରତର ପରମାଣୁ ଗବେଷଣାରେ ରସାୟନ ବିଜ୍ଞାନର ଭୂମିକା ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଇଞ୍ଜିନିୟର ସଚ୍ଚିକାନ୍ତ କର ଯୋଗଦେଇ ଭାରତର ନ୍ୟୁକ୍ଲିୟର ରିଆକ୍ଟରଗୁଡ଼ିକର ଅଭି ଯାନ୍ତ୍ରିକୀ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସରକାରୀ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. ସ୍ୱାତୀ ସୁଚରିତା ଯୋଗଦେଇ ପରମାଣୁ ରିଆକ୍ଟରର ନିର୍ମାଣ ଶୈଳୀ ଓ କାର୍ଯ୍ୟପଦ୍ଧତି ବିଷୟରେ ବିସ୍ତାର ଭାବେ ଚର୍ଚ୍ଚା କରିଥିଲେ। ବିଶିଷ୍ଟ ଅତିଥି ଶିକ୍ଷାବିତ୍ ଡ. ସୁନିଲ ପଟ୍ଟନାୟକ ଗବେଷଣାକୁ କ୍ୟାରିୟର ଭାବେ ବାଛିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ରିଡର ଡ. ନାରାୟଣ ଚନ୍ଦ୍ର ପାଲ ଉପସ୍ଥିତ ଥିଲେ। ଡ. ସରିତା ଅତିଥି ପରିଚୟ ଦେଇଥିଲେ। ଅଧିଷ୍ଠାତା ଡ. ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ୍ୟ ସହ ସଙ୍ଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ ଭାରତୀୟ ବୈଜ୍ଞାନିକଙ୍କ ତ୍ୟାଗ, ତିତିକ୍ଷାର ଭୂୟସୀ ପ୍ରଶଂସା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁଦକ୍ଷ ବିନ୍ଧାଣି ଜିଲା ସମ୍ପାଦକ ଅଧ୍ୟାପକ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ମହାପ୍ରଭୁଙ୍କ ଜମିରେ ଥିବା ୧୪୭ କ୍ରଶର ବନ୍ଦ ନିର୍ଦ୍ଦେଶ

ପୁରୀ ଅଫିସ, ୧୧।୫

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ପରିଚାଳନା ଓ ସୁରକ୍ଷା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଖୋର୍ଦ୍ଧା ଓ ବେଗୁନିଆ ଅଞ୍ଚଳରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିରେ ୨୩୨ଟି କ୍ରଶର ୟୁନିଟ ରେକର୍ଡଭୁକ୍ତ ଥିବା ନେଇ ଅବଗତ ହୋଇଥିଲେ। ସେଥିରୁ ୨୦୨୨-୨୩ ପାଇଁ ୮୫ଟି କ୍ରଶର ୟୁନିଟ ଶ୍ରୀମନ୍ଦିର ପ୍ରଶାସନ ସହ ବିଧିବଦ୍ଧ ଭାବେ ବୁଝାମଣା ସ୍ୱାକ୍ଷର କରିଥିଲେ। ତନ୍ମଧ୍ୟରୁ ୨୦୨୩-୨୪ ପାଇଁ ୫୨ଟି କ୍ରଶର ୟୁନିଟ ପକ୍ଷରୁ ନବୀକରଣ ଆବେଦନ ଦାଖଲ ହୋଇଛି। ତେଣୁ ଏହି ୟୁନିଟଗୁଡ଼ିକର ଆବେଦନ ତଥା ପ୍ରଣାମୀ ଦାଖଲକୁ ବିଚାରକୁ ନେଇ ବୁଝାମଣା ନବୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଖିଲାପକାରୀ ୧୪୭ଟି କ୍ରଶର ୟୁନିଟ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବିଦ୍ୟୁତ ବିଭାଗକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିବା ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି।

## ଅଭିଯୋଗକୁ ଅସ୍ୱୀକାର କଲେ ଆପାର୍ଟମେଣ୍ଟ ମାଲିକ

ଭୁବନେଶ୍ୱର,୧୧।୫(ବ୍ୟୁରୋ)

**ଜମି ଜବରଦଖଲ ଗ୍ୟାଙ୍ଗ୍ ସକ୍ରିୟ ପ୍ରସଙ୍ଗ**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନିରେ ଥିବା ପୂଜା ପାରାଡାଇଜ୍ ଆପାର୍ଟମେଣ୍ଟର ବିବାଦୀୟ ଜମିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ଏପରି କି ଆପାର୍ଟମେଣ୍ଟର ମାଲିକ ଓ ଅନ୍ୟ ଏକ ପକ୍ଷଙ୍କ ତରଫରୁ ଏସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ମଧ୍ୟ ଜାରି ରଖିଛି। ତେବେ ଗତ ସୋମବାର ଆପାର୍ଟମେଣ୍ଟ ତଳେ ଚଳାଚଳ କରୁଥିବା ସତ୍ୟ ରାଉତଙ୍କ ଆସବାବପତ୍ର ଫୋପାଡ଼ିବା ଏବଂ ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ଘଟଣାକୁ ମାଲିକମାନେ ଅସ୍ୱୀକାର କରିଛନ୍ତି। ଏପରିକି ଅନିଲ ବଳିଆର ସିଂ ସେଠାରେ କୌଣସି ଅସାମାଜିକ କାର୍ଯ୍ୟ କରି ନ ଥିବା ସେମାନେ କହିଛନ୍ତି। ସତ୍ୟଙ୍କ ପରିବାର ଦ୍ୱାରା କରାଯାଉଥିବା ଦଖଲ ଦ୍ୱାରା ଆପାର୍ଟମେଣ୍ଟର ଫ୍ଲାଟ କିଣିଥିବା ବିଶ୍ୱନାଥ ପାଢ଼ୀ, ପ୍ରତାପ ନାୟକ, ମୀନକେତନ ପାଣିଗ୍ରାହୀ, ଦଶଧରା ଗିରି ପ୍ରମୁଖ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି।

ଆପାର୍ଟମେଣ୍ଟରେ ଘର ନେଇଥିବା ମାଲିକମାନଙ୍କ କହିବା ଅନୁଯାୟୀ, ୨୦୧୭ରେ ସତ୍ୟ ଦେଇଥିବା ୯ଡିସିମିଲ ଜମି ପାଇଁ ତାଙ୍କୁ ବିଭିନ୍ନ ପର୍ଯ୍ୟାୟରେ ମାଲିକଙ୍କଠାରୁ ଆପାର୍ଟମେଣ୍ଟ ନିର୍ମାଣ କରିଥିବା ବିଲ୍ଡରଙ୍କ ଜରିଆରେ ୧୨ ଲକ୍ଷ ଟଙ୍କା ଦିଆଯାଇଛି। ଏଥିସହ ସତ୍ୟଙ୍କ ପରିବାର ଆପାର୍ଟମେଣ୍ଟ ହୋଇଥିବା ସ୍ଥାନର ୧୬ ଡିସିମିଲ ଦଖଲ କରି ରହିଛନ୍ତି। ୯ ଡିସିମିଲ ଜମି ପାଇଁ ସମ୍ପୂର୍ଣ୍ଣ ଟଙ୍କା ଦିଆଯାଇଥିବା ବେଳେ ସତ୍ୟଙ୍କ ପୁଅ ରବି ଆପାର୍ଟମେଣ୍ଟ ତଳେ ଜବରଦସ୍ତି ଗୁହାଳ କରିଛନ୍ତି। ଏପରିକି ସେଠାରେ ଅଳିଆ ପକାଇ ଅପରିଷ୍କାର କରୁଛନ୍ତି। ପ୍ରାୟ ସମୟରେ ଆପାର୍ଟମେଣ୍ଟର ବିଭିନ୍ନ ସାମଗ୍ରୀ ସେମାନେ ଚୋରି କରି ନେଇଯାଉଛନ୍ତି। ଏଥିପାଇଁ ଆପାର୍ଟମେଣ୍ଟରେ ରହୁଥିବା ଲୋକମାନେ ବିଭିନ୍ନ ସମୟରେ ଅସୁବିଧାରେ ପଡୁଛନ୍ତି। ଏନେଇ ଆପାର୍ଟମେଣ୍ଟର ମାଲିକମାନେ ବାରମ୍ବାର ବିରୋଧ କରିଥିଲେ ମଧ୍ୟ ରବି ଶୁଣୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ଷଣ୍ଢ ଉଦ୍ଧାରବେଳେ ବିଏମ୍‌ସି କର୍ମଚାରୀ ହଟହଟା

ଭୁବନେଶ୍ୱର ,୧୧।୫(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଜୟଦେବ ବିହାର-ନନ୍ଦନକାନନ ରାସ୍ତାରୁ ଏକ ବୁଲା ଷଣ୍ଢକୁ ବିଏମ୍‌ସି କର୍ମଚାରୀ ଉଦ୍ଧାର କରିବା ସମୟରେ ବହୁ ହଟହଟାର ସମ୍ମୁଖୀନ ହୋଇଛନ୍ତି। ପଶୁପ୍ରେମୀମାନେ ଏହାକୁ ବିରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ବିଏମସି କର୍ମଚାରୀ ଓ ପ୍ରାଣୀପ୍ରେମୀ ଦୀର୍ଘ ସମୟ ଧରି ମୁହାଁମୁହିଁ ହେବାରୁ ଖବର ଥାନାରେ ପହଞ୍ଚିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ସହ ଷଣ୍ଢଟିକୁ ଥାନାକୁ ନେଇଥିଲା।


ବିଏମ୍‌ସି ପକ୍ଷରୁ ଷଣ୍ଢକୁ ଉଦ୍ଧାର କରି ନିଆଯାଉଛି ।

ସୂଚନାନୁସାରେ, ଗୁରୁବାର ସକାଳେ କେତେଜଣ ବିଏମ୍‌ସି କର୍ମଚାରୀ ବୁଲା ଷଣ୍ଢମାନଙ୍କୁ ଉଦ୍ଧାର କରୁଥିଲେ। ସେମାନେ ଏକ ଷଣ୍ଢକୁ ଖରାରେ ଟାଣିଘୋଷାରି ଗାଡିକୁ ଉଠାଇବା ପରେ ଅମାନବିକତା ଭାବେ ବାଉଁଶରେ ବାନ୍ଧି ନେଉଥିଲେ। ଏହି ସମୟରେ କେତେଜଣ ପ୍ରାଣୀପ୍ରେମୀ ଘଟଣାସ୍ଥଳକୁ ଆସି ବିରୋଧ କରିବାରୁ ସମ୍ପୃକ୍ତ ବିଏମ୍‌ସି କର୍ମଚାରୀଙ୍କ ସହ ବଚସା ହୋଇଥିଲା। ଖବର ପାଇ ପିସିଆର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାରୀ ଗାଡି ସହ ଷଣ୍ଢ ଓ ଚାଳକକୁ ଥାନାକୁ ଆଣିଥିଲା। ତେବେ ପ୍ରାଣୀପ୍ରେମୀଙ୍କ ଅଭିଯୋଗ ଅନୁଯାୟୀ ବିଏମ୍‌ସି କର୍ମଚାରୀଙ୍କ ଗାଡିରେ କୌଣସି ଫଳକ ଲେଖା ନ ଥିଲା କିମ୍ବା ଚାଳକଙ୍କ ନିକଟରେ ପରିଚୟପତ୍ର ନ ଥିଲା। ଉଦ୍ଧାର ସମୟର ଦୃଶ୍ୟ ହୃଦୟବିଦାରକ ଥିବାରୁ ସେମାନେ ବିରୋଧ କରିଥିଲେ। ପୋଲିସ ଘଟଣାକୁ ବୁଝିବା ସହିତ ଉଦ୍ଧାରକାରୀଦଳଙ୍କୁ ତାଗିଦ କରି ଲିଖିତ ନାମାରେ ଛାଡ଼ିଥିଲା। ଏଥିସହ ଉକ୍ତ ଷଣ୍ଢକୁ ମଧ୍ୟ ମୁକ୍ତ କରାଯାଇଥିଲା।

**ପ୍ରାଣୀପ୍ରେମୀଙ୍କ ବିରୋଧ, ଷଣ୍ଢକୁ ଛାଡିଲା ପୋଲିସ**



ସୁନ୍ଦରପଦାରେ ଥିବା ଏକ ବେଆଇନ ଘରୋଇ ପାଚେରିକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଗୁରୁବାର ଜେସିବି ଦ୍ୱାରା ଭଙ୍ଗାଯାଉଛି ।

## ଡାକ୍ତର ପରିଚୟ ଦେଇ ୨ଦୋକାନରୁ ଜିନିଷ ନେଇ ଫେରାର

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ରାଜଧାନୀରେ ହାଇଫାଇ ଲୁଟେରା ମାତିଛନ୍ତି। ହାତରେ ଆଇଫୋନ, ବେକରେ ସୁନାଚେନ ପକାଇ ଅନେକ ଦୋକାନ ବୁଲି ଦୋକାନୀମାନଙ୍କୁ ଚୂନ ଲଗାଇ ବିଭିନ୍ନ ସାମଗ୍ରୀ ନେଇ ଫେରାର ହୋଇଯାଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଥିବା ବେଳେ ୨ଟି ଦୋକାନକୁ ଠକି ନେଇ ଫେରାର ହୋଇଯାଇଛି ଠକ। ଏନେଇ ଠକେଇର ଶିକାର ହୋଇଥିବା ଜଣେ ମାଲିକ କ୍ରାଇମବ୍ରାଞ୍ଚ ଓ ଅନ୍ୟ ଜଣେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଜଣେ ଲୁଟେରା ଚନ୍ଦ୍ରଶେଖପୁର ଅଞ୍ଚଳର ଏକ ଟିଭି, ଫ୍ରିଜ ଥିବା ଦୋକାନକୁ ଯାଇ ନିଜକୁ ଡାକ୍ତର ବିକାଶ ବୋଲି ପରିଚୟ ଦେଇ ଟିଭି ଓ ଆକ୍ୱାଗାର୍ଡ ଦରକାର ଥିବା କହିଥିଲେ। ଏପରିକି ସେହି ଜିନିଷ ସବୁ ଏକ ଗରିବ ସଂସ୍ଥାକୁ ଦାନ କରିବେ ବୋଲି ଦୋକାନୀଙ୍କୁ କହି ବିଶ୍ୱାସ ଜନ୍ମାଇଥିଲେ। ବ୍ୟକ୍ତି ଜଣକ ବେକରେ ସୁନା ଚେନ, ଦାମୀ ମୋବାଇଲ ଧରିଥିବାରୁ ଦୋକାନୀ ବି ସହଜରେ କଥାକୁ ବିଶ୍ୱାସ କରିଥିଲେ। ଦୋକାନୀରୁ ଠକ ଜଣକ ଟିଭି, ଆକ୍ୱାଗାର୍ଡ ସହ ଅନ୍ୟ କିଛି ସାମଗ୍ରୀ ନେଇ ଟଙ୍କା ପେମେଣ୍ଟ କରିବାର ଏକ ସ୍କ୍ରିନସଟ ଦେଖାଇ ଚାଲିଯାଇଥିଲେ। କିଛି ସମୟ ପରେ ସେହି ଦୋକାନୀକୁ ଏକ ଉବେର ଗାଡ଼ିର ଡ୍ରାଇଭର ଆସି ଏଭଳି ସୁନାଚେନ ପିନ୍ଧିଥିବା କୌଣସି ଲୋକ ଏଠି ଆସିଥିବା ନେଇ ଦୋକାନୀକୁ ପଚାରିଥିଲେ। ଉକ୍ତ ବ୍ୟକ୍ତିଜଣକ ସେହି ଗାଡ଼ିରେ ବିଭିନ୍ନ ସ୍ଥାନ ବୁଲି ଟଙ୍କା ନ ଦେଇ ଚାଲିଯାଇଥିବା ଡ୍ରାଇଭର ଜଣକ କହିଥିଲେ। ପରେ ଦୋକାନୀ ମଧ୍ୟ ଆସିଥିବା ଉକ୍ତ ଲୋକଙ୍କ ପଠାଇଥିବ ଟଙ୍କା ଚେକ୍ କରିବାବେଳେ କୌଣସି ଟଙ୍କା ଆସି ନ ଥିବା ଜାଣିଥିଲେ। ଏ ନେଇ ପୋଲିସକୁ ଜଣାଇବା ବେଳେ ଆଉ ଏକ ଦୋକାନୀ ମଧ୍ୟ ଏଭଳି ଠକେଇର ଶିକାର ହୋଇଥିବା ପୋଲିସରୁ ଜାଣିପାରିଥିଲେ। ତେବେ ଉକ୍ତ ଅଭିଯୋଗକୁ ଭିତ୍ତି କରି କ୍ରାଇମବ୍ରାଞ୍ଚ -କମିଶନରେଟ ପୋଲିସ ତଦନ୍ତ କରିବା ସହ ଉକ୍ତ ହାଇଫାଇ ଲୁଟେରାକୁ ଧରିବା ଲାଗି ଉଦ୍ୟମ ଚଳାଇଛି। ସିସିଟିଭିରେ କଏଦ ହୋଇଛି ଲୁଟ ବେଳର ଚିତ୍ର। ଅଭିଯୁକ୍ତଙ୍କୁ ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରି ତଦନ୍ତ ଚଳାଇଛି।


ସିସିଟିଭିରେ କଏଦ୍ ହୋଇଥିବା ଦୃଶ୍ୟ ।

# ସହରରେ କୃତ୍ରିମ ବନ୍ୟା, ଜଳବନ୍ଦୀ ନେଇ ଆକ୍ସନପ୍ଲାନ

ଭୁବନେଶ୍ୱର,୧୧।୫(ବ୍ୟୁରୋ)

- ପ୍ରସ୍ତୁତ ରହିବାକୁ ସମସ୍ତ ମ୍ୟୁନିସିପାଲିଟି, ଏନ୍ଏସିକୁ ନିର୍ଦ୍ଦେଶ
- ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ
- କର୍ପୋରେଟର ଓ ୱାର୍ଡ କମିଟି ଦ୍ୱାରା ଜଳବନ୍ଦୀ ନିୟନ୍ତ୍ରଣ କରାଅ

ଜୁନ ମାସରେ ସାଧାରଣତଃ ଓଡ଼ିଶାକୁ ଦକ୍ଷିଣ ପଶ୍ଚିମ ମୌସୁମୀ ଆଗମନ ହୋଇଥାଏ। ମେ' ମାସ ଚାଲିଥିବାବେଳେ ମୌସୁମୀ ପୂର୍ବରୁ ସହରାଞ୍ଚଳରେ କିପରି ଜଳବନ୍ଦୀ ଓ କୃତ୍ରିମ ବନ୍ୟା ସ୍ଥିତିକୁ ଏଡାଯିବ, ସେନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ଆକ୍ସନପ୍ଲାନ ପ୍ରସ୍ତୁତ କରିଛି। ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଏ ନେଇ ଗୁରୁବାର ସମସ୍ତ ମ୍ୟୁନିସିପାଲ କମିଶନର, ମ୍ୟୁନିସିପାଲ କର୍ପୋରେଶନ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମସ୍ତ ମ୍ୟୁନିସିପାଲିଟି ଓ ଏନ୍ଏସିକୁ ଚିଠି ଲେଖିଛନ୍ତି। ମୌସୁମୀ ପୂର୍ବରୁ ଜଳବନ୍ଦୀ ଓ କୃତ୍ରିମ ବନ୍ୟା ସ୍ଥିତି ଏଡାଇବା ଲାଗି ଆଗୁଆ ପଦକ୍ଷେପ ନେବାକୁ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ସହରାଞ୍ଚଳରେ ଥିବା ସମସ୍ତ ଡ୍ରେନ ସ୍ଥିତି ଯାଞ୍ଚ କରିବା ସହ ଚୋକ୍ ଥିବା ଡ୍ରେନର ପୁନଃ ସଂଯୋଗ ଓ ସଫେଇକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାସ୍ତାକଡ଼ରେ ଥିବା ମ୍ୟାନହୋଲ ଓ ମୁକୁଳା ଡ୍ରେନ ସ୍ଥଳ ଚିହ୍ନଟ କରି ଏହାକୁ ତୁରନ୍ତ ବନ୍ଦ କରିବାକୁ କୁହାଯାଇଛି। ଯେଉଁ ସ୍ଥାନରେ ମରାମତି ନ ହୋଇପାରୁଛି, ସେଠାରେ ଲୋକଙ୍କ ସଚେତନତା ଲାଗି ବ୍ୟବସ୍ଥା କରିବା, ସେହିପରି ଡ୍ରେନରେ ପଡୁଥିବା ନିର୍ମାଣାଧୀନ ବର୍ଜ୍ୟ ଲାଗି ଡ୍ରେନ ଜାମ ହେଉଥିବାରୁ ନିୟମିତ ରାସ୍ତାକଡରେ ଥିବା ଡ୍ରେନର ସଫେଇକୁ ଗୁରୁତ୍ୱ ଦେବା, ସଫେଇ ପରେ ଯେପରି ପୁନଃ ଉକ୍ତ ସାମଗ୍ରୀ ଡ୍ରେନ୍‌କୁ ନ ଆସେ ସେଥିପ୍ରତି ବିଶେଷ ଧ୍ୟାନ ଦେବା, ଜଳବନ୍ଦୀ ଓ ତଳି ଅଞ୍ଚଳ ଚିହ୍ନଟ କରି ଆପାତକାଳୀନ ସ୍ଥିତିରେ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପମ୍ପ ସେଟ ଲଗାଇବା, ଡ୍ରେନ ଉପରେ ଥିବା ଜବରଦଖଲ ହଟାଇବା ସହ ଜବରଦଖଲକାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମୌସୁମୀ ସମୟରେ ଜଳବନ୍ଦୀ ଲାଗି ପାଣି ଜମିବା ଫଳରେ ମ୍ୟାଲେରିଆ, ଡେଙ୍ଗୁ ଏବଂ ଜାପାନିଜ ଏନ୍‌ସେଫାଲାଇଟିସ ଏବଂ ଜଳ ଦ୍ୱାରା ବ୍ୟାପୁଥିବା ଅନ୍ୟ ରୋଗ ହେବା ଆଶଙ୍କା ରହିଛି। ତେଣୁ ଏଥିପ୍ରତି ଧ୍ୟାନ ଦେବା ସହ ଜଳବନ୍ଦୀ ଅଞ୍ଚଳରେ ପରିମଳ ବ୍ୟବସ୍ଥାକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବାକୁ କୁହାଯାଇଛି। ମୌସୁମୀ ସମୟରେ ସହାୟତା ଲାଗି ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ କରାଇବା, କମିଶନର ତଥା ଜିଲାପାଳଙ୍କ ନେତୃତ୍ୱରେ ଜଳବନ୍ଦୀ ସମୟରେ ନିୟମିତ ବୈଠକ କରିବା, ଜଳବନ୍ଦୀ ସମୟରେ ସମସ୍ତ ଲାଇନ ବିଭାଗ ସହ ସମନ୍ୱୟ ରଖି ସ୍ଥିତିର ମୁକାବିଲା କରିବା ଲାଗି କୁହାଯାଇଛି। ପ୍ରଥମଥର ୱାର୍ଡର ଲୋକପ୍ରତିନିଧି (କର୍ପୋରେଟର) ଓ ୱାର୍ଡ କମିଟିକୁ ଜଳବନ୍ଦୀ ସ୍ଥିତି ପରିଚାଳନା କରିବାରେ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସାପ କାମୁଡ଼ାରେ ଜଣେ ମୃତ

ମାହାଙ୍ଗା,(ସ୍ୱ.ପ୍ର.): ମାହାଙ୍ଗା ଥାନା ମୂଳବସନ୍ତ ପଞ୍ଚାୟତ ହଂସଦିଆ ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଶ୍ରୀକାନ୍ତ ପୃଷ୍ଟି (୫୨)। ଶ୍ରୀକାନ୍ତ ସକାଳ ୯ଟା ସମୟରେ ଗାଈ ଦୁହିଁବାକୁ ଗୁହାଳକୁ ଯିବାସମୟରେ ଏକ ଗର୍ତ୍ତରେ ଥିବା ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ନେଇ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିଲା। ପରେ ଗ୍ରାମ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ମନୋଜ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କର, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ସାମାଜିକ କର୍ମୀ ପଞ୍ଚାନନ ପଣ୍ଡା, ବଟକୃଷ୍ଣ ଦାଶ, ବ୍ରହ୍ମାନନ୍ଦ ବିଶ୍ୱାଳ, ରମାକାନ୍ତ କର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିଛନ୍ତି।

# ସଂକ୍ଷେପରେ

## ଟ୍ରକ୍ ପଛରେ କାର୍ ଧକ୍କା: ଜଣେ ମୃତ

ସାଲେପୁର,୧୧।୫(ଡି.ଏନ୍.ଏ.): ସାଲେପୁର-ବହୁଗ୍ରାମ ରାସ୍ତାର ନାଳିଆମୁହଁ ନିକଟରେ ଏକ ଟ୍ରକ ପଛରେ ଗୁରୁବାର ଦ୍ରୁତଗତିରେ ଆସୁଥିବା ଏକ କାର୍ ଧକ୍କା ହୋଇଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଙ୍ଖାମୁଣ୍ଡା ଅଞ୍ଚଳର ପଦ୍ମଲାଭ ବାରିକ। ଏନେଇ ତାଙ୍କ ଦାଦା ନିଧିରାମ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ କାର୍‌ରେ ଥିବା ଅନ୍ୟ ୫ ଜଣ ଯାତ୍ରୀ ରକ୍ଷା ପାଇଯାଇଛନ୍ତି। ଖବରପାଇ ଟ୍ରକ୍ ଓ କାରକୁ ସାଲେପୁର ପୋଲିସ ଜବତ କରି ଥାନାରେ ମାମଲା (ନଂ.୧୫୪/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଏନେଇ ତାଙ୍କ ଦାଦା ନିଧିରାମ ବାରିକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାଇକ୍ ଇଞ୍ଜିନରୁ ସାପ ଉଦ୍ଧାର

ବାଙ୍କୀ,୧୧।୫(ସ୍ୱ.ପ୍ର.): ବାଙ୍କୀ କଲେଜରେ କର୍ମଚାରୀ ନକୁଳ ବେହେରାଙ୍କ ବାଇକ୍ ଇଞ୍ଜିନରେ ଏକ ବିଷାକ୍ତ ସାପ ପଶି ଯାଇଥିଲା। ସାପକୁ ଦେଖି ଅଧାପକ ମନୋଜ ମହାପାତ୍ର ସ୍ନେକ ହେଲ୍ପଲାଇନକୁ ଖବର ଦେଇଥିଲେ। ହେଲ୍ପଲାଇନ ସଦସ୍ୟ ସୁନୁମୁନୁ ସୁବୁଦ୍ଧି ଆସି ୩ ଘଣ୍ଟା ପରିଶ୍ରମ ପରେ ଉକ୍ତ ସାପକୁ ଗାଡ଼ି ଇଞ୍ଜିନରୁ କାଢ଼ି ନିକଟ ଜଙ୍ଗଲରେ ଛାଡ଼ିଛନ୍ତି।

## ଅଂଶୁଘାତ ସଚେତନତା

ବାଙ୍କୀ,୧୧।୫(ସ୍ୱ.ପ୍ର.)- ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ଅଂଶୁଘାତ ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ କଲେଜ ରୋଡ଼ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଟୋଇଙ୍କୁ ଅଂଶୁଘାତ ସମ୍ପର୍କରେ ପ୍ରଚାରପତ୍ର ବାଣ୍ଟିବା ସହ ଜଳସେବା ପ୍ରଦାନ କରାଯାଇଥିଲା। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଓ ରେଞ୍ଜର ଲିଡର ଅଧାପିକା ଦେବସ୍ମିତା ରାଉତଙ୍କ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ଉପାଧକ୍ଷ ମନୋଜ ମହାପାତ୍ର, ଅଧାପକ ଆଶିଷ ପାଢ଼ୀ, ଅଧାପକ ନିରାକାର ସାମନ୍ତରାୟ ସହାୟତା କରିଥିଲେ।

## ପୋକ୍‌ଲିନ ଜବତ

ମାହାଙ୍ଗା୧୧।୫(ସ୍ୱ.ପ୍ର): ମାହାଙ୍ଗା ପୋଲିସ ପକ୍ଷରୁ ମୂଳବସନ୍ତ ପଞ୍ଚାୟତ ହଂସଦିଆ ଗହିର ପାଟରେ ବେଆଇନ ଭାବେ ମାଟି ଖନନ ଚାଲିଥିବା ସ୍ଥାନରେ ଚଢ଼ାଉ କରାଯାଇ ବ୍ୟବହୃତ ହେଉଥିବା ପୋକଲିନ୍ ଜବତ କରାଯାଇଛି। ଏହି ସମୟରେ ମାଟି ମାଫିଆମାନେ ପୋଲିସକୁ ବିରୋଧ କରିବା ସହ ପୋକଲିନ୍ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ବିଫଳ ହୋଇଥିଲେ। ଏପରିକି ଖବର ସଂଗ୍ରହ ପାଇଁ ଯାଇଥିବା କେତେଜଣ ଗଣମାଧମ ପ୍ରତିନିଧିଙ୍କୁ ସେମାନେ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ମାହାଙ୍ଗା ଏଏସ୍‌ଆଇ ଭୀଷ୍ମ ପ୍ରଧାନ କହିଛନ୍ତି, ମାଟିମାଫିଆଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜବତ ମେଶିନକୁ ମାହାଙ୍ଗା ତହସିଲଦାରଙ୍କ ନିକଟରେ ଜିମା ଦିଆଯିବ ବୋଲି କହିଛନ୍ତି।

# ସମବାୟ ସମିତି ଅନିୟମିତତାର ତଦନ୍ତ ଆରମ୍ଭ

### ଓସ୍ତିଆ, ଆନନ୍ଦପୁର ସମିତିରେ ଦୁର୍ନୀତି

- ନିରପେକ୍ଷ ତଦନ୍ତ ନ ହେଲେ ଆନ୍ଦୋଳନ ଚେତାବନୀ
- ସମିତି ସମ୍ପାଦକଙ୍କଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହାର

ବାଙ୍କୀ,୧୧।୫(ସ୍ୱ.ପ୍ର.)


ସେବା ସମବାୟ ସମିତିର ଅନିୟମିତତା ସମ୍ପର୍କରେ ତଦନ୍ତ ଚାଲିଛି।

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସରଣ୍ଡାଶାଖାସ୍ଥିତ ଓସ୍ତିଆ ଓ ଆନନ୍ଦପୁର ସେବା ସମବାୟ ସମିତିରେ ଚାଷୀଙ୍କ ଅର୍ଥ ହଡ଼ପ ଅଭିଯୋଗ ଘଟଣାରେ ଚାଷୀମାନେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅର୍ଥ ହଡ଼ପ ସମ୍ପର୍କରେ ଚାଷୀମାନେ ପ୍ରଥମେ ସମବାୟ ବ୍ୟାଙ୍କ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ତଦନ୍ତରେ ବିଳମ୍ବ ଓ ବାଟବଣା କରାଯାଉଥିବା ସନ୍ଦେହରେ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏପରି କି ହଡ଼ପ ଘଟଣାର ତଦନ୍ତ ପାଇଁ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭୟ କୁମାର ଲେଙ୍କା, ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ବନଲତା ଧଳ, ସରଣ୍ଡା ଶାଖା ପରିଚାଳକ ସୁଚିସ୍ମିତା ପଣ୍ଡା, ସହଶାଖା ପରିଚାଳକ ସତ୍ୟପ୍ରିୟ ବେହେରା, ଋଣ ପରିଚାଳକ ଚିନ୍ମୟୀ ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳକୁ ଯାଇଥିବାବେଳେ ସମିତିର କର୍ମକର୍ତ୍ତାମାନେ ତଦନ୍ତରେ ସହଯୋଗ ନ କରିବାରୁ ଉତ୍ତେଜନା ଦେଖାଦେଇଛି। ଯଦି ଆଗାମୀ ଦିନରେ ସେବା ସମବାୟ ସମିତିରେ ହୋଇଥିବା ଦୁର୍ନୀତିର ନିରପକ୍ଷ ତଦନ୍ତ କରା ନ ଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଘଟଣାର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ସମିତି ସମ୍ପାଦକଙ୍କ ଆର୍ଥିକ କ୍ଷମତା ପ୍ରତ୍ୟାହାର କରାଯାଇଥିବା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଓସ୍ତିଆ ଓ ଆନନ୍ଦପୁର ସେବା ସମବାୟ ସମିତିରେ ବିଭିନ୍ନ ଯୋଜନାରେ ଋଣ ନେବା ପାଇଁ ଚାଷୀମାନଙ୍କ ନାମରେ ଯେତିକି ଜମିଜମା ଅଛି, ତାହାଠାରୁ ଯଥେଷ୍ଟ ଅଧିକ ଜମିଜମା ଦେଖାଇ ଜାଲିଆତି କରି ବୀମା ଯୋଜନା ଅର୍ଥକୁ ହଡ଼ପ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ଠାକୁରଙ୍କ ସମ୍ପତ୍ତି ସମେତ ସରକାରୀ ଓ ବେସରକାରୀ ଜମିକୁ ସମିତିରେ ସହଯୋଗୀ ଚାଷୀମାନଙ୍କ ନାମରେ ଜମିଜମା ଦର୍ଶାଇ ଫସଲବୀମା ଯୋଜନାରେ ବୀମା ଅର୍ଥକୁ ହଡପ କରାଯାଉଛି। ଅନେକ ଚାଷୀଙ୍କ ଅମାନତ ଅର୍ଥ ଜମା ଥାଇ ମଧ୍ୟ ସମିତି କର୍ତ୍ତୃପକ୍ଷ କେତେକ ଚାଷୀଙ୍କ ନାମ ସଭ୍ୟ ତାଲିକାରୁ ବାଦ ଦେଇଥିବାରୁ ଗତ ସମିତି ନିର୍ବାଚନରେ ସେମାନେ ଭୋଟ ଦେବାକୁ ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ ବାଙ୍କୀ ସମବାୟ ସର୍କଲ ଏଆର୍‌ସିଏସ୍ ଓ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ନିକଟରେ ଚାଷୀମାନେ ଅଭିଯୋଗ କରିଥିଲେ। ହେଲେ କୌଣସି ତଦନ୍ତ ନ ହେବାରୁ ଚାଷୀମାନେ ରାଜ୍ୟ ସମବାୟ ବିଭାଗ ନିବନ୍ଧକ, ସମବାୟ ବିଭାଗ ସଚିବ, ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡି, ନାବାର୍ଡ ଜେନେରାଲ ମ୍ୟାନେଜର, କଟକ ଡିଆର୍‌ସିଏସ୍, କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ପ୍ରାଥମିକ ତଦନ୍ତରୁ ଚାଷୀମାନଙ୍କ ଅମାନତ ଜମାଅର୍ଥ ୧୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜାଲିଆତି କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଏହାସତ୍ତ୍ୱେ ତଦନ୍ତର କୌଣସି ବିଶେଷ ଅଗ୍ରଗତି ନ ଘଟିବାରୁ ଚାଷୀମାନେ ଆଇନର ଆଶ୍ରୟ ନେଇଛନ୍ତି। କୋର୍ଟରେ ମାମଲା ହେବା ପରେ ଏବେ ତଦନ୍ତ ଆରମ୍ଭ କରାଯାଇଛି। ହେଲେ ଏହି ତଦନ୍ତ ନିରପେକ୍ଷତାକୁ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଚାଷୀ ଟଙ୍କଧର ଜେନା, ଶ୍ରୀନିବାସ ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ସୁବାସ ଚନ୍ଦ୍ର ସ୍ୱାଇଁ, ଅରୁଣ କୁମାର ନାୟକ, ଶମ୍ଭୁନାଥ ସାହୁ, ପ୍ରଭାକର ସାହୁ, ଚନ୍ଦ୍ରଶେଖର ସାହୁ, ଜିତୁ ମନ୍ତ୍ରୀ, ଯୋଗେନ୍ଦ୍ର ବେହେରା, ବିଚିତ୍ରାନନ୍ଦ ସାହୁ, ବୈକୁଣ୍ଠ ସାହୁ, ବିପିନି ବିହାରୀ ସାହୁ, ବାସୁଦେବ ସାହୁ, ରମାକାନ୍ତ ମନ୍ତ୍ରୀ ଓ ଗତିଆନନ୍ଦ ରାଉତ ପ୍ରମୁଖ ଘଟଣାର ନିରେପକ୍ଷ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

# ବିଜ୍ଞାନ ମାନବ ଜାତିର ଅଶେଷ ଉପକାର କରୁଛି


ବିଶ୍ୱ ରେଡ୍‌କ୍ରସ୍ ଦିବସ ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ସାଲେପୁର,୧୧।୫(ଡି.ଏନ୍.ଏ.)

ବିଜ୍ଞାନ ପ୍ରଚାର ସମିତି ସାଲେପୁର ପକ୍ଷରୁ ପିକୋଲଠାରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟର ସଭାଗୃହରେ ମେଜର ମଞ୍ଜୁଶ୍ରୀ ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହ ରକ୍ତଦାନ କାର୍ଯ୍ୟକ୍ରମ କରାଯିବ ବୋଲି କୁହାଯାଇଥିଲା। ଟ୍ରଷ୍ଟ ପରିଚାଳକ ସୁକାନ୍ତ କିଶୋର ମହାନ୍ତି ଯୋଗଦେଇ ବିଜ୍ଞାନ ମାନବ ଜାତିର ଅଶେଷ ଉପକାର କରୁଛି ବୋଲି କହିଥିଲେ। ଏହି ଅବସରରେ ଶାରଦା ପ୍ରସାଦ ରଥଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ ମହାପାତ୍ର, ବିଜ୍ଞାନ ଓ ଆଧାତ୍ମିକତା ପ୍ରଚାର ଦ୍ୱାରା ସମାଜର ଉନ୍ନତି ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ଡ. ପୂର୍ଣ୍ଣଚନ୍ଦ୍ର ଓଝା, ମହେଶ ଚନ୍ଦ୍ର କର, ଭାଜପା ନେତା କୁଞ୍ଜମୋହନ ସେଠୀ, ମାନସ ମଲ୍ଲ, ଶ୍ରୀକାନ୍ତ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପୁରୁଷୋତ୍ତମ ବେହେରା, ନିରଞ୍ଜନ ସାହୁ, ସୁଶାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଂସ୍କୃତ ଏକ ପ୍ରାଚୀନ ଭାଷା ଭାବେ ଭାରତରେ ଆଦୃତ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ବାଙ୍କୀ,୧୧।୫(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଗୁରୁବାର ଏକ ଆଲୋଚନାଚକ୍ର ଦୃଶ୍ୟ ଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶେଷବର୍ଷର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ଯୋଗଦେଇ ସଂସ୍କୃତ ଏକ ପ୍ରାଚୀନ ତଥା ଆଦ୍ୟ ଭାଷା ବୋଲି ସାରା ଭାରତରେ ଏହାର ସ୍ୱତନ୍ତ୍ରତା ରହିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ମନୋଜ ମହାପାତ୍ର ଯୋଗଦେଇ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବେ ନିଜକୁ ଉପସ୍ଥାପନା କରିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ତ୍ରୈଲୋକ୍ୟ ନାଥ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଅଧାପକ ମନୋରଞ୍ଜନ ମିଶ୍ର, ଡ. ଅଭିମନ୍ୟୁ ରଣା, ଅଧାପିକା ସଚଳା ଦେଈ, ଅଧାପିକା ଶୁଭଶ୍ରୀ ସୁଚରିତା ଇନ୍ଦୁରେଖା ନାୟକ ପ୍ରମୁଖ ଯୋଗଦେଇଥିଲେ।

# ପାନୀୟ ଜଳ, ସ୍ୱାସ୍ଥ୍ୟ, ମିଲେଟ ମିଶନ ଉପରେ ଗୁରୁତ୍ୱ


ପଞ୍ଚାୟତ ସମିତି ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଟିଗିରିଆ,୧୧।୫(ଡି. ଏନ. ଏ )

### ଟିଗିରିଆ ପଞ୍ଚାୟତ ସମିତି ୪ର୍ଥ ବୈଠକ

ଟିଗିରିଆ ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ଗୁରୁବାର ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଶରତ ଲେଙ୍କା ପୂର୍ବ ଅଧିବେଶନର ବିବରଣୀ ଦେଇଥିଲେ। ଏହି ଅବସରରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ଯୋଗୁ ପାନୀୟ ଜଳ ଯୋଗାଣରେ ଯେପରି କୌଣସି ଅସୁବିଧା ନ ହେବ ସେ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ସମସ୍ତ ସରକାରୀ ଚିକିତ୍ସାଳୟରେ ଆବଶ୍ୟକ ଔଷଧ, ଓଆରଏସ୍ ମହଜୁଦ ରଖିବାକୁ ମନ୍ତ୍ରୀ କହିଥିଲେ। ଟିଗିରିଆ ବ୍ଲକର ସମସ୍ତ ଗ୍ରାମରେ ଷ୍ଟ୍ରୀଟ ଲାଇଟ୍ ଯେପରି କାର୍ଯ୍ୟକ୍ଷମ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଗତ ବର୍ଷ ବନ୍ୟା ଓ ଅଦିନିଆ ବର୍ଷାରେ ଟିଗିରିଆ ବ୍ଲକର କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାରଙ୍କ ତରଫରୁ ୧ କୋଟି ୮୦ ଲକ୍ଷ ଟଙ୍କା କ୍ଷତି ପୂରଣ ବାବଦରେ ଆସିଥିଲା ବୋଲି ଟିଗିରିଆ ବ୍ଲକ ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି ପ୍ରକାଶ କରିଥିଲେ। ଚଳିତ ବର୍ଷ ଖରିଫ ଋତୁରେ ଟିଗିରିଆ ବ୍ଲକର ୨୦୦ ହେକ୍ଟର ଜମିରେ ମାଣ୍ଡିଆ, ବାଜରା ଆଦି ଚାଷ ମିଲେଟ ମିଶନ ଯୋଜନା ଦ୍ୱାରା କରାଯିବ ବୋଲି କହିଥିଲେ। ଜଙ୍ଗଲ ଅଞ୍ଚଳରେ ହାତୀମାନଙ୍କ ପାଇଁ ଥିବା ପୋଖରୀର ପୁନଃରୁଦ୍ଧାର ପାଇଁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା, ଅତିରିକ୍ତ ବିଡିଓ ଅଭିପ୍ସା ସ୍ୱାଇଁ, ସମିତି ଉପାଧକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ବନ୍ଦ ଦାବି

ସାଲେପୁର,୧୧।୫(ଡି.ଏନ୍.ଏ.): ଶିଶୁଆ-ସପନପୁର ସତ୍ୟଲକ୍ଷ୍ମୀ ମଣ୍ଡପ ନିକଟରେ ଏକ ବିଦେଶୀ ମଦ ଦୋକାନ ଖୋଲାଯିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏକଥା ଜାଣିବା ପରେ ଲୋକେ ପ୍ରସ୍ତାବିତ ମଦଦୋକାନକୁ ବନ୍ଦ କରିବାକୁ ଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି। ସାଲେପୁର ବଜାର ପାଖରେ ୩ ଠିପି ବନ୍ଦ ଓ ୨ ଠିପି ଖୋଲା ମଦ ଦୋକାନ ସହ ୨ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ଦୋକାନ ରହିଛି। ତେଣୁ ଏଠାରେ ମଦ ଦୋକାନ ଖୋଲାଯିବାକୁ ବିରୋଧ କରି ସାଧାରଣ ଲୋକ ଅଭିଯୋଗ କରିବା ପରେ ୨୮।୦୯।୨୦୨୨ରେ କଟକ ଅବକାରୀ ବିଭାଗର ବରିଷ୍ଠ ନିରୀକ୍ଷକ ଆସି ତଦନ୍ତ କରିଥିଲେ। ତଦନ୍ତ ପରେ ମଦ ଦୋକାନ ଖୋଲାଯିବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ଏଠାରେ ମଦ ଦୋକାନ ଖୋଲାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି, ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରସ୍ତାବିତ ମଦ ଦୋକାନ ନିକଟରେ ମହାବୀର ହନୁମାନଙ୍କ ମନ୍ଦିର, ଧବଳେଶ୍ୱର ମନ୍ଦିର, ଯୁକ୍ତ ୨ ବିଜ୍ଞାନ କଲେଜ, ୨ ନର୍ସିଂହୋମ୍ ରହିଥିବାବେଳେ ସ୍ଥାନୀୟ କଣ୍ଟାସାହି ଓ ସପନପୁର ଅଞ୍ଚଳର ଲୋକେ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଯଦି ସରକାର ମଦ ଦୋକାନ ବନ୍ଦ ନ କରନ୍ତି ତେବେ ଦୋକାନ ଆଗରେ ଧାରଣା ଦିଆଯିବ ବୋଲି ବହୁ ଜନସାଧାରଣ ଚେତାବନୀ ଦେଇଛନ୍ତି।

# ମାଛ, ବିଦେଶାଗତ ପକ୍ଷୀ ସମ୍ପର୍କିତ ସନ୍ଦର୍ଭ

ବାଙ୍କୀ,୧୧।୫(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ସ୍ନାତକ ଶ୍ରେଣୀର ଶେଷବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ୨ଟି ଗବେଷଣାଗତ ସନ୍ଦର୍ଭ ଗୁରୁବାର ଉପସ୍ଥାପିତ କରାଯାଇଛି। ଏଥିରେ ବାଙ୍କୀ ଅଞ୍ଚଳରେ ପ୍ରବାହିତ ମହାନଦୀରେ କେତେ ପ୍ରକାରର ମାଛ ରହିଛନ୍ତି ଏବଂ ଶୀତଦିନେ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ଡ. ଶଶିଭୂଷଣ ମହାପାତ୍ର, ଅଧାପକ ଶ୍ୟାମଲାଲ ଭୋଇ ଓ କୁମୁଦ ରଞ୍ଜନ ମହାରଣା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସନ୍ଦର୍ଭ ପ୍ରସ୍ତୁତିରେ ସାହାଯ୍ୟ କରିଥିଲେ। ବିଶେଷକରି ବାଙ୍କୀ ଅଞ୍ଚଳର ମହାନଦୀ ନିକଟସ୍ଥ ଅଂଶୁପା, ଦେବୀଦ୍ୱାର ଓ ଅରାଚଣ୍ଡୀ ପାଟକୁ ପ୍ରତିବର୍ଷ ବହୁ ବିଦେଶାଗତ ପକ୍ଷୀ ଆସନ୍ତି। ପ୍ରାଣୀ ବିଜ୍ଞାନର ଛାତ୍ରୀଛାତ୍ର ବାଙ୍କୀର ବିଭିନ୍ନ ଅଞ୍ଚଳକୁ ଯାଇ ମାଛ ଓ ପକ୍ଷୀଙ୍କ ସମ୍ପର୍କରେ ବହୁ ମୂଲ୍ୟବାଦ ତଥ୍ୟ ସଂଗ୍ରହ କରିବା ସହ ଫଟୋଚିତ୍ର ଉତ୍ତୋଳନ କରି ସନ୍ଦର୍ଭରେ ଉପସ୍ଥାପନ କରିଥିଲେ।

# ଗୋଟିପୁଅ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

ବଡ଼ମ୍ବା,୧୧।୫(ଡି. ଏନ. ଏ )

### ବଡ଼ମ୍ବା ଦ୍ୱାଦଶ ଚନ୍ଦନ ମହୋତ୍ସବର ତୃତୀୟ ସନ୍ଧ୍ୟା

ବଡ଼ମ୍ବା ଟେନିସ ପଡ଼ିଆରେ ଚାଲିଥିବା ଦ୍ୱାଦଶ ଚନ୍ଦନ ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ ବଡ଼ମ୍ବାର ଚନ୍ଦନ ମହୋତ୍ସବ କଳା, ଐତିହ୍ୟ ଓ ସଂସ୍କୃତିର ଗାଥା ବହନ କରେ ବୋଲି ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଚିନ୍ମୟ ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ଓକିଲ ସଂଘ ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ଜେନା, ତହସିଲଦାର ନୀଳକଣ୍ଠ ବେହେରା, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ଦୀପକ କୁମାର ସାହୁ ଓ ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବହୁତ ଆକର୍ଷଣୀୟ ଥିଲା। ବିଶେଷକରି ନବଜୀବନ ନାଟ୍ୟ ଶାସ୍ତ୍ର, ମାଲକାନାଗିରି କଳାକାରଙ୍କ ସମ୍ବଲପୁରୀ ଓ ପୁରୀ କଳାକାରଙ୍କ ଗୋଟିପୁଅ ନୃତ୍ୟରେ ଦର୍ଶକ ଝୁମିଥିଲେ। ସେହିପରି ବଡ଼ମ୍ବାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳାତୀର୍ଥ କଳାକାରଙ୍କ ନିଖୁଣ ଅଭିନୟ ମନମୁଗ୍ଧ କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବଡ଼ମ୍ବା ବ୍ଲକ କଳାକାର ସଂଘ ଉପସଭାପତି ମନୋରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ମହୋତ୍ସବ କମିଟି ସ୍ଥାୟୀ ସଭାପତି ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି କାର୍ଯ୍ୟକାରୀ ସଭାପତି ଚିନ୍ମୟ ପଟ୍ଟନାୟକ ଓ ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର, କମିଟି କର୍ମକର୍ତ୍ତା ରବୀନ୍ଦ୍ର କୁମାର ବାରିକ, ମହେନ୍ଦ୍ର କୁମାର ପଡ଼ିଆରୀ, ଦିବାକର ସାହୁ ପ୍ରମୁଖ ସହଯୋଗ କରିଥିଲେ।


କଳାକାରମାନେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ସାହିତ୍ୟ, ସଂସ୍କୃତିର ଅନ୍ତୁଡ଼ିଶାଳ ମାହାଙ୍ଗା

### ବ୍ରହ୍ମକ୍ଷେତ୍ରରେ ଚନ୍ଦନ ଯାତ୍ରା ମାହାଙ୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟା

ନିଶ୍ଚିନ୍ତକୋଇଲି,୧୧।୫(ସ୍ୱ.ପ୍ର.)


ମାହାଙ୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ମାହାଙ୍ଗାର ସାହିତ୍ୟିକ, ଲେଖକ ଓ କବି ନିଜର ଅଧ୍ୟବସାୟ ଓ ନିଷ୍ଠାପରତାର ପ୍ରତିଛବି ଦେଇ ରାଜ୍ୟ ତଥା ଦେଶରେ ନିଜର ସ୍ୱତନ୍ତ୍ରସ୍ଥାନ ଅଳଙ୍କୃତ କରିଛନ୍ତି। ବୈଷ୍ଣବ ପାଣିଙ୍କ ଠାରୁ ଆରମ୍ଭ କରି ଜଗମୋହନ ଲାଲା, ଗୌରୀଶଙ୍କର ରାୟ ତତ୍କାଳୀନ ସମୟରେ ସେମାନଙ୍କ ସୃଜନିଶକ୍ତି ମାଧ୍ୟମରେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଓ ସଂସ୍କାର ଆଣିଥିଲେ। ମାହାଙ୍ଗା ମାଟି ସଂସ୍କୃତି ଓ ପରମ୍ପରାର ମାଟି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ପରମ୍ପରା ରକ୍ଷା କରିବାରେ ମାହାଙ୍ଗାର ସୁଦକ୍ଷ ବିଦ୍ୱାଣୀମାନେ କେବେ ପଛାଇ ନଥାନ୍ତି। ସେଥିପାଇଁ ମାହାଙ୍ଗାକୁ ସାହିତ୍ୟ ଓ ସଂସ୍କୃତିର ଅନ୍ତୁଡ଼ିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମଞ୍ଚାସୀନ ଅତିଥିମାନେ ମାହାଙ୍ଗା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଜିମ୍ପିପୁରର ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ଚନ୍ଦନ ଯାତ୍ରା ଓ ମାହାଙ୍ଗା ମହୋତ୍ସବର ତୃତୀୟ ସନ୍ଧ୍ୟା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ ସାଂସ୍କୃତିକ ତଥା ପାରମ୍ପାରିକ ନୃତ୍ୟରେ ଏହି ସନ୍ଧ୍ୟା ଝଲସି ଉଠିଥିଲା। ସନ୍ଧ୍ୟାରେ ଭଜନ, ଓଡିଶୀ ନୃତ୍ୟ ପରିବେଷଣ କରାଯିବା ପରେ ମୟୁରଭଞ୍ଜର ମାଲଖଣ୍ଡ ଡ୍ୟାନ୍ସ ଗ୍ରୁପ୍‌ଙ୍କ ଦ୍ୱାରା ସ୍ୱତନ୍ତ୍ର ସାମୁହିକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ କଟକ ମାନିନୀ ସାଂସ୍କୃତିକ ପରିଷଦ ପକ୍ଷରୁ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଅର୍କେଷ୍ଟ୍ରା ସୁତରଙ୍ଗ ପକ୍ଷରୁ ମେଲୋଡି ଓ କଣ୍ଠ ଶିଳ୍ପୀ ଇରା ମହାନ୍ତିଙ୍କ ଦ୍ୱାରା ସୁମଧୁର ସଙ୍ଗୀତ ପରିବେଷଣ କରାଯାଇଥିଲା। ମାହାଙ୍ଗା ମହିଳା ମହାବିଦ୍ୟାଳୟର କଳାକାରମାନଙ୍କ ଦ୍ୱାରା ଚିତାକର୍ଷକ କଳା ପ୍ରଦର୍ଶନ କରାଯାଇଥିଲା ବେଳେ ଉପସ୍ଥାପିକା ଲିଜା ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ମାହାଙ୍ଗାର ସଂସ୍କୃତି ଓ ପରମ୍ପରା ସବୁବେଳେ ଏକ ନିଆରା ଛାପ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, କେନ୍ଦ୍ରାପଡା ଜିଲାପାଳ ଅମ୍ରିତ୍ ଋତୁରାଜ, ପଦ୍ମିନୀ କେୟାର ହସପିଟାଲର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ମାହାଙ୍ଗା ମହୋତ୍ସବ ଓ ଚନ୍ଦନ ଯାତ୍ରା ମନୋରଞ୍ଜନର ଏକ ମାଧ୍ୟମ ହେବା ସହ ପରମ୍ପରା ଓ ସଂସ୍କୃତିର ଏକ ନିଛକ ଛବି ବୋଲି ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଅଶୋକ ଓଝା, ସମ୍ପାଦକ ଜ୍ଞାନ ରଞ୍ଜନ ରାଉତ, ଉପସଭାପତି ଗିରିଶ ରଞ୍ଜନ ମହାପାତ୍ର, ସଂଯୋଜକ ଅକ୍ଷୟ କୁମାର ଷଡ଼ଙ୍ଗୀ, ଚୌଧୁରୀ ରମାକାନ୍ତ ପ୍ରହରାଜ ପ୍ରମୁଖ କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ୩୨ ଜଣ ଡାକ୍ତର, ଆଇନଜୀବୀ, ପୋଲିସ, ଅଧାପକ, ଶିକ୍ଷାବିତ୍ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ପାଚେରି ଭୁଶୁଡ଼ି କ୍ୟାବିନ ଭାଙ୍ଗି ଚୂରମାର

ବାଲିଅନ୍ତା,୧୧।୫(ଡି.ଏନ୍.ଏ.): ବାଲିଅନ୍ତା ଅଣ୍ଡିଲୋ ଗ୍ରାମ ସମ୍ମୁଖ କୁଶଭଦ୍ରା ନଦୀବନ୍ଧ ପାର୍ଶ୍ୱରେ ଚା-ପାନ ଦୋକାନ ଦେଇଥିବା ଜଣେ ଯୁବକଙ୍କ ଏକ କ୍ୟାବିନ ଗୁରୁବାର ସକାଳେ ହଠାତ୍ ତଳକୁ ଓଲଟି ପଡିଥିଲା। ଫଳରେ କ୍ୟାବିନରେ ଥିବା ବହୁ ସାମଗ୍ରୀ ଓ ଆସବାବପତ୍ର ଭାଙ୍ଗିରୁଜି ଯାଇଛି। ଏହି କ୍ୟାବିନରେ ଚା-ପାନ କରି ପରିବାର ପ୍ରତିପୋଷଣ କରୁଥିବା ସ୍ଥାନୀୟ ଅଣ୍ଡିଲୋ ଗ୍ରାମର ଡାଙ୍ଗୁଆ ବେହେରା ହତାଶ ହୋଇ ପଡିଛନ୍ତି। ତେବେ ସେ ଦୋକାନ ବନ୍ଦ କରି ଘରକୁ ବାହାରିବା ସମୟରେ ଏହି ଅଘଟଣ ଘଟିଥିଲା। ଫଳରେ ସେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। କ୍ୟାବିନକୁ ରଖିବା ପାଇଁ ନିର୍ମିତ ହୋଇଥିବା ଇଟାକାନ୍ଥ ପ୍ରାଚୀରର ଏକ ଅଂଶ ଅଚାନକ ନଦୀତଳକୁ ଭାଙ୍ଗି ପଡ଼ିଥିଲା। ଫଳରେ ପ୍ରାଚୀର ଭିତରେ ଥିବା ବାଲି ସହ କ୍ୟାବିନଟି ତଳକୁ ଓଲଟି ପଡ଼ିବା ସହ ପ୍ରାୟ ୧୨ଫୁଟ ତଳକୁ କ୍ୟାବିନ ଭାଙ୍ଗି ଯାଇଛି।

### ସାମାଜିକ ନେତା ଥିଲେ ସଂଗ୍ରାମୀ ଭବାନୀ ଚରଣ

ଭୁବନେଶ୍ୱର,୧୧।୫(ବ୍ୟୁରୋ) ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ ୧୦୨ତମ ଜୟନ୍ତୀ ଅବସରରେ ଗୁରୁବାର ସୂଚନା ଭବନରେ 'ଭବାନୀ କଥା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ପଟ୍ଟନାୟକଙ୍କ ସରଳ ଜୀବନକୁ ସାମାଜିକ ପାପ ସ୍ପର୍ଶ କରି ପାରି ନ ଥିଲା। ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ପୂର୍ବତନ ନିର୍ବାଚନ ଆୟୋଗର ଉପଦେଷ୍ଟା ଡ. ଭଗବାନ ପ୍ରକାଶ ଯୋଗଦେଇ କହିଲେ, ସେ ଜଣେ ରାଜନେତା ନୁହେଁ, ବରଂ ଜଣେ ସାମାଜିକ ନେତା ଥିଲେ। ସମଗ୍ର ଜୀବନ ସମାଜର ଉନ୍ନତି ପାଇଁ ଉତ୍ସର୍ଗୀକୃତ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସଭାପତିତ୍ୱ କରି ଭବାନୀ ବାବୁ ନିମାପଡ଼ା ଗାନ୍ଧୀ ଭାବେ ବେଶ ପରିଚିତ ଥିଲେ ବୋଲି କହିଥିଲେ। ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦ୍‌ଭାବନା କର୍ମୀ ମଧୁସୂଦନ ଦାସ 'ଭବାନୀ କଥା'ର ଶୁଭାରମ୍ଭ କରିଥିଲେ। ଶୋଭନୀୟ ଆନ୍ଦୋଳନର ଅଧକ୍ଷା ଅରୁନ୍ଧତୀ ଦେବୀ, ବିଶିଷ୍ଟ ଗାନ୍ଧୀବାଦୀ ପ୍ରହ୍ଲାଦ ସିଂହ, ମାନବାଧିକାର କର୍ମୀ ମନୋଜ ଜେନା ପ୍ରମୁଖ ଯୋଗଦେଇଥିଲେ। ବେଣୁଧର ସେନାପତି, ଚିତ୍ତ ରଞ୍ଜନ ମହାନ୍ତି, ବିକ୍ରମ ନାୟକ, ଶ୍ରୀ ସୋମ, ମନସ୍ୱିନୀ ପରିଡ଼ା, ହର ପ୍ରସାଦ ମହାପାତ୍ର, ବିକ୍ରମ ମହାପାତ୍ର, ଆର୍. ପି. ଦ୍ୱିବେଦୀ, ସରୋଜ କୁମାର ସା, ହେମନ୍ତ କୁମାର ଦାସ, କେଶବ ସେନାପତି, ଶିବାନୀ ନାୟକ, ଜୟରାମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ କ୍ୱାର୍ଟର୍ସରେ ବାଣ ବିସ୍ଫୋରଣ

**ଘର ଜଳିଗଲା, ଆଜ୍‌ବେଷ୍ଟସ ଭାଙ୍ଗିଲା**
- ନିଜ ଆଡୁ ମାମଲା ରୁଜୁକଲା କ୍ୟାପିଟାଲ ଥାନା ପୋଲିସ
- କ୍ୱାର୍ଟର ମାଲିକ ଫେରାର, ପୋଲିସର ଛାନ୍‌ଭିନ୍

ଭୁବନେଶ୍ୱର ,୧୧।୫(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୨ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସ ନଂ. ୧୩/୨ରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ବାଣ ବିସ୍ଫୋରଣ ଯୋଗୁ ନିଆଁ ଲାଗି କ୍ୱାର୍ଟର୍ସକୁ ଲାଗିଥିବା ଆଜ୍‌ବେଷ୍ଟସ୍ ଘରଟି ଜଳିଯାଇଛି। ଏଥିରେ ଘରେ ଥିବା ବିଭିନ୍ନ ସାମଗ୍ରୀ ପୋଡ଼ିଯାଇଛି। ଘରର ଆଜ୍‌ମେଷ୍ଟସ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ହେଲେ ନିଆଁଟି ମୁଖ୍ୟ କ୍ୱାର୍ଟର୍ସକୁ ବ୍ୟାପିବା ପୂର୍ବରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ବଡ଼ କ୍ଷୟକ୍ଷତିକୁ ଏଡାଇ ଦିଆଯାଇପାରିଛି। ଏହି ସରକାରୀ କ୍ୱାର୍ଟର୍ସ ଚିତ୍ତରଞ୍ଜନ ଲେଙ୍କାଙ୍କ ନାମରେ ରହିଥିବାବେଳେ ସେ ଲୋକସେବା ଭବନସ୍ଥିତ ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଣ୍ଟ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିବା ଜଣାପଡିଛି। ଅଗ୍ନିଶମ ବିଭାଗର ଡେପୁଟି ଅଫିସର ଅବନୀ ସ୍ୱାଇଁ କହିଛନ୍ତି, ସର୍ଟ ସର୍କିଟ ଯୋଗୁ ଇଲେକଟ୍ରିକ୍ ବୋର୍ଡରେ ଲାଗିଥିବା ନିଆଁ ତଳେ ଥିବା କୁମ୍ଭି ବାଣ ଉପରେ ପଡିବାରୁ ବିସ୍ଫୋରଣ ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପଟେ ଘର ଭିତରେ ବାଣ ତିଆରି ଲାଗି ପ୍ରସ୍ତୁତ ହୋଇଥିବା ବାରୁଦ, କୁଣ୍ଡା, ମାଟି ଆଦି ପଡିଥିବା ଦେଖିବାକୁ ମିଳିଛି। ତେଣୁ ଏଠାରେ ବେଆଇନ ଭାବେ ବାଣ ତିଆରି ହେଉଥିବା ସନ୍ଦେହ କରାଯାଉଛି। ଏପଟେ ଝିଅର ବାହାଘର ପାଇଁ ବାଣ କିଣି ରଖାଯାଇଥିବା ପଡୋଶୀ କହିଛନ୍ତି। ତେଣୁ କ୍ୟାପିଟାଲ ଥାନା ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରିବା ସହ ଅଗ୍ନିକାଣ୍ଡର ଠିକ କାରଣ ଜାଣିବା ଲାଗି ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ତଦନ୍ତରେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯିବ। ଚିତ୍ତରଞ୍ଜନ ବେଆଇନ ଭାବେ ଘରେ ବାଣ ଗଚ୍ଛିତ କରି ରଖିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।





ସେ ଓ ତାଙ୍କ ପରିବାର ଲୋକେ ଘରେ ତାଲା ପକାଇ ପଳାଇଛନ୍ତି। ସେମାନଙ୍କୁ ପଚରାଉଚରା ପରେ ଘଟଣାର ସତ କ'ଣ ଜଣାପଡିବ ଓ ଏହାପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ପୋଲିସ ସ୍ଥାନୀୟ ଲୋକଙ୍କୁ ମଧ୍ୟ ପଚରାଉଚରା କରିଛି। ବାଣ ଯୋଗୁ ଅଗ୍ନିକାଣ୍ଡ ଘଟିବା କଥା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ମାତାବରଣ ଦେଖାଦେଇଛି।

ପଡୋଶୀଙ୍କ କହିବାନୁସାରେ, ଉକ୍ତ କ୍ୱାର୍ଟରକୁ ଲାଗି ଗୋଟିଏ ଆଜ୍‌ବେଷ୍ଟସ ଘରକୁ ଚିତ୍ତରଞ୍ଜନ ଷ୍ଟୋର୍ ରୁମ୍ କରିଥିଲେ। ସେଠାରେ ବାଣ ରହିଥିଲା। ଗୁରୁବାର ସକାଳେ ଉକ୍ତ ଘରେ ନିଆଁ ଲାଗିବା ସହ କ୍ୱାର୍ଟର୍ସ ପରିସର ଧୂଆଁମୟ ହୋଇଯାଇଥିଲା। ଏପରିକି ଉକ୍ତ ଘର ଭିତରୁ ବିସ୍ଫୋରଣ ଶବ୍ଦ ଶୁଣାଯିବା ପରେ ଘଟଣା ଜାଣିବା ପାଇଁ ଲୋକେ ପାଚେରି ଡେଇଁ ଭିତରକୁ ଯାଇ ପାଣି ଢାଳି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଘର ଭିତରେ କୁମ୍ଭି ବାଣ ସହ ବାରୁଦ ପଡିଥିବା ଦେଖି ଅଗ୍ନିଶମ ଟିମ୍‌କୁ ଖବର ଦିଆଯାଇଥିଲା। ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘର ଭିତରେ ବଡ଼ ବିସ୍ଫୋରକ ନ ଥିବାରୁ ଅଧିକ କ୍ଷୟକ୍ଷତି ହୋଇନାହିଁ।

ଗତ ଏପ୍ରିଲ ୩ରେ ଭିଏସ୍‌ଏସ୍‌ନଗର ଜିଏଲ କଲୋନୀରେ ବାଣ ଭିଡୁଥିବାବେଳେ ବିସ୍ଫୋରଣ ଘଟି ଜଣେ ଯୁବକଙ୍କ ମୃତ ଘଟିଥିଲା। ତେଣୁ ଏହି ଛାତିଥରା ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇଦେଇଥିଲା। ଏହାର ମାସେ ପରେ ପୁଣି ବେଆଇନ ଭାବେ ଘର ଭିତରେ ବାଣ ରଖିବା ଓ ବିସ୍ଫୋରଣରେ ଘର ଜଳିଯିବା ଘଟଣାକୁ ନେଇ ପୋଲିସର କାର୍ଯ୍ୟଧାରା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ପୋଖରୀରେ ବୁଡ଼ି ଶ୍ରମିକଙ୍କ ମୃତ୍ୟୁ

ନିମାପଡ଼ା,୧୧।୫(ଡି.ଏନ୍.ଏ.)

ନିମାପଡ଼ା ଚାରିଛକ ଥାନା ଅଧୀନ ଆଲୁଦଣ୍ଡାପାଟଣା ପେଟ୍ରୋଲ ପମ୍ପ ପଛପଟ ଏକ ପୋଖରୀରେ ବୁଡ଼ିଯାଇ ଜଣେ ଶ୍ରମିକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ରାଜ୍ୟର ଛତାପୁର ଥାନା ଅଧୀନ ଭବାନୀପୁର ଗ୍ରାମର ମୁକେଶ ଓରାମ(୩୫)। ଏନେଇ ପୋଲିସ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୁକେଶ ପୋଖରୀରେ ଗାଧୋଉଥିବାବେଳେ ଅସାବଧାନତାବଶତଃ ଗୋଡ଼ ଖସି ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଶ୍ରମିକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୁକେଶଙ୍କୁ ମୃତ ଘୋଷଣା କରିଥିଲେ। ମୁକେଶ ଗ୍ରାମର ରମେଶଚନ୍ଦ୍ର ସାହୁଙ୍କ ଦୋକାନରେ ଦୀର୍ଘଦିନ ଧରି ଟାଇଲ ମିସ୍ତ୍ରି ଭାବେ କାମ କରୁଥିଲେ। ଖବରପାଇ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ମୃତ ମୁକେଶଙ୍କ ପରିବାରବର୍ଗଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।



ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ 'ଆଷାଢରେ ଦିନେ' ନାଟକର ଏକ ଦୃଶ୍ୟ।

## ନାଟକ 'ଆଷାଢ଼ରେ ଦିନେ' ମଞ୍ଚସ୍ଥ

**ଶବ୍ଦରଙ୍ଗ ନାଟକ ମହୋତ୍ସବ ଉଦଘାଟିତ**

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ଶବ୍ଦରଙ୍ଗ ନାଟକ ମହୋତ୍ସବ ରବୀନ୍ଦ୍ର ମଣ୍ଡପରେ ଗୁରବାର ଆରମ୍ଭ ହୋଇଯାଇଛି। ୩ଦିନ ଧରି ହେବାକୁ ଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ନାଟକ 'ଆଷାଢରେ ଦିନେ' ନାଟକ ମଞ୍ଚସ୍ଥ ହୋଇଥିଲା। ବିଖ୍ୟାତ ହିନ୍ଦି ନାଟ୍ୟକାର ମୋହନ ରାକେଶଙ୍କ ରଚିତ ନାଟକ 'ଆଷାଢ କା ଏକ୍ ଦିନ୍'ର ଓଡ଼ିଆ ନାଟ୍ୟରୂପ 'ଆଷାଢରେ ଦିନେ'କୁ ନିର୍ଦ୍ଦେଶନା ଦେଇଛନ୍ତି ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ। ଏକ କଳ୍ପିତ ଭାବନାର ଫଳସ୍ୱରୂପ, ହିମାଳୟର ପାଦଦେଶରେ ଅବସ୍ଥିତ ସୁଦୂର ଏକ ଗ୍ରାମରେ ଅବିସ୍ମରଣୀୟ ବାଣୀପୁତ୍ର କବି କାଳିଦାସ ଅପୂର୍ବ ସୁନ୍ଦରୀ ମଲ୍ଲିକାଙ୍କ ସହ ପ୍ରୀତି ପୋଷଣ କରିଛନ୍ତି। ଯେଉଁ ସମୟରେ ଉଜ୍ଜିନୀର ରାଜଭବନ ତାଙ୍କୁ ଦରବାରର ଅନ୍ୟତମ କବିଭାବେ ସ୍ୱାଗତ କରିଛି, ସେତେବେଳେ କାଳିଦାସ ଏହାକୁ ଗ୍ରହଣ କରିବାକୁ ସମ୍ମତି ଦେଇନାହାଁନ୍ତି। ଏହି ପରିସ୍ଥିତିରେ ମଲ୍ଲିକା ତାଙ୍କୁ ବୁଝାଇଛନ୍ତି, ଦୂର ଏକ ସହରକୁ ଗଲେ ନିଶ୍ଚିତଭାବେ ସେ ନିଜର ପ୍ରତିଭାର ଆଭାସକୁ ସମାଜର ଆଖିରେ ଆବିଷ୍କାର କରିବେ। ଏମିତି ପ୍ରସ୍ତାବରେ ରାଜି ହୋଇ କାଳିଦାସ ଚାଲିଯାଇଛନ୍ତି ଆଶାର ପେଡ଼ି ଖୋଲି। ତାଙ୍କ ଗମନର ଉପରାନ୍ତେ, ମଲ୍ଲିକା ଚାହିଁ ବସିଛନ୍ତି ତାଙ୍କ ଫେରିବା ବାଟକୁ ମୟୂରୀର ଅବତାର ନେଇ। ଅନେକବର୍ଷ ପରେ ଫେରିଥିବା ଭଗ୍ନ ମନର ମାନବ ଯେତେବେଳେ ଅତୀତ ସହ ନିଜକୁ ଯୋଡ଼ିବାକୁ ପ୍ରୟାସ କରିଛନ୍ତି, ସେ ପାଇଛନ୍ତି ବିତିଯାଇଥିବା କେଇ ଖଣ୍ଡ ମୁହୂର୍ତ୍ତଗୁଡ଼ିକୁ। ଏହାକୁ ନେଇ ନାଟକ ପ୍ରସ୍ତୁତ ହୋଇଥିଲା। ନାଟକଟି ଜୀବନରେଖା ନାଟ୍ୟସଂସ୍ଥା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। ଏହାର ମୁଖ୍ୟ ଭୂମିକାରେ କୀର୍ତ୍ତି ମହାନ୍ତି, ଦୀପନ୍ୱିତ ଦାସମହାପାତ୍ର, ରୋହନ ଯାଦବ ଓ ଶୀତଲ ପଟ୍ଟନାୟକ ଅଭିନୟ କରିଥିଲେ। ଏହି ନାଟକର ଓଡ଼ିଆ ଅନୁସୃଜନ କରିଛନ୍ତି ରତ୍ନମାଳା ସ୍ୱାଇଁ।

### ସାହସୀ କନ୍ୟା ଲୀଳାବତୀ ସ୍ୱାଇଁ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ଦିନକୁ ଦିନ ସମାଜରେ ବଢିଚାଲିଛି ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ। ନିଶାଗ୍ରସ୍ତ ହୋଇ ବିଭିନ୍ନ ସମୟରେ ସେମାନେ ନିଜର ମାନସିକ ଭାରସାମ୍ୟ ହରାଇ ଝିଅ ବୋହୂଙ୍କ ଉପରେ ମଧ୍ୟ ଅତ୍ୟାଚାର କରିବାକୁ ପଛାଉନାହାନ୍ତି। ନିକଟରେ ସ୍ଥାନୀୟ ନାୟପଲ୍ଲୀ ଅଞ୍ଚଳରେ ଏହିଭଳି ଏକ ଅଭାବନୀୟ ଘଟଣା ଘଟିଥିଲା। ନିଶାଗ୍ରସ୍ତ ଅବସ୍ଥାରେ କେତେଜଣ ଦୁର୍ବୃତ୍ତ ସ୍ଥାନୀୟ ଏକ ହଷ୍ଟେଲର ଅନ୍ତେବାସୀଙ୍କୁ ହଇରାଣ କରୁଥିବାବେଳେ ସ୍ଥାନୀୟ ଲୋକ ଓ ଦେଖଣାହାରୀ ନିଜର ନିରାପତ୍ତା ଦୃଷ୍ଟିରୁ ନୀରବ ରହିଥିଲେ। ମାତ୍ର ଏଭଳି ଏକ ବିପଦପୂର୍ଣ୍ଣ ପରିସ୍ଥିତିରେ ନିଜ ଜୀବନକୁ ବାଜି ଲଗାଇ ହଷ୍ଟେଲରେ ରହୁଥିବା ଲୀଳାବତୀ ସ୍ୱାଇଁ ଦୁର୍ବୃତ୍ତଙ୍କୁ ସାମ୍ନା କରି ନିଜ ସାହାସିକତାର ପରିଚୟ ଦେଇଥିଲେ। ଧମକକୁ ଭ୍ରୁକ୍ଷେପ ନ କରି ସାମ୍ନା କରିଥିଲେ। ଚଣ୍ଡୀପ୍ରସାଦ ଫାଉଣ୍ଡେଶନ ଟ୍ରଷ୍ଟ ତରଫରୁ ବୁଧବାର ସାହସୀ କନ୍ୟା ଲୀଳାବତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ରାସ୍ତାରେ ଛିଡ଼ିପଡିଲା ୧୧ କେଭି ବିଦ୍ୟୁତ୍ ତାର

ବାରଙ୍ଗ,୧୧।୫(ଡି.ଏନ୍.ଏ.)

ବାରଙ୍ଗ ବିଦ୍ୟୁତ୍ ସେକ୍ସନ ଅଧୀନ ସୀତାରାମ ବଜାରରେ ଅବସ୍ଥିତ ଓଡ଼ିଶା ଇଣ୍ଡଷ୍ଟ୍ରି ମଧ୍ୟରେ ଥିବା ପାୱାର ହାଉସକୁ ସଂଯୋଗ କରୁଥିବା ୧୧ କେଭି ତାର ଗୁରୁବାର ହଠାତ୍ ଛିଡି ରାସ୍ତାରେ ପଡିଲା। ସେଠାରେ କାର୍ଯ୍ୟରତ ୨ ସିକ୍ୟୁରିଟି ଗାର୍ଡ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଫଳରେ ବାରଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଅସହ୍ୟ ଗରମ ଓ ଗୁଳୁଗୁଳି ହେବାରୁ ଅଞ୍ଚଳବାସୀ ବାରଙ୍ଗ କାର୍ଯ୍ୟାଳୟ ଆଗରେ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଧରି ବିଦ୍ୟୁତ୍ କଟିଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟିବା ସହ ଅନେକ ସମୟ ଧରି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏନେଇ ବିଭାଗୀୟ ଅଧିକାରୀ ମୁହଁ ଖୋଲୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।



ରାସ୍ତାରେ ଛିଡି ପଡିଥିବା ୧୧କେଭି ବିଦ୍ୟୁତ ତାର।

## ଡାକ୍ତର ପରିଚୟ ଦେଇ ୨ଦୋକାନରୁ ସାମଗ୍ରୀ ନେଇ ଫେରାର

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ରାଜଧାନୀରେ ହାଇଫାଇ ଲୁଟେରା ମାତିଛନ୍ତି। ହାତରେ ଆଇଫୋନ, ବେକରେ ସୁନାଚେନ ପକାଇ ଅନେକ ଦୋକାନ ବୁଲି ଦୋକାନୀମାନଙ୍କୁ ଚୂନ ଲଗାଇ ବିଭିନ୍ନ ସାମଗ୍ରୀ ନେଇ ଫେରାର ହୋଇଯାଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଥିବା ବେଳେ ୨ଟି ଦୋକାନକୁ ଠକି ନେଇ ଫେରାର ହୋଇଯାଇଛି ଠକ। ଏନେଇ ଠକେଇର ଶିକାର ହୋଇଥିବା ଜଣେ ମାଲିକ କ୍ରାଇମବ୍ରାଞ୍ଚ ଓ ଅନ୍ୟ ଜଣେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଜଣେ ଲୁଟେରା ଚନ୍ଦ୍ରଶେଖପୁର ଅଞ୍ଚଳର ଏକ ଟିଭି, ଫ୍ରିଜ ଥିବା ଦୋକାନକୁ ଯାଇ ନିଜକୁ ଡାକ୍ତର ବିକାଶ ବୋଲି ପରିଚୟ ଦେଇ ଟିଭି ଓ ଆକ୍ୱାଗାର୍ଡ ଦରକାର ଥିବା କହିଥିଲେ। ଏପରିକି ସେହି ଜିନିଷ ସବୁ ଏକ ଗରିବ ସଂସ୍ଥାକୁ ଦାନ କରିବେ ବୋଲି ଦୋକାନୀଙ୍କୁ କହି ବିଶ୍ୱାସ ଜନ୍ମାଇଥିଲେ। ବ୍ୟକ୍ତି ଜଣକ ବେକରେ ସୁନା ଚେନ, ଦାମୀ ମୋବାଇଲ ଧରିଥିବାରୁ ଦୋକାନୀ ବି ସହଜରେ କଥାକୁ ବିଶ୍ୱାସ କରିଥିଲେ। ଦୋକାନୀରୁ ଠକ ଜଣକ ଟିଭି, ଆକ୍ୱାଗାର୍ଡ ସହ ଅନ୍ୟ କିଛି ସାମଗ୍ରୀ ନେଇ ଟଙ୍କା ପେମେଣ୍ଟ କରିବାର ଏକ ସ୍କ୍ରିନସଟ ଦେଖାଇ ଚାଲିଯାଇଥିଲେ। କିଛି ସମୟ ପରେ ସେହି ଦୋକାନୀକୁ ଏକ ଉବେର ଗାଡ଼ିର ଡ୍ରାଇଭର ଆସି ଏଭଳି ସୁନାଚେନ ପିନ୍ଧିଥିବା କୌଣସି ଲୋକ ଏଠି ଆସିଥିବା ନେଇ ଦୋକାନୀକୁ ପଚାରିଥିଲେ। ଉକ୍ତ ବ୍ୟକ୍ତିଜଣକ ସେହି ଗାଡ଼ିରେ ବିଭିନ୍ନ ସ୍ଥାନ ବୁଲି ଟଙ୍କା ନ ଦେଇ ଚାଲିଯାଇଥିବା ଡ୍ରାଇଭର ଜଣକ କହିଥିଲେ। ପରେ ଦୋକାନୀ ମଧ୍ୟ ଆସିଥିବା ଉକ୍ତ ଲୋକଙ୍କ ପଠାଇଥିବ ଟଙ୍କା ଚେକ୍ କରିବାବେଳେ କୌଣସି ଟଙ୍କା ଆସି ନ ଥିବା ଜାଣିଥିଲେ। ଏ ନେଇ ପୋଲିସକୁ ଜଣାଇବା ବେଳେ ଆଉ ଏକ ଦୋକାନୀ ମଧ୍ୟ ଏଭଳି ଠକେଇର ଶିକାର ହୋଇଥିବା ପୋଲିସରୁ ଜାଣିପାରିଥିଲେ। ତେବେ ଉକ୍ତ ଅଭିଯୋଗକୁ ଭିତ୍ତି କରି କ୍ରାଇମବ୍ରାଞ୍ଚ -କମିଶନରେଟ ପୋଲିସ ତଦନ୍ତ କରିବା ସହ ଉକ୍ତ ହାଇଫାଇ ଲୁଟେରାକୁ ଧରିବା ଲାଗି ଉଦ୍ୟମ ଚଳାଇଛି। ସିସିଟିଭିରେ କଏଦ ହୋଇଛି ଲୁଟ ବେଳର ଚିତ୍ର। ଅଭିଯୁକ୍ତଙ୍କୁ ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରି ତଦନ୍ତ ଚଳାଇଛି।

## ୩ ଦୋକାନରୁ ୫୩, ୭୦୦ ଟଙ୍କା ଜରିମାନା ଆଦାୟ

ପୁରୀ ଅଫିସ, ୧୧।୫

ପୁରୀ ସହରରେ ଗୁରୁବାର ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢାଉ କରାଯାଇ ପ୍ଲାଷ୍ଟିକ ଓ ପଲିଥିନ୍ ଜବତ କରାଯାଇଛି। ପୌରପାଳିକାର ସ୍ୱତନ୍ତ୍ର ସ୍କ୍ୱାଡ୍ ମୋଚିସାହି ଛକଠାରେ ଥିବା ଏକ ଗ୍ରୋସେରି ଦୋକାନରେ ଚଢାଉ କରି ବ୍ୟାନ ହୋଇଥିବା ପ୍ଲାଷ୍ଟିକ୍ ସାମଗ୍ରୀ ଜବତ କରିବା ସହ ୫୦ହଜାର ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ହରିହର ଛକସ୍ଥିତ ଦୁଇଟି ଜଳଖିଆ ଦୋକାନଠାରୁ ୩,୭୦୦ ଟଙ୍କା ଜରିମାନ ଆଦାୟ କରାଯାଇଛି। ପ୍ଲାଷ୍ଟିକ ଓ ପଲିଥିନ୍ ନିଷେଧ ସତ୍ତ୍ୱେ ଅନେକ ବ୍ୟବସାୟୀ ଏପର୍ଯ୍ୟନ୍ତ ସଚେତନ ହେଉନାହାନ୍ତି। ନିୟମ ମାନୁ ନ ଥିବା ଦୋକାନୀମାନଙ୍କୁ ପୌରପାଳିକା ପକ୍ଷରୁ ନୋଟିସ୍ ଦିଆଯିବା ସହ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଉଛି। ଗତ ଏକବର୍ଷ ମଧ୍ୟରେ ମୋଟ ୪ ଲକ୍ଷ ୬୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଦୋକାନ ଆଖପାଖ ଅପରିଷ୍କାର ରଖିବା କିମ୍ବା ଅଳିଆ ପଡ଼ିରହିବା ପରିଲକ୍ଷିତ ହେଲେ ଜରିମାନା ଆଦାୟ କରାଯାଉଛି।

## 'ଗବେଷଣାକୁ କ୍ୟାରିଅର ଭାବେ ବାଛ'

ଭୁବନେଶ୍ୱର,୧୧।୫(ବ୍ୟୁରୋ)



ବାଲିଅନ୍ତାସ୍ଥିତ ନଚ୍ଛିପୁର ଶୁଦ୍ଧାନନ୍ଦ ପ୍ରତିଷ୍ଠାନରେ ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ଗୁରୁବାର ପାଳିତ ହୋଇଯାଇଛି। କଟକ ଜିଲା ସଭାପତି ଡ. ବାଇଧର ସାହୁ ସ୍ୱାଗତ ଭାଷଣ ଦେଇ ଭାରତର ପରମାଣୁ ଗବେଷଣାରେ ରସାୟନ ବିଜ୍ଞାନର ଭୂମିକା ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଇଞ୍ଜିନିୟର ସଚ୍ଚିକାନ୍ତ କର ଯୋଗଦେଇ ଭାରତର ନ୍ୟୁକ୍ଲିୟର ରିଆକ୍ଟରଗୁଡ଼ିକର ଅଭି ଯାନ୍ତ୍ରିକୀ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସରକାରୀ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. ସ୍ୱାତୀ ସୁଚରିତା ଯୋଗଦେଇ ପରମାଣୁ ରିଆକ୍ଟରର ନିର୍ମାଣ ଶୈଳୀ ଓ କାର୍ଯ୍ୟପଦ୍ଧତି ବିଷୟରେ ବିସ୍ତାର ଭାବେ ଚର୍ଚ୍ଚା କରିଥିଲେ। ବିଶିଷ୍ଟ ଅତିଥି ଶିକ୍ଷାବିତ୍ ଡ. ସୁନିଲ ପଟ୍ଟନାୟକ ଗବେଷଣାକୁ କ୍ୟାରିଅର ଭାବେ ବାଛିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ରିଡର ଡ. ନାରାୟଣ ଚନ୍ଦ୍ର ପାଲ ଉପସ୍ଥିତ ଥିଲେ। ଡ. ସରିତା ଅତିଥି ପରିଚୟ ଦେଇଥିଲେ। ଅଧିଷ୍ଠାତା ଡ. ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ୍ୟ ସହ ସଙ୍ଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ ଭାରତୀୟ ବୈଜ୍ଞାନିକଙ୍କ ତ୍ୟାଗ, ତିତିକ୍ଷାର ଭୂୟସୀ ପ୍ରଶଂସା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁଦକ୍ଷ ବିନ୍ଧାଣି ଜିଲା ସମ୍ପାଦକ ଅଧ୍ୟାପକ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆଜି ଭଉଁରି, ଚକ-ଅଖ ଡେରା ନୀତି

ପୁରୀ ଅଫିସ, ୧୧।୫:

ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସରେ ଶ୍ରୀକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହୋଇଥାଏ। ଶୁକ୍ରବାର ଶ୍ରୀକ୍ଷେତ୍ର ଭଉଁରୀ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ରଥଖଳାରେ ପରମ୍ପରା ମୁତାବକ ତିନିରଥର ପ୍ରତ୍ୟେକ ଦୁଇଟି ଚକ ସହ ଗୋଟିଏ ଅଖ ସଂଯୋଗ କରାଯିବ। ଏହାକୁ ଚକଅଖ ଡେରା ନୀତି କୁହାଯାଏ। ଏଥିପାଇଁ ବିଶ୍ୱକର୍ମା ମହାରଣାମାନେ ୬ଟି ଚକ ଓ ତିନୋଟି ଅଖ ପ୍ରସ୍ତୁତ କରି ରଖିଛନ୍ତି। ଶୁକ୍ରବାର ଶ୍ରୀମନ୍ଦିରରେ ସକାଳ ଧୂପ ବଢିବା ପରେ ତିନିବାଡ଼ର ପୂଜାପଣ୍ଡା ସେବାୟତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥଖଳାକୁ ଆସିବେ। ଆଜ୍ଞାମାଳ ପ୍ରଦାନ ପରେ ସେଠାରେ ଭୋଇ ସେବକମାନେ ଚକଅଖ ଡେରା କାର୍ଯ୍ୟ ସମ୍ପନ୍ନ କରି ପ୍ରଥମ ହରିବୋଲ ପକାଇବେ। ସେହିପରି ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରୀ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ। ଦିନ ଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରରେ ଥିବା ଚନ୍ଦନ କୁଣ୍ଡକୁ ବିଜେ ହେବେ। ପରେ ବେଶ ହୋଇ ଭୋଗ ମଣୋହି ହେବେ। ବିଡିଆ ମଣୋହୀ ହୋଇ ଠାକୁରମାନେ ଭଉଁରୀ ଯାତ୍ରା କରିବା ପାଇଁ ଚାପକୁ ବିଜେ କରିବେ। ପୁଷ୍କରିଣୀର ସମସ୍ତ କୋଣ ଓ ଦୀପିଦାଣ୍ଡି ନିକଟରେ ଚାପଡଙ୍ଗା ୨୧ ଘେରା ଲେଖାଏ ବୁଲିବ।

### ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ପୁରୀ ଅଫିସ, ୧୧।୫:

ଭଉଁରୀ ଯାତ୍ରା ପାଇଁ ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସ୍‌ପି କନ୍‌ୱର ବିଶାଲ ସିଂହ କହିଛନ୍ତି, ଶୁକ୍ରବାର ଭଉଁରୀ ଯାତ୍ରା। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡରେ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯିବ। ଟ୍ରାଫିକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ସେହିପରି କେଉଁ ସ୍ଥାନରେ ଚକ ଅଖ ଡେରା ହେବ ସେ ନେଇ ସେବାୟତମାନଙ୍କ ସହ ଆଲୋଚନା କରାଯାଇଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଯେଉଁ ସ୍ଥାନରେ ନୀତି ଅନୁଷ୍ଠିତ ହେବ ସେଠାରେ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବ। ୩ଜଣ ଇନ୍ସପେକ୍ଟର, ୨ଜଣ ଡିଏସ୍‌ପି, ଜଣେ ଅତିରିକ୍ତ ଏସ୍‌ପି ନିୟୋଜିତ ରହିବେ। ଭକ୍ତଙ୍କ ଦର୍ଶନ ଯେପରି ଶୃଙ୍ଖଳିତ ଭାବେ ହେବ ତାହା ଉପରେ ଦୃଷ୍ଟି ରଖାଯାଇଛି।

# 'ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ'

## ପୁଣି ତେଜିଲା ଦାବି

- ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି ପୁରୀ ସହରବାସୀ
- ପ୍ରବଳ ଭିଡ଼ ଯୋଗୁ ଜନସାଧାରଣ ଭୋଗୁଛନ୍ତି ସମସ୍ୟା
- ଭକ୍ତଙ୍କ ଭାବାବେଗକୁ ଅଣଦେଖା, କୁହୁଳୁଛି ଅସନ୍ତୋଷ



ପୁରୀ ଅଫିସ, ୧୧।୫

ସନାତନ ହିନ୍ଦୁ ଧର୍ମର ଚାରିଧାମ ମଧ୍ୟରେ ଶ୍ରୀକ୍ଷେତ୍ର ପୁରୀ ଅନ୍ୟତମ ତଥା ପ୍ରମୁଖ ଧାମ ଭାବେ ବିବେଚନା କରାଯାଇଥାଏ। ଶ୍ରୀମନ୍ଦିରରେ ବିଗ୍ରହମାନଙ୍କୁ ଦର୍ଶନ କରିବା ନିମନ୍ତେ ଦେଶ ବିଦେଶରୁ ବହୁ ଭକ୍ତ ପୁରୀକୁ ଆସିଥାନ୍ତି। ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ୪ଟି ଦ୍ୱାର ଯଥା- ପୂର୍ବଦ୍ୱାର ବା ସିଂହଦ୍ୱାର, ପଶ୍ଚିମ ଦ୍ୱାର ବା ବ୍ୟାଘ୍ର ଦ୍ୱାର, ଦକ୍ଷିଣ ଦ୍ୱାର ବା ଅଶ୍ୱ ଦ୍ୱାର ଏବଂ ଉତ୍ତର ଦ୍ୱାର ବା ହସ୍ତୀ ଦ୍ୱାର ରହିଛି। ଏହି ଚାରିଦ୍ୱାର ଚାରୋଟି ପ୍ରତୀକକୁ ବୁଝାଇଥାଏ। ଶ୍ରୀମନ୍ଦିର ସିଂହଦ୍ୱାର ଧର୍ମ ଓ ଦକ୍ଷିଣ ଦ୍ୱାର ଅର୍ଥର ପ୍ରତୀକ। ସେହିଭଳି ପଶ୍ଚିମ ଦ୍ୱାର କାମନା ଓ ଉତ୍ତର ଦ୍ୱାର ମୋକ୍ଷ ଦ୍ୱାର ଭାବେ ବିବେଚନା କରାଯାଇଥାଏ। ତେଣୁ ଭକ୍ତମାନେ ବିଭିନ୍ନ ଦ୍ୱାର ଦେଇ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ବି.ପି. ଦାଶ କମିଶନଙ୍କ ଅନ୍ତରୀଣ ରିପୋର୍ଟକୁ ଆଳ କରି ଭକ୍ତଙ୍କ ଭାବାବେଗ ସହ ଖେଳୁଛି। ଭକ୍ତଙ୍କୁ ଗୋଟିଏ ଦ୍ୱାରରେ ପ୍ରବେଶ ଏବଂ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ ପାଇଁ ଅନୁମତି ଦେଉଛି। ଏହାକୁ ନେଇ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଗତ ୬ତାରିଖରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ଏହି ପ୍ରସଙ୍ଗକୁ ନେଇ ହୋହଲ୍ଲା ହୋଇଥିଲା। ଚାରିଦ୍ୱାର ଖୋଲାଯାଉ ନ ଥିବାରୁ ସମ୍ପ୍ରତି ଭକ୍ତମାନେ ଡହଡହ ଖରାରେ ଦହଗଞ୍ଜ ହେଉଛନ୍ତି। କେବଳ ସିଂହଦ୍ୱାର ଦେଇ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ହୋଇଥିବାରୁ ଦିନକୁ ଦିନ ଲମ୍ୱାଧାଡ଼ି ଲାଗୁଛି। ତେଣୁ ଭକ୍ତଙ୍କ ପାଇଁ ଚାରିଦ୍ୱାର କେବେ ଖୋଲିବ ବୋଲି ବୈଠକରେ ପ୍ରଶ୍ନ ଉଠିଥିଲା। ଚାରିଦ୍ୱାର ଖୋଲାଯିବା ବୈଠକରେ ମୁଖ୍ୟ ପ୍ରସଙ୍ଗ ପାଲଟିଥିବାବେଳେ ସେବାୟତ ଓ ବୁଦ୍ଧିଜୀବୀ ଏନେଇ ଯୁକ୍ତି ବାଢିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସଂଲଗ୍ନ ରାସ୍ତାରେ ଅସମ୍ଭାଳ ଭିଡ଼ ହେଉଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଭକ୍ତ, ପର୍ଯ୍ୟଟକଙ୍କ ସମେତ ପୁରୀ ସହରବାସୀଙ୍କୁ ଯାତାୟାତ ଲାଗି ହଇରାଣ ହେବାକୁ ପଡୁଛି। ସେହିପରି ଶ୍ରୀମନ୍ଦିର ନିକଟରେ ଯଥେଷ୍ଟ ସଂଖ୍ୟକ ପୋଲିସ ମୁତୟନ ରହୁ ନ ଥିବାରୁ ଭିଡ଼ ନିୟନ୍ତ୍ରଣ କରାଯାଇପାରୁନାହିଁ। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ସହ ଅଧିକ ସାଧାରଣରେ ଦାବି ହେଉଛି।

ପୂର୍ବରୁ ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ଦେଇ ଦର୍ଶନ ବ୍ୟବସ୍ଥା ହେଉଥିବା ବେଳେ କେବଳ ପଶ୍ଚିମଦ୍ୱାର ପଟେ ପରିଚୟପତ୍ର ଦେଖାଇ ପୁରୀବାସୀ ପ୍ରବେଶ କରୁଥିଲେ। କିନ୍ତୁ ଯାତ୍ରୀ ପରିକ୍ରମା ପ୍ରକଳ୍ପ କାମ ସକାଶେ ଏହି ବ୍ୟବସ୍ଥାକୁ ଏବେ ବନ୍ଦ ରଖାଯାଇଛି। ବିଶେଷକରି ଚାରିଦ୍ୱାର ଖୋଲା ହେଉ ନ ଥିବାରୁ ପୁରୀବାସୀ ନିୟମିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରି ପାରୁନାହାନ୍ତି। ସେହିପରି ମହାପ୍ରସାଦ ପାଇବା ପାଇଁ ସେମାନେ ଉତ୍ତରଦ୍ୱାର ସମ୍ମୁଖକୁ ଯାଉଥିବାବେଳେ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଫଳରେ ଅନେକ ବ୍ୟକ୍ତିଙ୍କୁ ମହାପ୍ରସାଦ ସେବନରୁ ବଞ୍ଚିତ ହେବାକୁ ପଡୁଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସେବାୟତ ମାଧବ ଚନ୍ଦ୍ର ମହାପାତ୍ର କହିଛନ୍ତି, ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇ ଆଲୋଚନା କରାଯିବା ଉଚିତ୍। ଭକ୍ତମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ପୂର୍ବତନ ନଗରପାଳ ତଥା ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ପାଇଁ ଦିନକୁ ଦିନ ପୁରୀକୁ ଭକ୍ତଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ପାଇଁ ଛଡ଼ାଯାଉଥିବାରୁ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଆଗକୁ ରଥଯାତ୍ରା ଆସୁଛି। ଏଭଳି ସ୍ଥଳେ କେବଳ ସିଂହଦ୍ୱାର ଦେଇ ଭକ୍ତମାନେ ଯିବା ସୁବିଧା ହେଉନାହିଁ। ତେଣୁ ଚାରିଦ୍ୱାର ଖୋଲାଯିବା ଉଚିତ। ପୁରୀ ସହରବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଉଚିତ। ସେମାନଙ୍କୁ ଆଇକାର୍ଡ ଦେଖାଇ ଅତିକମ୍‌ରେ ଦୁଇଟି ଦ୍ୱାର ଦେଇ ପ୍ରବେଶ ପାଇଁ ଅନୁମତି ଦିଆଯାଉ, ଫଳରେ ଅବଢ଼ା ନେବା ଓ ମହାପ୍ରଭୁଙ୍କ ଦର୍ଶନ କରିବାରେ ସୁବିଧା ହେବ ବୋଲି ପ୍ରଧାନ ମତ ଦେଇଛନ୍ତି। ସାମାଜିକ କର୍ମୀ ଦିଲୀପ ବରାଳ କହିଛନ୍ତି, ଭକ୍ତଙ୍କ ଭାବାବେଗକୁ ପ୍ରଶାସନ ଅଣଦେଖା କରୁଛି। ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରୁଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଲମ୍ୱାଧାଡ଼ିରେ ଠିଆହୋଇ ପାଣି ପାଇଁ ଡହଳବିକଳ ହେବା ସହ ଅନେକ ସମୟରେ ଅଚେତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଶ୍ରୀମନ୍ଦିର ପରିସରରେ ମଧ୍ୟ ଭକ୍ତଙ୍କ ଭିଡ଼ ହେଉଛି। ଭକ୍ତମାନେ ଅଣନିଃଶ୍ୱାସୀ ହୋଇପଡ଼ିବା ସହ ଅନେକ ସମୟରେ ବାନ୍ତି କରୁଛନ୍ତି। ଏଥିଯୋଗୁ ମହାପ୍ରଭୁଙ୍କ ମହାସ୍ନାନ କରାଯାଉଥିବାରୁ ନୀତି ବିଳମ୍ୱ ହେଉଛି। ଅନ୍ୟପକ୍ଷରେ ପୁରୀବାସୀ ମଧ୍ୟ ନିୟମିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବାରେ ହଇରାଣ ହେଉଛନ୍ତି। ଏସବୁ ଦୃଷ୍ଟିରୁ ତୁରନ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ଉଚିତ। ଅପରପକ୍ଷରେ ସମସ୍ତଙ୍କ ମତାମତ ନିଆଯାଇ ଆଲୋଚନା ମାଧ୍ୟମରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି।

## ସଂକ୍ଷେପରେ

### ପ୍ରସ୍ତୁତି ଚାଲିଛି ମହାପ୍ରଭୁଙ୍କ ପହଣ୍ଡି ଓ ଅଣସର ଗାମୁଛା

#### ମହାପ୍ରଭୁଙ୍କ ସେବାରେ ସାନପଦର ବୁଣାକାର

**ଖୋର୍ଦ୍ଧା ଅଫିସ,୧୧।୫:** ମହାପ୍ରଭୁଙ୍କ ଘୋଷଯାତ୍ରା ଲାଗି ରଥ ନିର୍ମାଣ ଚାଲିଛି। ଆଗକୁ ରହିଛି ସ୍ନାନପୂର୍ଣ୍ଣିମା ଏବଂ ଅଣସର। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ମହାପ୍ରଭୁଙ୍କ ଅଣସର ଏବଂ ପହଣ୍ଡି ଗାମୁଛା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦର ଗ୍ରାମର ବୁଣାକାର। ମା' ଦୁର୍ଗା ଟେକ୍ସଟାଇଲ୍ ଆଣ୍ଡ ଡାଇଂ ୱାର୍କସ୍ ବୁଣାକାର ସଂସ୍ଥାର ସ୍ୱତ୍ୱାଧିକାରୀ ପ୍ରଭାସ ନାୟକଙ୍କ ତତ୍ତ୍ୱାବଧାନରେ ୧୬ଜଣ ବୁଣାକାର ଏହି କାର୍ଯ୍ୟରେ ଲାଗିଛନ୍ତି। ମହାପ୍ରଭୁଙ୍କ ଅଣସର ଏବଂ ପହଣ୍ଡି ଲାଗି ଗାମୁଛା ବୟନିକା ଯୋଗାଇଥାଏ। ୨୦୧୮ ମସିହାରୁ ପ୍ରଭାସ ବୟନିକାଠାରୁ ଏହି ଅର୍ଡର ପାଇ ମହାପ୍ରଭୁଙ୍କ ଲାଗି ହାତତିଆରି ଗାମୁଛା ପ୍ରସ୍ତୁତି କରୁଛନ୍ତି। ସ୍ନାନଯାତ୍ରା ପୂର୍ବରୁ ବୟନିକାକୁ ହସ୍ତାନ୍ତର କରିଥା'ନ୍ତି। ବର୍ତ୍ତମାନ ସୁଦ୍ଧା ୭୦% କାର୍ଯ୍ୟ ସରିଲାଣି। ମେ' ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ପ୍ରଭାସ କହିଛନ୍ତି। ଅକ୍ଷୟତୃତୀୟାଠାରୁ କାମ ଆରମ୍ଭ ହୋଇଥାଏ। ବୟନିକାଠାରୁ ଅର୍ଡର ପାଇବା ପରେ କାମ ଆରମ୍ଭ ହୋଇଥିଲା। ସୂତାଲୁଗା ପ୍ରସ୍ତୁତି ଲାଗି ବୟନିକା ପକ୍ଷରୁ କଞ୍ଚାମାଲ ମିଳିଥାଏ। ଗଙ୍ଗାଧର ପରମାଣିକ, ସନ୍ତୋଷ ନାୟକ, ରଶ୍ମିତା ନାୟକ, ବିଦ୍ୟାଧର ନାୟକ, ରବୀନ୍ଦ୍ର ପରମାଣିକ, ରମେଶ ଦେବତା, ହାତୀ ପରମାଣିକ, ବାସନ୍ତି ନାୟକ, ଉଦୟନାଥ ନାୟକ, ଉଦୟନାଥ ଦାସ, ସନ୍ତୋଷ ଦାସ, ସୋନାଲି ପରମାଣିକ ପ୍ରମୁଖ ବୁଣାକାର ଏହି କାର୍ଯ୍ୟରେ ଲାଗିଛନ୍ତି। ପ୍ରକାଶ ଯେ, ଏହି ଗ୍ରାମର ଅଧିକାଂଶ ପରିବାର ବୁଣାକାର। ୩୦ବର୍ଷ ପୂର୍ବେ ପ୍ରଭାସଙ୍କ ବାପା ଲକ୍ଷ୍ମୀଧର କେତେଜଣ ବୁଣାକାରଙ୍କୁ ନେଇ ଏକ ହସ୍ତତନ୍ତ ବୟନ ଶିଳ୍ପ ଗଠନ କରିଥିଲେ। ପରିବର୍ତ୍ତୀ ସମୟରେ ପ୍ରଭାସ ମା' ଦୁର୍ଗା ଟେକ୍ସଟାଇଲ୍ ଆଣ୍ଡ ଡାଇଂ ୱାର୍କସ୍ ବୁଣାକାର ସଂସ୍ଥା ଗଠନ କରିଥିଲେ। ଏହି ସଂସ୍ଥା ଅଧୀନରେ ୬୦ରୁ ଊର୍ଦ୍ଧ୍ୱ ବୁଣାକାର କାମ କରୁଛନ୍ତି। ହାତତିଆରି ସୂତାଲୁଗାର ମଧ୍ୟ ବେଶ୍ ଚାହିଦା ରହିଛି।

### ସମୁଦ୍ରରେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫଗାର୍ଡ

**ପୁରୀ ଅଫିସ,୧୧।୫:** ପୁରୀ ସମୁଦ୍ରରେ ଗୁରୁବାର ବୁଡ଼ିଯାଉଥିବା ୩ଜଣ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ଏହି ୩ଜଣ ପର୍ଯ୍ୟଟକ ଛତିଶଗଡ଼ର ବାସିନ୍ଦା। ସେମାନେ ହେଲେ ରାୟପୁର ଜିଲା ସରସ୍ୱତୀ ନଗର ଅଞ୍ଚଳର ଧ୍ରୁବ ହର୍ଷ (୨୧), ରୋହିତ ଜଗତ (୨୪) ଓ ମନୋଜ ଡିଭାର (୨୦)। ଏମାନେ ଗୁରୁବାର ଅପରାହ୍ନ ପ୍ରାୟ ୩.୫୦ ସମୟରେ ଶକୁନ୍ତଳା ହୋଟେଲ ସମ୍ମୁଖ ସେକ୍ଟର-୩ ସମୁଦ୍ରରେ ଗାଧୋଉଥିବାବେଳେ ବୁଡ଼ିଯାଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ପାଟି ଶୁଣି ଲାଇଫଗାର୍ଡମାନେ ସମୁଦ୍ରରେ ପଶି ସେମାନଙ୍କୁ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ମେ ୩ ଓ ୪ ତାରିଖରେ ସମୁଦ୍ରରେ ବୁଡ଼ି ୪ଜଣଙ୍କ ମୃତ୍ୟୁ ଘଟିଥିଲା। ଗତ ୨୦୧୩ରୁ ୨୦୨୩ ମେ ୫ ତାରିଖ ମଧ୍ୟରେ ପୁରୀ ସମୁଦ୍ରରେ ବୁଡ଼ି ୪୧ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ସମୁଦ୍ରରେ ବୁଡ଼ି ଯାଉଥିବା ଅବସ୍ଥାରେ ୩ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫ୍ ଗାର୍ଡଙ୍କ ଅଭାବ, ସମୁଦ୍ରରେ ଅଧିକ କରେଣ୍ଟ ରହିବା, ନିଶା ସେବନ କରି ସମୁଦ୍ର ସ୍ନାନ ଏବଂ ବେଳାଭୂମିରେ ସଚେତନତା ନେଇ ସୂଚନାଫଳକ ଲଗାଯାଇ ନ ଥିବା କାରଣରୁ ଏଭଳି ଅଘଟଣ ଘଟୁଥିବା ଅନେକେ ମତ ଦେଉଛନ୍ତି। ପୁରୀ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଦୀପ ରାଉତ କହିଛନ୍ତି, ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ସତ୍ତ୍ୱେ କେତେଜଣ ଅମାନିଆଙ୍କ କ୍ଷେତ୍ରରେ ଏଭଳି ଅଘଟଣ ଘଟୁଛି। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଅଧିକ ସଂଖ୍ୟକ ଲାଇଫ୍ ଗାର୍ଡ ମୁତୟନ ସହ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରାଯିବ। ଲୋକଙ୍କ ସୁରକ୍ଷା ପାଇଁ ୧୩, ୧୪ ଓ ୧୫ ନଂ. ସେକ୍ଟରକୁ 'ନୋ ବାଥିଂ ଜୋନ୍' ଘୋଷଣା କରାଯାଇଛି।

## ପୋଖରୀରେ ବୁଡ଼ି ଶ୍ରମିକଙ୍କ ଜୀବନ ଗଲା

ନିମାପଡ଼ା,୧୧।୫ (ଡି.ଏନ୍.ଏ.)

ନିମାପଡ଼ା ଚାରିଛକ ଥାନା ଅଧୀନ ଆଲୁଦଣ୍ଡାପାଟଣା ପେଟ୍ରୋଲ ପମ୍ପ ପଛପଟ ଏକ ପୋଖରୀରେ ବୁଡ଼ିଯାଇ ଜଣେ ଶ୍ରମିକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ରାଜ୍ୟର ଛତାପୁର ଥାନା ଅଧୀନ ଭବାନୀପୁର ଗ୍ରାମର ମୁକେଶ ଓରାମ(୩୫)। ଏନେଇ ପୋଲିସ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୁକେଶ ପୋଖରୀରେ ଗାଧୋଉଥିବାବେଳେ ଅସାବଧାନତାବଶତଃ ଗୋଡ଼ ଖସି ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଶ୍ରମିକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୁକେଶଙ୍କୁ ମୃତ ଘୋଷଣା କରିଥିଲେ। ମୁକେଶ ଗ୍ରାମର ରମେଶଚନ୍ଦ୍ର ସାହୁଙ୍କ ଦୋକାନରେ ଦୀର୍ଘଦିନ ଧରି ଟାଇଲ ମିସ୍ତ୍ରି ଭାବେ କାମ କରୁଥିଲେ। ଖବରପାଇ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ମୃତ ମୁକେଶଙ୍କ ପରିବାରବର୍ଗଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।



ଗୋପ ଏରବଙ୍ଗଠାରେ ହଟ୍ଟକିଶୋର ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଆୟୋଜିତ ଶ୍ରାଦ୍ଧୋତ୍ସବରେ ଅତିଥି ଏବଂ ଅନ୍ୟମାନେ।

## 'ଶିକ୍ଷାବିତ୍ ହଟ୍ଟବାବୁ ମାଟିର ମଣିଷ ଥିଲେ'

ଗୋପ,୧୧।୫ (ଡି.ଏନ୍.ଏ.)

ଶିକ୍ଷାବିତ୍, ସାମାଜିକ କର୍ମୀ ତଥା ଜଗନ୍ନାଥ ସଂସ୍କୃତି ପ୍ରେମୀ ହଟ୍ଟକିଶୋର ସ୍ୱାଇଁ କେବଳ ଆମ ଅଞ୍ଚଳର ଗର୍ବ ନୁହନ୍ତି। ସେ ଜଣେ ଉଚ୍ଚକୋଟିର ମଣିଷ ସହିତ ମାଟିର ମଣିଷ ଥିଲେ ବୋଲି ଗୁରୁବାର ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ଉଚ୍ଚ ବିଦ୍ୟାଳୟରେ ହଟ କିଶୋର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଷଷ୍ଠତମ ହଟ୍ଟକିଶୋରଙ୍କ ଶ୍ରାଦ୍ଧ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ସୁରେନ୍ଦ୍ର କୁମାର ମହାନ୍ତି କହିଥିଲେ। ହଟ କିଶୋର ଫାଉଣ୍ଡେଶନ ସଭାପତି ଗଣେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ ବକ୍ତା ଭାବେ ବିଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମହେନ୍ଦ୍ର କୁମାର ପାଢ଼ୀ, ବିଭୁଦତ୍ତ ନାୟକ, ସଂଯୁକ୍ତା ପଣ୍ଡା, କଳ୍ପନା ରଥ, ସଙ୍ଗୀତା ମଲ୍ଲିକ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରଣତି ମିଶ୍ର ପ୍ରମୁଖ ଯୋଗ ଦେଇ ଶିକ୍ଷାବିତ୍ ହଟ୍ଟକିଶୋର ଜଣେ ମଣିଷ ତିଆରି କାରଖାନା ଭାବେ ଥିବା ବେଳେ ରାଜନୈତିକ, ଜଗନ୍ନାଥ ସଂସ୍କୃତିପ୍ରେମୀ ସହିତ ତାଙ୍କ ଜୀବନ କେବଳ ଅନ୍ୟଙ୍କ ସେବା ଉଦ୍ଦେଶ୍ୟରେ ରହିଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଇଁ ପରିବାରର ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ କନିଷ୍ଠ ପୁତ୍ର ସୁଦୀପ୍ତ କୁମାର ସ୍ୱାଇଁ ବାପାଙ୍କ ଜୀବନଶୈଳୀ ସହିତ ସମାଜ ସେବା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ନରେଶ ଚନ୍ଦ୍ର ପ୍ରଧାନଙ୍କ ସହିତ ଅନ୍ୟମାନେ ପରିଚାଳନା କରିଥିଲେ।

## ମହିଳା ଆଇନଜୀବୀଙ୍କୁ ଅପହରଣ ଅଭିଯୋଗ

କଣାସ,୧୧।୫ (ସ୍ୱ.ପ୍ର.)

କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କର ବରଣ ଛକ ନିକଟରେ ୨୯ବର୍ଷୀୟା ଆଇନଜୀବୀଙ୍କୁ କେହି ଅପହରଣ କରି ନେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଦଫା ୩୬୩, ୩୬୬, ୩୪ ଆଇପିଏସ୍‌ରେ ଏକ ମାମଲା ନଂ. ୭୯/୨୩ ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ହରଷପଡ଼ା ସାମିଲି ମାଳୀ ସାହିର ବନମାଳୀ ମାଝୀଙ୍କ ଝିଅ ଆଇନଜୀବୀ ସୀତାରାଣୀ ମାଝୀ ସବୁଦିନ କଣାସକୁ ଓକିଲାତି କରିବାକୁ ଯାଆନ୍ତି। ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ସେ ସ୍କୁଟି ଯୋଗେ ଯାଉଥିବାବେଳେ ଗୋଲରା ଗ୍ରାମର ସଂଗ୍ରାମ ଭୁଜବଳ (ମୁନା) ବରଣ ଛକ ନିକଟରେ ସ୍କୁଟି ଆଗରେ କାର୍ ରଖି ସୀତାରାଣୀଙ୍କୁ ଅଟକାଇଥିଲେ। କାର୍‌ରୁ ୨ ଜଣ ଯୁବକ ବାହାରି ସୀତାରାଣୀଙ୍କୁ ଜୋରଜବରଦସ୍ତ କାର୍ ଭିତରେ ଭର୍ତ୍ତି କରି ନେଇ ପଳାଇଥିଲେ। ପ୍ରକାଶ ଥାଉକି, ୨ ମାସ ତଳେ ସୀତାରାଣୀଙ୍କ ବାହାଘର ଭାଙ୍ଗିବାକୁ ସଂଗ୍ରାମ ଧମକ ଦେବା ନେଇ ଗଡିଶାଗୋଦା ଥାନାରେ ତାଙ୍କ ବାପା ଏକ ଅଭିଯୋଗ କରିଥିଲେ। ଏଥିରେ ଗଡିଶାଗୋଦା ଥାନା ପୋଲିସ ସଂଗ୍ରାମଙ୍କ ସହ ଏକ ଏଗ୍ରିମେଣ୍ଟ କରି ତାଙ୍କୁ ଛାଡ଼ି ଦେଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ସୀତାରାଣୀଙ୍କୁ ଅପହରଣ କରି ନେଇଥିବା ବାପା ବନମାଳୀ ଅଭିଯୋଗ କରିଛନ୍ତି। ଏନେଇ କଣାସ ଥାନା ଅଧିକାରୀ ସୁଜିତ୍ ଦାସଙ୍କୁ ପଚାରିବାରେ, ତଦନ୍ତ ଚାଲିଛି, ଅପହରଣ ହୋଇଥିବା ପଛର କାରଣ ଜଣାପଡ଼ିବ।

## ସାମାଜିକ ନେତା ଥିଲେ ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ

### ୧୦୨ତମ ଜୟନ୍ତୀରେ 'ଭବାନୀ କଥା' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ ୧୦୨ତମ ଜୟନ୍ତୀ ଅବସରରେ ଗୁରୁବାର ସୂଚନା ଭବନରେ 'ଭବାନୀ କଥା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ, ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ପଟ୍ଟନାୟକଙ୍କ ସରଳ ଜୀବନକୁ ସାମାଜିକ ପାପ ସ୍ପର୍ଶ କରି ପାରି ନ ଥିଲା। ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ପୂର୍ବତନ ନିର୍ବାଚନ ଆୟୋଗର ଉପଦେଷ୍ଟା ଡ. ଭଗବାନ ପ୍ରକାଶ ଯୋଗଦେଇ କହିଲେ, ସେ ଜଣେ ରାଜନେତା ନୁହେଁ, ବରଂ ଜଣେ ସାମାଜିକ ନେତା ଥିଲେ। ସମଗ୍ର ଜୀବନ ସମାଜର ଉନ୍ନତି ପାଇଁ ଉତ୍ସର୍ଗୀକୃତ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସଭାପତିତ୍ୱ କରି ଭବାନୀ ବାବୁ ନିମାପଡ଼ା ଗାନ୍ଧୀ ଭାବେ ବେଶ ପରିଚିତ ଥିଲେ ବୋଲି କହିଥିଲେ। ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦ୍‌ଭାବନା କର୍ମୀ ମଧୁସୂଦନ ଦାସ 'ଭବାନୀ କଥା'ର ଶୁଭାରମ୍ଭ କରିଥିଲେ। ଶୋଭନୀୟ ଆନ୍ଦୋଳନର ଅଧ୍ୟକ୍ଷା ଅରୁନ୍ଧତୀ ଦେବୀ, ବିଶିଷ୍ଟ ଗାନ୍ଧୀବାଦୀ ପ୍ରହ୍ଲାଦ ସିଂହ, ମାନବାଧିକାର କର୍ମୀ ମନୋଜ ଜେନା ପ୍ରମୁଖ ଯୋଗଦେଇଥିଲେ। ବେଣୁଧର ସେନାପତି, ଚିତ୍ତ ରଞ୍ଜନ ମହାନ୍ତି, ବିକ୍ରମ ନାୟକ, ଶ୍ରୀ ସୋମ, ମନସ୍ୱିନୀ ପରିଡ଼ା, ହର ପ୍ରସାଦ ମହାପାତ୍ର, ବିକ୍ରମ ମହାପାତ୍ର, ଆର୍. ପି. ଦ୍ୱିବେଦୀ, ସରୋଜ କୁମାର ସା, ହେମନ୍ତ କୁମାର ଦାସ, କେଶବ ସେନାପତି, ଶିବାନୀ ନାୟକ, ଜୟରାମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୧୧।୫ (ଡି.ଏନ୍.ଏ.)

ନିମାପଡ଼ା ଥାନା ଅଧୀନ ତେରୁଣ୍ଡିଆ ଗ୍ରାମରୁ ଗୁରୁବାର ରାତିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ସୌମ୍ୟକାନ୍ତ ପଲତା(୧୭)। ପୋଲିସ ଏନେଇ ୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୌମ୍ୟକାନ୍ତ ତାଙ୍କ ଘର ନିକଟ ଏକ ନୂତନ ଘରେ ଥିବା ଫ୍ୟାନ ହୁକ ସାହାଯ୍ୟରେ ବେକରେ ରଶି ବାନ୍ଧି ଝୁଲି ପଡିଥିଲେ। ରାତିରେ ପରିବାର ଲୋକ ଓ ଗ୍ରାମର କେତେକ ବ୍ୟକ୍ତି ସୌମ୍ୟକାନ୍ତଙ୍କୁ ଝୁଲୁଥିବାର ଦେଖି ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ମେଡିକାଲକୁ ପଠାଯିବ ବୋଲି କହିଛି। ଏନେଇ ମୃତକଙ୍କ ବାପା ମନୋଜ ପଲତା ଥାନାରେ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡି ନାହିଁ।



ପୁରୀ ସମୁଦ୍ରରେ ବୁଡ଼ିଯାଉଥିବାବେଳେ ଲାଇଫଗାର୍ଡଙ୍କ ଦ୍ୱାରା ଉଦ୍ଧାର ୩ ପର୍ଯ୍ୟଟକ।

## ଶେଷ ପର୍ଯ୍ୟାୟରେ ମହାପ୍ରଭୁଙ୍କ ପାଟବସ୍ତ୍ର ପ୍ରସ୍ତୁତି

ଖୋର୍ଦ୍ଧା ଅଫିସ,୧୧।୫



ଜୁନ୍ ୨୦ରେ ଘୋଷଯାତ୍ରା। ଏଥିଲାଗି ଶ୍ରୀକ୍ଷେତ୍ର ଚଳଚଞ୍ଚଳ। ଶ୍ରୀନଅର ସମ୍ମୁଖ ଅସ୍ଥାୟୀ ରଥଖଳାରେ ଚାଲିଛି ରଥ ନିର୍ମାଣ। ଏପଟେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାର ପରିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ପାଟବସ୍ତ୍ର ଓ ସୂତାଲୁଗା ପ୍ରସ୍ତୁତିରେ ଲାଗିଛନ୍ତି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ସୁଦ୍ଧା ୭୦ପ୍ରତିଶତ କାମ ସରିଥିବା ବରିଷ୍ଠ ବୁଣାକାର ଗୋପୀନାଥ ଦାସ କହିଛନ୍ତି। ସରସ୍ୱତୀ ପୂଜାରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଥିଲା। ଏହି ଦିନ ଗୋପୀନାଥଙ୍କ ପରିବାର ପୂଜାର୍ଚ୍ଚନାପୂର୍ବକ ମହାପ୍ରଭୁଙ୍କ ସେବାରେ ଲାଗିପଡିଛନ୍ତି। ଦିନରାତି ପାଟବସ୍ତ୍ର ଓ ସୂତାଲୁଗା ବୁଣାକାମ ଚାଲିଛି। ଗତ ୩୦ବର୍ଷ ଧରି ରାଉତପଡାର ଗୋପୀନାଥଙ୍କ ପରିବାର ଏହି ପାଟବସ୍ତ୍ର ଓ ସୂତାଲୁଗା ଯୋଗାଇ ଆସୁଛନ୍ତି। ଗୋପୀନାଥ କୁହନ୍ତି, ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ତାଲିକା ପାଇବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆବଶ୍ୟକ କଞ୍ଚାମାଲ ଯୋଗାଇ ଦିଆଯାଇଛି। ବିଭାଗୀୟ ଅଧିକାରୀ ମାନେ ରାଉତପଡା ଗସ୍ତରେ ଆସି ବୁଣାକାରଙ୍କ ସହ ଆଲୋଚନା କରିଛନ୍ତି।

ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତିଗୋବିନ୍ଦ ପାଟ, ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇପ୍ରକାର ଘୋଡ଼ଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ ଗରା ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତସେବା ଲାଗି ଲାଲ୍, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ୍ ଲେଖାଏ ଚେହେଲି ପାଟ, ବଡ଼ସିଂହାର ବେଶ ଲାଗି ଗୀତିଗୋବିନ୍ଦ ଲେଖାଥିବା ଗୀତିଗୋବିନ୍ଦ ପାଟ ପ୍ରସ୍ତୁତି ଚାଲିଛି। ସେହିପରି ସପ୍ତବିଗ୍ରହ ଯଥା ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୂତାର ୨ପ୍ରକାର ଘୋଡ଼ଣି ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପତନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିଫୁଟା ଆଦି ବସ୍ତ୍ର ପ୍ରସ୍ତୁତି ଚାଲିଛି। ଗୋପୀନାଥ କୁହନ୍ତି, ବାପା ମଧୁସୂଦନ ଦାସ ୧୯୯୩ ମସିହାରେ ଏହି ସେବା ପାଇଥିଲେ। ସେବେଠାରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତାଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛୁ। ୧୯୯୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ସକାଶେ ମହାପ୍ରଭୁଙ୍କ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଛୁ। ଗୋପୀନାଥଙ୍କ ସମେତ ୪ଭାଇ ରାମଚନ୍ଦ୍ର ଦାସ, ଭଗବାନ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ଦାସ, ଅଶୋକ ଦାସ, ନିମାଇ ଚରଣ କୁଣ୍ଡୁ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି।

ପ୍ରକାଶ ଯେ, ରାଉତପଡ଼ାର ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ରାଉତପଡ଼ା ସେବା ସମବାୟ ସମିତିରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ବର୍ଷସାରା ହସ୍ତତନ୍ତ ଲୁଗା, ଗାମୁଛା, ବାନ୍ଧେଣୀ ଶାଢ଼ି, ବିଭିନ୍ନ ପ୍ରକାର ପାଟ ଓ ସୂତାଲୁଗା ବୁଣୁଛନ୍ତି। ମହାପ୍ରଭୁଙ୍କ ଲାଗି ପାଟ ଓ ସୂତା ଲୁଗା ଏଠାରୁ ଶ୍ରୀକ୍ଷେତ୍ରକୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

## ଗ୍ରାମାଞ୍ଚଳ, ଶିକ୍ଷାୟତନ ଅଞ୍ଚଳ ହେବ ତମାଖୁମୁକ୍ତ

ପୁରୀ ଅଫିସ, ୧୧।୫

କେବଳ ଶିକ୍ଷାୟତନ ଅଞ୍ଚଳ ନୁହେଁ, ପୁରୀ ଜିଲାର ଗ୍ରାମାଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ପ୍ରୟାସ କରାଯିବା ସହ ରଥଯାତ୍ରାରେ ପବିତ୍ର ବଡ଼ଦାଣ୍ଡକୁ ତମାଖୁ ନିଷିଦ୍ଧାଞ୍ଚଳ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ପୁରୀ ଜିଲା ତମାଖୁ ଓ କ୍ୟାନସର ନିୟନ୍ତ୍ରଣ କମିଟି ପକ୍ଷରୁ ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ ସମନ୍ୱୟ ସମିତି ବୈଠକରେ ଏ ନେଇ ଆଲୋଚନା କରାଯାଇଛି। ବୈଠକରେ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲାର ଗ୍ରାମାଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଦଳ ଖୁବ୍‌ଶୀଘ୍ର ଚଢ଼ାଉ କରିବ ବୋଲି ନିଷ୍ପତ୍ତି ହୋଇଛି।

ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ରାକେଶ କୁମାର ପଣ୍ଡା, ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ, ଡିପିଏଚ୍‌ଓ ଡା. ବିରଜା ରଥ, ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, ଏଡିଇଓ ମମତା ମିଶ୍ର, ସାମାଜିକ କର୍ମୀ ବଦ୍ରି ମିଶ୍ର, ଡ୍ରଗସ୍ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସନ୍ତୋଷ କୁମାର ସାହୁଙ୍କ ସମେତ ପୋଲିସ ଏବଂ ଅବକାରୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକକୁ ଜିଲା ତମାଖୁ ଓ କ୍ୟାନସର ନିୟନ୍ତ୍ରଣ କମିଟିର ଜିଲା ପରାମର୍ଶଦାତା ଡା. ସୁଶାନ୍ତ କୁମାର ବିଶ୍ୱାଳ ସଂଯୋଜନା ଏବଂ ସଞ୍ଚାଳନ କରିଥିଲେ।

# ଭୁବନେଶ୍ୱରରେ କେନ୍‌କୋ ଏଗ୍ରଷ୍ଟ୍ରା ଆଉଟ୍‌ଲେଟ୍




ଭୁବନେଶ୍ୱରର ଆଇଆର୍‌ସି ଭିଲେଜ ହାଇସ୍କୁଲ ରୋଡ୍ ନିକଟରେ ଗୁରୁବାର 'କେନ୍‌କୋ ଏଗ୍ରଷ୍ଟ୍ରା'ର ଏକ୍ସକ୍ଲୁସିଭ ଏଗ୍ ଷ୍ଟୋରକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟାମାନେ ଉପସ୍ଥିତ ଅଛନ୍ତି।

- ବଜାରରେ କେନ୍‌କୋର ନୂତନ ଉତ୍ପାଦ
- ରାଜ୍ୟରେ ପ୍ରଥମ ଏକ୍ସକ୍ଲୁସିଭ ଏଗ୍ ଷ୍ଟୋର

ଭୁବନେଶ୍ୱର,୧୧।୫

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ଓଭିଓ ଫାର୍ମା ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରମୁଖ ୟୁନିଟ୍ ତଥା ବ୍ରାଣ୍ଡ୍ କେନ୍‌କୋର ପ୍ରଥମ ଏକ୍ସକ୍ଲୁସିଭ ଏଗ୍ ଷ୍ଟୋର ଗୁରୁବାର ଭୁବନେଶ୍ୱରର ଆଇଆର୍‌ସି ଭିଲେଜ ହାଇସ୍କୁଲ ରୋଡ୍‌ରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଯାଇଛି। ଭୁବନେଶ୍ୱରରେ ବ୍ରାଣ୍ଡ୍‌ର ପ୍ରଥମ ତଥା ସର୍ବବୃହତ୍ ଆଉଟ୍‌ଲେଟ 'କେନ୍‌କୋ ଏଗ୍ରଷ୍ଟ୍ରା'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସକ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଭିଓ ଫାର୍ମା ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା କେନ୍‌କୋ ଏଗ୍ରଷ୍ଟ୍ରାର ମୁଖ୍ୟ ସୌମେନ୍ଦ୍ର ମିଶ୍ରଙ୍କ ସମେତ ଉଭୟ କମ୍ପାନୀ ଓ ବ୍ରାଣ୍ଡର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୧୦୦୦ ବର୍ଗ ଫୁଟ ପରିମିତ ସ୍ଥାନରେ ଗଢି ଉଠିଥିବା ଉକ୍ତ ଷ୍ଟୋରରେ କେନ୍‌କୋର ନୂତନ ଉତ୍ପାଦ ଯଥା ଅଣ୍ଡା, କ୍ଷୀର ଓ ପାଉରୁଟି (ଫ୍ରେସ୍ ବ୍ରେଡ୍) ଭଳି ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀ ପ୍ରାଥମିକ ପର୍ଯ୍ୟାୟରେ ଉପଲବ୍ଧ ହେବ।

ଏ ସମ୍ପର୍କରେ ଓଭିଓ ଫାର୍ମା ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା କେନ୍‌କୋ ଏଗ୍ରଷ୍ଟ୍ରାର ମୁଖ୍ୟ ସୌମେନ୍ଦ୍ର ମିଶ୍ର କହିଛନ୍ତି, ବ୍ରାଣ୍ଡ୍ ପ୍ରମୁଖ ଉତ୍ପାଦ ଏଗ୍ (ଅଣ୍ଡା) ସହ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମିଳିବ। ବିଶେଷକରି ଗୁଣାତ୍ମକ ମାନର ଅଣ୍ଡା ଗ୍ରାହକଙ୍କୁ ଯୋଗାଇବା ସହ ଅଣ୍ଡାର ବିସ୍ତୃତ ସୂଚନା ଜାଣିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ସାଙ୍ଗକୁ ଗ୍ରାହକ ଅଣ୍ଡା ପ୍ୟାକେଟରେ ଦିଆଯାଇଥିବା ଏକ ସ୍ୱତନ୍ତ୍ର କ୍ୟୁଆର୍ କୋଡ୍‌କୁ ସ୍କାନ୍ କରି ସମସ୍ତ ଅତ୍ୟାବଶ୍ୟକ ସୂଚନା ପାଇପାରିବେ। ଏପରିକି ବ୍ରାଣ୍ଡ୍ ଆଗାମୀ ଦିନରେ ଉକ୍ତ ଷ୍ଟୋର ଜରିଆରେ ଅନ୍ୟାନ୍ୟ ଉତ୍ପାଦ ଗ୍ରାହକମାନଙ୍କୁ ଯୋଗାଇଦେବ। ସେହିଭଳି ପର୍ଯ୍ୟାୟକ୍ରମେ ଷ୍ଟୋରର ସମ୍ପ୍ରସାରଣ ଓ ବ୍ୟବସାୟ ବୃଦ୍ଧି ପାଇଁ ବ୍ୟାପକ ଯୋଜନା କରାଯାଉଛି ବୋଲି ସେ ମତପ୍ରକାଶ କରିଥିଲେ।

# ନୁଭୋକୋର ୪ର୍ଥ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୧୧।୫

ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍‌ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୁଭୋକୋର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୨୦୨୩ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ତ୍ରୈମାସିକରେ କମ୍ପାନୀ ମୋଟ ୨୦୧.୦୬ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି। ସେହିଭଳି କମ୍ପାନୀ ପୂର୍ବ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୨୯.୧୧ କୋଟି ଟଙ୍କାର ପିଏଟି ପଞ୍ଜୀକୃତ କରିଥିଲା। ଅପରପକ୍ଷରେ କମ୍ପାନୀର ନେଟ୍ ସମୁଦାୟ ଆୟ ୨,୯୩୦.୯୬ କୋଟି ଟଙ୍କା ରହିଛି, ଯାହାକି ଗତବର୍ଷ ସମାନ ତ୍ରୈମାସିକରେ ପଞ୍ଜୀକୃତ ହୋଇଥିବା ୨,୯୪୦.୨୬ କୋଟି ଟଙ୍କାଠାରୁ ୦.୩୨% କମ୍ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟ କୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ୨୦୨୨-୨୩ ଆର୍ଥିକବର୍ଷରେ ଆମେ ଆମର ପ୍ରିମିୟମ ଉତ୍ପାଦଗୁଡ଼ିକ ପାଇଁ ବଜାର ଅଂଶକୁ ବଢ଼ାଇ ପାରିଛୁ। ଏପରିକି ବାଣିଜ୍ୟ ପରିମାଣ ଉପରେ ମଧ୍ୟ ୩୭%ର ଅଭିବୃଦ୍ଧି କରିଛୁ। ସେହିଭଳି ଭିଞ୍ଜାନିର ୧.୨ ଏମ୍‌ଟିପିଏ ସିମେଣ୍ଟ କ୍ଷମତା ସମ୍ପ୍ରସାରଣ ଏବଂ ନିମ୍ବୋଲରେ ଡିବଟଲନେକିଙ୍ଗ ସମେତ ଉତ୍ତର ଭାରତରେ ଆମର ବିକାଶ ପ୍ରକଳ୍ପ ଉତ୍ତମ ରୂପେ ଅଗ୍ରଗତି କରୁଛି ଏବଂ ଉକ୍ତ ଅଞ୍ଚଳରେ ଏହା ଆମକୁ ଏକ ଦୃଢ଼ ଉପସ୍ଥିତି ସ୍ଥାପନ କରିବାରେ ସାହାଯ୍ୟ କରିବ।

# ଡାଲମିଆ ଭାରତକୁ ସିଆଇଆଇ-ଆଇଟିସି ସଷ୍ଟେନେବିଲିଟି ଆୱାର୍ଡ




ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡକରୀଙ୍କଠାରୁ ଡ. ଅରବିନ୍ଦ ବୋଧନକର ଉକ୍ତ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୧।୫

ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ ଡାଲମିଆ ଭାରତକୁ ନିକଟରେ ଆଉ ଏକ ଜାତୀୟ ସ୍ତରର ପୁରସ୍କାର ମିଳିଛି। ବିଶେଷକରି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନଜନକ ସିଆଇଆଇ-ଆଇଟିସି ସଷ୍ଟେନେବିଲିଟି ଆୱାର୍ଡ୍ସ-୨୦୨୨ ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ଜନସମୁଦାୟଙ୍କ କଲ୍ୟାଣ ଏବଂ ସିମେଣ୍ଟ ଉତ୍ପାଦନ କ୍ଷେତ୍ରରେ ନିରନ୍ତର ଶ୍ରେଷ୍ଠ କାର୍ଯ୍ୟାଭ୍ୟାସ ନିମନ୍ତେ ମଜଭୁତ ଏବଂ ଆନ୍ତରିକ ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରୁଛି। ସେହିଭଳି କମ୍ପାନୀଗୁଡ଼ିକର କାର୍ଯ୍ୟକାରିତା ଏବଂ ଗୋଷ୍ଠୀ ପ୍ରୟାସ ସମୂହରେ ନିରନ୍ତରତା ଏବଂ ସମାବେଶୀ ପ୍ରଚେଷ୍ଟା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା କମ୍ପାନୀଗୁଡ଼ିକୁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଏବଂ ଆଇଟିସି ଲିମିଟେଡ୍ ପକ୍ଷରୁ 'ସିଆଇଆଇ-ଆଇଟିସି ସଷ୍ଟେନେବିଲିଟି ଆୱାର୍ଡ୍ସ' ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଡାଲମିଆ ଗ୍ରୁପ୍‌ର ସିଏସ୍‌ଆର୍ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍) ର ବିବିଧ ସାମାଜିକ ଏବଂ ଜୀବିକା ଉପାର୍ଜନ ଯୋଜନାଗୁଡ଼ିକ ସହିତ ସୁସମ୍ପର୍କ ରହିଛି। ଏ ସମ୍ପର୍କରେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ତଥା ଇଏସ୍‌ଜି ହେଡ୍ ଏବଂ ଚିଫ୍ ରିସ୍କ ଅଫିସର ଡ. ଅରବିନ୍ଦ ବୋଧନକର କହିଥିଲେ, ଚଳିତ ବର୍ଷ ପୁନର୍ବାର ସିଆଇଆଇ-ଆଇଟିସି ସଷ୍ଟେନେବିଲିଟି ଆୱାର୍ଡ୍ସ ଗ୍ରହଣ କରିବା ଆମ ପାଇଁ ଗୌରବର ବିଷୟ। ଏପରିକି ଏକ କର୍ପୋରେଟ ସଂସ୍ଥା ଭାବେ ଆମେ ବ୍ୟବସାୟ କରୁଥିବା ଅଞ୍ଚଳଗୁଡ଼ିକରେ ମଧ୍ୟ ଅର୍ଥନୈତିକ,ସାମାଜିକ ଏବଂ ପାରିପାର୍ଶ୍ୱିକ ଲକ୍ଷ୍ୟ ସମୂହକୁ ଦ୍ରୁତତର ଅଭିବୃଦ୍ଧି କରାଇବା ନିମନ୍ତେ ପ୍ରତିବଦ୍ଧ ରହିଛୁ।

# ଟେକ୍ନୋଲୋଜି କ୍ଷେତ୍ରକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୧।୫

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ପାଳିତ ହୋଇଯାଇଛି। ବିଶେଷ କରି କମ୍ପାନୀ ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି କ୍ଷେତ୍ର ପାଇଁ ଉଚ୍ଚମାନର ସ୍ୱଦେଶୀ ବିକଶିତ ଉତ୍ପାଦ ମାଧ୍ୟମରେ ଆଲୁମିନିୟମର ଚାହିଦା ପୂରଣ କରିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି। ଏପରିକି ଧାତୁର ହାଇ-ଟେକ୍ ପ୍ରୟୋଗକୁ ସର୍ବାଧିକ କରିବା ପାଇଁ କମ୍ପାନୀ ତା'ର ମୂଲ୍ୟଯୁକ୍ତ ଉତ୍ପାଦ ପୋର୍ଟଫୋଲିଓକୁ କ୍ରମାଗତ ଭାବେ ବିସ୍ତାର କରୁଛି।

ଏହି ପରିପ୍ରେକ୍ଷୀରେ ବେଦାନ୍ତ ଲିମିଟେଡ୍ (ଆଲୁମିନିୟମ ବ୍ୟବସାୟ)ର ସିଇଓ ରାହୁଲ ଶର୍ମା କହିଛନ୍ତି, ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଆଲୁମିନିୟମର ଭୂମିକାକୁ ଦୋହରାଇଛନ୍ତି ବିଶ୍ୱ ସ୍ୱଳ୍ପ କାର୍ବନ ଭବିଷ୍ୟତକୁ ଯିବାକୁ ଚେଷ୍ଟା କରୁଛି, ଯାହା ନିସନ୍ଦେହରେ ଧାତୁ ହେବାକୁ ଯାଉଛି। ଆଲୁମିନିୟମର ଅନନ୍ୟ ଗୁଣ ସହିତ ବହୁ ଉଚ୍ଚ-ବୈଷୟିକ ପ୍ରୟୋଗଗୁଡ଼ିକ ପାଇଁ ନିଜକୁ ଧାତୁ ଭାବେ ପ୍ରତିଷ୍ଠିତ କରିପାରିଛି। ଦୁନିଆର ସବୁଠୁ ବଡ ଉତ୍ପାଦ ପୋର୍ଟଫୋଲିଓ ସହିତ ବେଦାନ୍ତ ଆଲୁମିନିୟମ୍ ଆମର ଗ୍ରାହକଙ୍କ ଦ୍ରୁତ ଅଭିବୃଦ୍ଧିଶୀଳ ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱତନ୍ତ୍ର ଭାବେ ସ୍ଥିତ ହୋଇଛି, ଉତ୍ପାଦର ଅତ୍ୟାଧୁନିକତା, ତୁଳନାତ୍ମକ ଗୁଣ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ଅଟେ। ବେଦାନ୍ତ ଆଲୁମିନିୟମ ଝାରସୁଗୁଡା (ଓଡିଶା) ଏବଂ କୋରବା (ଛତିଶଗଡ)ରେ ଥିବା ଆଲୁମିନିୟମ ସ୍ମେଲଟର ପ୍ଲାଣ୍ଟରେ ନୂତନ ଉତ୍ପାଦ ଲାଇନ ଯୋଗ କରିବା ପାଇଁ ଉତ୍ପାଦନକୁ ସକ୍ରିୟ ଭାବେ ବୃଦ୍ଧି କରୁଛି, ଉଚ୍ଚ-ବୈଷୟିକ ଉତ୍ପାଦନ, ବୈଦ୍ୟୁତିକ ଯାନ, ସବୁଜ କୋଠା, ନବୀକରଣ ଯୋଗ୍ୟ ଶକ୍ତି ଶକ୍ତି ଏବଂ ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଇତ୍ୟାଦି କ୍ଷେତ୍ରକୁ ପୂରଣ କରିବା ପାଇଁ ଏହାର ଉତ୍ପାଦ ମିଶ୍ରଣକୁ ବିବିଧ କରୁଛି। ରାଷ୍ଟ୍ର ପାଇ ଆଲୁମିନିୟମର ଏକ ମହତ୍ତ୍ୱପୂର୍ଣ୍ଣ ପୃଷ୍ଠପୋଷକତା ହେବାର ସମ୍ଭାବନା ଅଛି, ଯାହାକି 'ମେକ୍ ଇନ୍ ଇଣ୍ଡିଆ ଫର ୱାର୍ଲ୍ଡ' ର ଦୂରଦୃଷ୍ଟି ହାସଲ କରିବାରେ ସାହାଯ୍ୟ କରିବ। ବେଦାନ୍ତ ଆଲୁମିନିୟମର୍ ଏହି ପ୍ରୟାସ ଘରୋଇ ନବସୃଜନ ଏବଂ ବୈଷୟିକ ଚାଳିତ ଉତ୍ପାଦନକୁ ସହଯୋଗ କରୁଛି। ଯେତେବେଳେ କି ଭାରତ ଏ ପର୍ଯ୍ୟନ୍ତ ପ୍ରାୟ ୩୦୦ଅନୁସନ୍ଧାନ କରିପାରିଛି। ତଥାପି ପ୍ରଚୁର ବକ୍ସାଇଟ୍ ଭଣ୍ଡାର ଆଲୁମିନିୟମରୁ ମିଳିଥିବା ଖଣି ଏବଂ ଘରୋଇ ଚାହିଦା ପୂରଣ ପାଇଁ ପର୍ଯ୍ୟାପ୍ତ ଉତ୍ପାଦନ କ୍ଷମତା ସତ୍ତ୍ୱେ ଭାରତ ଆଲୁମିନିୟମର ବୃହତମ ଆମଦାନୀକାରୀମାନଙ୍କ ମଧ୍ୟରେ ରହିଆସିଛି।

# ଓଏସ୍‌ଏଲ୍‌କୁ ବେଷ୍ଟ ଷ୍ଟିଭେଡର୍ସ ଆୱାର୍ଡ

ORISSA STEVEDORES LIMITED

ଭୁବନେଶ୍ୱର,୧୧।୫

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍‌ଏଲ୍)କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି ସର୍ବାଧିକ ପଣ୍ୟ ପରିବହନ କରିଥିବାରୁ ଓଏସ୍‌ଏଲ୍‌କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ସମ୍ମାନଜନକ ବେଷ୍ଟ ଷ୍ଟିଭେଡର୍ସ ଆୱାର୍ଡ-୨୦୨୨-୨୩ ପ୍ରଦାନ କରିଛନ୍ତି। ସେହିଭଳି ନିକଟରେ ଆୟୋଜିତ ଏକ ଭବ୍ୟ ସମାରୋହ ଅବସରରେ ପିପିଏର ଅଧ୍ୟକ୍ଷ ପି.ଏଲ୍. ହରାନ୍ଧଙ୍କଠାରୁ ଓଏସ୍‌ଏଲ୍‌ର ମହାପ୍ରବନ୍ଧକ (ବାଣିଜ୍ୟିକ) ହରିହର ଦାଶ ଓ ମହାପ୍ରବନ୍ଧକ (ପରିଚାଳନା) ସୁବାସ ଆଚାର୍ଯ୍ୟ ଉକ୍ତ ପୁରସ୍କାର ଓ ସାର୍ଟିଫିକେଟ୍ ଗ୍ରହଣ କରିଛନ୍ତି। ଅପରପକ୍ଷରେ ପୁରସ୍କାରକୁ ନେଇ ଅତ୍ୟନ୍ତ ଉଲ୍ଲସିତ ଥିବା ଓଏସ୍‌ଏଲ୍ ଗ୍ରୁପ୍ ପକ୍ଷରୁ କୁହାଯାଇଛି, ଚମତ୍କାର ସଫଳତା ଏବଂ ଉଲ୍ଲେଖନୀୟ ଦଳଗତ କାର୍ଯ୍ୟ ପାଇଁ ଆମେ ଟିମ୍ ପାରାଦୀପକୁ ଧନ୍ୟବାଦ ଜଣାଉଛୁ। ଏପରିକି ନିଜର କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ବଳରେ ଆମ ଟିମ୍‌ର ଆହୁରି ଉଚ୍ଚ ସୋପାନ ସଫଳତା ଆମେ କାମନା କରୁଛୁ। ଉଲ୍ଲେଖଯୋଗ୍ୟ, ଏକ୍‌ଜିମ୍ ଇଣ୍ଡିଆ ଶିପିଙ୍ଗ୍ ଟାଇମ୍ସ ପକ୍ଷରୁ କୋଲକାତାଠାରେ ଆୟୋଜିତ ଇଷ୍ଟ କୋଷ୍ଟ ମାରିଟାଇମ୍ ଫୋରମ୍-୨୦୨୨ର ୭ମ ସଂସ୍କରଣରେ ମଧ୍ୟ ଓଏସ୍‌ଏଲ୍ ଗ୍ରୁପ୍ 'ବର୍ଷର ଶ୍ରେଷ୍ଠ ଲଜିଷ୍ଟିକ୍ସ' କମ୍ପାନୀଭାବେ ପୁରସ୍କୃତ ହୋଇଥିଲା।


ZILLA SWASTHYA SAMITI, MALKANGIRI
DISTRICT PROGRAMME MANAGEMENT SUPPORT UNIT
NATIONAL HEALTH MISSION
No. E-101
Mail cdmomkg@gmail.com Phone/Fax: 06861-231543

No. 4254 / NHM-DPMSU/2023 CORRIGENDUM Date: 10/05/2023

As per our Advertisement no. 8248 dtd.26.07.2021 published in The Samaj & The Dharitri (newspaper) on dtd 27.07.2021, it is notified that due to some unavoidable circumstances the post (Physiotherapist, Psychologist, Clinical Psychologist and Multi rehabilitation worker, Ayush Mo (MO) Homeopathic/ Ayurvedic(MHU/MHT), Paeditrician DEIC, Consultant Medicine, NPHCE, MO MBBS- NPCDCS, MO MBBS-DEIC,MO MBBS- SNCU, Mo MBBS-NMHP, MO MBBS-RNTCP) is hereby stood Cancelled .

OIPR-10206/11/0004/2324

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA
C-71, SECTOR-7, CDA, CUTTACK, ODISHA
O.A. NO. 686/2022

AXIS BANK LIMITED ...APPLICANT
-Vrs.-
Sansub Earth Movers Private Limited & Others ...DEFENDANTS

To,
1. M/s. Sansub Earth Movers Private Limited, Represented through its Authorized Signatory/Director- Sambit Swarup Satpathy, Plot No. 362/3805 C, 1st Floor, Goutam Nagar, Bhubaneswar, District- Khurda-751014.
2. Sambit Swarup Satpathy, Son of Santosh Kumar Satpathy, Plot No. F-092, 9th Floor, Cosmopolis Apartment, Khandagiri, Bhubaneswar, District- Khurda-751014. ... DEFENDANTS

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an O.A. No. 686/2022 in the Court of the Debts of Recovery Tribunal at Cuttack for recovery of Rs.76,48,668/- (Rupees Seventy Six Lakh Forty Eight Thousand Six Hundred Sixty Eight only) together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within 30 days from the publication or on 06.06.2023 at 10.30 a.m. as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 27th day of April, 2023.

Date: 27.04.2023 Sd/- REGISTRAR (I/C)

ODISHA HYDRO POWER CORPORATION LTD.
(A Gold Rated State PSU)
OHPC O/o. Sr. General Manager, Rengali Hydro Electric Project, Rengali
P.O.: RENGALI DAM SITE, DIST:ANGUL (ODISHA) INDIA,PIN:759105
TEL:06760-266031, Email:sgmel500@gmail.com, CIN:U40101OR1995SGC003963
No.OHPC:RHEP/C & P/PUR-III-212/ 2976/ Date: 10.05.2023

NOTICE INVITING TENDER No. 12/2023-24

No.CAD-543: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the reputed firms having valid ELECTRICAL CONTRACTOR LICENSE (MV) or above for the work as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of availability of tender at OHPC website (Sale) | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| REWIRING OF 12 Quarters AT COLONY UNDER RENGALI | Rs.7,080/- (Inclusive of GST @ 18%) | Rs.13,800/- | From Dt.16.05.2023 to Dt.29.05.2023 (Upto 11.30 AM) | Upto 12.00 Noon dt.29.05.2023 | At 12.30 PM Dt.29.05.2023 |

For details and further correspondence/corrigendum, please visit our website www.ohpcltd.com.

OIPR-04022/11/0014/2324 Sd./- C & P Head, RHEP, Rengali

GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR
Tel & Fax: 06858-222833 (O), E-mail ID: eerbngpur@yahoo.com
e-Procurement Notice
Bid Identification No. S.E. (R&B) - 02/2023-24/NGP

No. 2454 Date: 10.05.2023

No. B-190: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the work : Civil Construction Work as mentioned in DTCN
2. No. of work : 01 No.
3. Estimated cost : Rs.53.44 lakhs
4. Period of Completion : 5 Calendar of months
5. Date & time of bidding : From 11.00 hours of 18.05.2023 upto 16.00 hours of 01.06.2023
6. Last date & time for receipt of bids in portal : 16.00 hours of 01.06.2023
7. Bids received online shall be opened on : 11.00 hours of 02.06.2023
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer
Nabarangpur (R&B) Division
OIPR-34143/11/0002/2324

ପୂର୍ବ ତଟ ରେଳପଥ

1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-16-23

କାର୍ଯ୍ୟର ବିବରଣୀ : 03 ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭୁବନେଶ୍ୱର କୋଚିଂ ଡିପୋ ଠାରେ AC/TL କୋଚ୍ ରକ୍ଷଣାବେକ୍ଷଣ ସହିତ ପ୍ରମୁଖ କାର୍ଯ୍ୟକଳାପ ନିମନ୍ତେ ସର୍ବେକ୍ଷଣ ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹3,70,76,848.29, EMD (ଟଙ୍କାରେ) :₹3,35,400/-

2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-17-23

କାର୍ଯ୍ୟର ବିବରଣୀ : 03 ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥ ର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ପୁରୀ କୋଚିଂ ଡିପୋ ଠାରେ AC/TL କୋଚ୍ ରକ୍ଷଣାବେକ୍ଷଣ ସହିତ ପ୍ରମୁଖ କାର୍ଯ୍ୟକଳାପ ନିମନ୍ତେ ସର୍ବେକ୍ଷଣ ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹4,44,13,184.70, EMD (ଟଙ୍କାରେ) :₹3,72,100/-

କାର୍ଯ୍ୟ ଶେଷ ହେବା ଅବଧି (ଉଭୟ ଟେଣ୍ଡର ନିମନ୍ତେ): 36 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) : ତା.31.05.2023 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ଖୋର୍ଦ୍ଧା ରୋଡ୍
PR-162/O/23-24

झारखण्ड सरकार
पथ निर्माण विभाग, पथ प्रमण्डल, हजारीबाग
ई–प्रोक्योरमेंट सूचना
ई–निविदा प्रसंग सं० :– RCD/HAZARIBAG/622/2023-24 दिनांक :–10.05.2023

| | | |
|---|---|---|
| 1. | कार्य का नाम | पथ प्रमण्डल, हजारीबाग अन्तर्गत "द्वारी से रोल (MDR-99) (कुल लम्बाई 25.757 कि.मी.) पथ का 2 Lane में चौड़ीकरण एवं मजबूतीकरण कार्य (Job. No. CRF-JHR-2022-23/55)" |
| 2. | प्राक्कलित राशि (रूपये में) | रू० 84,65,00,000.00 (चौरासी करोड़ पैसठ लाख रूपये मात्र) |
| 3. | कार्य समाप्ति की अवधि | 24 (चौबीस) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 18.05.2023 10:30 बजे पूर्वाह्न |
| 5. | निविदा प्राप्ति की अंतिम तिथि एवं समय | 14.06.2023 12:00 बजे दिन तक |
| 6. | Pre-Bid बैठक | 24.05.2023 12:00 बजे दिन |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, हजारीबाग। |
| 8. | प्रोक्योरमेंट पदाधिकारी का सम्पर्क नं० | 9431326172 |
| 9. | ई–प्रोक्योरमेट सेल का हेल्प लाईन नं० | 0651–2446007 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in
E-mail ID : eercdhazari-jhr@nic.in , Tel. No. – 06546-225818

कार्यपालक अभियंता,
पथ निर्माण विभाग,पथ प्रमण्डल,हजारीबाग
PR 297132 Road(23-24).D

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SAMBALPUR
Tel.- 0663-2548268, E-mail id- serwcirclesbp@yahoo.com
e-Procurement No. 1067/ Dated: 08.05.2023

No.O-128:- Chief Construction Engineer, Rural Works Circle, Sambalpur on 'behalf of Odisha State Rural Roads Agency invites Percentage (%) bids through e-Procurement from eligible class of experienced bidders for construction of Bridges including maintenance for 5 years under Pradhan Mantri Gram Sadak Yojana PMGSY-III, Batch-I of 2022-23.

| | | | |
|---|---|---|---|
| 1 | Name of work | : | Construction of Bridge work including five year maintenance udner PMGSY-III, Batch-I of 2022-23 |
| 2 | Class of contractor | : | As mentioned in Annexure |
| 3 | No. of packages | : | 01 No. of Package |
| 4 | Estimated cost | : | Approx. Rs.505.38 Lakhs (Information in DTCN will be Final) |
| 5 | Bid submission fee | : | Rs.10,000/- (Non-refundable) per set of package |
| 6 | Mode of submission of tender | : | Only through online in website www.pmgsytenders.gov.in |
| 7 | Summary of key dates are provided below : | | |

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Last date and time of submission of original documents | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical bid | Financial bid |
| Chief Construction Engineer, Rural Works Circle, Sambalpur | PMGSY-Online RWCSBP-05/2023-24 | 18.05.2023 from 11.00 A.M. | 07.06.2023 upto 5.00 P.M. | 03.06.2023 upto 5.00 P.M. | 12.06.2023 by 5.00 P.M. | 08.06.2023 at 11.00 A.M. | Will be intimated later |

* Special conditions: 1- EPF registration is mandatory before drawl of agreement. 2- Rate quoted by the contractor shall be excluding GST. 3- Bid submission fee and original affidavits should be submitted at the O/o Chief Construction Engineer, Rural Works Circle, Sambalpur or O/o Executive Engineer / Superintending Engineer of Concern Rural Works Division.
* Details can be seen from the e-procurement portal www.pmgsytenders.gov.in
* Subsequent modification / corrigendum / addendum if required shall be appeared in the website only.

Sd./- Chief Construction Engineer, Rural Works Circle, Sambalpur
OIPR-25091/11/0007/2324

GOVERNMENT OF ODISHA No. B-192
OFFICE OF THE SUPERINTENDING ENGINEER
GANJAM (R&B) DIVISION NO. - I, BERHAMPUR
Phone/Fax: (0680) 2233683, e-mail: sernb1.ganjam@yahoo.com
INVITATIONS FOR BIDS (IFB) [e- Procurement]
Bid Identification No. S.E. (R&B)-BAM-04/2023-24

No. 5011 Dtd.: 04.05.2023

The Superintending Engineer, Ganjam (R&B) Division No. I, Berhampur on behalf of Governor of Odisha invites percentage rate bid in Double Cover System in ONLINE MODE for construction of works detailed below from eligible contractors.

1. Nature of work : Building Work
2. No. of works : 1 (One) No.
3. Tender Paper Cost : 10,000/-
4. Class of Contractor : "B" & "A" Class
5. Date & time of sale & receipt of Bids : From 11.05.2023, 10.00 A.M. to 18.05.2023 upto 5.30 P.M.
6. Date of Opening of Bid : 20.05.2023 at 11.30 A.M.
7. The bidders have to participate in ONLINE bidding only. Further details can be seen from the website: https//tendersodisha.gov.in.

Sd./- Superintending Engineer
OIPR-34109/11/0006/2324 Ganjam (R&B) Division No.I, Berhampur

ପଞ୍ଚାୟତ ସମିତି କାର୍ଯ୍ୟାଳୟ
ଚିତ୍ରକୋଣ୍ଡା,ଜିଲ୍ଲା-ମାଲକାନଗିରି
OFFICE OF THE PANCHAYAT SAMITI
CHITRAKONDA,DIST-MALKANGIRI
e-mail:ori-kudumulugumma@nic.in,
Mob No.-9439781618, 9668310803
TENDER CALL NOTICE No. 02/2022-23, Dated:11.05.2023

Sealed Tenders are invited from eligible contractors for the following work by the undersigned:

| Annexure | Name of Work | Approx. cost of project in Rs. |
|---|---|---|
| 1 | Const. of Addl. Class room and library at Govt. (SSD) Higher Secondary School, at Chitrakonda | 19,95,279.00 |

The detailed terms and conditions is available in the official website http://www.malkangiri.nic.in. Last date of submission of Tender Paper is 23rd May 2023 The Authority reserves the right to reject any or all tenders without assigning any reason thereof.

Sd./- Block Development Officer
Chitrakonda

See Career Appointment on every Wednesday & Saturday

# ଆମ ନର୍ସ ଆମ ଭବିଷ୍ୟତ

## ଆଜି ଅନ୍ତର୍ଜାତୀୟ ନର୍ସ ଦିବସ

ବିଗତ ଅଢ଼େଇ ବର୍ଷର କରୋନା ମହାମାରୀ ସାରା ବିଶ୍ୱକୁ ପ୍ରଭାବିତ କରିଛି ଏବଂ ସ୍ୱାସ୍ଥ୍ୟସେବା ବ୍ୟାପାର ଉପଯୋଗ କରାଯାଇ ଏହାର ଭୟାବହତାରୁ ଅନେକ ମୂଲ୍ୟବାନ୍ ଜୀବନ ରକ୍ଷା କରାଯାଇପାରିଛି। ସ୍ୱାସ୍ଥ୍ୟସେବା-ଉଭୟ ଚିକିତ୍ସା ଓ ସେବା ଯେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହା ପୁଣିଥରେ ପ୍ରମାଣିତ ହୋଇଛି।

ସେବିକାମାନଙ୍କୁ ସ୍ୱାସ୍ଥ୍ୟସେବାରେ ମୁଖ୍ୟ ଭୂମିକା ନିର୍ବାହ କରିବାକୁ ପଡ଼ିଥାଏ। ଆଜିର ଯୁଗରେ ଯେଉଁ ସମୟରେ ନିଜ ଲୋକମାନେ ମଧ୍ୟ ସେବାଯତ୍ନ, ବିଶେଷକରି ଦୀର୍ଘଦିନ ଧରି ପୀଡ଼ିତମାନଙ୍କର ସେବାଯତ୍ନ ନେବାକୁ କଷ୍ଟ ମନେକରନ୍ତି, ସେବିକାମାନେ ନିଜର ଡାକ୍ତରୀ ସେବା, ଯତ୍ନ ଓ ଶୁଶ୍ରୂଷା ଦ୍ୱାରା ରୋଗୀକୁ ନୂଆ ଜୀବନ ପ୍ରଦାନ କରିଥାଆନ୍ତି। ଏବେ ଡାକ୍ତରୀ ଚିକିତ୍ସାରେ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ଯନ୍ତ୍ରପାତି, ଉପକରଣ, ବିଶେଷ ଚିକିତ୍ସା ଗୃହ ଯଥା ଆଇସିୟୁ, ଏନ୍ଆଇସିୟୁ, ଭେଣ୍ଟିଲେଟର, ମନିଟର, ଅପରେଶନ ଥିଏଟର (ଓଟି), ସ୍ପେଶିଆଲାଇଜ୍ଡ ଏବଂ ସୁପର ସ୍ପେଶିଆଲାଇଜ୍ଡ ଓଟି ଓ ଆହୁରି ଅନେକ କ୍ଷେତ୍ରରେ ନର୍ସ ବା ସେବିକାମାନଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ, ଅପରିହାର୍ଯ୍ୟ ଓ ନିର୍ଣ୍ଣାୟକ ଅଟେ। ଯେଉଁ ସ୍ଥାନରେ ସାଧାରଣ ଲୋକଟିଏ କେଇ ମିନିଟ୍ ମାତ୍ର ରହିପାରିବ ନାହିଁ, ସେଠାରେ ନର୍ସମାନେ ଲଗାତାର ଘଣ୍ଟା ଘଣ୍ଟା ଧରି ନୀରବଚ୍ଛିନ୍ନ ଭାବେ କାର୍ଯ୍ୟରତ ଥାଆନ୍ତି।



ଆଧୁନିକ ନର୍ସିଂର ଆରମ୍ଭ ହୋଇଥିଲା ମହୀୟସୀ ସାମାଜିକ କର୍ମୀ ଫ୍ଲୋରେନ୍ସ ନାଇଟେଙ୍ଗେଲଙ୍କଠାରୁ। ୧୮୨୦ ମେ' ୧୨ରେ ସେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୧୦ ଅଗଷ୍ଟ ୧୩ରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଡାକ୍ତରୀ ସେବାରେ ଜଣେ ତାଲିମ୍ପ୍ରାପ୍ତ ନର୍ସ ଥିଲେ ଓ କ୍ରିମେନିଆ ରଣକ୍ଷେତ୍ରରେ ଭୟ ନ କରି ଆହତ ଏବଂ ଗୁରୁତର ପୀଡ଼ିତ ସୈନିକଙ୍କ ଶିବିରକୁ ଯାଇ ସେମାନଙ୍କୁ ଚିକିତ୍ସା ଓ ପରାମର୍ଶ ତଥା ଆଶ୍ୱାସନା ଦେଉଥିଲେ। ସେ ସମୟରେ ଜଣେ ଯୁବତୀ ପାଇଁ ଏହା ଥିଲା ଏକ ବିରାଟ ଆହ୍ୱାନ। ଆଲୋକବର୍ତୀଟିଏ ଧରି ସେ ଭୟଙ୍କର ରାତିରେ ଚିକିତ୍ସା ଶିବିରକୁ ଯାଇ ସେବା କରୁଥିବାରୁ ତାଙ୍କୁ 'ଲେଡି ଉଇଥ୍ ଦ ଲ୍ୟାମ୍ପ୍' ବୋଲି ସମ୍ବୋଧନ କରାଯାଉଥିଲା।

ତାଙ୍କ ଜନ୍ମଦିନକୁ ଅନ୍ତର୍ଜାତୀୟସ୍ତରରେ ପ୍ରତି ଦେଶରେ ୧୯୬୫ ମସିହାଠାରୁ ''ଅନ୍ତର୍ଜାତୀୟ ନର୍ସ ଦିବସ'' ରୂପେ ପାଳନ କରାଯାଉଛି। ଏହିଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି 'ଆମର ନର୍ସ ଆମ ଭବିଷ୍ୟତ'। ଅର୍ଥାତ୍, ଆସନ୍ତା ଦିନଗୁଡ଼ିକରେ ଡାକ୍ତରୀ ସେବା ମୁଖ୍ୟତଃ ନର୍ସମାନଙ୍କର ସେବାକୁ ନେଇ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇପାରିବ। ସାରାବିଶ୍ୱରେ ଦୁଇ ଶହ ସତୁରି ଲକ୍ଷରୁ ଅଧିକ କାର୍ଯ୍ୟରତ ନର୍ସ ଥିବା ବେଳେ ଆମ ଦେଶରେ ୩୩ ଲକ୍ଷ ୫୦ ହଜାର ଏବଂ ଆମ ରାଜ୍ୟରେ ପାଖାପାଖି ୩୭,୦୦୦ ନର୍ସ କାର୍ଯ୍ୟରତ। ସେମାନଙ୍କ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ସେମାନଙ୍କୁ ଉପଯୁକ୍ତ ନିରାପତ୍ତା, ସମ୍ମାନ, ପଦମର୍ଯ୍ୟାଦା ଓ ଉପଯୁକ୍ତ ସାମାଜିକ ମୂଲ୍ୟବୋଧ ପ୍ରଦାନ କରିବା ଆମର କର୍ତ୍ତବ୍ୟ।

-ଡା. ରାମଚନ୍ଦ୍ର ରାଉତ
ବରିଷ୍ଠ ଚିକିତ୍ସକ, ମୋ :୯୪୩୭୭୪୨୪୯୯

## ପୂର୍ବତନ ପ୍ରେମିକଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା



ସୁସ୍ମିତା ସେନ୍

**ମୁମ୍ବାଇ:** ପ୍ରସିଦ୍ଧ ଅଭିନେତ୍ରୀ ତଥା ମିସ୍ ୟୁନିଭର୍ସ ୧୯୯୪ ପେଗାଣ୍ଟର ବିଜେତା ସୁସ୍ମିତା ସେନ୍ ତାଙ୍କ ଚଳଚ୍ଚିତ୍ର କ୍ୟାରିୟର ଅପେକ୍ଷା ସେ ବ୍ୟକ୍ତିଗତ ଜୀବନକୁ ନେଇ ବେଶ୍ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ସେ ତାଙ୍କ ପୂର୍ବତନ ପ୍ରେମିକ ରୋହମାନ ଶାଓଲଙ୍କ ସହ ଏକାଠି ନଜରକୁ ଆସିଛନ୍ତି। ଏଥିସହ ସେ ରୋହମାନଙ୍କ ସହ ଫଟୋ ମଧ୍ୟ ଶେୟାର କରିଛନ୍ତି। କୁହାଯାଉଛି କି, ରୋହମାନଙ୍କ ସହ ତାଙ୍କର ପ୍ୟାଚଅପ୍ ହୋଇଯାଇଛି। ଏନେଇ ସୁସ୍ମିତା ଗୁରୁବାର ତାଙ୍କ ଇନ୍ଷ୍ଟାଗ୍ରାମରେ ଏକ ଷ୍ଟୋରି ଦେଇଥିଲେ, ଯେଉଁଥିରେ ତାଙ୍କ ସହ ରୋହମାନ ନଜରକୁ ଆସିଥିଲେ। କ୍ୟାପ୍ସନରେ ଲେଖିଛନ୍ତି, ନାଇସ୍ ପିକ୍ଚର ରୋହମାନ। ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ପୂର୍ବରୁ ସୁସ୍ମିତା ଏବଂ ରୋହମାନଙ୍କ ବ୍ରେକଅପ୍ ଖବର ସାମ୍ନାକୁ ଆସିଥିଲା। ଏହାପରେ ସେ ପୂର୍ବତନ ଆଇପିଏଲ୍ ଅଧ୍ୟକ୍ଷ ଲଳିତ ମୋଦିଙ୍କ ସହ ଡେଟିଂ କରୁଥିବା ନେଇ ସମସ୍ତଙ୍କୁ ସୂଚନା ଦେଇଥିଲେ। କିନ୍ତୁ ବର୍ତ୍ତମାନ ରୋହମାନଙ୍କ ସହ ତାଙ୍କ ସମ୍ପର୍କ ସୁଦୃଢ଼ ହେଉଥିବା ଜଣାପଡ଼ିଛି। ତେବେ ଲଳିତ ମୋଦି କୁଆଡେ ଗଲେ ବୋଲି ଅନେକ ୟୁଜର୍ସ କମେଣ୍ଟ କରିଛନ୍ତି।

## ୧୦ ହଜାର ଫୁଟ୍ ଉପରେ ସ୍କାଏ ଡାଇଭିଂରେ ମେକ୍ଅପ୍

ତାଲାହାସି: ଅଧିକାଂଶ ଲୋକ ନିଜକୁ ସଜେଇବା ପାଇଁ ମେକ୍ଅପ୍‌ର ସାହାଯ୍ୟ ନେଇଥାନ୍ତି। ସୋସିଆଲ ମିଡିଆରେ ମଧ୍ୟ ଆମେ ଅନେକ ବ୍ୟୁଟି ଏନ୍ଫ୍ଲୁଏନ୍ସରଙ୍କୁ ଦେଖିବାକୁ ପାଇବା। ହେଲେ ଜଣେ ମହିଳା ମେକ୍ଅପ୍ କରିବା ସମୟରେ ଏକ ବାହାଦୁରିର କାମ କରିଛନ୍ତି, ଯାହା



ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ। ଫ୍ଲୋରିଡ଼ାର ଏମ୍ସିକିନା କ୍ୱିପ ଜଣେ ଆଡଭେଞ୍ଚର ପ୍ରିୟ ଏବଂ ସୋସିଆଲ ଏନ୍ଫ୍ଲୁଏନ୍ସର। ସେ ସୋସିଆଲ ମିଡିଆରେ ବହୁ ଆଡଭେଞ୍ଚରର ଭିଡିଓ ଶେୟାର କରିଥାନ୍ତି। ନିକଟରେ ସେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ସ୍କାଏ ଡାଇଭିଂ କରିବା ସମୟରେ ମେକ୍ଅପ୍ କରୁଥିବା ଦେଖିବାକୁ ମିଳିଛି। ୧୦ ହଜାର ଫୁଟ୍ ଉଚ୍ଚତାରେ ସ୍କାଏ ଡାଇଭିଂ କରି ଖୁବ୍ ଜୋର ପବନରେ ସେ ନିଜକୁ ମେକ୍ଅପ୍ କରୁଛନ୍ତି। ସେ ପ୍ରଥମେ ବୋତଲ ପାଣିରେ ଏକ କପଡ଼ା ଗୁଳା କରି ସେଥିରେ ମୁହଁକୁ ପୋଛୁଛନ୍ତି। ପରେ ଗୋଟେ ଗୋଟେ କରି ସେ ମେକ୍ଅକ୍ ଜିନିଷ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏହି ଭିଡିଓର କ୍ୟାପ୍ସନରେ ଲେଖିଛନ୍ତି, 'ତୁମର ସ୍କିନ୍ କେୟାର ରୁଟିନ୍ କ'ଣ ?' ଏହା ସବୁଠୁ ଭଲ ଉପାୟ ନିଜକୁ ତାଜା ଅନୁଭବ କରିବା ପାଇଁ।

## ଆଣ୍ଟିବାୟୋଟିକ୍ କୁପ୍ରଭାବରେ ଜିଭରେ ଚୁଟି

**ଟୋକିଓ:** କୌଣସି ପ୍ରକାର ରୋଗ ହେଲେ, ଆମେ ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଇଦେଉ। ହେଲେ ଏପରି କରିବା ଆମ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ନିକଟରେ ଜାପାନରେ ଜଣେ ମହିଳାଙ୍କ ଉପରେ ଆଣ୍ଟିବାୟୋଟିକ୍ର ଏକ କୁପ୍ରଭାବ ପଡ଼ିଥିବା ଏକ ଭିଡିଓ ସାମ୍ନାକୁ ଆସିଛି। ଆଣ୍ଟିବାୟୋଟିକ୍ ବଟିକା ଖାଇବା ଫଳରେ ଜଣେ ୬୦ ବର୍ଷୀୟାଙ୍କ ଜିଭ କଳା ହୋଇଯିବା ସହ ଜିଭରେ ଚୁଟି ଉଠିଯାଇଛି। ଏଥିସହ ମୁହଁରେ ମଧ୍ୟ କଳା କଳା ଦାଗ ହୋଇଯାଇଛି। ରିପୋର୍ଟ ମୁତାବକ, ମହିଳାଙ୍କ ଅନ୍ତନଳୀରେ କ୍ୟାନ୍ସର ହୋଇଛି। ସେଥିପାଇଁ ସେ ୧୪ ମାସ ଆଗରୁ ତାଙ୍କ ଟ୍ରିଟ୍ମେଣ୍ଟ ଆରମ୍ଭ କରିଥିଲେ। କେମୋଥେରାପି ଚାଲିଥିବାବେଳେ ତା'ର ପ୍ରଭାବକୁ କମ୍ କରିବାକୁ



ଡାକ୍ତର ତାଙ୍କୁ ମିନୋସାଇକ୍ଲିନ ନାମକ ଏକ ଆଣ୍ଟିବାୟୋଟିକ୍ (ଯାହା ମୁହଁରୁ ଆରମ୍ଭ କରି ନିମୋନିଆ ପାଇଁ ବ୍ୟବହାର କରାଯାଏ) ଦେଇଥିଲେ। ଥରେ ସେ ଜଣ୍ଡିସ୍ର ଚିକିତ୍ସା କରିବାକୁ ଆସିଥିଲେ। ହେଲେ ଡାକ୍ତର ମହିଳାଙ୍କ ମୁହଁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କ ମୁହଁରେ କଳା କଳା ଦାଗ ହେବା ସହ ମୁହଁ ଧୂସର ରଙ୍ଗ ହୋଇଗଲା। ପାଟି ଖୋଲିବାବେଳକୁ ତାଙ୍କୁ କଷ୍ଟ ଅନୁଭବ ହେଲା। ଏଥିସହ ଜିଭ କଳା ପଡି ଛୋଟ ଛୋଟ କଳା ଏବଂ ସୁନେଲି ରଙ୍ଗର ଚୁଟି ଉଠିଯାଇଥିଲା। ଏହାର ଲକ୍ଷଣ ପଚାରିବାରୁ ଏହା ଆଣ୍ଟିବାୟୋଟିକ୍ର କୁପ୍ରଭାବ ବୋଲି ଜାଣିବାକୁ ପାଇଥିଲେ। ସେଥିପାଇଁ ଡାକ୍ତର ତାଙ୍କ ଔଷଧ ବଦଳାଇ ଦେଇଥିଲେ। ୬ ସପ୍ତାହ ଔଷଧ ଖାଇବା ପରେ ତାଙ୍କ ମୁହଁ ଏବଂ ଜିଭ ଆସ୍ତେ ଆସ୍ତେ ଭଲ ହେଉଛି।

## ରାଜ୍ୟ ଖବର

# ଲୋକନାଥ ଚୌଧୁରୀ ସ୍ମରଣେ

ଅଭୟ ସାହୁ

ଶୁକ୍ରବାର ବିଶିଷ୍ଟ କମ୍ୟୁନିଷ୍ଟ ଜନନେତା, ପୂର୍ବତନ ଏମ୍ପି, ପୂର୍ବତନ ବିଧାୟକ ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ ଲୋକନାଥ ଚୌଧୁରୀଙ୍କ ଜନ୍ମଦିନ। ୧୯୨୫ ମେ' ୧୨ରେ କୁଜଙ୍ଗ ନିକଟ ତାଳଦଣ୍ଡା ଗ୍ରାମର ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ଲୋକନାଥ। ବାଲ୍ୟ ଓ ଛାତ୍ର ଜୀବନରେ ସେ ଅୟସରେ ଥାଇ ମଧ୍ୟ ଦୁଃଖ, ଅଭାବ ଅନଟନରେ ଥିବା ସାଙ୍ଗଙ୍କ ସ୍କୁଲ ବ୍ୟାଗ୍ ଓ ଆର୍ଥିକ ସମସ୍ୟାର ସମାଧାନ ପାଇଁ ବ୍ୟାକୁଳ ହେଉଥିଲେ। ବିଶେଷକରି ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ ସମୟରେ ଷ୍ଟୁଡେଣ୍ଟସ୍ ଫେଡ଼େରେଶନ ପ୍ରତି ଆକୃଷ୍ଟ ହୋଇ ବାମପନ୍ଥୀ ମତାଦର୍ଶ ଗ୍ରହଣ କରି କଟକ ସହରର ଛାତ୍ର-ଯୁବ ରାଜନୀତିରେ ପ୍ରମୁଖ ଭୂମିକା



ନେଇଥିଲେ। ବି.ଏ. ପରୀକ୍ଷା ଦେବା ପୂର୍ବରୁ ଗିରଫ ହୋଇ ତାଙ୍କୁ ଜେଲ ବରଣ କରିବାକୁ ପଡ଼ିଥିଲା। ଜେଲରୁ ଫେରିବା ପରେ ପରୀକ୍ଷା ଦେଇ ବି.ଏ. ଉତ୍ତୀର୍ଣ୍ଣ ହୋଇଥିଲେ। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ବାମପନ୍ଥୀ ରାଜନୀତିରେ ସକ୍ରିୟ ଭୂମିକା ପାଇଁ ତାଙ୍କୁ ୧୯୫୨ରେ ଅବିଭାଜିତ ଏରସମା ବିଧାନସଭା ଆସନରେ ଲଢ଼ିବା ପାଇଁ ସିପିଆଇ ପକ୍ଷରୁ ସୁଯୋଗ ମିଳିଥିଲା। ଏହି ନିର୍ବାଚନରେ ସେ ପରାଜିତ ହୋଇଥିଲେ ମଧ୍ୟ ଏକ ଅଗ୍ନିବର୍ଷୀ, ବାମପନ୍ଥୀ, ଲୋକପ୍ରିୟ ଯୁବନେତା ଭାବେ ତାଙ୍କ ପ୍ରତି ଜନଗଣଙ୍କର ଗ୍ରହଣୀୟତା ବଢ଼ି ଚାଲିଥିଲା। ଫଳରେ ୧୯୫୭, ୧୯୬୭ ଓ ୧୯୭୪ରେ ରେକର୍ଡ ପରିମାଣର ଭୋଟ ପାଇ ସେ ୩ଥର ବିଧାୟକ ହୋଇଥିଲେ। ୧୯୮୯ ଓ ୧୯୯୧ରେ ମଧ୍ୟ ଜଗତ୍ସିଂହପୁର ଲୋକସଭା ଆସନରୁ ଏମ୍ପି ଭାବେ ନିର୍ବାଚିତ ହୋଇଥିଲେ। ୧୯୭୪ରେ ବିଧାନସଭାରେ ଦଳର ନେତା ଭାବରେ ଜନଗଣଙ୍କ ସ୍ୱାର୍ଥରେ ଯୁଗାନ୍ତକାରୀ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ବାଧ୍ୟ କରାଇପାରିଥିଲେ। ଉପକୂଳ ଚାଷଜମିକୁ ଲୁଣା ଜୁଆର କବଳରୁ ରକ୍ଷା ପାଇଁ ଲୁଣି ଘେରିବନ୍ଧର ଯୋଜନା, ଭାଗଚାଷୀ ସପକ୍ଷରେ ଆଇନ ପ୍ରଣୟନ, ଅସହାୟ ବୃଦ୍ଧାବୃଦ୍ଧ ଓ ବିଧବାଙ୍କୁ ଭତ୍ତା ପ୍ରଦାନ, ଶିକ୍ଷକ ସମାଜକୁ ପରିଚାଳନା କମିଟିର ଶୋଷଣରୁ ମୁକ୍ତ କରାଇ ପ୍ରତ୍ୟକ୍ଷ ବେତନ ପ୍ରଦାନର ଯୁଗାନ୍ତକାରୀ ନେତୃତ୍ୱ ତାଙ୍କୁ ଚିରସ୍ମରଣୀୟ କରି ରଖିବ। ବିଧାନସଭା ଓ ଲୋକସଭାରେ ବିଭିନ୍ନ ବିଲ୍ ଉପରେ ବାଗ୍ମୀ ଲୋକନାଥ ଦେଇଥିବା ବିବୃତି ସଂଗ୍ରହ କରିବା ବର୍ତ୍ତମାନର ଆବଶ୍ୟକତା ରହିଛି। ବାସ୍ତବରେ ବିପ୍ଳବୀ ଲୋକନାଥ ଚୌଧୁରୀଙ୍କ ରାଜନୈତିକ ଜୀବନ ଓଡ଼ିଶାରେ ବାମପନ୍ଥୀ ଆନ୍ଦୋଳନର ଅର୍ଦ୍ଧଶତାବ୍ଦୀର ଇତିହାସ। ସେହି ମହାନ୍ କ୍ରାନ୍ତିକାରୀ ଜନନେତାଙ୍କ ଜନ୍ମଦିନରେ ସିପିଆଇ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

**-ରାଜ୍ୟ ସମ୍ପାଦକ, ସିପିଆଇ**

## ପିଆଇଡବ୍ଲ୍ୟୁଟି ନିର୍ଦ୍ଦେଶକଙ୍କ ସତ୍ୟପାଠ ଦାଖଲ

କଟକ ଅଫିସ,୧୧।୫



### ହାଇକୋର୍ଟରେ ଡଙ୍ଗାବୁଡ଼ି ମାମଲା

ଓଡ଼ିଶା ବୋଟ୍ ରୁଲ୍ସ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଡଙ୍ଗାବୁଡ଼ି ମାମଲାରେ ମେ' ୧ ତାରିଖରେ ସତ୍ୟପାଠ ଦାଖଲ କରାଯାଇଛି। ଓଡ଼ିଶା ପୋର୍ଟ ଆଣ୍ଡ୍ ଆଇଲାଣ୍ଡ୍ ୱାଟର ଟ୍ରାନ୍ସପୋର୍ଟ ବିଭାଗ(ପିଆଇଡବ୍ଲ୍ୟୁଟି)ର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ସତ୍ୟପାଠ ଦାଖଲ କରି ରାଜ୍ୟରେ ଡଙ୍ଗା ଚାଳନା ସମ୍ପର୍କିତ ନିୟମାବଳୀ, ଡଙ୍ଗା ଦୁର୍ଘଟଣା ରୋକିବାକୁ ପଦକ୍ଷେପ ବାବଦରେ ହାଇକୋର୍ଟଙ୍କୁ ଅବଗତ କରାଇଥିବା ଗୁରୁବାର ଶୁଣାଣିରେ ଜଣାପଡିଛି। ରାଜ୍ୟରେ ଡଙ୍ଗା ପରିବହନ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଓଡ଼ିଶା ବୋଟ୍ ରୁଲସ୍ ୨୦୦୪ ତିଆରି କରାଯାଇ କଡ଼ାକଡ଼ି ପାଳନ କରିବା ନିମନ୍ତେ ବିଭିନ୍ନ ବିଭାଗ ଓ ପଦସ୍ଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ଡଙ୍ଗାବୁଡ଼ି ସଂକ୍ରାନ୍ତୀୟ ୩ଟି ମାମଲାର ଏକତ୍ର ଶୁଣାଣି କରିଥିଲେ। ଆସନ୍ତା ଜୁଲାଇ ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ହାଇକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠ ଅନୁଯାୟୀ, ପିଆଇଡବ୍ଲ୍ୟୁଟି ବିଭାଗ ନିର୍ଦ୍ଦେଶକଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଡଙ୍ଗା ପରିବହନ ସଂକ୍ରାନ୍ତରେ ଏକ ସ୍ୱତନ୍ତ୍ର ସର୍ଭେ କରି ଡଙ୍ଗା ଓ ଡଙ୍ଗା ଚାଳକମାନଙ୍କର ପଞ୍ଜୀକରଣ କରିବାକୁ କୁହାଯାଇଛି। ଡଙ୍ଗାରେ ଯିବାବେଳେ ସତର୍କତା ଅବଲମ୍ବନ ଓ ଡଙ୍ଗାବୁଡ଼ିରୁ ବର୍ତ୍ତିବା ଉପାୟ ଆଦି ସଂକ୍ରାନ୍ତରେ ଡଙ୍ଗା ଚାଳକ, ଯାତ୍ରୀ ଓ ସରକାରୀ ଅଧିକାରୀମାନଙ୍କୁ ସଚେତନ କରାଇବା ପାଇଁ କାର୍ଯ୍ୟକ୍ରମ କରିବେ। ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନା ୨୦୧୭ ଅକ୍ଟୋବର ୬ରୁ ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ସମସ୍ତ ସରକାରୀ ତଥା ବେସରକାରୀ ଡଙ୍ଗା ପରିବହନ ସଂସ୍ଥାକୁ ଜୀବନ ରକ୍ଷାକାରୀ ସାମଗ୍ରୀ ୯୫% ସବ୍ସିଡିରେ ଯୋଗାଇ ଦିଆଯାଇଛି। ସାମଗ୍ରୀଗୁଡ଼ିକ ମଧ୍ୟରେ ୧୫୨୫ ଲାଇଫ୍ବୟ, ୭୬୪୫ ଲାଇଫ୍ ଜ୍ୟାକେଟ୍ ଓ ୩୦୫ଟି ଅଗ୍ନି ନିର୍ବାପକ ଯନ୍ତ୍ର ୨୦୧୬-୧୭ ବର୍ଷରେ ଡଙ୍ଗା ଓ ଲଞ୍ଚ୍ ମାଲିକମାନଙ୍କୁ ପ୍ରଦାନ କରାଯାଇଛି। ଏବେ ଆଉ ୭୦୦୦ ଲାଇଫବୟ ଓ ୩୫,୦୦୦ ଲାଇଫ ଜ୍ୟାକେଟ ଯୋଗାଇ ଦେବା ନିମନ୍ତେ ପଦକ୍ଷେପ ନିଆଯାଇଛି। ସମ୍ପୃକ୍ତ ଜିଲା ପ୍ରଶାସନ ଏହି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହ ଓଡ଼ିଶା ବୋଟ୍ ରୁଲ୍ସ ୨୦୦୪ ଅନୁଯାୟୀ, ନଦୀଘାଟ, ହ୍ରଦ, ଜଳଭଣ୍ଡାରରେ ପରିବହନ କାର୍ଯ୍ୟରେ ନିୟୋଜିତ ସମସ୍ତ ପ୍ରକାର ଡଙ୍ଗାର ପଞ୍ଜୀକରଣ, ପୁନଃପଞ୍ଜୀକରଣ ଓ ଫିଟ୍ନେସ ଯାଞ୍ଚକୁ ନିଶ୍ଚିତ କରାଯିବ। ରାଜ୍ୟରେ ଡଙ୍ଗା ପରିବହନ ସମ୍ପର୍କିତ ତଥ୍ୟ ଓ ପରିଚାଳନା ବ୍ୟବସ୍ଥାକୁ ସହଜ କରିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନ୍ଲାଇନ୍ ସଫ୍ଟୱେର ଆପ୍ଲିକେଶନ ତିଆରି କରାଯାଇଛି। ସେହିପରି ୨୦୨୩ ଏପ୍ରିଲ ୧୯ରେ ଓଡ଼ିଶା ପୋର୍ଟ ଆଣ୍ଡ୍ ଆଇଲାଣ୍ଡ ୱାଟର ଟ୍ରାନ୍ସପୋର୍ଟ ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ କେତେଜଣ ମେକାନିକାଲ ଇଞ୍ଜିନିୟରଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ଡଙ୍ଗାଗୁଡ଼ିକର ସର୍ଭେ କରିବା ସହ ପଞ୍ଜୀକରଣ, ଲାଇସେନ୍ସ, ଫିଟ୍ନେସ୍ ଓ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବେ। ନଦୀଘାଟ, ହ୍ରଦ ଓ ଜଳଭଣ୍ଡାରଗୁଡ଼ିକରେ ନୋଟିସ୍ ବୋର୍ଡ ଲଗାଯାଇ ସୁରକ୍ଷା ନିୟମାବଳୀ ଓ ସତର୍କତା ସୂଚନା ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ ହେବ। ବ୍ଲକ ସ୍ତରୀୟ ଅଧିକାରୀମାନେ ନଦୀଘାଟ ନିଲାମ ଦେବାବେଳେ ସୁରକ୍ଷା ବ୍ୟବସ୍ଥା ଓ ତତ୍ ସମ୍ପର୍କିତ ସୂଚନା ଫଳକ ଲଗାଯିବା ଉପରେ ପଦକ୍ଷେପ ନେବେ। ଏଥିସହ ପର୍ଯ୍ୟଟନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ୨୦୧୩ ଏପ୍ରିଲ ୨୦ରେ ଚିଠି କରାଯାଇ ଓଡ଼ିଶା ବୋଟ୍ ରୁଲ୍ସ ପାଳନ କରିବା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆମିକସ୍ କ୍ୟୁରି ଆଇନଜୀବୀ ଶକ୍ତିଧର ଦାସ ଓ ଆଇନଜୀବୀ ପ୍ରବୀର କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଡଙ୍ଗାବୁଡ଼ି ସମ୍ପର୍କିତ ମାମଲାଗୁଡ଼ିକ ପ୍ରାୟ ୧୦ ବର୍ଷ ହେବ ହାଇକୋର୍ଟରେ ବିଚାରାଧୀନ ରହିଛି। ୨୦୧୪ ମେ' ୨୪ରେ କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ଡଙ୍ଗା ବୁଡ଼ି ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ପାଇଁ ଡଙ୍ଗା ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ୍ ଆଦି ବ୍ୟବସ୍ଥା କରାଯିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦେବା ନିମନ୍ତେ ଆବେଦନରେ ଦର୍ଶାଯାଇଥିଲା। ସେହିପରି ୨୦୧୪ ଫେବୃୟାରୀରେ ହୀରାକୁଦରେ ଡଙ୍ଗା ବୁଡ଼ିଯାଇ ୩୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଚାଲିଥିବାବେଳେ ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଏକ ଡଙ୍ଗାବୁଡ଼ି ମାମଲାର ଶୁଣାଣି ପୃଥକ୍ ଭାବେ ହେଉଥିଲା। ୩ଟି ଡଙ୍ଗାବୁଡ଼ି ମାମଲାରେ ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ଫେବୃୟାରୀ ୧୩ରେ ନିର୍ଦ୍ଦେଶ ଦେଇଥିଲେ।

## ଓଡ଼ିଶା ପୋଷ୍ଟ ଖବରଦାତାଙ୍କ ମାତୃ ବିୟୋଗ



ତୁଳସୀ ପ୍ରଧାନ

ଭୁବନେଶ୍ୱର, ୧୧।୫ (ବ୍ୟୁରୋ)

ଇଂଲିଶ ଦୈନିକ 'ଓଡ଼ିଶା ପୋଷ୍ଟ'ର ବରିଷ୍ଠ ସାମ୍ବାଦିକ ରତନ କୁମାର ପ୍ରଧାନଙ୍କ ମା' ତୁଳସୀ ପ୍ରଧାନଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। କେନ୍ଦୁଝରର ଜିଲା ଓରାଳି ଗ୍ରାମର ବାସିନ୍ଦା ତୁଳସୀଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ସେ ସର୍ବଦା ଅଭାବୀ ଲୋକଙ୍କୁ ସାହାଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ଗ୍ରାମରେ ଶୋକର ବାତାବରଣ ଖେଳି ଯାଇଛି। ଶତାଧିକ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ତୁଳସୀଙ୍କ ବଡ ପୁଅ ରଞ୍ଜନ କୁମାର ପ୍ରଧାନ ନସିରପୁର ପ୍ରାଇମେରୀ ସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ମଝିଆ ପୁଅ ରଜତ କୁମାର ପ୍ରଧାନ ଭଦ୍ରକ କଲେଜରେ ରିଡର ଭାବେ କାର୍ଯ୍ୟ କରୁଛନ୍ତି।

## ବନ୍ଦର ଉପାଧ୍ୟକ୍ଷ ଦାୟିତ୍ୱ ନେଲେ ନୀଳଭ୍ର ଦାସଗୁପ୍ତା

ପାରାଦୀପ ୧୧।୫(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ନୂତନ ଉପାଧ୍ୟକ୍ଷ ଭାବେ ନୀଳଭ୍ର ଦାସଗୁପ୍ତା ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ଉପାଧ୍ୟକ୍ଷ ଥିବା ଏ କେ.ବୋଷ ଗତ ମାର୍ଚ୍ଚ ୩୧ରେ ଅବସର ଗ୍ରହଣ କରିଥିଲେ। ସେବେଠାରୁ ଉକ୍ତ ପଦବୀ ଖାଲି ଥିଲା। ଦାସଗୁପ୍ତା



ନୀଳଭ୍ର ଦାସଗୁପ୍ତା

ଗୁଜୁରାଟ ରାଜସ୍ୱ ସର୍ଭିସରେ ୨୦୦୮ରେ ନିଯୁକ୍ତି ପାଇଥିଲେ। ଗୁଜରାଟ ରାଜ୍ୟ ସରକାରଙ୍କ ବିଭିନ୍ନ ପଦପଦବୀରେ ରହିବା ପରେ କେନ୍ଦ୍ରୀୟ ସଂସ୍ଥାକୁ ଯାଇଥିଲେ। ସେ ବନ୍ଦର ଆଇଟି ସେଲର ଆଭ୍ୟନ୍ତରୀଣ ତଦନ୍ତକାରୀ ଅଧିକାରୀରୁ ପିପିଏ ଉପାଧ୍ୟକ୍ଷ ହୋଇଛନ୍ତି।

## ଖସିପଡ଼ିଥିବା ଡ୍ରୋନ୍କୁ ନେଇ ଆତଙ୍କ

ଢେଙ୍କାନାଳ ଅଫିସ, ୧୧।୫

ଢେଙ୍କାନାଳ ସଦର ଥାନା ଇନ୍ଦିପୁର ଗ୍ରାମ କେନାଲ ବନ୍ଧ ଉପରେ ଗୁରୁବାର ଅପରାହ୍ନରେ ଖସିପଡ଼ିଥିବା ଏକ ଡ୍ରୋନ୍କୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଅପରାହ୍ନ ପ୍ରାୟ ୫ଟା ୪୦ରେ ଉଚ୍ଚ ଶବ୍ଦ କରି ଏହା ଖସିପଡ଼ିଥିଲା। ଅବିକଳ ଉଡ଼ାଜାହାଜ ଭଳି ଦେଖାଯାଉଥିବା ଉକ୍ତ ଡ୍ରୋନ୍ର ଲମ୍ୱ ୭ ଫୁଟ ଏବଂ ଓସାର ୪ ଫୁଟ। ଏହାର ଅଗ୍ରଭାଗରେ ଦୁଇଟି କ୍ୟାମେରା ଖଞ୍ଜାଯାଇଛି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ପୋଲିସ ଉକ୍ତ ଡ୍ରୋନ୍କୁ ଜବତ କରିଥିବା ଏସ୍ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପଟେ ଆଇଓସିଏଲ୍ ପକ୍ଷରୁ ତୈଳ ପାଇପ୍ ଲାଇନ୍ ସର୍ଭେ କାର୍ଯ୍ୟରେ ଉକ୍ତ ଡ୍ରୋନ୍କୁ ବ୍ୟବହାର କରାଯାଉଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହା ଖସି ପଡ଼ିଥିବା କୁହାଯାଉଛି।



**ଡ୍ରୋନ୍ ଯୋଗେ ରକ୍ତ ଡେଲିଭରି ଖୁବ୍‌ଶୀଘ୍ର**

ଖୁବ୍‌ଶୀଘ୍ର ସାରା ଦେଶରେ ଡ୍ରୋନ୍ ସାହାଯ୍ୟରେ ରକ୍ତ ଡେଲିଭରି କରାଯିବ। ଇଣ୍ଡିଆନ୍ କାଉନ୍ସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର) ପକ୍ଷରୁ ଗୁରୁବାର କରାଯାଇଥିବା ଡେଲିଭରିର ଟ୍ରାଏଲ୍ ସଫଳ ହୋଇଛି। ଆଇଡ୍ରୋନ୍ ଇନିସିଏଟିଭ୍ ପକ୍ଷରୁ ଡ୍ରୋନ୍ ଯୋଗେ ଦେଶର ବିଭିନ୍ନ ଅଞ୍ଚଳରେ ଆବଶ୍ୟକତା ଅନୁସାରେ ରକ୍ତ ଡେଲିଭରି କରାଯିବ। କୋଭିଡ୍-୧୯ ବେଳେ ଦୁର୍ଗମ ଅଞ୍ଚଳଗୁଡ଼ିକରେ ଆଇସିଏମ୍ଆର୍ 'ଆଇ-ଡ୍ରୋନ୍' ଜରିଆରେ ଟିକା ପହଞ୍ଚାଉଥିଲା।

# କୁକି ଉଗ୍ରପନ୍ଥୀଙ୍କ ଗୁଳିରେ ପୋଲିସ ନିହତ

ଇମ୍ଫାଲ, ୧୧ା୫

**ମଣିପୁରରେ ସାନି ହିଂସା**



ମଣିପୁରର ବିଷ୍ଣୁପୁର ଜିଲାରେ ଗୁରୁବାର ସାନି ହିଂସା ଦେଖାଦେଇଛି। କୁକି ଉଗ୍ରପନ୍ଥୀଙ୍କ ଆକ୍ରମଣରେ ମଣିପୁର ପୋଲିସ କମାଣ୍ଡୋ ନିହତ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ବୁଧବାର ଓ୍ୱାଁଲ ଇଷ୍ଟ ଜିଲାର ପୁଖୋଉ ଅଞ୍ଚଳରେ ଗୁଳିକାଣ୍ଡ ଘଟି ଆସାମ ରାଇଫଲ୍ସର ଜଣେ ଯବାନ ଆହତ ହୋଇଥିଲେ। ଗୁରୁବାର ଟ୍ରୋଙ୍ଗଲାଓବିରେ ପୋଲିସ ପାଟ୍ରୋଲିଂ ବେଳେ ଗୁଳିକାଣ୍ଡ ଘଟିଛି। ପୋଲିସ ଟିମ୍ ଏକ ଗାଡ଼ିରେ ଯାଉଥିବାବେଳେ ସନ୍ଦିଗ୍ଧ ଉଗ୍ରପନ୍ଥୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଆହତଙ୍କୁ ଭର୍ତ୍ତି ଇମ୍ଫାଲର ବିଭିନ୍ନ ହସ୍ପିଟାଲରେ କରାଯାଇଛି। ସଶସ୍ତ୍ର ଉଗ୍ରପନ୍ଥୀ ବାରମ୍ବାର ସୁରକ୍ଷା ବଳ ଉପରେ ଆକ୍ରମଣ କରୁଥିବାରୁ ଏହାକୁ ଅତ୍ୟନ୍ତ ଗୁରୁତର ସହ ନିଆଯାଇଛି। ରାଜ୍ୟ ପୋଲିସ ଓ ଆସାମ ରାଇଫଲ୍ସ ପକ୍ଷରୁ ସସ୍ପେନ୍‌ଶନ ଅଫ୍ ଅପରେଶନ ଚୁକ୍ତିନାମା ଅଧୀନରେ ଥିବା ଉଗ୍ରପନ୍ଥୀ କ୍ୟାମ୍ପଗୁଡ଼ିକରେ ଚଢ଼ାଉ କରାଯାଇଛି। ଅନ୍ୟ ଏକ ଘଟଣାରେ ବିଷ୍ଣୁପୁର ଜିଲା ଟୋରବୁଙ୍ଗ ବାଙ୍ଗଲାରୁ ଗୁରୁବାର ସକାଳେ କେତେଜଣ ସନ୍ଦିଗ୍ଧ ୩ ଜଣ ମେଇତି ଗ୍ରାମବାସୀଙ୍କୁ ଅପହରଣ କରିନେଇଛନ୍ତି। ଉକ୍ତ ଗ୍ରାମବାସୀ ମୋଇରାଙ୍ଗସ୍ଥିତ ରିଲିଫ୍ କ୍ୟାମ୍ପରେ ରହିଥିଲେ। ସେମାନେ ନିଜ ଗ୍ରାମକୁ ଯାଉଥିବାବେଳେ ଅପହରଣର ଶିକାର ହୋଇଛନ୍ତି।

# ମଙ୍କିପକ୍ସ ଏବେ ବୈଶ୍ୱିକ ସ୍ୱାସ୍ଥ୍ୟ ବିପତ୍ତି ନୁହେଁ : ଡବ୍ଲ୍ୟୁଏଚ୍ଓ

ଜେନେଭା ୧୧ା୫



ମଙ୍କିପକ୍ସ ଏକ ବୈଶ୍ୱିକ ସ୍ୱାସ୍ଥ୍ୟ ବିପତ୍ତି ନୁହେଁ ବୋଲି ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଘୋଷଣା କରାଯାଇଛି। ଡବ୍ଲ୍ୟୁଏଚ୍ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ ଘେବ୍ରେୟେସସ୍ କହିଛନ୍ତି, ବିଶ୍ୱରେ ମଙ୍କିପକ୍ସ ରୋଗୀଙ୍କ ସଂଖ୍ୟା କମିଛି। କିନ୍ତୁ ଏବେ ମଧ୍ୟ ଲୋକେ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଆଫ୍ରିକାର କିଛି ଅଞ୍ଚଳରେ ଏହି ଭାଇରାଲ୍ ଜୁନୋସିସ୍ ବହୁ ବର୍ଷ ଧରି କାୟା ବିସ୍ତାର କରିଥିବା ଟେଡ୍ରୋସ୍ କହିଛନ୍ତି। ମଙ୍କିପକ୍ସ (ପ୍ରାଣୀଙ୍କଠାରୁ ମଣିଷଙ୍କୁ ସଂକ୍ରମିତ କରୁଥିବା ଭୂତାଣୁ)କୁ ଗତବର୍ଷ ଜୁଲାଇରେ ଡବ୍ଲ୍ୟୁଏଚ୍ଓ ବୈଶ୍ୱିକ ବିପତ୍ତି ବୋଲି ଘୋଷଣା କରିଥିଲେ। ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ବ୍ୟକ୍ତିଙ୍କଠାରେ ଜ୍ୱର, ମାଂସପେଶୀରେ ଯନ୍ତ୍ରଣା, ଚର୍ମରେ ଛୋଟ ଛୋଟ ଫୋଟକା ହୋଇଯିବା ଭଳି ଲକ୍ଷଣ ଦେଖାଯାଏ। ଡବ୍ଲ୍ୟୁଏଚ୍ଓ ରିପୋର୍ଟ ମୁତାବକ ବିଶ୍ୱର ମୋଟ ୧୧୧ ଦେଶରୁ ୮୭,୦୦୦ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇଥିବବେଳେ ୧୪୦ ଜଣ ପ୍ରାଣହରାଇଛନ୍ତି।

# ତ୍ରିପୁରା କଲେଜ ଛାତ୍ରୀଙ୍କୁ ଅପହରଣ, ଗଣବଳାତ୍କାର



ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଗରତାଲା ଥାନା ସମ୍ମୁଖରେ ବିକ୍ଷୋଭ।

ଅଗରତାଲା, ୧୧ା୫ (ଆଇଏଏନ୍ଏସ୍)

ତ୍ରିପୁରାର ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର ପ୍ରତିବାଦରେ ରାଜ୍ୟର ବିଭିନ୍ନ ସଂଗଠନ ଓ ଛାତ୍ରସଂଘ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୋବିନ୍ଦ ବଲ୍ଲଭ ପନ୍ଥ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡ଼ିତା ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୁଖ୍ୟ ଅଭିଯୁକ୍ତ ତଥା ଗାଡ଼ି ଡ୍ରାଇଭର ଗୌତମ ଶର୍ମାଙ୍କୁ ଗିରଫ କରାଯାଇଛି। ୨୦ ବର୍ଷୀୟା ଛାତ୍ରୀ ଜଣକ ସୋମବାର ଅପରାହ୍ନରେ କଲେଜରୁ ଘରକୁ ଫେରୁଥିବାବେଳେ ଅଗରତାଲା ନିକଟରୁ ତାଙ୍କୁ ଅପହରଣ କରିନିଆଯାଇଥିଲା। ସେଦିନ ବିଳମ୍ବିତ ରାତିରେ ବାଇପାସ୍ ରାସ୍ତା ପାର୍ଶ୍ୱ ଏକ ପରିତ୍ୟକ୍ତ ସ୍ଥାନରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଗୌତମ ୩ ସହଯୋଗୀଙ୍କ ସହ ଲିଫ୍ଟ ଦେବା ନାମରେ ଛାତ୍ରୀଙ୍କୁ ଗାଡ଼ିରେ ଉଠାଇ ନେଇଥିଲେ। ସେମାନେ ଚଳନ୍ତା ଗାଡ଼ିରେ ତାଙ୍କୁ ବଳାତ୍କାର କରି ପାର୍ଶ୍ୱରେ ଫିଙ୍ଗି ଚାଲିଯାଇଥିଲେ। ଏହାର ପ୍ରତିବାଦରେ ତ୍ରିପୁରା ଗଣତାନ୍ତ୍ରିକ ନାରୀ ସମିତି, ଏସ୍ଏଫ୍ଆଇ, ଡିଓ୍ୱାଇଏଫ୍ଆଇ ପକ୍ଷରୁ ଗୁରୁବାର ପୋଲିସ ମୁଖ୍ୟାଳୟକୁ ଘେରାଉ କରାଯାଇଥିଲା।

# ଡାକ୍ତରଙ୍କୁ ହତ୍ୟା ବ୍ୟବସ୍ଥାଗତ ବିଫଳତା

କୋଚି, ୧୧ା୫ (ପି.ଟି.)



ବନ୍ଦନା ଦାସ

କେରଳର କୋଲାମ ଜିଲାର ଏକ ହସ୍ପିଟାଲରେ ୨୩ ବର୍ଷୀୟା ମହିଳା ଡାକ୍ତର ବନ୍ଦନା ଦାସଙ୍କୁ ଚିକିତ୍ସାଧୀନ ରୋଗୀ ହତ୍ୟା କରିବା ଘଟଣାରେ ହାଇକୋର୍ଟ ଗୁରୁବାର ରାଜ୍ୟ ସରକାର ଓ ପୋଲିସ ଉପରେ ପୁଣି ବର୍ଷିଛନ୍ତି। ଡାକ୍ତରଙ୍କୁ ହତ୍ୟା ବ୍ୟବସ୍ଥାଗତ ବିଫଳତାର ପରିଣାମ।

**ନୂଆ ସୁରକ୍ଷା ପ୍ରୋଟୋକଲ ପାଇଁ ପୋଲିସକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଏହାକୁ ଅଲଗା ଘଟଣା କହି ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଦେବନ ରାମଚନ୍ଦ୍ରନ ଏବଂ କୌସେର୍ ଏଡାପ୍ପାଗାଥଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ କହିବା ସହ ସବୁ ହସ୍ପିଟାଲରେ ସୁରକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲାଗି ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ହେପାଜତରେ ଥିବା ଜଣେ ରୋଗୀ ଡାକ୍ତରଙ୍କୁ ହତ୍ୟା କରିଥିବାରୁ ଏହା ଚିନ୍ତାଜନକ। ଏହା ବ୍ୟବସ୍ଥାଗତ ବିଫଳତା ବୋଲି ଖଣ୍ଡପୀଠ ଦୃଢ଼ଭାବେ କହିଛନ୍ତି। ଜଣେ ଅଭିଯୁକ୍ତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେବା ବେଳେ କିଭଳି ପ୍ରୋଟୋକଲ୍‌ର ଅନୁପାଳନ କରାଯିବ, ତାହା ଉପସ୍ଥାପନ କରିବାକୁ କେରଳ ହାଇକୋର୍ଟ ରାଜ୍ୟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

# ୟୁକ୍ରେନ୍‌କୁ ଲଙ୍ଗ୍ ରେଞ୍ଜ ମିଶାଇଲ ପଠାଇଛି ବ୍ରିଟେନ୍

ଲଣ୍ଡନ, ୧୧ା୫

ଶକ୍ତିଶାଳୀ ରାଷ୍ଟ୍ର ରୁଷିଆ ଆକ୍ରମଣର କଡ଼ା ଜବାବ ଦେବା ଲାଗି ୟୁକ୍ରେନ୍‌କୁ ଲଙ୍ଗ୍ ରେଞ୍ଜ ମିଶାଇଲ ପଠାଇଛି ବ୍ରିଟେନ। ଏ ନେଇ ବ୍ରିଟେନ୍ ପ୍ରତିରକ୍ଷା ସଚିବ ବେନ୍ ଓ୍ୱାଲାସେ ଗୁରୁବାର ହାଉସ୍ ଅଫ୍ କମନ୍ସରେ ସୂଚନା ଦେଇଛନ୍ତି। ମିଶାଇଲ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁସାରେ ଷ୍ଟର୍ମ ଶାଡ଼ୋ କ୍ରୁଜ୍ ମିଶାଇଲର ରେଞ୍ଜ୍ ୨୫୦ କି.ମି.। ଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏହି ଲଙ୍ଗ୍ ରେଞ୍ଜ ମିଶାଇଲ ୟୁକ୍ରେନ୍‌କୁ ସାହାଯ୍ୟ କରିବ ବୋଲି ଓ୍ୱାଲାସେ କହିଛନ୍ତି। ଅଧିକ ଯୁଦ୍ଧାସ୍ତ୍ର ପାଇଁ ୟୁକ୍ରେନ୍ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ସାହାଯ୍ୟ ମାଗିଥିଲା। ଅନ୍ୟପକ୍ଷେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ତୁହାକୁ ତୁହା ବଢ଼ୁଥିବା ଲକ୍ଷ୍ୟ କରି ବ୍ରିଟେନ୍ କିଭ୍‌କୁ ଏହି ଲଙ୍ଗ୍ ରେଞ୍ଜ ମିଶାଇଲ ଯୋଗାଇବା ନିଷ୍ପତ୍ତି ନେଇଥିବା କୁହାଯାଇଛି। ଯୁଦ୍ଧ ରୋକିବା ପାଇଁ ଗତବର୍ଷ ଓ୍ୱାଲାସେ ରୁଷିଆ ପ୍ରତିପକ୍ଷ ସେରଗେଇ ଶୋଇଗୁଙ୍କୁ ଚେତାବନୀ ଦେଇଥିଲେ।

## idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

**Tender Call Notice No.IDCO:H.O./P&C/EST/E-2291/ 01/2023/ 14615, Dt.09.05.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**No.CAD-548:** 1. Name of the Work: Construction of New Concrete Road and Drain at Bhuban Industrial Estate, Dhenkanal, Odisha. 2. Value of the Work: Rs.96.91 Lakhs. 3. Period of Completion: 02 (Two) Calendar Months. 4. Other details:

| Procurement Officer | Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/EST/E-23/ 2023-24 | 18.05.2023 at 17.00 Hrs. | 30.05.2023 upto 17.00 Hrs. |

Further details can be seen from the e-procurement portal www. tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www. tendersodisha.gov.in and www.idco.in.

**Sd./- Chief General Manager (P&C), IDCO,Bhubaneswar**

OIPR-14003/11/0043/2324

## ODISHA WATER SUPPLY & SEWERAGE BOARD

No.CAD-556:

**2ND FLOOR, UNNATI BHAWAN, SATYANAGAR, BHUBANESWAR, ODISHA**

Phone: (0674) 2571185, e-mail, eicowssb@gmail.com

**National Competitive Bidding through e-Procurement**

**REQUEST FOR PROPOSAL (RfP)**

**For selection of Consultants for setting up of a State Level Programme Management Unit (PMU) for Greywater Management in Urban Odisha**

**Bid Identification No.: 02/OWSSB/RfP of 2022-23 dt. 10.05.2023**

a) Estimated Cost (For hiring 10 members for 2 years): Rs. 119.52 lakh. (Excl. GST)
b) Availability of Bid Document for Online Bidding: From dt.17.05.2023 (11 00 Hrs) to dt.05.06.2023 (17.00 Hrs)
c) Name & Address of Officer Inviting Bid/RfP: - Engineer in Chief, OWSSB, 2nd Floor, Unnati Bhawan, Satyanagar, Bhubaneswar-7, Email: eicowssb@gmail.com
d) Further details can be seen from the e-Procurement portal https:// www. tendersodisha.gov,in.
e) Corrigendum, Clarification, if any for the above works shall be up-loaded in the website only Intending Bidders are urged to visit the above website regularly to keep themselves updated.

**Sd./- Engineer in Chief**

OIPR-32497/11/0001/2324

## COLLECTORATE, JAJPUR

**Ph.: 06728-222001 (O), 222330 (R), Fax: 222087**
**E-mail: dm-jajpur@nic.in, Website: www.jajpur.nic.in**

**(Social Welfare Section)**

**SHORT NOTICE INVITING TENDER**

**No. 1006** **Date: 11.05.2023**

No. g-28: Sealed tenders in the prescribed form are invited from the intending firms/individuals/companies/ cooperation for undertaking transportation of food stuff under SNP programme for the year 2023-24. Tender documents are available in the district website i.e. **www. jajpur.nic.in**. For further details the intersted applicants may access the same from the website.

**Sd./-**
**Collector & Dist. Magistrate, Jajpur**

OIPR-19034/11/0002/2324

## OFFICE OF THE NOTIFIED AREA COUNCIL, GUDARI

**DIST.: RAYAGADA**

**e-Procurement Notice**

**Tender Reference No. GUD/NAC/01: 2023-24**

**No. 665** **Date: 09.05.2023**

No. C-288: 1. Type of Work: Civil Work, 2. Total No. of Works: 7 (Seven) Nos. of individual works, 3. Estimate Cost: Rs.2,99,031/- to Rs.16,80,528/-, 4. Period of Completion: 03 (Three) Months, 5. Date and time of Bid Document available in website: 06.00 P.M. of 11.05.2023 to 06.00 P.M. of 21.05.2023, 6. The Last date/time for receipt of bid in the portal: Upto 6.00 P.M. of 21.05.2023, 7. Date of Opening Technical and Financial Bid: 11 A.M. of 22.05.2023. 8. Name and Address of Officer Invited Bid: Executive Officer, NAC Gudari. Further details can be seen from the e-Procurement Portal: **www.tendersodisha.gov.in**.

**Sd./- Executive Officer, NAC Gudari**

OIPR-13184/11/0002/2324

## DEOGARH MUNICIPAL COUNCIL, DEOGARH

**Email: eo-deogarhmncp@gov.in**
**www.deogarhmunicipality.in**
**Office No. 06641-295020**

**Letter No. 1002/DM** **Dated: 11.05.2023**

**QUOTATION CALL NOTICE**

No. C-287: The Executive Officer, Deogarh Municipality is invites sealed quotations from the interested agencies having valid PAN Card, GSTIN Certificate and current ITR for installation and repairing of complete Cesspool Vehicle of 1 KLD & 3 KLD. The sealed quotation should reach in this office by Speed Post/Registered Post on or before Dt.18.05.2023 till 1.00 P.M. and will be opened on Dt.20.05.2023 at 10.00 A.M. in presence of quotatioenrs or their representatives. The undersigned have reserves every right to accept or reject all of the quotations without assigning any reason thereof.

**Sd./- Executive Officer, Deogarh Municipality**

OIPR-13088/11/0002/2324

## Government of Odisha, e- Procurement Notice
## INVITATION FOR BIDS (IFB)

**Bid Identification No. C.C.E.Dkl(R&B) 02/2023-24**
**Email ld-sedklpwd@gmail.com**
**Letter No. 1406/ Dt.09.05.2023**

**No.B-187:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Bridge / Building works as detailed below:

1. Name of the work : Bridge / Building works
2. No of works : 02 (Two) Nos
3. Estimated Cost : Rs. 3,60,93,719 /- to Rs. 6,70,79,522/- (as given in column No. 03 of table)
4. Cost of tender paper : Rs.10,000.00
5. Class of contractor : 'A' & 'Special' Class (as given in column No. 07 of table)
6. Period of Completion of work : 09 (Nine) & 11 (Eleven) Calendar Months (as given in column No.08 of table)
7. Date and time of availability of bid Document in the website : From dt.16.05.2023 to 5.30 P.M. of dt.30.05.2023
8. Date of opening of bid : Dt.31.05.2023 at 11.30 hours.

The bidders have to participate in ONLINE bidding only, further details can be seen from the e-Procurement Portal: www. tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle, Dhenkanal**

OIPR-34132/11/0005/2324

## LEVEL-II TRANSPORT CONTRACTOR 2023-25

**NOTICE INVITING TENDER**

**OFFICE OF DISTRICT MANAGER, ODISHA STATE CIVIL SUPPLIES CORPORATION LTD. (OSCSC), DISTRICT: BALASORE**

No. CAD-542: For Balasore Municipality (Tender No. 1094 / Dt.09.05.2023), Sadar Block (Tender No. 1095 / Dt.09.05.2023), Remuna Block (Tender No. 1096/ Dt.09.05.2023), Nilgiri Block & NAC (Tender No. 1097/ Dt.09.05.2023), Oupada Block (Tender No. 1098/ Dt.09.05.2023), Simulia Block (Tender No. 1099/ Dt.09.05.2023), Khaira Block (Tender No. 1100/ Dt.09.05.2023), Bahanaga Block (Tender No. 1101/ Dt.09.05.2023), Soro Block & Municipality (Tender No. 1102/ Dt.09.05.2023), Basta Block (Tender No. 1103/ Dt.09.05.2023), Bhogorai Block (Tender No. 1104/ Dt.09.05.2023), Jaleswar Block & Municipality (Tender No. 1105/ Dt.09.05.2023), Baliapal (Tender No. 1106/ Dt.09.05.2023). Cost of Tender document - Rs.5900/- inclusive of GST for each RRC to Unit (Block/ULB) combination of the district.

Online tenders are invited from eligible bidders for selection and appointment of Level-II Contractor for transportation of Custom Milled Rice (CMR) from Rice Receiving Centre (RRC) to Retail Center (FPS).

| | | |
|---|---|---|
| 1 | Availability of Tender Documents | From Date: 12.05.2023 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On date: 17.05.2023 at 10.00 A.M., Venue: Office of the District Manager, OSCSC Ltd., Balasore |
| 3 | Last date and time for online submission of complete tender documents with enclosures | Through e-procurement portal: **www. tendersodisha.gov.in** upto 5.00 P.M. on Dt.26.05.2023 |
| 4 | Date, time and venue for opening of Technical Bid by the Tender Committee | On Dt.29.05.2023 at 10.00 A.M., Venue: Office of the District Manager, OSCSC Ltd. Balasore |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.31.05.2023 at 10.00 A.M. onwards, Venue: Sadvabana Sava Gruha, Collectorate, Balasore |
| 6 | Date & time of Financial Bid opening by the Tender Committee (only of Technically Qualified Bidders) | To be announced after technical bid evaluation |
| 7 | Venue of the opening of Technical & Financial Bids | Sadvabana Sava Gruha, Collectorate, Balasore |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by (fifteen) days and such extension shall be binding on the bidders. |
| 9 | Language of the tender | The tender should be prepared by the bidder in English Language only. |
| 10 | Help Desk Telephone No. | (i) OSCSC Ltd. District Manager No.: 9668180241 Account Head No.: 7326933673 (ii) State Procurement Cell: 0674-2530998/ 18003456765 |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District tender committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website: **www.tendersodisha.gov.in**.
4. The bidder must deposit tender document fee and EMD at the time of submission of tender through online payment gate way service.
5. Any amendment/cancellation/re-tender/corrigendum please refer to the website **www. tendersodisha.gov.in, www.oscsc.in & www.foododisha.in**.

OIPR-07018/11/0006/2324 **Sd./- District Manager, OSCSC Limited, Balasore**

See Career Appointment on every Wednesday & Saturday

## ODISHA CONSTRUCTION CORPORATION LTD.

**(A Govt. of Odisha Undertaking)**

**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR -751010 (ODISHA) Tel-0674:2580896, E-mail: gmerectionocc@gmail.com, (GSTIN-21AAACO2571K2ZM)**

**"e"-Tender Notice No.10/OCCL/2023-24 (on-line).**

**No.CAD-553:** Type of work : Dismantling, Replacement / Repair, Erection, Commissioning, Testing of 05 (five) sets of Vertical lift Gates of size 8000mm x 3600mm along with Rope drum hoisting arrangements and allied structures for Gobardhanpur Barrage across river Bhargavi at RD 79.60 KM near Chilika lake in the dist of Puri as per approved drawings and direction of the Engineer-in-Charge.

Total No. of work : 01 (One)
Period of completion : 150 (Ninety) days

| Tendering Officer | Bid Identification No. | Cost of tender document (including GST) through online transfer system | Availability of tender (online) | Submission of Bid (online) |
|---|---|---|---|---|
| General Manager (Mech.), Erection and Maintenance,OCC Ltd., Central Workshop, Rasulgarh, Bhubaneswar | OCCL-G.M./ E&M/ 02/ 2023-24 | Rs.11,800/- (Non-refundable) | 11.05.2023 10.00 AM to 25.05.2023 5.00 P.M. | 11.05.2023, 10.00 AM to 25.05.2023 5.00 P.M. |

Date of Opening of the Technical Bid: 26.05.2023 at 11.30 A.M.
Further details can be seen from the Govt. website (www.tendersodisha.gov.in.) Amendment/ corrigendum/ cancellation, if any shall be posted online only.

**Sd./- General Manager (Mech.)**
**Erection and Maintenance, OCC Ltd., Bhubaneswar**

OIPR-34163/11/0003/2324

## OFFICE OF THE DISTRICT AUDIT OFFICER, LOCAL FUND AUDIT, PURI

**Plot No. 45 (1st Floor), Sarvodaya Nagar, (Near Nodal U.P. School), Puri - 752002**
**Phone: 06752-224850, E-Mail: daopuri@gmail.com**

**No. Estt.-93/2023-941/LFA (Puri)** **Dated: 11.05.2023**

**ADVERTISEMENT**

No. S-07: Applications are invited from suitable and willing retired persons as detailed below:

| Sl. No. | Name of the Post | No. of Person to be Engaged | Mode of Engagement | Monthly Remuneration |
|---|---|---|---|---|
| 1 | O.S.D. against Vacant Post of Junior Assistant | 01 | Contractual Basis | Rs.20,000/- per month as per Sl. No. 4 of Finance Department Office Memorandum No. 24533/F Dt.29.09.2022. |

1. The retired ministerial employees who have retired from Govt. Services on attaining the age of superannuation & below sixty five years of the age as well as having good service recrods & physically fit for re-employment.
2. The employees agaisnt whom departmental Proceedings/Vigilance or Criminal Cases are contemplated/ pending or who have been penalised for misconduct during the period of preceding five years are not eligible to apply.
3. The employee must have computer skill and knowledge in establishment work.
4. The incomplete applications shall be rejected without any notice or reason.

The person for the above post, is required to work in the Office of the District Audit Officer, Local Fund Audit, Puri for re-engagement against the vacant post of Junior Asst. on contractual basis as OSD for a period of one year or till filling up of the said post. Retired and willing persons may submit their applications in the prescribed Form Annexed herewith addressed to the District Audit Officer, Local Fund Audit, Puri, Plot No. 45 (1st Floor), Sarvodaya Nagar (Near Nodal U.P. School), Puri - 752002 by Regd. Post/Speed Post, so as to reach this office on or before 14 days from the date of issue of the advertisement. The detailed guidelines including the eligibility criteria and terms and conditions laid down vide G.A. Department Resolution No. 23750/Gen Dt.27.08.2014 may be followed and Application form may be downloaded from the District NIC, Puri website: **https://puri.nic.in/**.

OIPR-05045/11/0001/2324 **Sd./- District Audit Officer, Local Fund Audit, Puri**

## ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

**ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା**

**ଭୁବନେଶ୍ୱର/କଟକ-ଡୁବୁରି/ଯାଜପୁର ରୋଡ୍, ଆନନ୍ଦପୁର, ଘଟଗାଁ, କେଉଁଝର, କରଞ୍ଜିଆ ମାର୍ଗରେ ଚୂଡ଼ାନ୍ତ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟସାରଣୀ**

**(Final Rationalized Timing)**

No. JJ-5: ଏତଦ୍ୱାରା ଭୁବନେଶ୍ୱର/କଟକ-ଡୁବୁରି/ଯାଜପୁର ରୋଡ୍, ଆନନ୍ଦପୁର, ଘଟଗାଁ, କେଉଁଝର ଓ କରଞ୍ଜିଆ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ଚୂଡ଼ାନ୍ତ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇ ତା୨୨।୦୨।୨୦୨୩ରିଖରେ କାର୍ଯ୍ୟକାରୀ କରାଯାଇ ଦୈନିକ ଖବରକାଗଜ ସମାଜ ଓ ସମ୍ବାଦ ତା୧୬।୦୨।୨୦୨୩ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଆହ୍ୱାନ କରାଯାଇଥିଲା। ପ୍ରକାଶିତ ବିଜ୍ଞାପନକୁ ଆଧାର କରି ୧୨୭ଗୋଟି ଅଭିଯୋଗ ପତ୍ର ହସ୍ତଗତ ହୋଇଥିଲା। ପ୍ରାପ୍ତ ହୋଇଥିବା ଅଭିଯୋଗଗୁଡ଼ିକୁ ତର୍ଜମା କରାଯାଇ ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟସାରଣୀ (Rectified Final Rationalized Timing) ପ୍ରସ୍ତୁତ କରାଯାଇ STA Website: **http://odishatransport.gov.in** ଉପଲବ୍ଧ କରାଗଲା।

ବି.ଦ୍ର.: ପ୍ରକାଶ ଥାଉକି ତ୍ରୁଟି ସଂଶୋଧନ ପରେ ଖାଲିଥିବା Slot ଗୁଡ଼ିକୁ STA Website: **http://odishatransport.gov.in** ଉପଲବ୍ଧ କରାଗଲା ଏବଂ ଇଚ୍ଛୁକ ବସ୍ ମାଲିକମାନେ ଉକ୍ତ ଖାଲିଥିବା ସ୍ଲଟ୍ (Slot) ସମୟରେ ନୂତନ ଅନୁମତି ପତ୍ର ପାଇଁ OPTICS Onlineରେ ଦରଖାସ୍ତ କରିପାରିବେ।

**ସ୍ୱା./- ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ**
**ଓଡ଼ିଶା, କଟକ**

OIPR-38003/11/0003/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଛୋଟୁ ପରିବାରବର୍ଗ | ପିଙ୍କୁନି ପରିବାରବର୍ଗ | ଲିଜା ପରିବାରବର୍ଗ | ମୃତ୍ୟୁଞ୍ଜୟ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିରୋଧୀ ଏକାଠି କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ: ପାୱାର



ମୁମ୍ବାଇଠାରେ ଗୁରୁବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଏନ୍‌ସିପି ସୁପ୍ରିମୋ ଶରଦ ପାୱାର ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ।

**ମୁମ୍ବାଇ, ୧୧।୫**

### ଏନ୍‌ସିପି ଅଧ୍ୟକ୍ଷଙ୍କୁ ଭେଟିଲେ ନୀତୀଶ

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗୁରୁବାର ମୁମ୍ବାଇରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାରଙ୍କୁ ଭେଟିଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ବିରୋଧୀ ଦଳଗୁଡ଼ିକ ଏକାଠି କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଉଭୟ ନେତା ଜୋର୍ ଦେଇଥିଲେ। ନୀତୀଶଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ପାୱାର କହିଛନ୍ତି, ଦେଶର ସାମ୍ପ୍ରତିକ ସ୍ଥିତିକୁ ନଜରରେ ରଖି ଗଣତନ୍ତ୍ରର ସୁରକ୍ଷା ପାଇଁ ଏକାଠି କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ଏକତ୍ର କାର୍ଯ୍ୟ କରିବା ତେବେ ଦେଶ ଚାହୁଁଥିବା ବିକଳ୍ପ ପାଇଁ ସମର୍ଥନ ମିଳିବ ବୋଲି ଏନ୍‌ସିପି ଅଧ୍ୟକ୍ଷ କହିଛନ୍ତି। ବୁଧବାର କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଶେଷ ହୋଇଛି। ତାଙ୍କ ପାଖରେ ଥିବା ସୂଚନା ଅନୁଯାୟୀ କର୍ଣ୍ଣାଟକ ଜନସାଧାରଣ ଭାଜପାକୁ କ୍ଷମତାରୁ ବାଦ୍ ଦେଇ ଏକ ଧର୍ମନିରପେକ୍ଷ ସରକାର ନିର୍ବାଚନ କରିଛନ୍ତି ବୋଲି ପାୱାର କହିଥିଲେ। ଖବରଦାତା ସମ୍ମିଳନୀରେ ନୀତୀଶ ଭାଜପାକୁ ଜୋରଦାର ସମାଲୋଚନା କରିଥିଲେ। ଭାଜପା ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁନାହିଁ। ଯେତେ ସଂଖ୍ୟାରେ ଅଧିକ ବିରୋଧୀ ଦଳ ଏକାଠି ହେବେ ଦେଶର ସ୍ୱାର୍ଥ ପାଇଁ ସେତେ ଭଲ ହେବ। ଏନେଇ ବିଭିନ୍ନ ଦଳ ସହ କଥାବାର୍ତ୍ତା ଚାଲିଛି। ଆମେ ଏକାଠି ବସି ନିଷ୍ପତ୍ତି ନେବା ବୋଲି ନୀତୀଶ କହିଥିଲେ। ଶରଦ ପାୱାର ବିରୋଧୀ ମେଣ୍ଟର ମୁଖ୍ୟ ଚେହେରା ହେବେ କି ବୋଲି ପ୍ରଶ୍ନ ହେବାରୁ ଏହାଠାରୁ ଅଧିକ ଖୁସି କଥା କିଛି ନାହିଁ ବୋଲି ବିହାର ମୁଖ୍ୟମନ୍ତ୍ରୀ କହିଥିଲେ। ପାୱାର କେବଳ ନିଜ ଦଳ ପାଇଁ କାମ ନ କରି ସମଗ୍ର ଦେଶ ପାଇଁ କିଛି କରିବା ଆବଶ୍ୟକ ବୋଲି ନୀତୀଶ ଖବରଦାତା ସମ୍ମିଳନୀକୁ ସୂଚନା ଦେଇଛନ୍ତି। ଏହି ଆଲୋଚନା ବେଳେ ନୀତୀଶଙ୍କ ସହ ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଉପସ୍ଥିତ ଥିଲେ। ସେମାନେ ମାତୋଶ୍ରୀରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଭେଟିଥିଲେ।

# ଦୁର୍ନୀତି ବିରୋଧରେ ୫ ଦିନିଆ ଯାତ୍ରା ଆରମ୍ଭ କଲେ ସଚିନ

**ଜୟପୁର, ୧୧।୫(ପି.ଟି.)**



ସଚିନ ପାଇଲଟ୍

ଚଳିତ ବର୍ଷ ଶେଷ ଭାଗରେ ରାଜସ୍ଥାନ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ଦଳର ଶୀର୍ଷ ନେତୃତ୍ୱକୁ ଚ୍ୟାଲେଞ୍ଜ କରି ଅସନ୍ତୁଷ୍ଟ କଂଗ୍ରେସ ନେତା ସଚିନ ପାଇଲଟ୍ ଗୁରୁବାର ୫ ଦିନିଆ ଜନସଂଘର୍ଷ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ଆଜମେରରୁ ଜୟପୁର ୧୨୫ କିଲୋମିଟର ଅତିକ୍ରମ କରିବ। ପୂର୍ବର ଭାଜପା ସରକାର ସମୟରେ ହୋଇଥିବା ଦୁର୍ନୀତି ବିରୋଧରେ ଗେହଲଟ୍ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବାରୁ ସଚିନ ଗତ ମାସରେ ଏହାର ସମାଲୋଚନା କରିବା ସହ ଗୋଟିଏ ଦିନ ଅନଶନରେ ବସିଥିଲେ। ଗୁରୁବାର ଆରମ୍ଭ ହୋଇଥିବା ଜନସଂଘର୍ଷ ଯାତ୍ରା କଗ୍ରେସ ନେତୃତ୍ୱ ଉପରେ ଚାପ ପକାଇବାକୁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ କହିଛନ୍ତି, ନିଜର ସ୍ୱର ଉଠାଇବା ସହ ଜନସାଧାରଣଙ୍କ ସ୍ୱରକୁ ଶୁଣିବା ପାଇଁ ଏହି ପଦଯାତ୍ରା ଆରମ୍ଭ ହୋଇଛି। ପ୍ରଚଣ୍ଡ ରୌଦ୍ରକୁ ନିଆଁର ନଦୀ ବୋଲି ଅଭିହିତ କରି ଆମକୁ ଏହା ପାରିହେବାକୁ ପଡ଼ିବ ବୋଲି ସଚିନ କହିଥିଲେ। ସଚିନ ଟ୍ରେନ୍ ଯୋଗେ ଆଜମେରରେ ପହଞ୍ଚିବା ପରେ ଜୟପୁର ରାଜପଥରେ ଏକ ସଭାକୁ ସମ୍ବୋଧନ କରିଥିଲେ। ଯାତ୍ରାରେ ତାଙ୍କ ସହ ହଜାର ହଜାର ଦଳୀୟ କର୍ମୀ ସାମିଲ ହୋଇଥିଲେ। ଯାତ୍ରାରେ ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଚୌଧରୀ ଏବଂ ସ୍ଥାନୀୟ ନେତା ମହେନ୍ଦ୍ର ରାଲୱାତା ପ୍ରମୁଖ ଯୋଗ ଦେଇଥିଲେ।

# ଭାଜପାରେ ପୂର୍ବତନ ଜେଡିୟୁ ଅଧ୍ୟକ୍ଷ ଆର୍‌ସିପି ସିଂ

**ନୂଆଦିଲ୍ଲୀ, ୧୧।୫(ଆଇଏଏନ୍‌ଏସ୍)**



ଆର୍‌ସିପି ସିଂ

ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଆର୍‌ସିପି ସିଂ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂ, ଗଣମାଧ୍ୟମ ପ୍ରଭାରୀ ଅନିଲ ବାଲୁନି ଏବଂ ସହ ପ୍ରଭାରୀ ସଞ୍ଜୟ ମୟୁଖ ଉପସ୍ଥିତ ଥିଲେ। ଭାଜପାରେ ଆର୍‌ସିପି ସିଂଙ୍କ ଯୋଗଦାନକୁ ଧର୍ମେନ୍ଦ୍ର ସ୍ୱାଗତ କରିଛନ୍ତି। ତାଙ୍କ ଯୋଗଦାନ ବିହାରକୁ ଜଙ୍ଗଲରାଜରୁ ମୁକ୍ତକରି ଆଇନର ଶାସନ ପ୍ରତିଷ୍ଠାରେ ସହାୟକ ହେବ ବୋଲି କହିଛନ୍ତି। ଅଟଳ ବିହାରୀ ବାଜପେୟୀ ଏବଂ ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମୟରେ ଦୁଇ ଦଳ ମଧ୍ୟରେ ମେଣ୍ଟ ରହିଥିଲା। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ମୁଖ୍ୟ ନୀତୀଶ କୁମାର ନିଜର ସ୍ୱାର୍ଥ ପାଇଁ ଭାଜପାରୁ ଦୂରେଇଯାଇ ଆର୍‌ଜେଡି ଏବଂ କଂଗ୍ରେସ ସହ ମିଶି ମହାମେଣ୍ଟ ସରକାର ଗଢ଼ିଛନ୍ତି। ଏହି ସମୟରେ ଆର୍‌ସିପି ସିଂ ନୀତୀଶଙ୍କୁ ବିରୋଧ କରିଥିଲେ। ଆର୍‌ସିପି ସିଂଙ୍କ ଯୋଗଦାନ ଫଳରେ ବିହାରରେ ଭାଜପା ଶକ୍ତିଶାଳୀ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିପରି ନୀତୀଶଙ୍କୁ ଆର୍‌ସିପି ସିଂ ସମାଲୋଚନା କରିଛନ୍ତି। ଦେଶ ବିକାଶ ପଥରେ ଅଗ୍ରଗତି କରୁଥିବାବେଳେ ବିହାର ଏବେ କେଉଁ ସ୍ଥିତିରେ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ପାଇଁ ନୀତୀଶ ବିରୋଧୀ ମେଣ୍ଟ ଗଠନ ଲାଗି ଜୋର୍‌ଦାର ଅଣ୍ଟା ଭିଡ଼ିଛନ୍ତି। ସେ ୩ ଦିନ ହେଲା ବିଭିନ୍ନ ରାଜ୍ୟକୁ ଗସ୍ତ କରୁଛନ୍ତି। ତେବେ ବିରୋଧୀ ମେଣ୍ଟର ନେତା କିଏ ତାହା ନୀତୀଶ ପ୍ରକାଶ କରିବା ଉଚିତ ବୋଲି ସିଂ କହିଛନ୍ତି। ପ୍ରଧାନମନ୍ତ୍ରୀ ହେବାକୁ ଆଶା ରଖିଥିବା ନୀତୀଶ ସବୁବେଳେ ପିଏମ୍ (ପଲ୍‌ଟିମାର) ହୋଇ ରହିବେ ବୋଲି ଆର୍‌ସିପି ସିଂ କହିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଚିରଞ୍ଜୀବଙ୍କ ମନ୍ତବ୍ୟକୁ ନେଇ ଜଗତ୍‌ସିଂହପୁରରେ ଚର୍ଚ୍ଚା

**ଜଗତ୍‌ସିଂହପୁର ଅଫିସ, ୧୧।୫**

୨୦୧୯ ସାଧାରଣ ନିର୍ବାଚନରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳଙ୍କ ପରାଜୟ ହୋଇଥିଲା। ଏହା ପରଠାରୁ ଚିରଞ୍ଜୀବ କାଁ ଭାଁ ନିର୍ବାଚନମଣ୍ଡଳୀକୁ ଆସୁଛନ୍ତି। ସାଙ୍ଗଠନିକ କାର୍ଯ୍ୟ ହେଉ ନ ଥିବାରୁ ଦଳୀୟ ନେତା ଓ କର୍ମୀଙ୍କୁ ନିରାଶ କରୁଛି। ଏ ପରିସ୍ଥିତିରେ ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ 'ଜାନକୀ-ବସନ୍ତ ସ୍ୱର୍ଣ୍ଣିମ ଦିନ' ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଚିରଞ୍ଜୀବଙ୍କ ମନ୍ତବ୍ୟକୁ ନେଇ ଜଗତ୍‌ସିଂହପୁରରେ ଚର୍ଚ୍ଚା ଜୋର ଧରିଛି। କେତେଜଣ ଦଳୀୟ ନେତା ଏହାକୁ ନାପସନ୍ଦ କରିଥିବା ବେଳେ ଆଉ କେତେକ ଦଳ ହିତ ଦୃଷ୍ଟିରୁ ସେ ଏଭଳି ମନ୍ତବ୍ୟ ଦେଇଥିବା କହିଛନ୍ତି।

ଏହି ଆଲୋଚନାଚକ୍ରରେ ଚିରଞ୍ଜୀବ କହିଥିଲେ, କଂଗ୍ରେସ ଦଳ ୧୯୭୭ରେ ଯେଉଁଭଳି ସ୍ଥିତିରେ ଥିଲା ଏବେ ତାହାଠାରୁ ଖରାପ ଅବସ୍ଥାରେ ଅଛି। ଯେଉଁ ଯୁବକମାନେ କଂଗ୍ରେସରେ ସକ୍ରିୟ ହୋଇ ରହିଛନ୍ତି ସେମାନଙ୍କୁ ଠିକ୍ ଭାବେ ସୁଯୋଗ ଦିଆଯାଉନାହିଁ।

ଏ ସମ୍ପର୍କରେ ପୂର୍ବତନ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ କହିଛନ୍ତି, ଚିରଞ୍ଜୀବଙ୍କ ଏହି ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଦଳ ବଡ଼, ବ୍ୟକ୍ତି ନୁହେଁ। ଜଣେ ଆଗଧାଡ଼ିର ନେତା ହିସାବରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ପ୍ରଦେଶ କଂଗ୍ରେସକୁ ମଜଭୁତ କରିବା ତାଙ୍କ ଦାୟିତ୍ୱ। ଏନେଇ କିଛି କାର୍ଯ୍ୟ କରିବା ପରିବର୍ତ୍ତେ ଦଳକୁ ଦୁର୍ବଳ କରିବାକୁ ଯେଉଁ ଷଡ଼ଯନ୍ତ୍ର କରୁଛନ୍ତି ତାହା ନିନ୍ଦନୀୟ। ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏ ଘଟଣାକୁ ଗୁରୁତ୍ୱର ସହ ନେଇ ଦଳର ହିତ ଦୃଷ୍ଟିରୁ ଯାହା କାର୍ଯ୍ୟାନୁଷ୍ଠାନ ନେବେ ତାକୁ ସ୍ୱାଗତ କରାଯିବ ବୋଲି ସେ କହିଛନ୍ତି। ଜିଲା କଂଗ୍ରେସ ସଭାପତି ନଟବର ବାରିକ କହିଛନ୍ତି, କାର୍ଯ୍ୟକ୍ରମଟି ମହତ ଲକ୍ଷ୍ୟ ନେଇ ହୋଇଥିଲା। ଜାନକୀ-ବସନ୍ତଙ୍କ ସମୟରେ ସ୍ୱର୍ଣ୍ଣିମ ଦିନ ଥିଲା। ତାକୁ ମନେ ପକାଇ ଦଳକୁ ମଜଭୁତ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଚିରଞ୍ଜୀବ ମଧ୍ୟ ଦଳକୁ ହାନିରେ ପକାଇବା ପାଇଁ କିଛି କହିନାହାନ୍ତି। ଦଳର ବାସ୍ତବ ଚିତ୍ର କହିଛନ୍ତି। କିନ୍ତୁ ଭଲ କହୁ କହୁ ପ୍ରସଙ୍ଗ ନୂଆ ମୋଡ଼ ନେଇ ଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ବାର୍ତ୍ତା ଦଳୀୟ ନେତା ଓ କର୍ମୀଙ୍କୁ କେତେକାଂଶରେ ପ୍ରଭାବିତ କରିଛି। କିନ୍ତୁ ଚିରଞ୍ଜୀବ ଦଳରେ ଅଛନ୍ତି ଏବଂ ଆଗକୁ କିଛି ଭଲ ହେବ ବୋଲି ଆଶା। ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ମଧ୍ୟ ଚିରଞ୍ଜୀବଙ୍କ ମନ୍ତବ୍ୟ ଦଳ ସ୍ୱାର୍ଥ ପାଇଁ ଥିବା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଦଳର ଭଲ ପାଇଁ ଚିରଞ୍ଜୀବ ଯାହା କିଛି କହିଛନ୍ତି, ତାହା ଉପନିର୍ବାଚନ ପୂର୍ବରୁ କହିଥିବାରୁ ନିଆରା ବାର୍ତ୍ତାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ ମଧ୍ୟ ଚିରଞ୍ଜୀବ ଦଳର ବାସ୍ତବ ସ୍ଥିତି ସମ୍ପର୍କରେ କହିଥିବା ସୂଚାଇଛନ୍ତି। ଆଗକୁ ଦଳର ସମସ୍ତ ନେତା ଏକତ୍ରିତ ହୋଇ କାମ କଲେ ୨୦୨୪ ସାଧାରଣ ନିର୍ବାଚନରେ ସଫଳତା ମିଳିବ ବୋଲି ସେ କହିଛନ୍ତି। କିନ୍ତୁ କେତେଜଣ ଦଳୀୟ ନେତା ନାମ ଗୋପନ ରଖି ଚିରଞ୍ଜୀବ କଂଗ୍ରେସ ସଙ୍ଗଠନଠାରୁ ଧୀରେ ଧୀରେ ଦୂରେଇ ଯାଉଥିବା କହିଛନ୍ତି।

# ସକାଳ ୮ଟାରେ ପୋଷ୍ଟାଲ ବାଲଟ ଗଣତି

### ଝାରସୁଗୁଡ଼ା ଉପନିର୍ବାଚନ

- ମତଦାନ ହାର ୭୯.୨୧ ପ୍ରତିଶତ
- ଭୋଟ ଗଣତିର ସମୀକ୍ଷାକଲେ ସିଇଓ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ମତଦାନ ହାର ୭୯.୨୧ ପ୍ରତିଶତ ହୋଇଛି। ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ ବିହାରୀ ଧଳ ଗୁରୁବାର ସୂଚନା ଦେଇଛନ୍ତି। ଏଥିସହ ସେ ଭୋଟ ଗଣତି ସମ୍ପର୍କରେ ଏକ ସମୀକ୍ଷା କରିଛନ୍ତି। ଭିଡିଓ କନ୍‌ଫରେନ୍ସରେ ସେ ଜିଲାପାଳ, ଏସ୍‌ପିଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ୧୩ରେ ଅନୁଷ୍ଠିତ ହେବାକୁ ଥିବା ଭୋଟ ଗଣତି ସମ୍ପର୍କରେ ଆଲୋଚନା କରିଛନ୍ତି। ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ପରିସରରେ ଶନିବାର ସକାଳ ୮ ଘଡ଼ିକା ସମୟରେ ପ୍ରଥମେ ପୋଷ୍ଟାଲ ବାଲଟ ଏବଂ ୮ଟା ୩୦ ମିନିଟ୍‌ରେ ଇଭିଏମ୍ ଗଣତି ଆରମ୍ଭ ହେବ। ଭୋଟ ଗଣତି ନିମନ୍ତେ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇଥିବା ଜିଲା ପ୍ରଶାସନ ତରଫରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜିଲା ନିର୍ବାଚନ ଅଧିକାରୀ ଅବଗତ କରାଇଛନ୍ତି। ଭୋଟ ଗଣତି କେନ୍ଦ୍ର ଚତୁଃପାର୍ଶ୍ୱରେ ସେଦିନ ସମ୍ଭାବ୍ୟ ଜନଗହଳିକୁ ପରିଚାଳନା ସହ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲାପାଳ ଆବୋଲି ଏସ୍. ନର୍‌ୱାଣେ, ଜିଲା ଆରକ୍ଷୀ ଅଧୀକ୍ଷକ ସ୍ମିଥ୍ ପି. ପୁରୁଷୋତ୍ତମ ଦାସ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ଓ ଲକ୍ଷ୍ମେଶ୍ୱର ଅମାତ, ଉପଜିଲାପାଳ ରିର୍ଟର୍ଣ୍ଣିଂ କିଶୋର ଚନ୍ଦ୍ର ସ୍ୱାଇଁ, ଡିଆଇଓ, ଏନ୍‌ଆଇସି ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949



REAL ESTATE

**SALE**

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0332

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** D-0263

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ପୁରୀ ବାଟଗାଁ ମଉଜାରେ sqft.-900/- ହିସାବରେ 1000 sqft.ର ସ୍ଥିତିବାନ୍ ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ କରନ୍ତୁ: 8144462229, 9090301002. D-69082

**ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.-** D-74855

**PURCHASE**

ଭୁବନେଶ୍ୱରରେ ଯେଉଁ flat owners ନିଜର 2/3BHK flat ବିକିବାକୁ ଚାହୁଁଥିବେ 7653898752. D-74308

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**





All types of professional body massage by professional therapy. Contact: 9556924059, 7077933109. D-0332

Newly open SPA Positively health benefit with expert. Contact: 7749976301. D-74543

Spa full body Massage best Therapist Gents & ladies @799/- Bhubaneswar. Kajal-9337672475. D-0260

**Relax, Refresh your body, Mind at Saikrupa Spa with best therapies. 8984068077.** D-0282

Newly open health benefits SPA special offer @ 799 Jaydev Vihar. 8018429809. D-75105

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-74680

**AFFIDAVIT**

I, Padmaja Tripathy Dash, Wife of Late Siddhartha Sankar Dash at Sahidnagar, P.O.- Sahidnagar, P.S. Sahidnagar, District.- Khurda Pin- 751007 declare by this affidavit No. 59AA 899171, dated 20.04.2023. That now onwards I shall be Known as Padmaja Tripathy for all future purposes. D-0326

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit Sl. No.47 dtd 02.05.2023 before the Executive Magistrate, Bhubaneswar, I, Siva Charan Mohanty, S/o Late Dinabandhu Mohanty residing at 69-B, HIG BDA Duplex, Baramunda, PS- Bharatpur, permanent resident of Kapileswarpur, PS.- Brahmagiri, Dist.-Puri declare that inland document vide Khata No.-1884 of Mouza- Kapileswarpur, PS-Brahmagiri, Dist.-Puri my name reflected nick name is Sadasiva Mohanty, but my good name is Siva Charan Mohanty in Pan Card, Aadhaar Card, Passport. I declare that Sadasiva Mohanty and Siva Charan Mohanty is one and same person i.e. my self. D-0324

**LOST**

ଦିଲ୍ଲୀପ କୁମାର ରାଉତରାୟଙ୍କ ନାମରେ ଥିବା ବିକ୍ରି କବଲା ନଂ. ୫୨୮୦/୨୦୦୩ (ମୌଜା: ବେଗୁନିଆ, ଖାତା ନଂ: ୧୦୨), ପ୍ଲଟ୍ ନଂ- ୨୧୯, ଚକ ନଂ- ୧୦୭, ଏରିଆ ଏକର ୦.୦୪୦ ଡିସିମିଲ (ମୋଟ ସ୍ୱତ୍ୱ ଏରିଆ ଏକର ୧.୧୦୫ ଡିସିମିଲରୁ) କେଉଁଆଡେ ହଜିଯାଇଛି। ଭୁବନେଶ୍ୱରସ୍ଥିତ କାନାରା ବ୍ୟାଙ୍କର ମୁଖ୍ୟ ଶାଖା ଉପର କଥିତ ଗୃହ ସମ୍ପତ୍ତିକୁ ବନ୍ଧକ ରଖି ମୋତେ ଋଣ ପ୍ରଦାନ କରିବାକୁ ସହମତି ପ୍ରଦାନ କରିଛନ୍ତି। ଯଦି କୌଣସି ବ୍ୟାଙ୍କ କିମ୍ବା ଅର୍ଥ ପ୍ରଦାନକାରୀ ସଂସ୍ଥା ଉପରୋକ୍ତ ବିକ୍ରି କବଲାକୁ ବନ୍ଧକ ରଖି କୌଣସି ବ୍ୟକ୍ତି ବିଶେଷଙ୍କୁ ଋଣ ପ୍ରଦାନ କରିଛନ୍ତି, ତେବେ ଏହି ନୋଟିସ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଦୟାକରି ମୋବାଇଲ ନଂ. 7008273985ରେ ଶ୍ରୀ ଦିଲ୍ଲୀପ କୁମାର ରାଉତରାୟଙ୍କୁ ଅବଗତ କରିବାକୁ ଅନୁରୋଧ କରୁଛୁ। D-73380

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଅଂଶୁମାନ ମହାନ୍ତି (ଛୋଟୁ)**

ଡାକବଙ୍ଗଳା ଛକ, ଭୁବନେଶ୍ୱର

ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।

ବାପା,ମା, ଜେଜେ, ଜେଜେମା, ଅଜା, ଆଈ, ବଡ଼ବାପା, ବଡ଼ମା, ସାନବଡ଼ବାପା, ମାମୁ, ମାଇଁ, ଅପା, ପିଉସା, ଭାଇ ଓ ଭଉଣୀ।

ଧ-୦୩୨୧

**ଜନ୍ମଦିନ ଶୁଭେଚ୍ଛା**



ଲିଜା, (ଝାଢ଼)

**ଅନ୍ୱେଷା ଦାସ**

ଆଜି ଶ୍ରୀକ୍ଷେତ୍ରେ ଭଉଁରି ପରି ପବିତ୍ର ଦିବସରେ ତୋର ଜନ୍ମଦିନ ପାଳନ କରି ଆମେ ଅପାର ଆନନ୍ଦ ଉପଲବ୍ଧି କରୁଛୁ। ଏହି ଅବସରରେ ସ୍ୱାସ୍ଥ୍ୟବତୀ, ଭାଗ୍ୟବତୀ, ସୁଖ ପରିବାରର ଗୃହିଣୀ ଜୀବନ ଯାପନ କରିବା ପାଇଁ ଶ୍ରୀଜଗନ୍ନାଥଙ୍କ ପଦ୍ମପାଦରେ ପ୍ରାର୍ଥନା କରୁଛୁ।

ମମି, ଡାଡି, ବାପା, ମା ଓ ଭାଇଭଉଣୀମାନେ

ଧ-୦୩୨୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Birthday Wishes**



(Pinkuni)

**Krishnamayee Pati**

Wish you a very happy Birthday. May Maa Tarini bless you and grant you all your wishes.
Wishes from- Suphala, Vickey, Dhurba, Pinku.

D-0325

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।

# ବିବାଦର ସମାଧାନ ଲାଗି ଥାନାକୁ ଡାକି ପିଟିଲା ପୋଲିସ

## ପୋଲିସର ଦାଦାଗିରି ପ୍ରତିବାଦରେ ଏସ୍‌ପିଙ୍କୁ ଫେରାଦ

**ନୟାଗଡ଼ ଅଫିସ/ଭାପୁର,୧୧।୫ (ସ୍ୱ.ପ୍ର.)**

ନୟାଗଡ଼ ପୋଲିସ ଜିଲାର ଫତେଗଡ଼ ଥାନା ସବ୍‌ଇନ୍ସପେକ୍ଟର ଅରୂପ ନାୟକଙ୍କ ନାଁରେ ଦବଙ୍ଗଗିରି ଅଭିଯୋଗ ଆସିଛି। ସ୍ୱାମୀ, ସ୍ତ୍ରୀ ମଧ୍ୟରେ ହୋଇଥିବା ଝଗଡ଼ାର ସମାଧାନ ପାଇଁ ଥାନାକୁ ଡକାଇ ଭାପୁରର ସୁନୀଲ କୁମାର ମହାନ୍ତିଙ୍କୁ ସବ୍‌ଇନ୍ସପେକ୍ଟର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ସୁନୀଲଙ୍କ ପରିବାର ପକ୍ଷରୁ ନୟାଗଡ଼ ଏସ୍‌ପି ଓ ଖଣ୍ଡପଡ଼ା ଏସ୍‌ଡିପିଓଙ୍କୁ ଫେରାଦ୍ ହୋଇଛି। ଏସ୍‌ପି ନ ଥିବାରୁ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦାଖଲ କରାଯାଇଛି।

ଅଭିଯୋଗ ଅନୁଯାୟୀ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଝଗଡ଼ାର ସମାଧାନ ପାଇଁ ମଙ୍ଗଳବାର ସବ୍‌ଇନ୍ସପେକ୍ଟର ଅରୂପ ନାୟକ ଫୋନ ଯୋଗେ ଭାପୁରର ସୁନୀଲ କୁମାର ମହାନ୍ତିଙ୍କୁ ଥାନାକୁ ଡକାଇଥିଲେ। ସୁନୀଲ ଥାନାରେ ପହଞ୍ଚି ଏହି ମାମଲା କୋର୍ଟରେ ବିଚାରଧୀନ ରହିଥିବା କହି ନିଜର ପକ୍ଷ ରଖିଥିଲେ। ତେବେ ସବ୍‌ଇନ୍ସପେକ୍ଟର କିଛି ନ ଶୁଣି ସ୍ୱାମୀ ସ୍ତ୍ରୀ ଭଲରେ ଚଳିବ କହିଥିଲେ। ଆଉ ବିବାଦ ନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଥାନା ପଛପଟକୁ ଡାକି ପ୍ଲାଷ୍ଟିକ ପାଇପ୍‌ରେ ତାଙ୍କୁ ନିଘୁଞ୍ଚ ପିଟିଥିଲେ। ପ୍ରତିବାଦ କରିବାରୁ ବିନା କେସ୍‌ରେ ଥାନାରେ ପୂରାଇ ଦେବି ବୋଲି ଧମକ ଦେଇଥିଲେ। ଏନେଇ ସୁନୀଲଙ୍କ ମା' କହିଛନ୍ତି, ମୋ ପୁଅକୁ ସବ୍‌ଇନ୍ସପେକ୍ଟର ମାଡ଼ ମାରିବା ଠିକ୍ ନୁହେଁ। ଲାଞ୍ଚ ନେଇ ପୁଅକୁ ମାଡ଼ ମରାଯାଇଛି। ଘଟଣାର ଠିକ୍ ତଦନ୍ତ ସହ ସବ୍‌ଇନ୍ସପେକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ମାଡ଼ ଖାଇ ମୋ ପୁଅ ଗୁରୁତର ଅବସ୍ଥାରେ ଭାପୁର ମେଡିକାଲରେ ଚିକିତ୍ସିତ ହେଉଛି। ଫତେଗଡ଼ ଥାନା ସବ୍‌ଇନ୍ସପେକ୍ଟର ଅରୂପ ନାୟକ ଏପରି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ସୁନୀଲଙ୍କ ନାମରେ ଗଞ୍ଜେଇ କେସ୍ ରହିଛି। ଏହା ଛଡା ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। କୋର୍ଟରେ ମଧ୍ୟ ଏନେଇ ମାମଲା ଅଛି। ବହୁ ଥର ଏହି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୁଏ। ସେମାନେ ଥାନାକୁ ଆସି ପୋଲିସକୁ ହଇରାଣ କରିଥାଆନ୍ତି। ମୁଁ ତାଙ୍କୁ ମାରପିଟ୍ କରି ନାହିଁ। ମୋତେ ଅଯଥାରେ ଫସାଇବାକୁ ଉଦ୍ୟମ କାହିଁକି କରାଯାଉଛି ମୁଁ ଜାଣିପାରୁ ନାହିଁ।

# ଜଟଣୀରେ ହେବ କ୍ୟାନ୍ସର ହସ୍ପିଟାଲ



## ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ

**ଜଟଣୀ,୧୧।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ନାଇଜର କ୍ୟାମ୍ପସ ପରିସରରେ ନିର୍ମାଣ ହେବ ହୋମି ଭାଭା କର୍କଟ ରୋଗ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର। ଗୁରୁବାର ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ ଅବସରରେ ଦିଲ୍ଲୀ ପ୍ରଗତି ମୈଦାନ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଠାରେ କର୍କଟ ରୋଗୀଙ୍କ ଉତ୍ତମ ଚିକିତ୍ସା ଓ ନିରାକରଣ ଦିଗରେ କାର୍ଯ୍ୟ ହେବ। ୨ଶହ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ୬୫୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବ। କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ ଆଟୋମିକ ଏନର୍ଜି ମୋଟ୍ ବ୍ୟୟ ଅଟକଳର ୪୦୦କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଟାଟା ମେମୋରିଆଲ ଟ୍ରଷ୍ଟ ୨୫କୋଟି ଟଙ୍କା ବ୍ୟୟ କରିବ। ହସ୍ପିଟାଲ ବିଲ୍ଡିଂ, ଧର୍ମଶାଳା, ଗେଷ୍ଟ ହାଉସ, ଷ୍ଟାଫ କ୍ୱାର୍ଟର ଏବଂ ବିଦ୍ୟାଳୟ ଆଦି ନିର୍ମାଣ କରାଯିବ। ଅନ୍ୟପକ୍ଷରେ ଏହି ମେଡିକାଲ ନିର୍ମାଣ ପାଇଁ ନାଇଜର ୧୭ ଏକର, ମିନିଷ୍ଟ୍ରି ଅଫ ସ୍କିଲ କ୍ଷେତ୍ରରୁ ୧୩ ଏକର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୪୨ ଏକର ଜମି ପ୍ରଦାନ କରାଯାଉଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପିର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ଦାସଙ୍କ ପରଲୋକ



**ରାଉରକେଲା ଅଫିସ,୧୧।୫:** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି)ର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ଦାସ ଆଉ ନାହାନ୍ତି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ନିମୋନିଆରେ ପୀଡ଼ିତ ହୋଇ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଗୁରୁବାର ତାଙ୍କର ପରଲୋକ ହୋଇଛି। ସୂଚନାଯୋଗ୍ୟ, ସ୍ୱର୍ଗତ ଦାସ ଆର୍‌ଏସ୍‌ପିର ବିଭିନ୍ନ ବିଭାଗରେ ନିର୍ବାହୀ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ସେ ଜଣେ ଦକ୍ଷ ଅଧିକାରୀ ଭାବେ ଜଣାଶୁଣା ଥିଲେ। ଅବସର ଗ୍ରହଣ ପରେ ଦାସ ରାଉରକେଲା କୋଏଲ ନଗର ସ୍ଥିତ ଘର ନଂ. ଇ/୬ରେ ରହୁଥିଲେ। ତାଙ୍କ ସ୍ତ୍ରୀଙ୍କ ବିୟୋଗ ପରେ ସେ ରାଉରକେଲା ଛାଡି ଗତ ୬ ବର୍ଷ ଧରି କଟକର ସିଡିଏ ସେକ୍ଟର-୯ ସ୍ଥିତ ଘର ନଂ. ଏ-୨ରେ ରହିଆସୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ସୌମେନ୍ଦ୍ର ଦାସ, ଶୈଳେନ୍ଦ୍ର ଦାସ, ପୁତ୍ରବଧୂ, ସାନଭାଇ ବରିଷ୍ଠ ଆଡଭୋକେଟ ଜୀବନ ରଞ୍ଜନ ଦାସ, ଯଶୋବନ୍ତ ଦାସ, ରୀତା ଦାସ, ଭିଣୋଇ ତଥା ଆଇଜିଏଚ୍‌ରୁ ଅବସର ଗ୍ରହଣ କରିଥିବା ଜଣାଶୁଣା ଚିକିତ୍ସକ ନିମାଇଁ ଚରଣ ନନ୍ଦ, ଡ. ଏଲ୍. ଏନ୍. ମିଶ୍ର, ଭଣଜା ନିଶାନ୍ତ ନନ୍ଦ ଏବଂ ଭଣଜା ବୋହୂ ଶେଫାଳୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ପରିଷଦ ସଭ୍ୟାଙ୍କ ପିସି ମୋହ, ଥାନାରେ ଏତଲା

## ୫ ଲକ୍ଷର ରାସ୍ତାକୁ ୫୦ ହଜାର ପିସି

**ସମ୍ବଲପୁର,୧୧।୫(ବ୍ୟୁରୋ)**

ଜନ ପ୍ରତିନିଧିଙ୍କ ନାମରେ ଅନେକ ସମୟରେ ପିସି ମାଗୁଥିବା ନେଇ ଅଭିଯୋଗ ହୋଇଥାଏ। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଜୋନ ୧ ବିଜେଡିର ଜିଲା ପରିଷଦ ସଭ୍ୟା ସୁରଜା ସେଠଙ୍କ ନାମରେ ପିସି ମାଗୁଥିବା ନେଇ ଅଭିଯୋଗ ହୋଇଛି। ବରଗଡ ଜିଲା ଟାଉନ ଥାନାରେ ସମିତି ସଭ୍ୟ ଉଗ୍ରସେନ ସାହୁ ଗୁରୁବାର ଏହି ଅଭିଯୋଗ କରିଛନ୍ତି। ଉଗ୍ରସେନଙ୍କ ଅଭିଯୋଗ କ୍ରମେ ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତରେ ଏକ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ଉକ୍ତ କାମର ବିଲ୍ ଟଙ୍କା ମେ' ୩ ତାରିଖରେ ମିଳିଥିଲା। ଟଙ୍କା ପାଇବା ପରେ ଜିଲା ପରିଷଦ ସଭ୍ୟା ସେଠ୍ ପିସି ବାବଦକୁ ୫୦ ହଜାର ଟଙ୍କା ଦେବାକୁ କହିଥିଲେ। ଏପରି କି ଟଙ୍କା ପାଇଁ ଧମକଚମକ ଦେଇଥିଲେ। ଏପରିସ୍ଥଳେ ମେ' ୫ ତାରିଖରେ ବରଗଡ ଜିଲା କଲାପାନି ଶ୍ୱଶୁର ଘରକୁ ଯାଉଥିବା ଖବର ପାଇ କଲାପାନି ଗ୍ରାମ ଛକରେ ଜିଲା ପରିଷଦ ସଭ୍ୟା ସେଠ୍‌ଙ୍କ ସହ ତାଙ୍କ ସ୍ୱାମୀ ଓ ଭାଇ ଜଗି ରହିଥିଲେ। ଛକରେ ପହଞ୍ଚିବା କ୍ଷଣି ସେମାନେ ମୋତେ ଘେରିଯାଇ ମାରପିଟ କରିଥିଲେ। ବାଇକ୍ ଚାବି ନେଇଯିବା ସହ ମୋବାଇଲ ମଧ୍ୟ ଛଡାଇ ନେଇଥିଲେ। ମାରଣାସ୍ତ୍ର ଦେଖାଇ ଟଙ୍କା ଟ୍ରାନ୍ସଫର କରିବା ପାଇଁ ଫୋନ ପେ'ର ପାସ୍‌ୱାର୍ଡ ମାଗିଥିଲେ। ପୋଲିସକୁ ଫୋନ କରିବାରୁ ପିସିଆର୍ ଆସି ସେମାନଙ୍କୁ ଥାନାକୁ ନେଇଥିଲା। ଆମେ ଗୋଟିଏ ରାଜନୈତିକ ଦଳର ହୋଇଥିବାରୁ ଆପୋସ ବୁଝାମଣା ପାଇଁ ଦଳୀୟ ନେତାମାନେ କହିଥିଲେ। ଅନ୍ୟପକ୍ଷେ ପୋଲିସ ଜିଲା ପରିଷଦ ସଭ୍ୟାଙ୍କ ପାଖରୁ ମୋବାଇଲ ଓ ବାଇକ୍ ଚାବି ଜବତ କରିଥିଲା। ତେଣୁ ମେ' ୫ ତାରିଖରେ ଅଭିଯୋଗ କରି ନ ଥିଲି। ହେଲେ ଭୟ ଲାଗୁଥିବାରୁ ଗୁରୁବାର ଅଭିଯୋଗ କରିଛି। ଏହା ଉପରେ ପୋଲିସ ପଦକ୍ଷେପ ନେଉ ବୋଲି ସମିତି ସଭ୍ୟ ସାହୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟାଙ୍କ ଫୋନ ନମ୍ବର ୯୫୫୬୫୦୦୯୩ରେ ଯୋଗାଯୋଗ କରାଯାଇଥିଲା। ବାରମ୍ବାର ଫୋନ ରିଙ୍ଗ ହୋଇଥିଲେ ମଧ୍ୟ ସେ ଗ୍ରହଣ କରି ନ ଥିଲେ। ଏ ସମ୍ପର୍କରେ ବରଗଡ଼ ଟାଉନ ଥାନା ଅଧିକାରୀ ସତ୍ୟଜିତ କଣ୍ଡନକେଲ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

# ୧୩୬ ଲକ୍ଷ ୬ ହଜାର ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ଆକଳନ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

୨୦୨୨-୨୩ ବର୍ଷରେ ଓଡ଼ିଶାରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆଗୁଆ ଆକଳନ ଅନୁଯାୟୀ ୨୦୨୨-୨୩ବର୍ଷରେ ରାଜ୍ୟରେ ୧୩୬ ଲକ୍ଷ ୬ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ଖାଦ୍ୟଶସ୍ୟ ଉତ୍ପାଦନ ହେବାର ଆକଳନ କରାଯାଇଛି। ଏହା ପୂର୍ବରୁ ୨୦୨୦-୨୧ ବର୍ଷରେ ରାଜ୍ୟରେ ୧୩୦ ଲକ୍ଷ ୩୮ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା। ରାଜ୍ୟରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବାରୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଖୁସିବ୍ୟକ୍ତ କରିବା ସହିତ ଏଥିନିମନ୍ତେ ରାଜ୍ୟର ଚାଷୀ ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୨୨-୨୩ ବର୍ଷର ଆକଳନ ଅନୁଯାୟୀ ରାଜ୍ୟର ମୋଟ ଶସ୍ୟ ଉତ୍ପାଦନ ମଧ୍ୟରେ ଚାଉଳ ଉତ୍ପାଦନ ୧୧୫ ଲକ୍ଷ ମେଟ୍ରିକ୍ ଟନ ହେବାବେଳେ ମକା ୮ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ,ମାଣ୍ଡିଆ ୧ ଲକ୍ଷ ୬୧ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ ଏବଂ ଗହମ,ବାଜରା ଓ ଅନ୍ୟ ଲଘୁଶସ୍ୟ ୨୮ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ ଉତ୍ପାଦନର ଆକଳନ କରାଯାଇଛି।

ସେହିପରି ମୋଟ ୧୦ ଲକ୍ଷ ୫୫ ହଜାର ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ ଡାଲିଜାତୀୟ ଶସ୍ୟ ଉତ୍ପାଦନ ମଧ୍ୟରେ ମୁଗ ୪ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ, ବିରି ୧ ଲକ୍ଷ ୯୭ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ, ହରଡ଼ ୧ ଲକ୍ଷ ୩୭ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ, କୋଳଥ ୯୧ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ, ମଟର ୨୯ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ, ମସୁର ୭ ହଜାର ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ, ବରଗୁଡ଼ି ୬୮ହଜାର ମେଟ୍ରିକ ଟନ୍‌ରୁ ଉର୍ଦ୍ଧ୍ୱ ଏବଂ ଅନ୍ୟ ଡାଲିଜାତୀୟ ଫସଲ ୭୬ ହଜାର ମେଟ୍ରିକ୍ ଟନ୍ ଉତ୍ପାଦନ ହେବା ନେଇ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

# ଖୁଆଇଦେଲେ ଏକ୍ସପାରି ଔଷଧ, ମୃତ୍ୟୁସହ ଲଢୁଛି ଶିଶୁ

## ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ବେପରୁଆ ମନୋଭାବ

**ପାରଳାଖେମୁଣ୍ଡି,୧୧।୫(ଡି.ଏନ୍.ଏ.)**

ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ବେପରୁଆ ମନୋଭାବ ଯୋଗୁ ମୃତ୍ୟୁ ସହ ଲଢୁଛି ୧୧ ମାସର ଶିଶୁ। ପ୍ରାୟ ବର୍ଷେ ତଳର ଏକ୍ସପାରି ଔଷଧ ଖୁଆଇ ଦେବାରୁ ଶିଶୁପୁତ୍ରର ଅବସ୍ଥା ସଙ୍କଟାପନ୍ନ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ପାରଳା ସହର ଉପକଣ୍ଠସ୍ଥ ଯାଜପୁର ଗ୍ରାମରେ।

ଯାଜପୁର ଗ୍ରାମର ଆଶା କର୍ମୀ (୪୫), ଅଙ୍ଗନୱାଡି କର୍ମୀ ସୁମିତା ସ୍ୱାଇଁଙ୍କ ୧୧ ମାସର ଶିଶୁପୁତ୍ରଙ୍କୁ ଗତ ଏପ୍ରିଲ ୭ ତାରିଖରେ ଭିଟାମିନ୍ ଔଷଧ ଖୁଆଇଥିଲେ। ଏହାପରେ ଶିଶୁପୁତ୍ରକୁ ସୁମିତା ଘରକୁ ନେଇଯାଇଥିଲେ। ଘରେ ପହଞ୍ଚିବା ପରେ ଶିଶୁକୁ ଝାଡ଼ାବାନ୍ତି ହୋଇଥିଲା। ଏ ନେଇ ସୁମିତା ଆଶାକର୍ମୀଙ୍କୁ ଜଣାଇଥିଲେ। ଏହି ସମୟରେ ଔଷଧ ବାକ୍ସଟିକୁ ନେଇ ଆଶାକର୍ମୀ ପୋଡ଼ିଦେଇଥିଲେ । ଏଥିରୁ କିଛି ବୋତଲକୁ ଦେଖିବା ବେଳେ ସେଥିରେ ବୈଧ ତାରିଖ ପ୍ରାୟ ୧ବର୍ଷ ୪ମାସ ହେଲା ସମ୍ପୂର୍ଣ୍ଣ ହୋଇଯାଇଥିବା ଜଣାପଡ଼ିଥିଲା। ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଦାୟିତ୍ୱହୀନତା ଯୋଗୁ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ପ୍ରଥମେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଆନ୍ଧ୍ର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ବୁଧବାର ଭୁବନେଶ୍ୱର ମେଡିକାଲ ନେଇଥିଲେ। ସେଠାରୁ ଗୁରୁବାର କଟକ ଶିଶୁ ଭବନରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଶିଶୁର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଉଭୟ ଆଶାକର୍ମୀ ଓ ଅଙ୍ଗନୱାଡିକର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଧବାର ସ୍ଥାନୀୟ ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ। ପୋଲିସ ନଂ. ୧୩୩/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



ଗୁରୁତର ଶିଶୁ

# ୪୮ ଘଣ୍ଟା ପରେ ଯୁବତୀଙ୍କ ମୃତଦେହ ମିଳିଲା

**ସମ୍ବଲପୁର,୧୧।୫(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଥାନା ପାୱାରଚ୍ୟାନେଲ ସାଇଫନରେ ନିଖୋଜ ଥିବା ଝାରସୁଗୁଡ଼ାର ନିଶା ଝାଙ୍କ ମୃତଦେହ ଗୁରୁବାର ସନ୍ଧ୍ୟାରେ ପାଣି ଭିତରୁ ମିଳିଛି। ପ୍ରାୟ ୪୮ ଘଣ୍ଟା ପରେ ମହାନଦୀ ଦୁର୍ଗାପାଲି ଘାଟରୁ ଅଗ୍ନିଶମ କର୍ମଚାରୀ ତାଙ୍କୁ ପାଣିରୁ ଉଦ୍ଧାର କରିଛନ୍ତି। ଘଟଣାସ୍ଥଳରେ ପୋଲିସ ଓ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ନ ପାରି ବୁର୍ଲା ମେଡିକାଲ ଫିଜ୍ରରରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ହୀରାକୁଦ ଏସ୍‌ଡିପିଓ ସତ୍ୟବ୍ରତ ଦାସ କହିଛନ୍ତି, ଗତ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ସହ ନିଶା ପାୱାରଚ୍ୟାନେଲ ସାଇଫନ ତଳେ ବସିଥିଲେ। ସାଇରନ ବାଜିବାରୁ ପାୱାରଚ୍ୟାନେଲରୁ ପାଣି ଛଡାଯାଇଥିଲା। ହଠାତ୍ ପାଣି ଆସିବାରୁ ସେମାନେ ତରବରିଆ ଭାବେ ଫେରିଆସିବାକୁ ଚେଷ୍ଟା କରିଥିଲେ। ହେଲେ ଯୁବତୀଙ୍କ ଗୋଡ ଖସିଯିବାରୁ ସେ ପାଣିରେ ଭାସିଯାଇଥିଲେ। ଯୁବକ ଜଣଙ୍କ ବଞ୍ଚାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ମାଛ ମାରୁଥିବା ଧୀବରମାନେ ମଧ୍ୟ ଖୋଜାଖୋଜି କରିଥିଲେ। ହେଲେ ନିଶାଙ୍କ ପତ୍ତା ମିଳି ନ ଥିଲା। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ।



# ପ୍ରଧାନ ଶିକ୍ଷକ ଦାୟିତ୍ୱରେ ୪ର୍ଥ ଶ୍ରେଣୀ କର୍ମଚାରୀ

**ମୋରଡ଼ା,୧୧।୫(ଡି.ଏନ୍.ଏ.)**

ଶିକ୍ଷାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ବର୍ତ୍ତମାନ ରାଜ୍ୟର ପ୍ରାୟ ସମସ୍ତ ବିଦ୍ୟାଳୟ ୫-ଟି ଅନ୍ତର୍ଭୁକ୍ତ ହେବା ସହିତ ଉତ୍ତମ ତଥା ଗୁଣାତ୍ମକ ଶିକ୍ଷାଦାନ ପାଇଁ ପ୍ରତିଟି ବିଦ୍ୟାଳୟରେ ଯଥେଷ୍ଟ ଶିକ୍ଷକ ମଧ୍ୟ ରହୁଛନ୍ତି। ତେବେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ବ୍ଲକ ଅଧୀନ ଚିକିଟାମାଟିଆ ଆଞ୍ଚଳିକ ଭୋକେଶନାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସାଜିଛନ୍ତି ୪ର୍ଥ ଶ୍ରେଣୀ କର୍ମଚାରୀ(ପିଅନ) ସମରାୟ ମାରାଣ୍ଡି। ଏନେଇ ଅଭିଭାବକ, ଛାତ୍ରୀଛାତ୍ର ତଥା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ଗତ ମାସ ୩୦ ତାରିଖରେ ପ୍ରଧାନ ଶିକ୍ଷକ ମହେନ୍ଦ୍ର ନାଥ ଗିରି ଅବସର ଗ୍ରହଣ କରିଥିଲେ। ତେବେ କୌଣସି ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବାକୁ ଚାହୁଁ ନ ଥିବାରୁ ସେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦେଇଥିଲେ। ଏନେଇ ସେ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ନଂ.୪୪/୨୩ ମାଧ୍ୟମରେ ଅବଗତ କରାଇଥିଲେ। ତେବେ ଉକ୍ତ ଘଟଣା ଉପରେ ପ୍ରଶାସନ ଅଦ୍ୟାବଧି ନଜର ଦେଇ ନ ଥିବାରୁ ଜିଲା ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟ ଏସ୍‌ଏମ୍‌ସି କମିଟି ଚେୟାରମ୍ୟାନ ଶ୍ୟାମସୁନ୍ଦର ବେହେରା କହିଛନ୍ତି, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଶୋକ କୁମାର ସିଙ୍କୁ ଦାୟିତ୍ୱ ନେବା ପାଇଁ କୁହା ଯାଇଥିଲା କିନ୍ତୁ ସେ ମନା କରିଥିଲେ। ତେଣୁ ଆଜି ବିଦ୍ୟାଳୟରେ ଏପରି ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ପଚାରିବାରୁ ଏହା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ସେ କହିଛନ୍ତି।

# ଧାନ ମଣ୍ଡିରେ ଲାଗିବ ସିସିଟିଭି

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ଧାନ ମଣ୍ଡିରେ ସିସିଟିଭି ଲାଗିବ। ଏହାଦ୍ୱାରା ଚାଷୀମାନେ ଶୋଷଣରୁ ରକ୍ଷା ପାଇପାରିବେ। ଧାନ କିଣା ସମୟରେ ସମସ୍ତ ଗତିବିଧି ଉପରେ ସିସିଟିଭିର ନଜର ରହିବ। ସମବାୟ ବିଭାଗ ଦ୍ୱାରା ଏହାର ସିଧାସଳଖ ତଦାରଖ କରାଯିବ। ଏଥିରେ ଚଞ୍ଚକତା ଧରାପଡ଼ିଲେ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ। ରାଜ୍ୟର ୨୭୧୦ପ୍ୟାକ୍ସ, ଲ୍ୟାମ୍ପସ ଓ ନିୟନ୍ତ୍ରିତ ବଜାର କମିଟି ଅର୍ଥରୁ ଏହି ସିସିଟିଭି ଲଗାଯିବ। ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସିସିଟିଭି ଲଗାଇବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ନେଇଛି। ମଣ୍ଡି, ଗୋଦାମ ଘର, ପିଣ୍ଡି ବ୍ୟବସ୍ଥା ପାଇଁ ବିଭିନ୍ନ ସମୟରେ ଚାଷୀ ଦାବି କରି ଆସୁଛନ୍ତି। କଟନୀ ଛଟନୀର ଅନେକ ଅଭିଯୋଗ ହୋଇଥାଏ। ସିସିଟିଭି ଲାଗିବା ଦ୍ୱାରା ବହୁ ମାତ୍ରାରେ ଚାଷୀଙ୍କ ସମସ୍ୟାର ସମାଧାନ ହୋଇପାରିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ଚାଷୀ ମହଲରେ ପ୍ରଶଂସା କରାଯାଇଛି। ଚାଷୀ ଓ ଚାଷର ସଶକ୍ତୀକରଣ ପାଇଁ କାଳିଆ, ବଳରାମ ଭଳି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏପରି କି ସ୍ୱତନ୍ତ୍ର କୃଷି ବଜେଟ ଜରିଆରେ କୃଷିର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି।

# ବିଳମ୍ବ କରୁଥିବା ଠିକାସଂସ୍ଥା ବିରୋଧରେ ରାଜିନାମା ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ ଯୋଜନାର ସମୀକ୍ଷା କରିଛନ୍ତି। ଏହି ବୈଠକରେ ମନ୍ତ୍ରୀ ଅଧ୍ୟକ୍ଷତାକରି କହିଛନ୍ତି, ଧାର୍ଯ୍ୟ ସମୟସୀମା ମଧ୍ୟରେ ରାସ୍ତା, ସେତୁ ଓ କୋଠାବାଡ଼ି ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ହେବା ବିଭାଗର ଦାୟିତ୍ୱ। ବିଭାଗୀୟ ଯନ୍ତ୍ରୀମାନେ ଏଥିପାଇଁ ଉତ୍ତରଦାୟୀ ରହିବା ଆବଶ୍ୟକ। ଯେଉଁ ଠିକାଦାର ଅଥବା ଠିକା ସଂସ୍ଥା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅହେତୁକ ବିଳମ୍ବ କରୁଛନ୍ତି ବା ମାନ ଅନୁସାରେ କାମ କରୁନାହାନ୍ତି ସେମାନଙ୍କ ବିରୋଧରେ ରାଜିନାମା ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସତର୍କ କରାଇଦେଇଛନ୍ତି।

ବିଜୁ ସେତୁ ଯୋଜନା ଅଧୀନରେ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡିକୁ ଚଳିତ ବର୍ଷ ଶେଷ ସୁଦ୍ଧା ସାରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଚାଲୁଥିବା ସମସ୍ତ ପ୍ରକଳ୍ପର ଏକ ତାଲିକା ପ୍ରସ୍ତୁତକରି ବିଭାଗରେ ଦାଖଲ କରିବା ସହିତ ପ୍ରକଳ୍ପଗୁଡିକର ନିୟମିତ ତଦାରଖ ପାଇଁ ମୁଖ୍ୟଯନ୍ତ୍ରୀ ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତା, ସେତୁ ନିର୍ମାଣରେ ରହିଥିବା ସମସ୍ୟା ଏବଂ ସେସବୁର ସମାଧାନ ସମ୍ପର୍କରେ ଆଲୋଚନା ହେବା ସହିତ କଂକ୍ରିଟ ରାସ୍ତାର ଗୁଣବତ୍ତା ବୃଦ୍ଧି ସହ ଠିକ୍ ସମୟରେ ସମ୍ପୂର୍ଣ୍ଣ ନିମନ୍ତେ ନୂତନ ଜ୍ଞାନକୌଶଳ ଅବଲମ୍ବନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, କୋଠାବାଡ଼ି ନିର୍ମାଣ ଆଦି କାର୍ଯ୍ୟର ଅଗ୍ରଗତି ଏବଂ ଏସବୁ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି, ଗତବର୍ଷ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସମସ୍ତ ଯୋଜନା ସମ୍ପୂର୍ଣ୍ଣ ହୋଇ ୮୦ ପ୍ରତିଶତ ବଜେଟ ବ୍ୟୟ ହୋଇପାରିଛି। ଏହା ଅନ୍ୟ ବର୍ଷ ତୁଳନାରେ ଅଧିକ ଓ ଉତ୍ସାହଜନକ ବୋଲି ସେ କହିଛନ୍ତି।

# ୧୧ବର୍ଷ ଝିଅର ପରାମର୍ଶରେ ବାପା ଚଳାଇଲେ ସୋଲାର ଅଟୋରିକ୍ସା

**ନୂଆଗାଁ,୧୧।୫(ଡି.ଏନ.ଏ.)**

ଅଧିକାଂଶ ସମୟରେ ଛୋଟ ପିଲାମାନଙ୍କ ଗଠନମୂଳକ ପରାମର୍ଶ ସଫଳତା ଆଣିଥାଏ। ସେମିତି ଜଣେ ୧୧ବର୍ଷ ବୟସ୍କ ଝିଅର ପରାମର୍ଶରେ ଜଣେ ଯୁବକ ନିଜ ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇବାରେ ସକ୍ଷମ ହୋଇଛନ୍ତି। ଏହି ଘଟଣା ଏବେ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଦିନ ଥିଲା ନୂଆଗାଁ ବ୍ଲକ୍ ମହିପୁର ପୋଖରୀ ଗ୍ରାମର ଶ୍ରୀକାନ୍ତ ପାତ୍ର କୌଣସି କାମଧନ୍ଦା କରୁ ନ ଥିଲେ। ଫଳରେ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଥିଲା। ଏପରି ପରିସ୍ଥିତିରେ ସେ କୌଣସି ଉପାୟ ନ ପାଇ କାମ ଅନ୍ୱେଷଣରେ ଭୁବନେଶ୍ୱର ଚାଲି ଯାଇଥିଲେ। ବହୁ ଦିନ ଭୁବନେଶ୍ୱରରେ ରହିବା ପରେ ମଧ୍ୟ ତାଙ୍କୁ କୌଣସି କାମ ମିଳି ନ ଥିଲା। ଅନ୍ୟ କୌଣସି ଉପାୟ ନ ପାଇଁ ୨୦୦୭ରେ ସେ ଭୁବନେଶ୍ୱରରେ ଅଟୋରିକ୍ସା ଚଳାଇବା ଆରମ୍ଭ କରିଥିଲେ। ଏମିତି କିଛିଦିନ ଚାଲିବା ପରେ ଦିନକୁ ଦିନ ରାଜଧାନୀରେ ଅଟୋରିକ୍ସା ସଂଖ୍ୟା ବୃଦ୍ଧି ପାଇଥିଲା। ଫଳରେ ଶ୍ରୀକାନ୍ତଙ୍କ ରୋଜଗାର କମିବାରେ ଲାଗିଲା। ତେଣୁ ସେ ଗାଁକୁ ଫେରି ଆସି ଏକ ବ୍ୟାଟେରି ଚାଳିତ ଅଟୋରିକ୍ସା ଚଳାଇବା ଆରମ୍ଭ କରିଥିଲେ। ହେଲେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଟୋରିକ୍ସା ବ୍ୟାଟେରିକୁ ଚାର୍ଜ କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ଗାଁଠାରୁ ଦୂରକୁ ଅଟୋରିକ୍ସା ନେଇ ଯିବା ବି ସମ୍ଭବ ହେଲାନାହିଁ। ଏହି ଚିନ୍ତାରେ ଶ୍ରୀକାନ୍ତ ବ୍ୟସ୍ତ ହେଉଥିଲେ। ଏଣେ ଅଟୋରିକ୍ସା ନ ଚାଲିବାରୁ ପରିବାରର ସାଧାରଣ ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡୁଥିଲା। ଏହାର ପ୍ରଭାବ ପରିବାର ସଦସ୍ୟଙ୍କ ଉପରେ ପଡିଥିଲା। ଏପରି ସ୍ଥିତିରେ ଶ୍ରୀକାନ୍ତଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ୧୧ ବର୍ଷର ଝିଅ ଶ୍ରଦ୍ଧାଞ୍ଜଳି ବି ରାତିରେ ଏହି ଚିନ୍ତାରେ ଶୋଇପାରୁ ନ ଥିଲେ। ଦିନେ ସେ ମୋବାଇଲରେ ୟୁଟ୍ୟୁବ୍ ଦେଖି ସୋଲାର ପ୍ଲେଟ୍‌ର କାର୍ଯ୍ୟଦକ୍ଷତା ବିଷୟରେ ଜାଣିବାକୁ ପାଇଥିଲେ। ରାତି ସାରା ସେ ବିଭିନ୍ନ ସାଇଡ୍ ଖୋଲି ସୋଲାର ପ୍ଲେଟ୍ ଉପରେ ଅଧିକ ତଥ୍ୟ ସଂଗ୍ରହ କରିଥିଲେ। ସକାଳୁ ଉଠି ସୋଲାର ପ୍ଲେଟ୍ ମାଧ୍ୟମରେ ଅଟୋରିକ୍ସା ଚାଲି ପାରିବ କି ନାହିଁ ବୋଲି ବାପାଙ୍କୁ ପ୍ରଶ୍ନ କରିଥିଲେ। ସେଦିନଠାରୁ ସୋଲାର ପ୍ଲେଟ୍‌ରେ ଅଟୋରିକ୍ସା ଚଳାଇବାର ନିଶା ଶ୍ରୀକାନ୍ତଙ୍କ ମୁଣ୍ଡକୁ ଜୁଟିଥିଲା। ଏଥିପାଇଁ ସେ ବିଭିନ୍ନ ଗ୍ୟାରେଜ୍ ମାଲିକଙ୍କ ସହିତ ପରାମର୍ଶ କରିଥିଲେ। ଶେଷରେ ଅଟୋରିକ୍ସା ଉପରେ ରହିବା ଯୋଗ୍ୟ ଏକ ସୋଲା ପ୍ଲେଟ କିଣି କଟକର ଏକ ଗ୍ୟାରେଜକୁ ନେଇଥିଲେ। ଆବଶ୍ୟକ ସରଞ୍ଜାମ ମାଧ୍ୟମରେ ସେହି ପ୍ଲେଟ୍ ଅଟୋରିକ୍ସା ଉପରେ ଲଗାଇବା ପରେ ତାଙ୍କ ଅଟୋରିକ୍ସା ପୂର୍ବପରି ଚାଲିଥିଲା। ଏଥିପାଇଁ ତାଙ୍କୁ ପ୍ରାୟ ୫୭ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ଗତ ପ୍ରାୟ ୨ମାସ ହେଲା ଶ୍ରୀକାନ୍ତ ନିଜର ସୋଲାର ଅଟୋରିକ୍ସା ଚଳାଇ ଭଲ ରୋଜଗାର କରିପାରୁଥିବା କହିଛନ୍ତି। ଆଉ ବ୍ୟାଟେରି ଚାର୍ଜ କରିବା କିମ୍ବା ତେଲ ପକାଇବାକୁ ତାଙ୍କୁ କେଉଁଠି ଅପେକ୍ଷା କରିବାକୁ ପଡୁନାହିଁ। ରାସ୍ତାରେ ଅଟୋରିକ୍ସା ଚାଲିବା ସମୟରେ ସୂର୍ଯ୍ୟଙ୍କ କିରଣରେ ସୋଲାର ପ୍ଲେଟ୍ ଚାର୍ଜ ହେଉଛି। ସେଥିପାଇଁ ତାଙ୍କୁ ଏକ ଟଙ୍କା ବି ଖର୍ଚ୍ଚ କରିବାକୁ ଆଉ ପଡୁ ନାହିଁ ବୋଲି ଶ୍ରୀକାନ୍ତ କହିଛନ୍ତି। ଝିଅର ପରାମର୍ଶ ମୋତେ ନୂଆ ରାସ୍ତା ଦେଖାଇଲା ବୋଲି ସେ କହିଛନ୍ତି।



ନିଜର ସୋଲାର ଚାଳିତ ଅଟୋରିକ୍ସାରେ ମା'ଙ୍କ ସହିତ ଶ୍ରୀକାନ୍ତ।



# ଜିମ୍ନାଷ୍ଟ ଗଢ଼ିବା ପଥରେ ଜେଏମ୍ ଏକାଡେମୀ

**ଜିମ୍ନାଷ୍ଟିକ୍ସ ଏକ ଅଲିମ୍ପିକ୍ସ ଗେମ୍ ହୋଇଥିବାରୁ ସ୍କୁଲସ୍ତରରୁ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଏସ୍‌ଜିଏଫ୍‌ଆଇ ଏବଂ ସିବିଏସ୍‌ଇ ସ୍ତରରେ ଏହା ହେଉଥିବାରୁ ସ୍କୁଲରୁ ହିଁ ପିଲା ବାହାର କରିବା ଉପରେ ଗୁରୁତ୍ୱ ଦେବାକୁ ହେବ। ଏହା ବ୍ୟତୀତ ତୃଣମୂଳସ୍ତରରୁ ଖେଳାଳିଙ୍କ ତାଲିମ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ହେବ...**

ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ବଢ଼ିବାରେ ଲାଗିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ସହ ଏକାଧିକ କ୍ରୀଡ଼ାରେ ବଡ଼ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରି ଓଡ଼ିଶା ସରକାର ଉଦାହରଣ ସୃଷ୍ଟି କରିଛନ୍ତି। ଓଡ଼ିଶା ବିଶେଷକରି ଭୁବନେଶ୍ୱର ଏବେ ଦେଶର କ୍ରୀଡ଼ା ହବ୍ ଭାବେ ବିବେଚିତ ହେଉଛି। ଏ ତ ଗଲା ସରକାରୀ ସ୍ତରର କଥା। ବ୍ୟକ୍ତିଗତ ଉତ୍ସାହ ଓ ଉଦ୍ୟମରେ ମଧ୍ୟ ରାଜ୍ୟରେ ଅନେକ କ୍ରୀଡ଼ା ଅନୁଷ୍ଠାନ ଖେଳାଳି ଗଢ଼ିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତୃଣମୂଳ ସ୍ତରରେ ପ୍ରତିଭା ଚିହ୍ନଟ କରି ସେମାନଙ୍କୁ ରାଜ୍ୟ ଏବଂ ଦେଶର ଭବିଷ୍ୟତ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ ଚଳାଇଛନ୍ତି। କେଉଁଠି ସରକାରୀ ଏବଂ ବେସରକାରୀ ସ୍ତରରୁ ପ୍ରୋତ୍ସାହନ ମିଳୁଛି ତ ଆଉ କେଉଁଠି ମିଳୁନାହିଁ। ମାତ୍ର ଏପରି ଅନେକ ଅନୁଷ୍ଠାନ ଅଛନ୍ତି, ଯେଉଁଗୁଡ଼ିକ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନାହାନ୍ତି। ସେପରି ଏକ କ୍ରୀଡ଼ାନୁଷ୍ଠାନ ହେଲା ଭୁବନେଶ୍ୱର ମଞ୍ଚେଶ୍ୱର ସମେଇଗଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ। ଏହି ଏକାଡେମୀ ଦୀର୍ଘ ୧୦ ବର୍ଷ ଧରି ନୀରବଚ୍ଛିନ୍ନ ଭାବେ ଜିମ୍ନାଷ୍ଟିକ୍ସ ପ୍ରତିଭା ସୃଷ୍ଟି କରିବାରେ ଲାଗିଛି। ସେମାନଙ୍କ ମଧ୍ୟରୁ ଅନେକ ଇତିମଧ୍ୟରେ ରାଜ୍ୟ ଓ ଜାତୀୟସ୍ତରରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଏକାଡେମୀକୁ ଆହୁରି ଆଗକୁ ନେବାକୁ ଲକ୍ଷ୍ୟ ରଖିଛନ୍ତି ଏହାର ଚେୟାରପର୍ସନ ମୀରାରାଣୀ ଦାସ ଓ ସମ୍ପାଦକ ଯଶୋବନ୍ତ ଦାସ। ଏକାଡେମୀର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଯୋଜନା ସମ୍ପର୍କରେ ମୀରାରାଣୀଙ୍କ ସହିତ ବିଶେଷ ସାକ୍ଷାତ୍କାର...



ପ୍ରଶିକ୍ଷାର୍ଥୀ ଜିମ୍ନାଷ୍ଟଙ୍କ ସହ ଏକାଡେମୀର ଚେୟାରପର୍ସନ ମୀରାରାଣୀ ଦାସ।

**ପ୍ରଃ** ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଆରମ୍ଭ କେବେଠାରୁ। ଏହାର ଯାତ୍ରା ଏପର୍ଯ୍ୟନ୍ତ କିପରି ରହିଛି।

**ଉଃ** ୨୦୧୩ ଅଗଷ୍ଟ ୧୪ରେ ପଳାଶୁଣୀର ଏକ ଭଡ଼ାଘରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆରମ୍ଭ ହୋଇଥିଲା। ସେତେବେଳେ ବିଶେଷ କିଛି ସରଞ୍ଜାମ ନ ଥିଲା। କେବଳ ଫ୍ଲୋର୍‌ରୁ ହିଁ ଆରମ୍ଭ ହୋଇଥିଲା। ସେତେବେଳେ ଜିମ୍ନାଷ୍ଟିକ୍ସକୁ ଲୋକ ଏତେ ଜାଣୁ ନ ଥିବାରୁ କରାଟେ, ଯୋଗ, ଡ୍ୟାନ୍ସ, ଇନ୍‌ଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ୍ ଆଦି ୧୫ଟି ଆକ୍ଟିଭିଟି ରଖାଯାଇଥିଲା। ପରେ ବିଭିନ୍ନ କାରଣ ଯୋଗୁ ଏକାଡେମୀ ସପ୍ତସତୀ ମନ୍ଦିର ନିକଟସ୍ଥ ଏକ ଘର, ହଂସପାଳ ଆଦି ସ୍ଥାନକୁ ସ୍ଥାନାନ୍ତର ହୋଇଥିଲା। ଘଟଣାକ୍ରମରେ ଏବେ ଚକେଇଶିଆଣିସ୍ଥିତ ଏହି ଇନ୍‌ଡୋର ହଲ୍‌ରେ ଏକାଡେମୀ ଚାଲିଛି। ଏଠାରେ ପିଲାମାନଙ୍କ ଅଭ୍ୟାସରେ କୌଣସି ଅସୁବିଧା ନାହିଁ। ପ୍ରଶିକ୍ଷଣ ନେଇ ପିଲାମାନେ ରାଜ୍ୟ ଓ ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି।

**ପ୍ରଃ** ସେତେବେଳେ ଓଡ଼ିଶାରେ ଜିମ୍ନାଷ୍ଟିକ୍ସର ଲୋକପ୍ରିୟତା ଏତେଟା ନ ଥିଲା, ଏହା ସତ୍ତ୍ୱେ ଆପଣ ଏହାପ୍ରତି କେମିତି ଆଗ୍ରହୀ ହେଲେ?

ଉଃ ପ୍ରକୃତରେ କହିବାକୁ ଗଲେ ମୋ ଝିଅ ରିତିକା ଦାସର ଆଗ୍ରହରୁ ହିଁ ଏହି ଏକାଡେମୀର ସୃଷ୍ଟି। ପ୍ରଥମେ ସେ ଡ୍ୟାନ୍ସ ଶିଖୁଥିଲା। ତାକୁ ୬ ବର୍ଷ ହୋଇଥିବାବେଳେ ଜିମ୍ନାଷ୍ଟିକ୍ସ କରିବାକୁ ଆଗ୍ରହ ଦେଖାଇଥିଲା। ଜିମ୍ନାଷ୍ଟିକ୍ସ କଲେ ଶରୀର ଅଧିକ ନମନୀୟ ରହିବ ଏବଂ ଡ୍ୟାନ୍ସ ଭଲ ହୋଇପାରିବ ବୋଲି ଅନୁଭବ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଝିଅକୁ ଜିମ୍ନାଷ୍ଟିକ୍ସ ଶିଖାଇବାକୁ ଆମେ ନିଷ୍ପତ୍ତି ନେଇଥିଲୁ। ଏଥିପାଇଁ ପ୍ରଥମେ କଟକ ଯାଇଥିଲୁ, ମାତ୍ର ସେଠାରେ ମନ ନ ମାନିବାରୁ ଆମେ ଭୁବନେଶ୍ୱରରେ ଏକାଡେମୀ କରିବାକୁ ନିଷ୍ପତ୍ତି ନେଇଥିଲୁ।



ପ୍ରଶ୍ନ: ପ୍ରତ୍ୟେକ ଆରମ୍ଭ ପଛରେ ଏକ ଲକ୍ଷ୍ୟ ଥାଏ। ଆପଣଙ୍କର କ'ଣ ଲକ୍ଷ୍ୟ ରହିଛି।

**ଉଃ** ଓଡ଼ିଶାରେ ପ୍ରତିଭାର ଅଭାବ ନାହିଁ। ତେଣୁ ଜିମ୍ନାଷ୍ଟିକ୍ସ ପ୍ରତି ସଚେତନତା ସୃଷ୍ଟି କରିବା ମୋର ଲକ୍ଷ୍ୟ ଥିଲା। ଓଡ଼ିଶା ଜିମ୍ନାଷ୍ଟମାନେ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଯାଆନ୍ତୁ ଏବଂ ପଦକ ଜିତନ୍ତୁ ବୋଲି ମୋର ଲକ୍ଷ୍ୟ ଥିଲା। ଏବେ ମଧ୍ୟ ସେହି ଲକ୍ଷ୍ୟ ନେଇ ଏହି ଏକାଡେମୀ ଆଗଉଛି।

**ପ୍ରଃ** ଏବେ କେତେ ପିଲା ଏହି ଏକାଡେମୀରେ ଟ୍ରେନିଂ ନେଉଛନ୍ତି?

ଉଃ ଏବେ ଏକାଡେମୀରେ ୫୦ ପିଲା ଅଛନ୍ତି। ଏଠାରେ ବର୍ତ୍ତମାନ ସକାଳ ୬ଟା ୩୦ରୁ ୮ଟା ଏବଂ ଅପରାହ୍ନ ୪ଟାରୁ ରାତି ୭ଟା ପର୍ଯ୍ୟନ୍ତ ଟ୍ରେନିଂ ଦିଆଯାଉଛି। ୨ଟି ବ୍ୟାଚ୍‌ରେ ଟ୍ରେନିଂ ହେଉଛି। ଗୋଟିଏ ବିଗ୍‌ନର ଏବଂ ଅନ୍ୟଟି ଆଡ୍‌ଭାନ୍ସ।

ପ୍ରଶ୍ନ: ପିଲାମାନଙ୍କୁ ଟ୍ରେନିଂ କିଏ ଦେଉଛନ୍ତି। କୋଚ୍‌ଙ୍କ ପାଇଁ କ'ଣ ବ୍ୟବସ୍ଥା ରହିଛି।

**ଉଃ** କୋଲ୍‌କାତାର ମହାଦେବ ଶାହା ପିଲାମାନଙ୍କୁ ଟ୍ରେନିଂ ଦେଉଛନ୍ତି। ସେ ଜଣେ ସାର୍ଟିଫାଏଡ୍ କୋଚ୍। ଏଠାରେ ତାଙ୍କ ରହିବା ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି।



**ପ୍ରଶ୍ନ:** ଏକାଡେମୀ ପାଇଁ ଜିମ୍ନାଷ୍ଟିକ୍ସ ପ୍ରତିଭା ଚୟନ କିପରି କରାଯାଉଛି?

ଉଃ ଆମେ ଏଠାରେ ୩ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କୁ ନେଉଛୁ। ଯେଉଁ ପିଲାଙ୍କର ପ୍ରତିଭା ଅଛି, ମାତ୍ର ସମ୍ବଳର ଅଭାବ ସେପରି ପିଲାଙ୍କୁ ଅଗ୍ରାଧିକାର ଦେଉଛୁ। ମିଡିଆ ହେଉ କିମ୍ବା ଅନ୍ୟ କିଛି ସୂତ୍ରରୁ ଖବର ପାଇ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏଠାକୁ ଆଣୁଛନ୍ତି। ଅନ୍ୟ କେତେକ ସମୟରେ ଆମେ କିଛି ପ୍ରୋଗ୍ରାମ ରଖୁଛୁ, ସେଠାରୁ ମଧ୍ୟ କିଛି ପିଲା ଚୟନ ହେଉଛନ୍ତି।

ପ୍ରଶ୍ନ: ଆପଣ ଜଣେ ଜାତୀୟସ୍ତରୀୟ ଜଜ୍। ଏହାର ଆରମ୍ଭ କିପରି ଥିଲା। ଜଜ୍‌ଭାବେ ଆପଣଙ୍କ ଅନୁଭୂତି କିପରି ରହିଛି।

ଉଃ ମୁଁ ପୂର୍ବରୁ ସ୍ପୋର୍ଟ୍ସରେ ନ ଥିଲି। ଝିଅର ଆଗ୍ରହ ମୋତେ କ୍ରୀଡ଼ା ମଧ୍ୟକୁ ଟାଣି ଆଣିଥିଲା। ଝିଅକୁ ଜିମ୍ନାଷ୍ଟିକ୍ସ ଶିଖାଇବାକୁ ହେଲେ ମୋତେ ପ୍ରଥମେ ଏହି କ୍ରୀଡ଼ା ସମ୍ପର୍କିତ ଜ୍ଞାନ ଅହରଣ କରିବାକୁ ପଡ଼ିବ ବୋଲି ଅନୁଭବ ହୋଇଥିଲା। ତେଣୁ ମୁଁ ଜିଏଫ୍‌ଆଇ (ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ) କୋର୍ସ କରି ଜଣେ ଜାତୀୟ ଜଜ୍‌ଭାବେ ପରିଚିତ ହୋଇପାରିଛି। ୨୦୧୪ରେ ଆଲ୍ଲାହାବାଦରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରୁ ମୋର ଜଜ୍ କ୍ୟାରିୟର ଆରମ୍ଭ ହୋଇଥିଲା। ତା' ପରେ ଜମ୍ମୁ-କଶ୍ମୀର, ରାଜସ୍ଥାନ, ଆଗ୍ରା, ହାଇଦ୍ରାବାଦ, କେରଳରେ ଅନୁଷ୍ଠିତ ପ୍ରତିଯୋଗିତା ଏବଂ ଖେଲୋ ଇଣ୍ଡିଆ ଏବଂ ନ୍ୟାଶନାଲ ଗେମ୍ସରେ ମୁଁ ଏହି ଦାୟିତ୍ୱକୁ ସଫଳତାର ସହ ତୁଲାଇଛି।

**ପ୍ରଃ** ଓଡ଼ିଶାରେ ଜିମ୍ନାଷ୍ଟିକ୍ସର ଲୋକପ୍ରିୟତା ପାଇଁ ଆଉ କ'ଣ କରାଯିବାର ଆବଶ୍ୟକ ରହିଛି।

**ଉଃ** ତୃଣମୂଳସ୍ତରରୁ ଖେଳାଳିଙ୍କ ତାଲିମ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ହେବ। ଏହା ଏକ ଅଲିମ୍ପିକ୍ସ ଗେମ୍ ହୋଇଥିବାରୁ ସ୍କୁଲମାନଙ୍କରେ ମଧ୍ୟ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ସ୍କୁଲ ଗେମ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଏବଂ ସିବିଏସ୍‌ଇ ସ୍ତରରେ ଏହା ହେଉଥିବାରୁ ସ୍କୁଲ ସ୍ତରରୁ ପିଲା ବାହାର କରିବା ଉପରେ ଗୁରୁତ୍ୱ ଦେବାକୁ ହେବ। ଏହା ବ୍ୟତୀତ ସରକାରୀ ଏବଂ ବେସରକାରୀ ସ୍ତରରୁ ଆର୍ଥିକ ଏବଂ ବୈଷୟିକ ସମର୍ଥନର ବହୁ ଆବଶ୍ୟକତା ରହିଛି।

**ପ୍ରଃ** ରିତିକାକୁ ନେଇ କ'ଣ ସ୍ୱପ୍ନ ରହିଛି।

**ଉଃ** ଝିଅ ରିତିକା ନିଜେ ଜିମ୍ନାଷ୍ଟିକ୍ସ ପ୍ରତି ଆଗ୍ରହୀ ଥିବାରୁ ବହୁ ଆଗକୁ ଯିବାର ଲକ୍ଷ୍ୟ ରଖିଛି। କଠିନ ପରିଶ୍ରମ ଜାରି ରଖି ଅଲିମ୍ପିକ୍ସରେ ଭାଗନେବା ଆମର ସ୍ୱପ୍ନ ରହିଛି। ଏହା ବ୍ୟତୀତ ସ୍ପୋର୍ଟ୍ସରେ ଏକ୍ସପର୍ଟ ହେବାକୁ ତାର ଇଚ୍ଛା।

**ପ୍ରଃ** ଜିମ୍ନାଷ୍ଟିକ୍ସ କଳାକୁ ରିତିକା କେତେ ପରିମାଣରେ ଆହରଣ କରିଛନ୍ତି। ଆଗକୁ କ'ଣ କରିବାର ଅଛି।

**ଉଃ** ରିତିକା ଜୁନିୟର ସ୍ତରରେ ୨୦୨୨ରେ ରାଜ୍ୟ ଚାମ୍ପିୟନ। ୨୦୨୩ରେ ସିନିୟର ସ୍ତରରେ ଭାଗନେବା ଆରମ୍ଭ କରିଛି। ସିନିୟର ସ୍ତରରେ ଭଲ ପ୍ରଦର୍ଶନ କରିବାକୁ ହେଲେ ତା' ପାଇଁ ଆଡଭାନ୍ସ ଟେକ୍ନୋଲୋଜିର ଆବଶ୍ୟକ ରହିଛି। କଳିଙ୍ଗ ଷ୍ଟାଡିୟମ ହାଇପରଫର୍ମାନ୍ସ ସେଣ୍ଟର ପାଇଁ ଚୟନ ହୋଇଛି। ତେଣୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ରିତିକା ଏକାଧିକ ଗୁଣର ଅଧିକାରୀ। ଭଲ ଆର୍ଟ କରୁଥିବାବେଳେ ଜଣେ ଜାତୀୟସ୍ତରୀୟ ଚେସ୍ ଖେଳାଳି ମଧ୍ୟ।

**ପ୍ରଃ** ଏକାଡେମୀର ଭିତ୍ତିଭୂମି କିପରି ରହିଛି। ଏହାକୁ ଅଧିକ ଦୃଢ଼ କରିବାକୁ ହେଲେ ଆଉ କ'ଣ କରିବାକୁ ହେବ।

**ଉଃ** ବର୍ତ୍ତମାନ ଏକାଡେମୀରେ ପିଲାଙ୍କ ପାଇଁ ଯେତିକି ଆବଶ୍ୟକ ସେତିକି ଭିତ୍ତିଭୂମି ରହିଛି। ଛୋଟ ପିଲାଙ୍କ ସୁରକ୍ଷା ପାଇଁ ଅନ୍ୟ କିଛି ସରଞ୍ଜାମର ଆବଶ୍ୟକ ରହିଛି। ଯେପରି ପିଲାମାନେ ପଡ଼ିଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ସେହିପରି ଭଲ ଟ୍ରେନର ମଧ୍ୟ ରଖିବା ଯୋଜନା ରହିଛି। ମାତ୍ର ଏଥିପାଇଁ ବଜେଟ ଅଧିକ ଥିବାରୁ ସମ୍ଭବ ହେଉନାହିଁ।

**ପ୍ରଶ୍ନ:** ଆଗକୁ ୨ୟ କଳିଙ୍ଗ ଓପନ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ଆସୁଛି। ଏଥିପାଇଁ ପ୍ରସ୍ତୁତି କିପରି ଚାଲିଛି।

**ଉଃ** ପୂର୍ବରୁ ପ୍ରଥମ କଳିଙ୍ଗ ଓପନ-୨୦୨୨ ଜୁନ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ଟି ରାଜ୍ୟର ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ୨୦୨୩ ଜୁନ୍ ୧୬ରୁ ୧୮ ପର୍ଯ୍ୟନ୍ତ ହେବାକୁଥିବା ଟୁର୍ନାମେଣ୍ଟ ପାଇଁ ଆୟୋଜକ କମିଟି ଗଠନ କରି ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ପାଖାପାଖି ୨୦ଟି ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପିଲା ଆଗାମୀ ପ୍ରତିଯୋଗିତାରେ ଭାଗନେବେ ବୋଲି ଆକଳନ ରହିଛି। ୭ଟି ରାଜ୍ୟର ପିଲାମାନେ ସମ୍ମତି ମଧ୍ୟ ଜଣାଇ ସାରିଲେଣି। ବଜେଟ ଅଧିକ ଥିବାରୁ ଏକାକୀ ପ୍ରତିଯୋଗିତା ଆୟୋଜନ ନିଶ୍ଚିତ କଷ୍ଟକର। ତେଣୁ ସରକାରୀ କିମ୍ବା ବେସରକାରୀ ସ୍ତରରୁ ସହାୟତା ମିଳିଲେ ଏହି ପ୍ରତିଯୋଗିତା ନିଶ୍ଚିତ ଗ୍ରାଣ୍ଡ ସଫଳତା ପାଇପାରିବ।

**-ପ୍ରସ୍ତୁତି: ତପନ କୁମାର ସ୍ୱାଇଁ**

## ସାଇକେଲ

ଗିରୋ ଡି' ଇଟାଲିଆ ସାଇକେଲ
ଶହେ ଛଅ ସଂସ୍କରଣ
ରେସ୍‌ରେ ବାଇଶି ଟିମ୍‌ରେ ଅଛନ୍ତି
ଦୁଇଶ' ଅଠର ଜଣ
ଏକୋଇଶ ଷ୍ଟେଜ୍ ଗଣ
ତିନି ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ୍
ଫୁଟା ତାଙ୍କ ପାଇଁ ବାଣ।

ଟେରାମୋଠାରୁ ସାନ୍ ସାଲ୍‌ଭୋ
ଦୁର୍ଗମ୍ୟ ପଥରେ କଣ୍ଟା
ଦୁଇ ଶହ ଚାରି କିମି ଦୂରତାକୁ
ଜମା ନେଇ ପାଞ୍ଚ ଘଣ୍ଟା
ଇଟାଲୀ ସାଇକ୍ଲିଷ୍ଟ ଫାଣ୍ଟା
ମିଲାନ ପିଉଛି ବସ୍‌ରେ ଗଲେ
ବିନ୍ଧେ ଆମ ଲୋକ ଅଣ୍ଟା।

ବେଲଜିୟମର ରେମ୍‌କୋ ଇଭେନ
ଇଟାଲୀ ଫିଲିପୋ ଗାନା
କଙ୍ଗାରୁ ମାଇକେଲ ମାଥ୍ୟୁସ ହସଇ
ଡେଭିଡ ଉଡ଼ାଏ ବାନା
ଏକ୍ସରସାଇଜ୍ ବିନା
ସାଇକେଲ ଛାଡ଼ି ବାଇକ ଚଳାଇ
ଆଜି ଯୁବଶକ୍ତି ଚୂନା।

-ସୁବାସ ଚନ୍ଦ୍ର ପ୍ରଧାନ

# ଚର୍ଚ୍ଚାରେ ଟାଇଓ୍ୱାଇ

**ଥାଇଲାଣ୍ଡର ଜଣେ ମହିଳା କ୍ରିକେଟର ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ହେଉଛନ୍ତି ଦଳର ଅଧିନାୟିକା ନାରୁଏମଲ ଚାଇଓ୍ୱାଇ। ଥାଇଲାଣ୍ଡର ପ୍ରଥମ ଖେଳାଳିଭାବେ ସେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି...**

ଥାଇଲାଣ୍ଡର ଜଣେ ମହିଳା କ୍ରିକେଟର ଏବେ ଚର୍ଚ୍ଚାରେ ରହିଛନ୍ତି। ସେ ହେଉଛନ୍ତି ଦଳର ଅଧିନାୟିକା ନାରୁଏମଲ ଚାଇଓ୍ୱାଇ। ଏପ୍ରିଲ ମାସ ପାଇଁ ସେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସ୍ଥିର ପ୍ରଦର୍ଶନ ଯୋଗୁ ଚାଇଓ୍ୱାଇ ପ୍ରତିମାସରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଦିଆଯାଉଥିବା ଏହି ପୁରସ୍କାର ଲାଭ କରିଛନ୍ତି। ଜିମ୍ବାୱେ ବିପକ୍ଷ ସିରିଜରେ ଥାଇଲାଣ୍ଡ ଐତିହାସିକ ୩-୦ରେ ବିଜୟ ଲାଭ କରିଥିଲା। ଏଥିରେ ଦୁଇଟି ଅପରାଜିତ ଅର୍ଦ୍ଧଶତକ ଯୋଗୁ ସେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଦକ୍ଷିଣ ଏସୀୟ ରାଷ୍ଟ୍ର ଥାଇଲାଣ୍ଡରେ କ୍ରିକେଟ ଖେଳ ଏତେଟା ଲୋକପ୍ରିୟ ନୁହେଁ। ତେବେ ଦେଶର ପ୍ରଥମ ମହିଳା କ୍ରିକେଟର ଭାବେ ଚାଇଓ୍ୱାଇ ହାସଲ କରିଛନ୍ତି ଆଇସିସିର ଏହି ସମ୍ମାନଜନକ ପୁରସ୍କାର। ବିଶ୍ୱର ପଞ୍ଚମ ମହିଳା ଖେଳାଳି ଭାବରେ ଚାଇଓ୍ୱାଇ ଏହି ସମ୍ମାନ ଲାଭ କରିଛନ୍ତି। ପ୍ରଥମଥର ପାଇଁ ସ୍କଟ୍‌ଲାଣ୍ଡର କ୍ୟାଥରିନ୍ ବ୍ରାଇସ୍ ମେ' ୨୦୨୧ ଏବଂ ପରେ ଆୟର୍ଲାଣ୍ଡର ଲୌରା ଡେଲାନୀ ଓ ଏଇମର ରିଚାର୍ଡସନ୍



ନାରୁଏମଲ ଚାଇଓ୍ୱାଇ

ଏହି ପୁରସ୍କାର ହାସଲ କରିଥିଲେ। ଚାଇଓ୍ୱାଇଙ୍କ ପୂର୍ବରୁ ମାର୍ଚ୍ଚ ମାସରେ ଓ୍ୱାଣ୍ଡାର ହେନରିଏଟେ ଇସିମ୍ୱେ ଏହି ପୁରସ୍କାର ପାଇଥିଲେ। ଆଇସିସି ହଲ୍ ଅଫ୍ ଫେମ୍ ସଦସ୍ୟ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି, ଗଣମାଧ୍ୟମ ପ୍ରତିନିଧି ଏବଂ ଆଇସିସି ଡଟ୍‌କମ୍‌ରେ ପଞ୍ଜୀକୃତ ବିଶ୍ୱବ୍ୟାପୀ କ୍ରିକେଟ୍‌ପ୍ରେମୀମାନେ ଭୋଟ୍ ଜରିଆରେ ବିଜେତା ବାଛିଥିଲେ।

ଜୁଲାଇ ୨, ୧୯୯୦ରେ ଜନ୍ମିତ ୩୨ ବର୍ଷୀୟା ଚାଇଓ୍ୱାଇ ୨୦୧୮ରୁ ଥାଇଲାଣ୍ଡ ଟି୨୦ ଦଳର ସଦସ୍ୟ ରହିଥିବା ବେଳେ ୨୦୨୨ରେ ଦିନିକିଆ ପଦାର୍ପଣ କରିଥିଲେ। ୬୬ଟି ଟି୨୦ ମ୍ୟାଚ୍ ଖେଳିଥିବା ଡାହାଣହାତୀ ମଧ୍ୟକ୍ରମ ବ୍ୟାଟର ଜଣକ ଥାଇଲାଣ୍ଡ ବ୍ୟାଟିଂର ମେରୁଦଣ୍ଡ। ଅଦ୍ୟାବଧି ୭ ଦିନିକିଆ ମ୍ୟାଚ୍ ଖେଳିଥିବା ଚାଇଓ୍ୱାଇ ୫୩ ଆଭରେଜ୍‌ରେ ୨୧୨ ରନ୍ କରିଛନ୍ତି। ଏହା ମଧ୍ୟରେ ୩ଟି ଅର୍ଦ୍ଧଶତକ ସାମିଲ ଥିବା ବେଳେ ୬୫ ତାଙ୍କର ସର୍ବୋଚ୍ଚ ସ୍କୋର। ୬୬ ଟି୨୦ରୁ ସେ ୨ଟି ଅର୍ଦ୍ଧଶତକ ସହିତ ୧୦୭୪ ରନ୍ କରିଛନ୍ତି। ଟି୨୦ରେ ୬୪ ରନ୍ ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର। ଏପ୍ରିଲ ୨୦୨୧ରେ ତାଙ୍କୁ ସୋର୍ନାରିନ୍ ଟିପୋକ୍‌ଙ୍କ ସ୍ଥାନରେ ଅଧିନାୟିକା ଭାବରେ ନିଯୁକ୍ତ କରାଯାଇଥିଲା। ୨୦୧୮ରେ ପଦାର୍ପଣ କରିବା ସହିତ ମହିଳା ଏସିଆ କପ୍‌ରେ ଥାଇଲାଣ୍ଡର ସର୍ବାଧିକ ସ୍କୋରର ରହିଥିଲେ। ୫ ମ୍ୟାଚ୍ ଖେଳି ସେ ୯୦ ରନ୍ ସ୍କୋର କରିଥିଲେ। ୨୦୧୯ ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ସେ ୬ ମ୍ୟାଚ୍‌ରୁ ୧୮୧ ରନ୍ ସ୍କୋର କରିବା ସହିତ ଥାଇଲାଣ୍ଡର ହାଇଏଷ୍ଟ ସ୍କୋରର ରହିଥିଲେ। ଚାଇଓ୍ୱାଇଙ୍କୁ ଆଇସିସି ପକ୍ଷରୁ ପ୍ଲେୟର୍ ଅଫ୍ ଦ ମନ୍ଥ ପୁରସ୍କାର ଦିଆଯାଇଥିବା ବେଳେ ଏହା ଥାଇଲାଣ୍ଡରେ କ୍ରିକେଟ୍‌ର ପ୍ରଚାର ପ୍ରସାରରେ ବେଶ୍ ସହାୟକ ହେବ ବୋଲି ସେ ମତ ଦେଇଛନ୍ତି।

### ହେଡ୍ ଟୁ ହେଡ୍-୨

ଗୁଜରାଟ-୧
ମୁମ୍ବାଇ-୧
ନଜରରେ ରହିବେ:ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ,ପୀୟୁଷ ଚାୱଲା, ଜାସନ ବେହେନ୍ଡ୍ରଫ୍, ଶୁବମନ ଗିଲ୍, ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ଶାମି, ରଶିଦ୍ ଖାନ୍।




### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ମୁମ୍ବାଇ ବନାମ ଗୁଜରାଟ**
ସ୍ଥାନ:ମୁମ୍ବାଇ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ତୃତୀୟ ସ୍ଥାନରେ ରାଜସ୍ଥାନ

**କୋଲକାତା,୧୧।୫**

ଇଡେନ ଗାର୍ଡେନ୍ସରେ ଆଇପିଏଲ୍‌ର ୫୬ତମ ମ୍ୟାଚରେ ଯୁଜବେନ୍ଦ୍ର ଚହଲଙ୍କ ଘାତକ ବୋଲିଂ ଓ ଯଶସ୍ୱୀ ଜୟସ୍ୱାଲଙ୍କ ଧୂଆଁଧାର ଅର୍ଦ୍ଧଶତକ ବଳରେ ରାଜସ୍ଥାନ ରୟାଲ୍ସ ୯ ଉଇକେଟରେ କୋଲକାତାକୁ ପରାସ୍ତ କରିଛି। ୧୨ତମ ମ୍ୟାଚରୁ ଷଷ୍ଠ ବିଜୟ ସହ ଦଳ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା କେକେଆର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୧୩.୧ ଓଭରରେ ୧ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। କୋଲ୍‌କାତା ପକ୍ଷରୁ ଜାସନ୍ ରୟ (୧୦) ଓ ରହମାନୁଲ୍ଲା ଗୁରବାଜ(୧୮) ଇନିଂସ ଓପନ କରିଥିଲେ। ୨୯ ରନ୍‌ରେ ୨ ଉଇକେଟ ହରାଇବା ପରେ ଭେଙ୍କଟେଶ ଆୟାର ଓ ଅଧିନାୟକ ନୀତୀଶ କୁମାର ତୃତୀୟ ଉଇକେଟରେ ୪୮ ରନ୍ ଯୋଡିଥିଲେ। ଚହଲଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ରାଣା ୨୨ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଟପ୍ ସ୍କୋରର ଆୟର ଆଉଟ ହେବା ପୂର୍ବରୁ ୪୨ ବଲ୍ ଖେଳି ୫୭ ରନ୍ କରିଥିଲେ। ଏହି ଇନିଂସରେ ୨ ଚୌକା ଓ ୪ ଛକା ସାମିଲ ଥିଲା। ରାଜସ୍ଥାନ ପକ୍ଷରୁ ଯୁଜବେନ୍ଦ୍ର ଚହଲ ୪ ଓ ଟ୍ରେଣ୍ଟ ବୋଲ୍ଟ ଦୁଇଟି ଉଇକେଟ ନେଇଥିଲେ। ୧୫୦ ରନ୍ ଲକ୍ଷ୍ୟରେ ବ୍ୟାଟିଂ ଆରମ୍ଭ କରିଥିବା ରାଜସ୍ଥାନ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୯୮ ଓ ସଞ୍ଜୁ ସାମସନ୍ ୪୮ ରନ୍ ସ୍କୋର କରିଥିଲେ। ୧୩ ବଲ୍‌ରୁ ୫୦ ରନ୍ ପୂରଣ କରିଥିବା ଜୟସ୍ୱାଲଙ୍କ ଇନିଂସରେ ୧୩ ଚୌକା ଓ ୫ ଛକା ସାମିଲ ଥିଲା। ଅନ୍ୟ ପକ୍ଷରେ ରୟାଲ୍ସ ଅଧିନାୟକ ସାମ୍‌ସନ୍ ୨୯ ବଲ୍ ଖେଳି ୨ଚୌକା ଓ ୫ ଛକା ମାରିଥିଲେ। ଜୟସ୍ୱାଲ ଓ ଜୋଶ ବଟଲର ଇନିଂସ ଓପନ କରିଥିବା ବେଳେ ପ୍ରଥମ ଓଭରରୁ ହିଁ ଜୟସ୍ୱାଲ ୨୬ ରନ୍ ସଂଗ୍ରହ କରି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ବଟଲର ଖାତା ଖୋଲିବା ପୂର୍ବରୁ ରନ୍ ଆଉଟ ହୋଇଥିଲେ। ସାମସନ୍ ଓ ଜୟସ୍ୱାଲ ୬୯ ବଲ୍‌ରୁ ୧୨୦ ରନ୍ ଯୋଡି ଦଳକୁ ଜିତାଇଥିଲେ।



୪ ଉଇକେଟ ହାସଲକାରୀ ରାଜସ୍ଥାନର ଯୁଜବେନ୍ଦ୍ର ଚହଲ।

**ସଂକ୍ଷେପରେ**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୪୯/୮(ଭେଙ୍କଟେଶ ଆୟାର-୫୭, ନୀତୀଶ ରାଣା-୨୨, ରେହମାନୁଲ୍ଲା ଗୁରବାଜ-୧୮, ଯୁଜବେନ୍ଦ୍ର ଚହଲ-୪/୨୫, ଟ୍ରେଣ୍ଟ ବୋଲ୍ଟ-୨/୧୫, କେ ଏମ୍ ଆସିଫ୍-୧/୨୭)। ରାଜସ୍ଥାନ ରୟାଲ୍ସ ୧୩.୧ ଓଭରରେ ୧୫୧/୧(ଯଶସ୍ୱୀ ଜୟସ୍ୱାଲ-୯୮*, ସଞ୍ଜୁ ସାମସନ୍-୪୮*)।

### ଆଇପିଏଲର ଦ୍ରୁତତମ ଅର୍ଦ୍ଧଶତକ

**କୋଲକାତା,୧୧।୫:** ଆଇପିଏଲ୍ ଇତିହାସରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଛନ୍ତି ରାଜସ୍ଥାନ ରୟାଲ୍ସର ଓପନିଙ୍ଗ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ। ମାତ୍ର ୧୩ ବଲ୍‌ରୁ ଅର୍ଦ୍ଧଶତକ ସହିତ ସେ ଇତିହାସ ରଚିଛନ୍ତି। ଆଇପିଏଲ ଇତିହାସରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ସେ ଲୋକେଶ ରାହୁଲ ଏବଂ ପ୍ୟାଟ କୁମିନ୍ସଙ୍କ ରେକର୍ଡ ଭାଙ୍ଗିଛନ୍ତି। ଉଭୟ ଖେଳାଳି ୧୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ନୀତୀଶ ରାଣା ମ୍ୟାଚ୍‌ର ପ୍ରଥମ ଓଭର ବୋଲିଂ କରିଥିବା ବେଳେ ୨୬ ରନ୍ ସ୍କୋର କରିଥିଲେ ଜୟସ୍ୱାଲ। ରାହୁଲ ୨୦୧୮ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଓ କୁମିନ୍ସ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୦୨୨ରେ ୧୪ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ।



ଆଇପିଏଲ୍‌ର ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବା ପରେ ଯଶସ୍ୱୀ ଜୟସ୍ୱାଲ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୧୬ | +୦.୯୫୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୭ | ୪ | ୧୫ | +୦.୪୯୩ |
| ରାଜସ୍ଥାନ ରୟାଲ୍ସ | ୧୨ | ୬ | ୬ | ୧୨ | +୦.୬୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୬ | ୫ | ୧୨ | -୦.୨୫୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୫ | ୧୧ | +୦.୨୯୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୫ | ୬ | ୧୦ | -୦.୩୪୫ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୩୫୭ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୪୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୪ | ୬ | ୮ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୪ | ୭ | ୮ | -୦.୬୦୫ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

**ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ**

# ଭାରତ ତୃତୀୟ ସ୍ଥାନକୁ ଖସିଲା

**ଦୁବାଇ,୧୧।୫ (ପି.ଟି.):** ସଦ୍ୟ ପ୍ରକାଶିତ ଆଇସିସି ପୁରୁଷ ଅନ୍ତର୍ଜାତୀୟ ଦିନିକିଆ ର୍‍ୟାଙ୍କିଙ୍ଗ ଟିମ୍ ତାଲିକାରେ ଭାରତ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନ ଅଧିକାର କରିଛି। ଅଷ୍ଟ୍ରେଲିଆ ପୂର୍ବଭଳି ପ୍ରଥମ ସ୍ଥାନରେ ରହିଛି। ବାର୍ଷିକ ଅପ୍‌ଡେଟ୍‌ରେ ୫ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ରେଟିଂ ପଏଣ୍ଟ ୧୧୩ରୁ ୧୧୮କୁ ବୃଦ୍ଧି ପାଇଛି। ଭାରତ (୧୧୫ ପଏଣ୍ଟ) ଓ ପାକିସ୍ତାନ (୧୧୬ ପଏଣ୍ଟ) ମଧ୍ୟରେ ପଏଣ୍ଟ ବ୍ୟବଧାନ ମାତ୍ର ୧ ପଏଣ୍ଟ ରହିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାର ଅନୁସାରେ ବାର୍ଷିକ ର୍‍ୟାଙ୍କିଙ୍ଗ ଅପ୍‌ଡେଟ୍ ପୂର୍ବରୁ ଡେସିମାଲ ହିସାବରେ ଭାରତ ଆଗରେ ଅଷ୍ଟ୍ରେଲିଆ ୧୧୩ ପଏଣ୍ଟ ସହ ଶୀର୍ଷରେ ରହିଥିଲା। ପାକିସ୍ତାନ ୧୧୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା। ମାତ୍ର ଚଳିତ ମାସରେ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆରେ ବିଜୟ ଲାଭ କରିବା ପରେ ପାକିସ୍ତାନ ସାମୟିକ ଭାବେ ନମ୍ବର ୱାନ ସ୍ଥାନ ଅଧିକାର କରି ନେଇଥିଲା। ପାକିସ୍ତାନ ଯଦି ନ୍ୟୁଜିଲାଣ୍ଡ ବିପକ୍ଷରେ ୫-୦ରେ ବିଜୟ ହାସଲ କରିଥାନ୍ତା ତେବେ ବର୍ତ୍ତମାନ ନମ୍ବର ୱାନ ସ୍ଥାନ ବଜାୟ ରଖିପାରିଥାନ୍ତା। ର୍‍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ଓ ତୃତୀୟ ସ୍ଥାନରେ ରହିଥିବା ଦଳ ମଧ୍ୟରେ ବ୍ୟବଧାନ ମାତ୍ର ୩ ପଏଣ୍ଟ ରହିଥିବାରୁ ଚଳିତ ବର୍ଷ ହେବାକୁଥିବା ବିଶ୍ୱକପ୍‌ରେ ର୍‍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ପାଇଁ କୌତୂହଳପୂର୍ଣ୍ଣ ଲଢେଇ ହେବ। ଅନ୍ୟମାନଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡ (୧୦୪) ଚତୁର୍ଥ ଏବଂ ଇଂଲଣ୍ଡ (୧୦୧) ୫ମ ସ୍ଥାନରେ ଅଛି।

# ଭାରତୀୟ ଦଳରେ ଶୀଘ୍ର ସ୍ଥାନ ପାଇପାରନ୍ତି ରିଙ୍କୁ : ହରଭଜନ

**ନୂଆଦିଲ୍ଲୀ, ୧୧।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭଲ ପ୍ରଦର୍ଶନ କରୁଥିବାରୁ କୋଲକାତା ନାଇଟ ରାଇଡର୍ସ (କେକେଆର)ପୂର୍ବତନ ଯୁବ ବାମହାତି ଖେଳାଳି ରିଙ୍କୁ ସିଂ ଖୁବ୍ ଶୀଘ୍ର ଭାରତୀୟ କ୍ରିକେଟ ଦଳ ପାଇଁ ଡକରା ପାଇପାରନ୍ତି ବୋଲି ପୂର୍ବତନ ସ୍ପିନର ହରଭଜନ ସିଂ ଆଶା ପ୍ରକାଶ କରି କହିଛନ୍ତି। ଇତିମଧ୍ୟରେ ସେ ୧୨ଟି ମ୍ୟାଚରେ ୧୬୭ ରନ ସଂଗ୍ରହ କରିସାରିଛନ୍ତି। ସେ ଜଣେ ଫିନିଶର ଭାବେ ଏକ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ଦଳ ଯେତେବେଳେ ବିଜୟ ଲକ୍ଷ୍ୟ ପିଛା କରୁଛି ସେତେବେଳେ ସେ ଭଲ ପ୍ରଦର୍ଶନ କରୁଛନ୍ତି। ତନ୍ମଧ୍ୟରେ ଗୁଜରାଟ ଟାଇଟାନ୍ସ ବିପକ୍ଷ ଏକ ମ୍ୟାଚରେ ସେ କ୍ରମାଗତ୫ଟି ଛକା ଲଗାଇ ତାଙ୍କ ଦଳକୁ ଜିତାଇଥିଲେ।




ପାଠକମାନଙ୍କୁ ଏହା ପରାମର୍ଶ ଦିଆ ଯାଉଛି କି ପ୍ରକାଶିତ ଏହି ବିଜ୍ଞାପନ ସମ୍ପର୍କିତ କୌଣସି ମୂଲ୍ୟ ପ୍ରଦାନ କରିବା ପୂର୍ବରୁ ବା କୌଣସି ପ୍ରତିଶ୍ରୁତିମୂଳକ ଦାବୀର କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ପ୍ରଦାନ କରିବା ପୂର୍ବରୁ ଏ ସମ୍ପର୍କରେ ଉପଯୁକ୍ତ ଅନୁସନ୍ଧାନ କରନ୍ତୁ ଓ ସଠିକ୍ ପରାମର୍ଶ ଗ୍ରହଣ କରନ୍ତୁ। Navajat Printers & Media Pvt. Ltd ଏବଂ ବିଜ୍ଞାପନ ଏଜେନ୍ସି ବିଜ୍ଞାପନଦାତାଙ୍କର ଉତ୍ପାଦ ଓ ସେବା ସମ୍ବନ୍ଧରେ କରିଥିବା ଦାବୀ ପାଇଁ କୌଣସି ଦାୟିତ୍ୱ ଗ୍ରହଣ କରିବ ନାହିଁ। Navajat Printers & Media Pvt. Ltd. ର ମୁଦ୍ରକ, ପ୍ରକାଶକ, ସମ୍ପାଦକ ଏବଂ ମାଲିକ ଯଦି ବିଜ୍ଞାପନଦାତା ଏ ପ୍ରକାର ଦାବୀକୁ ସମ୍ମାନ ନକରନ୍ତି ତେବେ ଏହାର ପରିଣାମ ପାଇଁ Dharitri କଦାପି ଦାୟୀ ରହିବ ନାହିଁ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୧୨/୨୦୨୩ Bhubaneswar, Friday, May 12/ 2023


# ଦିବ୍ୟା-ସରବଜୋତ୍‌ଙ୍କୁ ମିକ୍ସଡ ଟିମ୍ ପିସ୍ତଲରେ ସ୍ୱର୍ଣ୍ଣ

**ବାକୁ (ଆଜରବୈଜାନ), ୧୧।୫ (ପି.ଟି.)**

ଭାରତର ଦିବ୍ୟା ଟିଏସ୍ ଓ ସରବଜୋତ ସିଂ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗୁରୁବାର ଥିଲା ପ୍ରତିଯୋଗିତାର ଦ୍ୱିତୀୟ ଦିବସ।

**ଆଇଏସ୍ଏସ୍ଏଫ୍ ବିଶ୍ୱକପ୍**

ଭାରତୀୟ ଯୋଡ଼ି ପୂର୍ବରୁ କାଇରୋ ଓ ଭୋପାଳଠାରେ ଅନୁଷ୍ଠିତ ବିଶ୍ୱକପ୍‌ର ଦୁଇଟି ଷ୍ଟେଜ୍‌ରେ ୫ମ ସ୍ଥାନ ଅଧିକାର କରିଥିଲେ। ୫୫ଟିମ୍‌କୁ ନେଇ ଅନୁଷ୍ଠିତ କ୍ୱାଲିଫିକେଶନରେ ଚମତ୍କାର ୫୮୧ ପଏଣ୍ଟ ସ୍କୋର କରି ଭାରତୀୟ ଯୋଡ଼ି ସ୍ୱର୍ଣ୍ଣ ପଦକ ମୁକବିଲାକୁ ଉନ୍ନୀତ ହୋଇ ଏକ ପଦକ ପକ୍କା କରିଥିଲେ। ଫାଇନାଲରେ ସେମାନେ ସର୍ବୀୟ କିମ୍ବଦନ୍ତୀ ଡାମିର୍ ମିକେକ୍ ଓ କୋରାନା ଅରୁନୋଭିଚ୍‌ଙ୍କ ବିପକ୍ଷରେ ୧୬-୧୪ରେ ବିଜୟ ହାସଲ କରିଥିଲେ। ପଛକୁ ପଛ ଟୁର୍ନାମେଣ୍ଟରେ ସରବଜୋତ୍‌ଙ୍କ ପାଇଁ ଏହା ହେଉଛି ଦ୍ୱିତୀୟ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ସ୍ୱର୍ଣ୍ଣ। ପୂର୍ବରୁ ମାର୍ଚ୍ଚରେ ସେ ଭୋପାଳଠାରେ ବ୍ୟକ୍ତିଗତ ଏୟାର ପିସ୍ତଲ ଇଭେଣ୍ଟ ଜିତିଥିଲେ। ଅନ୍ୟପକ୍ଷରେ ଦିବ୍ୟାଙ୍କର ଏହି ସ୍ତରରେ ଏହା ହେଉଛି ପ୍ରଥମ ସିନିୟର ପଦକ। ତୁର୍କୀର ଇସ୍‌ମାଇଲ କେଲେସ ଓ ସିମାଲ ୟିଲ୍‌ମାଜ୍ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ଇଭେଣ୍ଟର କ୍ୱାଲିଫିକେଶନରେ ଭାରତର ଦ୍ୱିତୀୟ ଯୋଡ଼ି ଇଶାନ ସିଂ ଓ ବରୁଣ ତୋମାର ୫୭୮ ପଏଣ୍ଟ ସ୍କୋର କରିବା ସହ ତୃତୀୟ ସ୍ଥାନରେ ରହିଥିଲେ। ମାତ୍ର ଗୋଟିଏ ପଏଣ୍ଟ ପାଇଁ ସେମାନେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିଲେ। ଅନ୍ୟପକ୍ଷରେ ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ଚାଇନା ଉଭୟ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ଚେକ୍‌ରିପବ୍ଲିକ୍ ବ୍ରୋଞ୍ଜ ପଦକ ଲାଭ କରିଛି। ଭାରତୀୟ ଯୋଡ଼ି ତିଲୋତ୍ତମା ସେନ୍ ଓ ହ୍ରିଦୟ ହଜାରିକା ୬୨୭.୬ ପଏଣ୍ଟ ସହ ୧୭ତମ ସ୍ଥାନରେ ରହିଥିଲେ। ରମିତା ଓ ରୁଦ୍ରାଂକ୍ଷ ପାଟିଲ ୨୮ତମ ସ୍ଥାନ ଅଧିକାର କରିଥିଲେ। ପଦକ ତାଲିକାରେ ଚାଇନା ୧ ସ୍ୱର୍ଣ୍ଣ, ୧ ରୌପ୍ୟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନରେ ଅଛି।



ପଦକ ସହ ଭାରତର ସରବଜୋତ ସିଂ ଓ ଦିବ୍ୟା ଟିଏସ୍।

# ବଞ୍ଚିବାକୁ ୧୫ କିମି ଦୌଡ଼ିଲେ ୧୨ ବର୍ଷୀୟ ବକ୍ସର

**ମଣିପୁର ହିଂସା**

**ଇମ୍ଫାଲ, ୧୧।୫**

ମଣିପୁର ହିଂସାକାଣ୍ଡରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଦୁଇ ସମ୍ପ୍ରଦାୟ ମଧ୍ୟରେ ହିଂସା କାରଣରୁ ହଜାର ହଜାର ଲୋକ ଘର ଛାଡ଼ିଥିବା ବେଳେ ଜଣେ ଯୁବ ବକ୍ସରଙ୍କୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଛି। ୧୨ ବର୍ଷୀୟ ବାଳକ ଏଲ୍. ମାଙ୍ଗମିଙ୍ଗଗାମ ଜଣେ ଉଦୀୟମାନ ବକ୍ସର। ମାଙ୍ଗମିଙ୍ଗଗାମଙ୍କ ମା' କୁକି ସମ୍ପ୍ରଦାୟର ହୋଇଥିବା ବେଳେ ପିତା ମେଇତେଇ ସମ୍ପ୍ରଦାୟର ଅଟନ୍ତି। ଦୁଇ ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ଝଗଡା କାରଣରୁ ସମଗ୍ର ରାଜ୍ୟରେ ହିଂସାର ପରିସ୍ଥିତି ସୃଷ୍ଟି ହୋଇଛି। ମାଙ୍ଗମିଙ୍ଗଗାମ କାଙ୍ଗପୋକ୍‌ପି ଗ୍ରାମର ବାସିନ୍ଦା। ଇମ୍ଫାଲ ସ୍ଥିତ ସାଇରେ ରହି ସେ ପ୍ରଶିକ୍ଷଣ ନେଉଥିଲେ। ସମଗ୍ର ସହରରେ ଦଙ୍ଗା ବ୍ୟାପିଯିବା ପରେ ଦୀର୍ଘ ୪ ଦିନ ଧରି ହଷ୍ଟେଲରେ ଭୟଭୀତ ପରିସ୍ଥିତିରେ ରହିଥିଲା ମାଙ୍ଗମିଙ୍ଗଗାମ। ଏହାପରେ ଘରକୁ ଯିବାକୁ ନିଷ୍ପତ୍ତି ନେଇଥିଲା ସପ୍ତମ ଶ୍ରେଣୀରେ ପଢୁଥିବା ବାଳକ। ୮ ତାରିଖରେ ମଣିପୁରର ପାହାଡ ଜଙ୍ଗଲ ଭରା ଦୁର୍ଗମ ରାସ୍ତାରେ ଦୌଡି ଚାଲିଥିଲା। କେତେ ବାଟ ଦୌଡିଥିଲା ଏହାର କୌଣସି ଖବର ମଧ୍ୟ ନ ଥିଲା। ତେବେ ହାଲିଆ ହୋଇ ଆସାମ ରାଇଫଲ୍ସର ଏକ କ୍ୟାମ୍ପରେ ପହଞ୍ଚିଥିଲେ। ଏହାପରେ ଆସାମ ରାଇଫଲ୍ସର ଯବାନ ମାନେ ମାଙ୍ଗମିଙ୍ଗଗାମକୁ ଉଦ୍ଧାର କରି ନେଇ ତାଙ୍କ ମାତା ପିତାଙ୍କ ପାଖରେ ଛାଡିଥିଲେ। ଉଲ୍ଲେଖଯୋଗ୍ୟ ଯେ,ମଣିପୁର ହିଂସାରେ ବର୍ତ୍ତମାନ ସୁଦ୍ଧା ୬୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୩୬ ହଜାର ଲୋକଙ୍କୁ ନିଜ ଘର ଛାଡିବାକୁ ପଡିଛି। ଗୋଟିଏ ପଟେ କୁକି ଓ ମେଇତେଇ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ହିଂସା ଜାରି ରହିଥିବା ବେଳେ ଅନ୍ୟ ପକ୍ଷରେ ଏହି ଶିଶୁ ଜଣଙ୍କ ଶାନ୍ତିର ପ୍ରତୀକ ବୋଲି ଟୁଇଟ୍ କରି କହିଛି ଆସାମ ରାଇଫଲ୍ସ।



ଏଲ୍. ମାଙ୍ଗମିଙ୍ଗଗାମ

# କ୍ୱାର୍ଟରରେ ଓଡ଼ିଶା, ହରିୟାଣା, ଝାଡ଼ଖଣ୍ଡ ୟୁପି



ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚ୍‌ର ଦୃଶ୍ୟ।

**ରାଉରକେଲା ଅଫିସ, ୧୧।୫**

**ଜାତୀୟ ସବ୍‌ଜୁନିୟର ମହିଳା ହକି**

ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶା, ହରିୟାଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ। ପ୍ରଥମ ମ୍ୟାଚ୍‌ରେ ହରିୟାଣା ୧୪-୦ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଥିଲା। ହରିୟାଣା ଦଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ପ୍ରଥମେ ଶଶି ଖାସା(୪, ୩୪, ୫୨) ଓ ନିଧି (୮, ୯, ୪୧) ମିନିଟରେ ୩ଟି ଲେଖାଏ ଗୋଲ୍ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଝାଡ଼ଖଣ୍ଡ ୧୧-୦ ଗୋଲରେ ଚଣ୍ଡିଗଡକୁ ପରାସ୍ତ କରିଛି। ଝାଡ଼ଖଣ୍ଡ ଦଳ ପକ୍ଷରୁ ସ୍ୱାତୀ ଡୁଙ୍ଗଡୁଙ୍ଗ (୫, ୧୭, ୨୪, ୨୬, ୪୮)ଓ ଜମୁନା କୁମାରୀ (୧୫, ୧୬, ୪୧, ୫୦, ୫୩) ମିନିଟରେ ୫ଟି ଲେଖାଏ ଗୋଲ ଦେଇଥିଲେ। ତୃତୀୟ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ୬-୦ ଗୋଲରେ ପଞ୍ଜାବକୁ ପରାସ୍ତ କରିଥିଲା। ଉତ୍ତର ପ୍ରଦେଶ ଦଳ ପକ୍ଷରୁ ପ୍ରଥମେ ମଧୁ, ରଶ୍ମୀ ପଟେଲ, ଲକି କୁମାରୀ, ବନ୍ଦନା ପଟେଲ, ପୂର୍ଣ୍ଣିମା ଯାଦବ ଓ ରଶ୍ମି ରାଇକ୍ୱାର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଶେଷ ମ୍ୟାଚ ମଧ୍ୟପ୍ରଦେଶକୁ ୨-୧ ରେ ପରାସ୍ତ କରି ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିଛି। ମଧ୍ୟପ୍ରଦେଶ ପକ୍ଷରୁ କାଜଲ ୧୭ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ୩୫ ମିନିଟରେ କରୁଣା ମିଞ୍ଜ ଓଡିଶା ପକ୍ଷରୁ ପ୍ରଥମ ଗୋଲ ଦେଇଥିବା ବେଳେ ଏହାର ୭ ମିନିଟ ପରେ ସୋନାଲି ଏକ୍କା ବିଜୟ ସୂଚକ ଗୋଲ୍ ଦେଇଥିଲେ।

# କଳାବ୍ୟାଣ୍ଡ ପିନ୍ଧି ରେସ୍‌ଲରଙ୍କ ପ୍ରତିବାଦ

**ଡବ୍ଲ୍ୟୁଏଫ୍ଆଇ ଯୌନ ଶୋଷଣ ମାମଲା**

**ନୂଆଦିଲ୍ଲୀ, ୧୧।୫(ପି.ଟି.)**

ଭାରତୀୟ ରେସଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଥିବା ଦେଶର ଟପ୍ ରେସ୍‌ଲରମାନେ ଗୁରୁବାର କଳାବ୍ୟାଣ୍ଡ ପିନ୍ଧି ପ୍ରତିବାଦ କରିଛନ୍ତି। ଧାରଣା ୧୮ ଦିନରେ ପହଞ୍ଚିଥିବା ବେଳେ ରେସ୍‌ଲରମାନେ ଏହାକୁ କଳାଦିବସ ବୋଲି ବର୍ଣ୍ଣନା କରିଛନ୍ତି। ଅଲିମ୍ପିକ୍ ପଦକ ବିଜେତା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଭିନେଶ ଫୋଗତ, ସତ୍ୟବ୍ରତ କାଦିୟାନ ଓ ଜିତେନ୍ଦର କିନ୍ହାଙ୍କ ପରି ଖେଳାଳି ଧାରଣାରେ ବସିଛନ୍ତି। ଖେଳାଳିମାନେ ବ୍ରିଜ୍‌ଭୂଷଣଙ୍କ ଗିରଫ ଦାବି କରିଛନ୍ତି। ଖେଳାଳିଙ୍କ ସହିତ କିଛି ସମର୍ଥକ ମଧ୍ୟ କଳାବ୍ୟାଣ୍ଡ ପିନ୍ଧି ପ୍ରତିବାଦରେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୭ ଜଣ ମହିଳା ଖେଳାଳି ଯୌନ ଶୋଷଣର ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ମଧ୍ୟ ରହିଛନ୍ତି। ବ୍ରିଜ୍‌ଭୂଷଣ ଏହି ମାମଲାରେ ନିଜର ସମ୍ପୃକ୍ତିକୁ ଖଣ୍ଡନ କରିଥିବା ବେଳେ ଦିଲ୍ଲୀ ପୋଲିସ ପକ୍ଷରୁ ପୋକ୍ସୋ ଆକ୍ଟର ଧାରା ୧୦ ଅନୁସାରେ ମାମଲା ରୁଜୁ କରାଯାଇଛି। ଆଜିର ଦିନକୁ ଆମେ କଳା ଦିବସ ବୋଲି ପାଳନ କରୁଛୁ। ସମଗ୍ର ଦେଶ ଆମ ସହିତ ଛିଡ଼ା ହୋଇଥିବା ବେଳେ ଆମର ବିଜୟ ନେଇ ଆମେ ଆଶାବାଦୀ ବୋଲି କହିଛନ୍ତି ରେସ୍‌ଲର ବଜରଙ୍ଗ ପୁନିଆ। ଆନ୍ଦୋଳନ ପ୍ରତି ଜନ ସମର୍ଥନ ଦିନକୁ ଦିନ ବଢ଼ିବାରେ ଲାଗିଛି ଏବଂ ଆମକୁ ଖୁବ୍ ଶୀଘ୍ର ନ୍ୟାୟ ମିଳିବ। ଗୁରୁବାର ପଞ୍ଜାବର ଭାରତ କିଷାନ ୟୁନିୟନ ଏକତାର ଶତାଧିକ ମହିଳା ସଦସ୍ୟ ଯନ୍ତରମନ୍ତର ଆସି ଏହି ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଏହା ବ୍ୟତୀତ ସୋନେପତର ମଜଦୁର ଅଧିକାର ସଙ୍ଗଠନର ଏକ କ୍ଷୁଦ୍ର ଦଳ ଓ ମହାରାଷ୍ଟ୍ରସ୍ଥିତ ଭଗତ ସିଂ ୟୁଥ୍ ୟୁନିୟନର କିଛି ଛାତ୍ରୀଛାତ୍ର ଗୁରୁବାର ରେସଲରଙ୍କ ସମର୍ଥନରେ ଯୋଗ ଦେଇଥିଲେ।



ଫଟୋ: ତପନ ଗୌତମ

# ଦାୟିତ୍ୱ ଗ୍ରହଣ କଲେ କ୍ରୀଡ଼ା ନିର୍ଦ୍ଦେଶକ



**ଭୁବନେଶ୍ୱର, ୧୧।୫ (କ୍ରୀଡ଼ା ପ୍ରତିନିଧି):** ସିଦ୍ଧାର୍ଥ ଦାସ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନୂଆ କ୍ରୀଡ଼ା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ସେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଭେଟି ଓଡ଼ିଶାରେ କ୍ରୀଡ଼ାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ସେ କଳିଙ୍ଗ ଷ୍ଟାଡିୟମରେ ଥିବା ଭିତ୍ତିଭୂମି ଏବଂ ହାଇପରଫର୍ମାନ୍ସ ସେଣ୍ଟର ବୁଲି ଦେଖିବା ସହ ବିଭିନ୍ନ କାର୍ଯ୍ୟକଳାପ ଏବଂ ପ୍ରୋଗ୍ରାମ ସମ୍ପର୍କରେ ପଚାରି ବୁଝିଥିଲେ।

# ମାନବାଧିକାର କମିଶନଙ୍କ କ୍ରୀଡ଼ା ମନ୍ତ୍ରଣାଳୟକୁ ନୋଟିସ୍

**ନୂଆଦିଲ୍ଲୀ, ୧୧।୫ (ପି.ଟି.)**

ଯୌନ ଉତ୍ପୀଡ଼ନ ମାମଲାର ବୁଝାଶୁଝା କରିବା ଲାଗି ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ବ୍ୟତୀତ ଅନ୍ୟ ୪ଟି ସଂଘ ସେମାନଙ୍କ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରି ନ ଥିବାରୁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆରସି) ସେ ନେଇ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ନୋଟିସ ଜାରି କରିଛି। ଏନ୍ଏଚ୍ଆରସି ପକ୍ଷରୁ ଆହୁରି ମଧ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ଡବ୍ଲ୍ୟୁଏଫ୍ଆଇ ଏବଂ ଅନ୍ୟ ଜାତୀୟ କ୍ରୀଡ଼ା ସଂଘଗୁଡ଼ିକୁ ନୋଟିସ ପଠାଯାଇଛି, ଯେଉଁମାନଙ୍କର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନାହିଁ।

# ଓସିଏ ପକ୍ଷରୁ କୋଚେସ୍ ରିଫ୍ରେଶର ପ୍ରୋଗ୍ରାମ

**ଭୁବନେଶ୍ୱର, ୧୧।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପକ୍ଷରୁ ଦୁଇଦିନିଆ କୋଚ୍ ରିଫ୍ରେଶର ପ୍ରୋଗ୍ରାମ ଗୁରୁବାର ଆରମ୍ଭ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହେବ। ଓସିଏର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ୪୮ ଜଣ ପ୍ରଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଓସିଏର ଭିଜନ୍ ୨୦୨୪କୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲା ଓ ୟୁନିଟରେ ପ୍ରଶିକ୍ଷଣ ଦେବାକୁ ଥିବା ପ୍ରଶିକ୍ଷକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଓଡ଼ିଶାର କୋଚ୍‌ମାନଙ୍କୁ ପେସାଦାର ଢାଞ୍ଚାରେ ପ୍ରଶିକ୍ଷିତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।



କଟକ ବାରବାଟୀ ଷ୍ଟାଡିୟମ୍‌ରେ କୋଚ୍ ରିଫ୍ରେଶର ପ୍ରୋଗ୍ରାମ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୧୨/୨୦୨୩ Bhubaneswar, Friday, May 12/ 2023

# ଦିବ୍ୟା-ସରବଜୋତ୍‌ଙ୍କୁ ମିକ୍ସଡ ଟିମ୍ ପିସ୍ତଲରେ ସ୍ୱର୍ଣ୍ଣ

ବାକୁ (ଆଜରବୈଜାନ), ୧୧।୫ (ପି.ଟି.)

ଭାରତର ଦିବ୍ୟା ଟିଏସ୍ ଓ ସରବଜୋତ ସିଂ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗୁରୁବାର ଥିଲା ପ୍ରତିଯୋଗିତାର ଦ୍ୱିତୀୟ ଦିବସ।

**ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍**

ଭାରତୀୟ ଯୋଡ଼ି ପୂର୍ବରୁ କାଇରୋ ଓ ଭୋପାଳଠାରେ ଅନୁଷ୍ଠିତ ବିଶ୍ୱକପ୍‌ର ଦୁଇଟି ଷ୍ଟେଜ୍‌ରେ ୫ମ ସ୍ଥାନ ଅଧିକାର କରିଥିଲେ। ୫୫ଟିମ୍‌କୁ ନେଇ ଅନୁଷ୍ଠିତ କ୍ୱାଲିଫିକେଶନରେ ଚମତ୍କାର ୫୮୧ ପଏଣ୍ଟ ସ୍କୋର କରି ଭାରତୀୟ ଯୋଡ଼ି ସ୍ୱର୍ଣ୍ଣ ପଦକ ମୁକାବିଲାକୁ ଉନ୍ନୀତ ହୋଇ ଏକ ପଦକ ପକ୍କା କରିଥିଲେ। ଫାଇନାଲରେ ସେମାନେ ସର୍ବୀୟ କିମ୍ବଦନ୍ତୀ ଡାମିର୍ ମିକେକ୍ ଓ କୋରାନା ଅରୁନୋଭିଚ୍‌ଙ୍କ ବିପକ୍ଷରେ ୧୬-୧୪ରେ ବିଜୟ ହାସଲ କରିଥିଲେ। ପଛକୁ ପଛ ଟୁର୍ନାମେଣ୍ଟରେ ସରବଜୋତ୍‌ଙ୍କ ପାଇଁ ଏହା ହେଉଛି ଦ୍ୱିତୀୟ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ସ୍ୱର୍ଣ୍ଣ। ପୂର୍ବରୁ ମାର୍ଚ୍ଚରେ ସେ ଭୋପାଳଠାରେ ବ୍ୟକ୍ତିଗତ ଏୟାର ପିସ୍ତଲ ଇଭେଣ୍ଟ ଜିତିଥିଲେ। ଅନ୍ୟପକ୍ଷରେ ଦିବ୍ୟାଙ୍କର ଏହି ସ୍ତରରେ ଏହା ହେଉଛି ପ୍ରଥମ ସିନିୟର ପଦକ। ତୁର୍କୀର ଇସ୍‌ମାଇଲ କେଲେସ ଓ ସିମାଲ ୟିଲ୍‌ମାଜ୍ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ଇଭେଣ୍ଟର କ୍ୱାଲିଫିକେଶନରେ ଭାରତର ଦ୍ୱିତୀୟ ଯୋଡ଼ି ଇଶାନ ସିଂ ଓ ବରୁଣ ତୋମାର ୫୭୮ ପଏଣ୍ଟ ସ୍କୋର କରିବା ସହ ତୃତୀୟ ସ୍ଥାନରେ ରହିଥିଲେ। ମାତ୍ର ଗୋଟିଏ ପଏଣ୍ଟ ପାଇଁ ସେମାନେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିଲେ। ଅନ୍ୟପକ୍ଷରେ ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ଚାଇନା ଉଭୟ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ଚେକ୍‌ରିପବ୍ଲିକ୍ ବ୍ରୋଞ୍ଜ ପଦକ ଲାଭ କରିଛି। ଭାରତୀୟ ଯୋଡ଼ି ତିଳୋତ୍ତମା ସେନ୍ ଓ ହ୍ରିଦୟ ହଜାରିକା ୬୨୭.୬ ପଏଣ୍ଟ ସହ ୧୭ତମ ସ୍ଥାନରେ ରହିଥିଲେ। ରମିତା ଓ ରୁଦ୍ରାଂକ୍ଷ ପାଟିଲ ୨୮ତମ ସ୍ଥାନ ଅଧିକାର କରିଥିଲେ। ପଦକ ତାଲିକାରେ ଚାଇନା ୧ ସ୍ୱର୍ଣ୍ଣ, ୧ ରୌପ୍ୟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନରେ ଅଛି।



ପଦକ ସହ ଭାରତର ସରବଜୋତ ସିଂ ଓ ଦିବ୍ୟା ଟିଏସ୍।

# ବଞ୍ଚିବାକୁ ୧୫ କିମି ଦୌଡ଼ିଲେ ୧୨ ବର୍ଷୀୟ ବକ୍ସର

**ମଣିପୁର ହିଂସା**

ଇମ୍ଫାଲ,୧୧।୫

ମଣିପୁର ହିଂସାକାଣ୍ଡରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଦୁଇ ସମ୍ପ୍ରଦାୟ ମଧ୍ୟରେ ହିଂସା କାରଣରୁ ହଜାର ହଜାର ଲୋକ ଘର ଛାଡ଼ିଥିବା ବେଳେ ଜଣେ ଯୁବ ବକ୍ସରଙ୍କୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଛି। ୧୨ ବର୍ଷୀୟ ବାଳକ ଏଲ୍. ମାଙ୍ଗମିଙ୍ଗଗାମ ଜଣେ ଉଦୀୟମାନ ବକ୍ସର। ମାଙ୍ଗମିଙ୍ଗଗାମଙ୍କ ମା' କୁକି ସମ୍ପ୍ରଦାୟର ହୋଇଥିବା ବେଳେ ପିତା ମେଇତେଇ ସମ୍ପ୍ରଦାୟର ଅଟନ୍ତି। ଦୁଇ ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ଝଗଡା କାରଣରୁ ସମଗ୍ର ରାଜ୍ୟରେ ହିଂସାର ପରସ୍ଥିତି ସୃଷ୍ଟି ହୋଇଛି। ମାଙ୍ଗମିଙ୍ଗଗାମ କାଙ୍ଗପୋକ୍‌ପି ଗ୍ରାମର ବାସିନ୍ଦା। ଇମ୍ଫାଲ ସ୍ଥିତ ସାଇରେ ରହି ସେ ପ୍ରଶିକ୍ଷଣ ନେଉଥିଲେ। ସମଗ୍ର ସହରରେ ଦଙ୍ଗା ବ୍ୟାପିଯିବା ପରେ ଦୀର୍ଘ ୪ ଦିନ ଧରି ହଷ୍ଟେଲରେ ଭୟଭୀତ ପରସ୍ଥିତିରେ ରହିଥିଲା ମାଙ୍ଗମିଙ୍ଗଗାମ। ଏହାପରେ ଘରକୁ ଯିବାକୁ ନିଷ୍ପତ୍ତି ନେଇଥିଲା ସପ୍ତମ ଶ୍ରେଣୀରେ ପଢୁଥିବା ବାଳକ। ୮ ତାରିଖରେ ମଣିପୁରର ପାହାଡ ଜଙ୍ଗଲ ଭରା ଦୁର୍ଗମ ରାସ୍ତାରେ ଦୌଡି ଚାଲିଥିଲା। କେତେ ବାଟ ଦୌଡିଥିଲା ଏହାର କୌଣସି ଖବର ମଧ୍ୟ ନ ଥିଲା। ତେବେ ହାଲିଆ ହୋଇ ଆସାମ ରାଇଫଲ୍‌ସର ଏକ କ୍ୟାମ୍ପରେ ପହଞ୍ଚିଥିଲେ। ଏହାପରେ ଆସାମ ରାଇଫଲ୍‌ସର ଯବାନ ମାନେ ମାଙ୍ଗମିଙ୍ଗଗାମକୁ ଉଦ୍ଧାର କରି ନେଇ ତାଙ୍କ ମାତା ପିତାଙ୍କ ପାଖରେ ଛାଡିଥିଲେ। ଉଲ୍ଲେଖଯୋଗ୍ୟ ଯେ,ମଣିପୁର ହିଂସାରେ ବର୍ତ୍ତମାନ ସୁଦ୍ଧା ୬୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୩୬ ହଜାର ଲୋକଙ୍କୁ ନିଜ ଘର ଛାଡିବାକୁ ପଡିଛି। ଗୋଟିଏ ପଟେ କୁକି ଓ ମେଇତେଇ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ହିଂସା ଜାରି ରହିଥିବା ବେଳେ ଅନ୍ୟ ପକ୍ଷରେ ଏହି ଶିଶୁ ଜଣଙ୍କ ଶାନ୍ତିର ପ୍ରତୀକ ବୋଲି ଟୁଇଟ୍ କରି କହିଛି ଆସାମ ରାଇଫଲ୍‌ସ।


ଏଲ୍. ମାଙ୍ଗମିଙ୍ଗଗାମ

# କ୍ୱାର୍ଟରରେ ଓଡ଼ିଶା, ହରିୟାଣା, ଝାଡ଼ଖଣ୍ଡ ୟୁପି



ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚ୍‌ର ଦୃଶ୍ୟ।

ରାଉରକେଲା ଅଫିସ,୧୧।୫

**ଜାତୀୟ ସବ୍‌ଜୁନିୟର ମହିଳା ହକି**

ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶା, ହରିୟାଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ। ପ୍ରଥମ ମ୍ୟାଚ୍‌ରେ ହରିୟାଣା ୧୪-୦ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଥିଲା। ହରିୟାଣା ଦଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ପ୍ରଥମେ ଶଶି ଖାସା(୪, ୩୪, ୫୨) ଓ ନିଧି (୮, ୯, ୪୧) ମିନିଟରେ ୩ଟି ଲେଖାଏ ଗୋଲ୍ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଝାଡ଼ଖଣ୍ଡ ୧୧-୦ ଗୋଲରେ ଚଣ୍ଡିଗଡକୁ ପରାସ୍ତ କରିଛି। ଝାଡ଼ଖଣ୍ଡ ଦଳ ପକ୍ଷରୁ ସ୍ୱାତୀ ଡୁଙ୍ଗଡୁଙ୍ଗ (୫, ୧୭, ୨୪, ୨୬, ୪୮)ଓ ଜମୁନା କୁମାରୀ (୧୫, ୧୬, ୪୧, ୫୦, ୫୩) ମିନିଟରେ ୫ଟି ଲେଖାଏ ଗୋଲ ଦେଇଥିଲେ। ତୃତୀୟ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ ୬-୦ ଗୋଲରେ ପଞ୍ଜାବକୁ ପରାସ୍ତ କରିଥିଲା। ଉତ୍ତର ପ୍ରଦେଶ ଦଳ ପକ୍ଷରୁ ପ୍ରଥମେ ମଧୁ, ରଶ୍ମୀ ପଟେଲ, ଲକି କୁମାରୀ, ବନ୍ଦନା ପଟେଲ, ପୂର୍ଣ୍ଣିମା ଯାଦବ ଓ ରଶ୍ମି ରାଇକ୍ୱାର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଶେଷ ମ୍ୟାଚ ମଧ୍ୟପ୍ରଦେଶକୁ ୨-୧ ରେ ପରାସ୍ତ କରି ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିଛି। ମଧ୍ୟପ୍ରଦେଶ ପକ୍ଷରୁ କାଜଲ ୧୭ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ୩୫ ମିନିଟରେ କରୁଣା ମିଞ୍ଜ ଓଡିଶା ପକ୍ଷରୁ ପ୍ରଥମ ଗୋଲ ଦେଇଥିବା ବେଳେ ଏହାର ୭ ମିନିଟ ପରେ ସୋନାଲି ଏକ୍କା ବିଜୟ ସୂଚକ ଗୋଲ୍ ଦେଇଥିଲେ।

# କଳାବ୍ୟାଣ୍ଡ ପିନ୍ଧି ରେସ୍‌ଲରଙ୍କ ପ୍ରତିବାଦ

ନୂଆଦିଲ୍ଲୀ,୧୧।୫(ପି.ଟି.)

ଭାରତୀୟ ରେସଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଥିବା ଦେଶର ଟପ୍ ରେସ୍‌ଲରମାନେ ଗୁରୁବାର କଳାବ୍ୟାଣ୍ଡ ପିନ୍ଧି ପ୍ରତିବାଦ କରିଛନ୍ତି। ଧାରଣା ୧୮ ଦିନରେ ପହଞ୍ଚିଥିବା ବେଳେ ରେସ୍‌ଲରମାନେ ଏହାକୁ କଳାଦିବସ ବୋଲି ବର୍ଣ୍ଣନା କରିଛନ୍ତି। ଅଲିମ୍ପିକ୍ ପଦକ ବିଜେତା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଭିନେଶ ଫୋଗତ, ସତ୍ୟବ୍ରତ କାଡ଼ିୟାନ ଓ ଜିତେନ୍ଦର କିନ୍ହାଙ୍କ ପରି ଖେଳାଳି ଧାରଣାରେ ବସିଛନ୍ତି। ଖେଳାଳିମାନେ ବ୍ରିଜ୍‌ଭୂଷଣଙ୍କ ଗିରଫ ଦାବି କରିଛନ୍ତି। ଖେଳାଳିଙ୍କ ସହିତ କିଛି ସମର୍ଥକ ମଧ୍ୟ କଳାବ୍ୟାଣ୍ଡ ପିନ୍ଧି ପ୍ରତିବାଦରେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୭ ଜଣ ମହିଳା ଖେଳାଳି ଯୌନ ଶୋଷଣର ଅଭିଯୋଗ ଆଣିଥିବା ବେଳେ ଏହା ମଧ୍ୟରେ ଜଣେ ନାବାଳିକା ମଧ୍ୟ ରହିଛନ୍ତି। ବ୍ରିଜ୍‌ଭୂଷଣ ଏହି ମାମଲାରେ ନିଜର ସମ୍ପୃକ୍ତିକୁ ଖଣ୍ଡନ କରିଥିବା ବେଳେ ଦିଲ୍ଲୀ ପୋଲିସ ପକ୍ଷରୁ ପୋକ୍ସୋ ଆକ୍ଟର ଧାରା ୧୦ ଅନୁସାରେ ମାମଲା ରୁଜୁ କରାଯାଇଛି। ଆଜିର ଦିନକୁ ଆମେ କଳା ଦିବସ ବୋଲି ପାଳନ କରୁଛୁ। ସମଗ୍ର ଦେଶ ଆମ ସହିତ ଛିଡା ହୋଇଥିବା ବେଳେ ଆମର ବିଜୟ ନେଇ ଆମେ ଆଶାବାଦୀ ବୋଲି କହିଛନ୍ତି ରେସ୍‌ଲର ବଜରଙ୍ଗ ପୁନିଆ। ଆନ୍ଦୋଳନ ପ୍ରତି ଜନ ସମର୍ଥନ ଦିନକୁ ଦିନ ବଢିବାରେ ଲାଗିଛି ଏବଂ ଆମକୁ ଖୁବ୍ ଶୀଘ୍ର ନ୍ୟାୟ ମିଳିବ। ଗୁରୁବାର ପଞ୍ଜାବର ଭାରତ କିଷାନ ୟୁନିୟନ ଏକତାର ଶତାଧିକ ମହିଳା ସଦସ୍ୟ ଯନ୍ତରମନ୍ତର ଆସି ଏହି ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଏହା ବ୍ୟତୀତ ସୋନେପତର ମଜଦୁର ଅଧିକାର ସଙ୍ଗଠନର ଏକ କ୍ଷୁଦ୍ର ଦଳ ଓ ମହାରାଷ୍ଟ୍ରସ୍ଥିତ ଭଗତ ସିଂ ୟୁଥ୍ ୟୁନିୟନର କିଛି ଛାତ୍ରୀଛାତ୍ର ଗୁରୁବାର ରେସଲରଙ୍କ ସମର୍ଥନରେ ଯୋଗ ଦେଇଥିଲେ।


ଫଟୋ: ତପନ ଗୌତମ

**ଡବ୍ଲ୍ୟୁଏଫ୍‌ଆଇ ଯୌନ ଶୋଷଣ ମାମଲା**

# ଦାୟିତ୍ୱ ଗ୍ରହଣ କଲେ କ୍ରୀଡ଼ା ନିର୍ଦ୍ଦେଶକ



**ଭୁବନେଶ୍ୱର, ୧୧।୫ (କ୍ରୀଡ଼ା ପ୍ରତିନିଧି):** ସିଦ୍ଧାର୍ଥ ଦାସ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନୂଆ କ୍ରୀଡ଼ା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ସେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଭେଟି ଓଡ଼ିଶାରେ କ୍ରୀଡ଼ାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ସେ କଳିଙ୍ଗ ଷ୍ଟାଡିୟମରେ ଥିବା ଭିତ୍ତିଭୂମି ଏବଂ ହାଇପରଫର୍ମାନ୍ସ ସେଣ୍ଟର ବୁଲି ଦେଖିବା ସହ ବିଭିନ୍ନ କାର୍ଯ୍ୟକଳାପ ଏବଂ ପ୍ରୋଗ୍ରାମ ସମ୍ପର୍କରେ ପଚାରି ବୁଝିଥିଲେ।

# ମାନବାଧିକାର କମିଶନଙ୍କ କ୍ରୀଡ଼ା ମନ୍ତ୍ରଣାଳୟକୁ ନୋଟିସ୍

ନୂଆଦିଲ୍ଲୀ, ୧୧।୫ (ପି.ଟି.)

ଯୌନ ଉତ୍ପୀଡ଼ନ ମାମଲାର ବୁଝାଶୁଝା କରିବା ଲାଗି ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ବ୍ୟତୀତ ଅନ୍ୟ ୪ଟି ସଂଘ ସେମାନଙ୍କ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରି ନ ଥିବାରୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ସେ ନେଇ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ନୋଟିସ ଜାରି କରିଛି। ଏନ୍‌ଏଚ୍‌ଆରସି ପକ୍ଷରୁ ଆହୁରି ମଧ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ଡବ୍ଲ୍ୟୁଏଫ୍‌ଆଇ ଏବଂ ଅନ୍ୟ ଜାତୀୟ କ୍ରୀଡ଼ା ସଂଘଗୁଡ଼ିକୁ ନୋଟିସ ପଠାଯାଇଛି, ଯେଉଁମାନଙ୍କର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନାହିଁ।

# ଓସିଏ ପକ୍ଷରୁ କୋଚେସ୍ ରିଫ୍ରେଶର ପ୍ରୋଗ୍ରାମ

ଭୁବନେଶ୍ୱର,୧୧।୫(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପକ୍ଷରୁ ଦୁଇଦିନିଆ କୋଚ୍ ରିଫ୍ରେଶର ପ୍ରୋଗ୍ରାମ ଗୁରୁବାର ଆରମ୍ଭ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହେବ। ଓସିଏର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ୪୮ ଜଣ ପ୍ରଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଓସିଏର ଭିଜନ୍ ୨୦୨୪କୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲା ଓ ୟୁନିଟରେ ପ୍ରଶିକ୍ଷଣ ଦେବାକୁ ଥିବା ପ୍ରଶିକ୍ଷକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଓଡ଼ିଶାର କୋଚ୍‌ମାନଙ୍କୁ ପେସାଦାର ଢାଞ୍ଚାରେ ପ୍ରଶିକ୍ଷିତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।


କଟକ ବାରବାଟୀ ଷ୍ଟାଡିୟମରେ କୋଚ୍ ରିଫ୍ରେଶର ପ୍ରୋଗ୍ରାମ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ